ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.143, Friday, 11 September 2026, Puri, Pages - 21, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୩, ଶୁକ୍ରବାର, ୧୧ ସେପ୍ଟେମ୍ବର ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world

Water Park & Resort

MONSOON MASTI

₹549/-

Including GST

ONLY ON ONLINE BOOKING

Malatipatpur,Puri.Odisha FOLLOW US Contact : 8144916946

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.143, Friday, 11 September 2026, Puri, Pages - 21, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୩, ଶୁକ୍ରବାର, ୧୧ ସେପ୍ଟେମ୍ବର ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୭୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.143, Friday, 11 September 2026, Puri, Pages - 21, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୩, ଶୁକ୍ରବାର, ୧୧ ସେପ୍ଟେମ୍ବର ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ଅପରେସନ ଅନ୍ୱେଷଣ

୧୭ ରାଜ୍ୟରୁ ୧୦୧ ଶିଶୁ ଉଦ୍ଧାର

ଭୁବନେଶ୍ୱର(ବ୍ୟୁରୋ)

ବାହାର ରାଜ୍ୟରେ ନିଖୋଜ, ଶିଶୁ ଶ୍ରମରେ ନିୟୋଜିତ କିମ୍ବା ବିଭିନ୍ନ ଶିଶୁ ଯନ୍ ଅନୁଷ୍ଠାନରେ ଫସି ରହିଥିବା ଓଡ଼ିଆ ଶିଶୁଙ୍କୁ ଚିହ୍ନଟ, ଉଦ୍ଧାର ଓ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ ଅନ୍ୱେଷଣ'ରେ ବଡ଼ ସଫଳତା ମିଳିଛି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ସହଯୋଗରେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିଥିଲା। ୧୭ଟି ରାଜ୍ୟରୁ ମୋଟ ୧୦୧ ଜଣ ଓଡ଼ିଆ ଶିଶୁଙ୍କୁ ଚିହ୍ନଟ କରି ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରେ ୫୪ ଜଣ ବାଳକ ଥିବାବେଳେ ୪୭ ଜଣ ବାଳିକା ରହିଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀମତୀ ଏସ୍ ସାଇନି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଓଡ଼ିଶା ପୋଲିସର ଡିଏସ୍ପି ପାହ୍ୟାର ଅଧିକାରୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଲିଗାଲ୍ କମ୍ ପ୍ରୋବେସନ୍ ଅଫିସରମାନଙ୍କୁ ନେଇ ଗଠିତ ୧୭ଟି ଟିମ୍ ୧୭ଟି ରାଜ୍ୟରେ ଏହି ଅଭିଯାନ ଚଳାଇଥିଲେ। ଛତିଶଗଡ଼, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଆସାମ, ବିହାର, ଝାଡ଼ଖଣ୍ଡ, ହରିୟାଣା, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ନୂଆଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ ଓ କେରଳରେ ଏହି ଅଭିଯାନ ଚାଲିଥିଲା।ପଶ୍ଚିମବଙ୍ଗରୁ ସର୍ବାଧିକ ୩୦ ଜଣ ଶିଶୁ ଉଦ୍ଧାର କରାଯାଇଥିବାବେଳେ କର୍ଣ୍ଣାଟକରୁ ୧୧, ଝାଡ଼ଖଣ୍ଡରୁ ୧୦ ଓ ତାମିଲନାଡୁରୁ ୧୦ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ବାଲେଶ୍ୱର ପୂର୍ବାଞ୍ଚଳ ରେଞ୍ଜ ଡିଆଇଜି ପିନାକ ମିଶ୍ରଙ୍କ ତତ୍ତ୍ୱାବଧାନରେ ■ ପୃଷ୍ଠା-୧୫

ୟୁଏଇ ସହ ନିବେଶ ଭାଗୀଦାରି ମଜବୁତ କଲା ଓଡ଼ିଶା

୫ଟି ଏମ୍ଓୟୁ ଏବଂ ୮ଟି ନିବେଶ ପ୍ରସ୍ତାବ

- ୮,୪୧୭ କୋଟି ଟଙ୍କାର ଆସିବ ପୁଞ୍ଜି
- ୧୪,୩୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନା
- ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଏବଂ ମୂଲ୍ୟବୃଦ୍ଧି ଉପରେ ଗୁରୁତ୍ୱ

ଭୁବନେଶ୍ୱର(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୟୁଏଇ ଗସ୍ତର ଦ୍ୱିତୀୟ ଦିନରେ, ଦୁବାଇରେ ୟୁଏଇ ନେତୃତ୍ୱ, ବିଶ୍ୱସ୍ତରୀୟ ନିବେଶକ, ଶିଳ୍ପ ପ୍ରତିନିଧି ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ସହିତ ଏକାଧିକ ଉଚ୍ଚସ୍ତରୀୟ ବୈଠକ ମାଧ୍ୟମରେ ଓଡ଼ିଶା ଏହାର ନିବେଶ ସମ୍ପର୍କକୁ ଆହୁରି ମଜବୁତ କରିଛି। ଦ୍ୱିତୀୟ ଦିନରେ ୫ଟି ଏମଓୟୁ ଏବଂ ୮ଟି ନିବେଶ ଇଚ୍ଛାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ମିଳିତ ଭାବରେ ୮,୪୧୭ କୋଟି ଟଙ୍କାର ନିବେଶ ସମ୍ଭାବନା ଏବଂ ୧୪,୩୧୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର କ୍ଷମତା ରଖିଛି। ଏହି ନିବେଶ ଗୁଡ଼ିକ ମଧ୍ୟରେ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଆଇଟି-ସକ୍ଷମ ସେବା, ରିଅଲ୍ ଏଷ୍ଟେଟ୍, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟିଲ ଏବଂ ଷ୍ଟିଲ ଡାଉନଷ୍ଟ୍ରିମ୍, ରେୟାର ଆର୍ଥସ୍, କେମିକାଲ୍ସ, ଆଲୁମିନିୟମ୍ ଏବଂ ସର୍କୁଲାର ଇକୋନୋମି ଭଳି ବିଭିନ୍ନ କ୍ଷେତ୍ର ରହିଛି। ଦିନର ଶୁଭାରମ୍ଭ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ୟୁଏଇର କ୍ୟାବିନେଟ୍ ସଦସ୍ୟ ତଥା ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ଏବଂ ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ମହାମହିମ ଅବୁଲ୍ଲା ବିନ୍ ତୌକ୍ ଅଲ୍ ମାରିଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ସହିତ

ହୋଇଥିଲା। ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ଆର୍ଥିକ ଏବଂ ନିବେଶ ସହଯୋଗକୁ ମଜବୁତ କରିବା ସହିତ ଓଡ଼ିଶାରେ ୟୁଏଇ-ଭିତ୍ତିକ ନିବେଶକ ଏବଂ ବ୍ୟବସାୟୀଙ୍କ ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବା ନେଇ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ଓଡ଼ିଶାର ବର୍ଦ୍ଧିତ ଶିଳ୍ପ ସମ୍ଭାବନା, ଷ୍ଟାଟେଜିକ ଲୋକେସନ୍, ଦୃଢ଼ ଭିତ୍ତିଭୂମି, ପ୍ରାକୃତିକ ସମ୍ପଦର ଉପଲବ୍ଧତା, ଦକ୍ଷ ଜନଶକ୍ତି ଏବଂ ନିବେଶକ-ଅନୁକୂଳ ନୀତିଗତ ପରିବେଶକୁ ଆଲୋକପାତ କରିଥିଲେ। ସେ ୟୁଏଇର ନିବେଶକ ଏବଂ ବ୍ୟବସାୟୀ ନେତୃବୃନ୍ଦଙ୍କୁ ଦୀର୍ଘକାଳୀନ ନିବେଶ ଓ ଭାଗିଦାରୀ ପାଇଁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ। ମୁଖ୍ୟମନ୍ତ୍ରୀ ଦୁବାଇରେ ଅନୁଷ୍ଠିତ ଓଡ଼ିଶା ନିବେଶ ରୋଡ୍ସୋ'ରେ ଯୋଗ ଦେଇଥିଲେ, ଯେଉଁଠାରେ ରାଜ୍ୟ ଏହାର ଶିଳ୍ପ ପରିବେଶ ଏବଂ ବିଭିନ୍ନ କ୍ଷେତ୍ରରେ ଉପଲବ୍ଧ ନିବେଶ ସୁଯୋଗଗୁଡ଼ିକୁ ପ୍ରଦର୍ଶନ କରିଥିଲା। ଏହି ଉପସ୍ଥାପନାରେ ମାନୁଫାକ୍ଚରିଂ, ମେଟାଲ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ସୂଚନା ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ୍ସ, ଶକ୍ତି ଏବଂ ଅନ୍ୟାନ୍ୟ ଉଦୀୟମାନ କ୍ଷେତ୍ରରେ ଓଡ଼ିଶାର ଦକ୍ଷତାକୁ ଆଲୋକପାତ କରାଯାଇଥିଲା। ଓଡ଼ିଶା ପ୍ରଗତିଶୀଳ ନୀତି, ଭିତ୍ତିଭୂମି ବିକାଶ, ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ନିବେଶକଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରୁଥିବା ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେ ବିଶ୍ୱବ୍ୟାପୀ ବ୍ୟବସାୟୀମାନଙ୍କୁ ତ୍ୱରିତ ଶିଳ୍ପାୟନ, ନିଯୁକ୍ତି ସୃଷ୍ଟି ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ଦିଗରେ ଓଡ଼ିଶାର ଯାତ୍ରାରେ ସହଭାଗୀ ହେବାକୁ ଆମନ୍ତ୍ରଣ କରିଥିଲେ। ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକ ସହିତ ଏକ ସ୍ୱତନ୍ତ୍ର ରାଉଣ୍ଡଟେବଲ ବୈଠକ ଓଡ଼ିଶାର ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳାରେ ନିବେଶ ସମ୍ଭାବନା ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିଥିଲା। ଏଥିରେ ଡାଉନଷ୍ଟ୍ରିମ୍ ■ ପୃଷ୍ଠା-୧୫

୨ରୁ ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ପୁଣି ଉଡ଼ିବ ବିମାନ

ଭୁବନେଶ୍ୱର(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରୁ ଥାଇଲାଣ୍ଡର ବ୍ୟାଙ୍କକ୍‌କୁ ପୁଣି ଆରମ୍ଭ ହେବ ବିମାନ ସେବା। ଆସନ୍ତା ଅକ୍ଟୋବର ୨ରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବ୍ୟାଙ୍କକ୍‌କୁ ବିମାନ ଚଳାଚଳ ଆରମ୍ଭ ହେବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି।ପ୍ରସନ୍ନ ପ୍ରଧାନଙ୍କ ସୂଚନା ଅନୁଯାୟୀ, ବ୍ୟାଙ୍କକ୍‌କୁ ଏହି ବିମାନ ସେବା ସପ୍ତାହକୁ ଦୁଇଥର ଚାଲିବ। କିଛି କାରଣରୁ ପୂର୍ବରୁ ଏହି ରୁଟରେ ବିମାନ ଉଡ଼ାଣ ବନ୍ଦ ରହିଥିଲା।ଏବେ ପୁଣି ଏହି ଅନ୍ତର୍ଜାତୀୟ ରୁଟ୍‌ରେ ବିମାନ ଚଳାଚଳ ଆରମ୍ଭ ହେବା ନେଇ ଯାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ସେବା ଆରମ୍ଭ ହେଲେ ଓଡ଼ିଶାରୁ ଥାଇଲାଣ୍ଡ ଯାତାୟାତ ଅଧିକ ସୁବିଧାଜନକ ହେବ। ବିଶେଷକରି ପର୍ଯ୍ୟଟକ, ବ୍ୟବସାୟୀ ଓ ଅନ୍ତର୍ଜାତୀୟ ଯାତ୍ରୀମାନେ ଏଥିରୁ ଲାଭ ପାଇବେ। ଭୁବନେଶ୍ୱର ବିମାନବନ୍ଦରରୁ ଆଉ ଏକ ଅନ୍ତର୍ଜାତୀୟ ରୁଟ୍‌ରେ ସେବା ପୁନଃ ଆରମ୍ଭ ହେବା ରାଜ୍ୟର ବିମାନ ଯୋଗାଯୋଗକୁ ମଧ୍ୟ ଅଧିକ ସୁଦୃଢ଼ କରିବ।

ସେ କହିଲେ...



ମହାକାଶ ଶହ ଶହ ବର୍ଷ ଧରି ମାନବ କଳ୍ପନାକୁ ପ୍ରେରଣା ଦେଇଆସିଛି। ଜଳବାୟୁ ଓ ଫସଲଠାରୁ ଆରମ୍ଭ କରି ସମୁଦ୍ର ଓ ଜନ ସମ୍ପ୍ରଦାୟ ପର୍ଯ୍ୟନ୍ତ, ଏହି ସୀମା ଏବେ ପୃଥିବୀର ଦୈନନ୍ଦିନ ଜୀବନକୁ ନିୟନ୍ତ୍ରଣ କରୁଛି। ମହାକାଶର ସମ୍ଭାବନା ଅସୀମ ଏବଂ ଏହା ପ୍ରତି ଆମର ସାମୂହିକ ଦାୟିତ୍ୱ ରହିଛି । ଗ୍ରହ କକ୍ଷପଥଗୁଡ଼ିକରେ ଭିଡ଼ ବଢୁଛି। ପ୍ରଯୁକ୍ତିବିଦ୍ୟାର ଉନ୍ନତି ସହିତ ଅଧିକ ଲୋକ ଏଥିରେ ସାମିଲ ହେଉଛନ୍ତି। ବିଶ୍ୱ ସହଭାଗୀତା କ୍ଷଣସ୍ଥାୟୀ ଲାଭ ଅପେକ୍ଷା ଦୀର୍ଘକାଳୀନ ସ୍ଥାୟୀତ୍ୱକୁ ପ୍ରାଥମିକତା ଦେବା ଉଚିତ ।

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

୫ ଓରାଙ୍ଗଉଟାନ ଉଦ୍ଧାର ଘଟଣା

ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

- ଅବୈଧ ଚାଲଣ ପାଇଁ ଓଡ଼ିଶାକୁ ଟ୍ରାଞ୍ଜିଟ୍ ପଥ ହେବାକୁ ଦିଆଯିବନି
- ବଢ଼ପାହିରେ ପୁଣି ପହଞ୍ଚିଲା ଏସ୍‌ଟିଏଫ୍
- ଥାର୍ ପରେ ଚର୍ଚ୍ଚା ବଢ଼ାଇଲା ମାସ୍କ

ବାଲେଶ୍ୱର(ଅମୃତ ମିଡ଼ିଆ)

ଓଡ଼ିଶାରେ ପାଞ୍ଚଟି ଶିଶୁ ଓରାଙ୍ଗଉଟାନ ଉଦ୍ଧାର ହେବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହା ସହିତ, ଏହି ପ୍ରାଣୀମାନେ କେଉଁ ପରିସ୍ଥିତିରେ ଓଡ଼ିଶାରେ ପହଞ୍ଚିଲେ, ସେ ସମ୍ପର୍କରେ ସବିଶେଷ ତଦନ୍ତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ କୁହାଯାଇଛି, ଦୁବାଇରେ ବ୍ୟସ୍ତବହୁଳ ସରକାରୀ କାର୍ଯ୍ୟକ୍ରମରେ ଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଘଟଣାକ୍ରମ ସମ୍ପର୍କରେ ନିରନ୍ତର ଅବଗତ ରହିଛନ୍ତି ଏବଂ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ପ୍ରାଣୀ ଗୁଡିକ ବାଲେଶ୍ୱର ଜିଲ୍ଲାକୁ ଆସିଲେ ଏବଂ ଏହା ପଛରେ କ'ଣ ପୃଷ୍ଠଭୂମି ରହିଛି, ତାକୁ ସ୍ପଷ୍ଟ କରିବା ପାଇଁ, ସେ ନିର୍ଦ୍ଦେଶ ଦେଇଛନ୍ତି। ବିଦେଶୀ ବନ୍ୟପ୍ରାଣୀଙ୍କ ଏହି ବେଆଇନ ପରିବହନରେ କୌଣସି

ନେଟୱାର୍କ ସମ୍ପୃକ୍ତ ଥିଲେ, ତାହାକୁ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏହି ବିରଳ ପ୍ରଜାତିର ପ୍ରାଣୀ ଗୁଡିକ କେଉଁ ମାର୍ଗ ଦେଇ ଓଡ଼ିଶାକୁ ଅଣାଯାଇଥିଲା, ସେମାନେ କିପରି ରାଜ୍ୟରେ ପ୍ରବେଶ କଲେ, ସେମାନଙ୍କ ପରିବହନରେ କିଏ ସମ୍ପୃକ୍ତ ଥିଲେ ଏବଂ କେଉଁ ଉଦ୍ଦେଶ୍ୟରେ ସେମାନଙ୍କୁ ଅଣାଯାଉଥିଲା, ଏସବୁ ଦିଗ ସ୍ପଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଭାରତ ସରକାରଙ୍କ ସମ୍ପୃକ୍ତ କର୍ତ୍ତୃପକ୍ଷ, ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରଖି ଏହି ମାମଲାର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ଜାରି ରହିଥିବା ସମୟରେ ଉଦ୍ଧାର ହୋଇଥିବା ଓରାଙ୍ଗଉଟାନ ■ ପୃଷ୍ଠା-୧୫

ଏଲନିନୋ ପ୍ରଭାବରେ ବଦଳୁଛି ପାଣିପାଗ !

ଏବର୍ଷ ଆଗୁଆ ଆସିପାରେ ଖରା ଦିନ

ଭୁବନେଶ୍ୱର(ବ୍ୟୁରୋ)

ଏବର୍ଷ ଆଗୁଆ ଆସିପାରେ ଖରା ଦିନ। ଶୀଘ୍ର ବାହୁଡ଼ିଯିବ ମୌସୁମୀ। ସମ୍ଭାବ୍ୟ ସ୍ଥିତିକୁ ନେଇ ଏବେଠୁ ସଜାଗ କରିଛନ୍ତି ରାଜ୍ୟ ସରକାର। କେନ୍ଦ୍ର ଓ ରାଜ୍ୟ ପାଣିପାଗ ବିଭାଗ ସହ ଏସଆରସିଙ୍କ ପକ୍ଷରୁ ମଧ୍ୟ ଏନେଇ ଅଧ୍ୟୟନ ଚାଲିଛି। ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀଙ୍କ ଏଭଳି ସଙ୍କେତ ପରେ ବଢ଼ିଛି ଚିନ୍ତା। ପାଣିପାଗ ବିଜ୍ଞାନୀଙ୍କ ମତରେ, ସୁପର ଏଲନିନୋର ପ୍ରଭାବ ଯୋଗୁ ପାଣିପାଗରେ ବଡ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଜଳବାୟୁ ପରିବର୍ତ୍ତନର ଲହର ଭିତରେ ଆଜି ଏଭଳି ସଙ୍କେତ ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ବର୍ଷା ବିପଦ ଟଳି ନଥିବା ବେଳେ ଏବେ ମୁଣ୍ଡ ଉପରେ ଗରମର ଆଶଙ୍କା ଘନେଇଛି। ଜଳବାୟୁ ବିଶେଷଜ୍ଞ ଆକଳନ କରୁଛନ୍ତି, ବହୁ ଆଗରୁ ବାହୁଡ଼ିଯିବ ମୌସୁମୀ। ଆଉ ନିର୍ଦ୍ଧାରିତ ସମୟ ପୂର୍ବରୁ ରାଜ୍ୟକୁ ସିଝାଇବ ଖରା। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ରେକର୍ଡ ଭାଙ୍ଗିପାରେ ତାତି। ପାଣିପାଗର ଏହି ଅସ୍ୱାଭାବିକ ଗତିପଥକୁ

ନେଇ କେନ୍ଦ୍ର ଓ ରାଜ୍ୟ ପାଣିପାଗ ବିଭାଗ ସମେତ ଏସଆରସି ଅଧ୍ୟୟନ ଚଳାଇଛନ୍ତି। ଏହା ପ୍ରାଥମିକ ଆକଳନ ହୋଇଥିବା ବେଳେ, ଅଧିକ ଅନୁଧ୍ୟାନ ପରେ ସ୍ପଷ୍ଟ ହେବ ଆଗାମୀ ଦିନର ପ୍ରକୃତ ଚିତ୍ର। ଆଗୁଆ ସମ୍ଭାବ୍ୟ ତାତିକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ବର୍ତ୍ତମାନର ଆକଳନକୁ ନେଇ ଆତଙ୍କିତ ନହେବାକୁ ଅପିଲ୍ କରିଛନ୍ତି ରାଜସ୍ୱ ମନ୍ତ୍ରୀ। କାହିଁକି ଶୀଘ୍ର ଫେରିଯାଏ ମୌସୁମୀ ? ଗ୍ରୀଷ୍ମଋତୁ ଆଗୁଆ ଆସିବାର ସମ୍ଭାବ୍ୟ କାରଣ କଣ କାରଣ ? ସେମିତି ବି ମୌସୁମୀ ବିଦାୟ ଓ ଗ୍ରୀଷ୍ମ ଆଗମନ ସମୟ ସବୁବେଳେ ସମାନ ନଥାଏ। ମୌସୁମୀ ଶୀଘ୍ର ଦୁର୍ବଳ ହେଲେ ଓ ପରିବେଶରେ ଆର୍ଦ୍ରତା କମିବା ସହ ଆକାଶ ସଫା ରହେ।

ସବୁଠି ଅଶାନ୍ତ କଲେଜ କ୍ୟାମ୍ପସ୍

ଛାତ୍ର ସଂସଦ ନିର୍ବାଚନକୁ ନେଇ ଛକାପଞ୍ଝା

କଲେଜ କ୍ୟାମ୍ପସ ସରଗରମ। କାହା ନିୟନ୍ତ୍ରଣରେ ରହିବ ଶିକ୍ଷାନୁଷ୍ଠାନ ? ବର୍ଷେ ଧରି କିଏ ରାଜୁତି କରିବ ? କାହାର ପତିଆରା ବଢ଼ିବ, ଦବ୍‌ଦବା ଜାରି ରହିବ ? ଏହାକୁ ନେଇ ଚାଲିଛି ଛକାପଞ୍ଝା। ହେଲେ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ତାହା ସ୍ପଷ୍ଟ ହୋଇନି। ଏବେଠୁ କ୍ୟାମ୍ପସ ତାତିଲାଣି। କେଉଁ କ୍ୟାମ୍ପସରେ କାହା ଗୋଷ୍ଠୀର ଦବ୍‌ଦବା ଅଛି, ତାକୁ ନେଇ ବଳ କଷାକଷି ଆରମ୍ଭ ହେଲାଣି। ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟ, ପରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଆଉ ଏବେ ରାଜଧାନୀ କଲେଜ। ସବୁଠି ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ଚାଲିଛି ଖଣ୍ଡଯୁଦ୍ଧ। ପୂର୍ବରୁ ଶିକ୍ଷାନୁଷ୍ଠାନରୁ ପାଠ ପଢ଼ିଥିବା ଛାତ୍ରନେତା ନିଜର ଦବ୍‌ଦବା ଜାହିର କରିବାକୁ ଛାତ୍ରମାନଙ୍କୁ ମୋହରା ବନାଇଛନ୍ତି। ଯଦି କେହି ଛାତ୍ର ତାଙ୍କ କଥାରୁ ବାହାରି ଯାଉଛନ୍ତି, ସେମାନଙ୍କୁ ସାବାଡ଼ କରିବା ପାଇଁ ଅଣଛାତ୍ରଙ୍କୁ ବ୍ୟବହାର କରାଯାଉଛି। ଏଭଳି ସ୍ଥିତିରେ ବିଭିନ୍ନ କଲେଜ କ୍ୟାମ୍ପସ ସରଗରମ ହୋଇ ଉଠିଥିବା ବେଳେ ଛାତ୍ର ସଂସଦ ନିର୍ବାଚନ ସମ୍ପର୍କରେ ସରକାର ଚୁପ୍ ରହିଛନ୍ତି।

ଭୁବନେଶ୍ୱର (ବ୍ୟୁରୋ)

ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ କଲେଜ କ୍ୟାମ୍ପସ ପଡୁଛି ଉତୁଛି। ଛାତ୍ର, ଅଣଛାତ୍ରଙ୍କ ମେଳି ଜମୁଛି। ବୁଧବାର ରାଜଧାନୀ କଲେଜରେ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ

- ଉତ୍କଳ, ବିଜେବି ପରେ ରାଜଧାନୀରେ ତାତି
- ଛାତ୍ର- ଅଣଛାତ୍ରଙ୍କ ମଧ୍ୟରେ ଚାଲିଛି ଖଣ୍ଡଯୁଦ୍ଧ
- କ୍ୟାମ୍ପସ୍ ସରଗରମ, କିନ୍ତୁ ରାଜ୍ୟ ସରକାର ଚୁପ୍

ହାତାହାତି ହୋଇଛି। ଶତାଧିକ ଛାତ୍ର ଖଣ୍ଡଗିରି ଥାନାକୁ ଯାଇ ପୁଲିସର ସୁରକ୍ଷା ଲୋଡ଼ିଛନ୍ତି। ଛାତ୍ର ଚନ୍ଦନ ସାହୁଙ୍କ ଅଭିଯୋଗ ଅନୁସାରେ, କଲେଜରେ ପାଠପଢ଼ା ଚାଲିଥିବା ବେଳେ କିଛି ଅଣଛାତ୍ର କ୍ୟାମ୍ପସ ଭିତରକୁ ପଶିଥିଲେ। ଚନ୍ଦନ ଓ ତାଙ୍କ ସାଙ୍ଗମାନେ ବସିଥିବା ବେଳେ ଅଣଛାତ୍ରମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଉପସ୍ଥିତ ଛାତ୍ରମାନେ ତାଙ୍କୁ ବିରୋଧ କରିବାରୁ ଅଣଛାତ୍ରମାନେ ସଙ୍ଗେସଙ୍ଗେ ଖଣ୍ଡା, ହକି ଷ୍ଟିକ୍‌ରେ ଆକ୍ରମଣ ଉଦ୍ୟମ କରିଥିଲେ। ଫଳରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଟକରାଟକରି ଆରମ୍ଭ ହୋଇଥିଲା। ଏହାଦେଖି ଅନ୍ୟ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇ କ୍ୟାମ୍ପସ୍‌ରୁମ୍‌କୁ ଦୌଡ

ସଚ୍ଚୋଟ ନଜରରେ ଛାତ୍ରାବାସ ବ୍ୟବସ୍ଥା ଓ ଦାୟିତ୍ୱବୋଧ

ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ଆବାସ ଭାବେ ବ୍ୟବହୃତ 'ହଷ୍ଟେଲ୍ ଡେଜ୍' ନାମକ ଏକ ପାଞ୍ଚ ମହଲା ପେଇଂ ଗେଷ୍ଟ (ପିଜି) ଭବନ ଭୁଶୁଡ଼ି ପଡ଼ିବା ଘଟଣା ସମଗ୍ର ଶିକ୍ଷା ବ୍ୟବସ୍ଥା, ନଗର ପ୍ରଶାସନ, ନିୟାମକ କର୍ତ୍ତୃପକ୍ଷ ଏବଂ ନୀତି ନିର୍ଦ୍ଧାରକମାନଙ୍କ ଅନ୍ତଃସାର ଶୂନ୍ୟତାକୁ ସମ୍ପୂର୍ଣ୍ଣ ରୂପେ ଉନ୍ମୋଚିତ କରିଦେଇଛି। ଏହି ବିରାଟ ବିପର୍ଯ୍ୟୟକୁ କୌଣସି ଏକ ଦୈବାତ ଘଟିଯାଇଥିବା ବିଚ୍ଛିନ୍ନ ଦୁର୍ଘଟଣା ଭାବେ ଦେଖିବା ଏକ ମସ୍ତବଡ଼ ଐତିହାସିକ ଭ୍ରାନ୍ତି ହେବ। ବରଂ ଏହା ଦେଶର ଦୁର୍ଦ୍ଦଶାଗ୍ରସ୍ତ ସରକାରୀ ଶିକ୍ଷା ବ୍ୟବସ୍ଥା, ବେପରୁଆ ଘରୋଇକରଣ ନୀତି, ଲାଭଖୋର ମାଫିଆ ରାଜ୍, ନଗର ନିଗମର ଦୁର୍ନୀତି ଏବଂ ପ୍ରଶାସନିକ ସଲାସୁତୁରା ତଥା ସମ୍ବେଦନହୀନତାର ଏକ ଭୟଙ୍କର ଅପରାଧମୂଳକ ପରିଣାମ ଅଟେ। ବର୍ତ୍ତମାନ ଏହି ଗମ୍ଭୀର ପ୍ରସଙ୍ଗ ଦେଶର ସର୍ବୋଚ୍ଚ ଅଦାଲତରେ ପହଞ୍ଚିଛି ଏବଂ ଏହି ମାମଲା ଆଉ କେବଳ ରାଜଧାନୀ ଦିଲ୍ଲୀର କିଛି ଗଳିକନ୍ଦି ମଧ୍ୟରେ ସୀମିତ ନ ରହି ସମଗ୍ର ଦେଶର ଛାତ୍ରାବାସ ବ୍ୟବସ୍ଥା ପାଇଁ ଏକ ଦିଗ୍‌ଦର୍ଶକ ତଥା ମାଇଲଖୁଣ୍ଟ ସାବ୍ୟସ୍ତ ହେବାକୁ ଯାଉଛି।

ସୁଶାନ୍ତ କୁମାର ଦାସ

ଦେଶର ରାଜଧାନୀ ଦିଲ୍ଲୀ ଦୀର୍ଘ ଦଶନ୍ଧି ଧରି ଭାରତର କୋଣ ଅନୁକୋଣରୁ ଆସୁଥିବା ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା, ଉନ୍ନତ ଜୀବିକା ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନର ଏକ ପ୍ରମୁଖ ସ୍ୱପ୍ନର ସହର ପାଲଟିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ (ଡିୟୁ), ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) କିମ୍ବା ଜାମିଆ ମିଲିଆ ଇସଲାମିଆ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିବା ପାଇଁ ସାରା ଦେଶର ଛୋଟ ସହର, ମଫସଲ, ଗ୍ରାମାଞ୍ଚଳ ଏବଂ ଆଦିବାସୀ ବହୁଳ ଅଞ୍ଚଳରୁ ଅଗଣିତ ଯୁବପିଢ଼ି କଠିନ ପରିଶ୍ରମ କରି ଏଠାକୁ ପ୍ରବେଶିକା ପରୀକ୍ଷା ଦେଇ ଆସନ୍ତି। ଭୟଙ୍କର ବେକାରୀର ଏହି ଅତ୍ୟନ୍ତ କଠିନ ସମୟରେ ନିଜ ଭାଗ୍ୟକୁ ବଦଳାଇବା ଏବଂ ପରିବାରର ଦାରିଦ୍ର୍ୟ ଦୂର କରିବାର ଏକମାତ୍ର ଆଶା ନେଇ ପିଲାମାନେ ମହାନଗରଗୁଡ଼ିକ ଆଡ଼କୁ ଧାଇଁ ଆସିବାକୁ ବାଧ ହେଉଛନ୍ତି। ମାତ୍ର ଏହି ଶିକ୍ଷାର ରାଜଧାନୀରେ ପହଞ୍ଚିବା ମାତ୍ରେ ହିଁ ସେମାନଙ୍କୁ ଏକ ନିରାପଦ, ସୁଲଭ ତଥା ସର୍ବନିମ୍ନ ମର୍ଯ୍ୟାଦାପୂର୍ଣ୍ଣ ଆବାସ ବ୍ୟବସ୍ଥା ପରିବର୍ତ୍ତେ ଏକ ଅତ୍ୟନ୍ତ କଦର୍ଯ୍ୟ ଓ ନିର୍ମମ ବାସ୍ତବତାର ସାମ୍ନା କରିବାକୁ ପଡୁଛି।

ଆବାସିକ ଫ୍ଲାଟ୍‌ରେ ରହୁଥିଲେ ୭୫ ପିଲା

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଉଥ୍ କ୍ୟାମ୍ପସର ଠିକ୍ ସାମ୍ନାରେ ଥିବା ସତ୍ୟ ନିକେତନ ଏକ ଅତ୍ୟନ୍ତ ଜନବହୁଳ ଓ ବ୍ୟସ୍ତବହୁଳ ଅଞ୍ଚଳ ଭାବେ ପରିଚିତ। ଦେଶର ବିଭିନ୍ନ ରାଜ୍ୟରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ବିରାଟ ସଂଖ୍ୟାକୁ ଲକ୍ଷ୍ୟ କରି ଏଠାରେ ଘରୋଇ ମାଲିକାନାରେ ବହୁ ସଂଖ୍ୟାରେ ବେଆଇନ ପିଜି, ବେସରକାରୀ ହଷ୍ଟେଲ, ମେସ୍ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନ କୌଣସି ନିୟମକାନୁନ ନମାନି ଅବାଧରେ ଚାଲୁଛି। ଦୁର୍ଘଟଣାଗ୍ରସ୍ତ 'ହଷ୍ଟେଲ୍ ଡେଜ୍' ନାମକ ବିଲ୍ଡିଂରେ ପ୍ରାୟ ପଞ୍ଚସ୍ତରି ଜଣ ଛାତ୍ରଛାତ୍ରୀ ରହୁଥିଲେ। ମୂଳତଃ ଏହି ସମ୍ପତ୍ତିଟି ଏକ ସାଧାରଣ ଆବାସିକ ଫ୍ଲାଟ୍ ଥିଲା। କିନ୍ତୁ ଅଧିକ ଭଡ଼ା ପାଇବା ଏବଂ କୋଟି କୋଟି ଟଙ୍କାର ମୁନାଫା କମାଇବା ପାଇଁ ଏଥିରେ ଅନୁମୋଦନବିହୀନ ଭାବେ ଅତିରିକ୍ତ ମହଲା ନିର୍ମାଣ କରାଗଲା ଏବଂ କୋଠାଟିର ମୂଳ ଢାଞ୍ଚାକୁ ବଦଳାଇ ଦିଆଯାଇ ଏକ ବିଶାଳ ବାଣିଜ୍ୟିକ ଛାତ୍ରାବାସରେ ପରିଣତ କରାଗଲା।

ଦୁର୍ବଳ ଭିତ୍ତଭୂମି ଯାଞ୍ଚ ବିନା ଚାଲିଥିଲା ନିର୍ମାଣ

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ଏମିକସ୍ କ୍ୟୁରି (ନ୍ୟାୟମିତ୍ର) ଆଡଭୋକେଟ୍ ଗୋବିନ୍ଦଜୀଙ୍କ ତରଫରୁ ଅଦାଲତରେ ଦାଖଲ କରାଯାଇଥିବା ତଦନ୍ତ ରିପୋର୍ଟରୁ ଯେଉଁ ତଥ୍ୟ ସାମ୍ନାକୁ ଆସିଛି, ତାହା ଯେକୌଣସି ସଚେତନ ନାଗରିକକୁ ସ୍ତବ୍ଧ କରିଦେବା ପାଇଁ ଯଥେଷ୍ଟ ଅଟେ। ରିପୋର୍ଟ ଅନୁସାରେ, ଯେଉଁ ସମୟରେ ସତ୍ୟ ନିକେତନରେ ଏହି ଦୁର୍ଘଟଣା ଘଟିଲା, ସେହି ସମୟରେ କୋଠାର ବେସ୍‌ମେଣ୍ଟ କିମ୍ବା ତାହାର ଆଖପାଖରେ କୌଣସି ଅନୁମତି ନଥାଇ ଗଭୀର ଖନନ ଏବଂ ନିର୍ମାଣ କାର୍ଯ୍ୟ ଚାଲିଥିଲା । ଏହାଠାରୁ ମଧ୍ୟ ଅଧିକ ଚକିତ ତଥା ଭୟଭୀତ କଲାଭଳି କଥା ହେଉଛି, କାମ ଆରମ୍ଭ ହେବାର ଠିକ୍ ପୂର୍ବରୁ ସେହି ବେସ୍‌ମେଣ୍ଟରେ ପ୍ରବଳ ଜଳବନ୍ଦୀ ବା ୱାଟରଲଗିଂ ହୋଇଥିଲା। ଗୋଟିଏ ପଟେ ସନ୍ତସନ୍ତିଆ ମାଟି ଓ ପାଣି ଭର୍ତ୍ତି ହୋଇ ରହିଥିବା ଏକ ଦୁର୍ବଳ ଭିତ୍ତିଭୂମି ଉପରେ କୌଣସି ଇଞ୍ଜିନିୟରିଂ ସୁରକ୍ଷା ଯାଞ୍ଚ ନକରି ଖନନ ଚାଲିଥିଲା, ଆଉ ଅନ୍ୟପଟେ ଉପରେ ପଞ୍ଚସ୍ତରି ଜଣ ନିରୀହ ଛାତ୍ରଛାତ୍ରୀ ନିଜ ଜୀବନକୁ ମୃତ୍ୟୁମୁଖରେ ବାଜି ଲଗାଇ ରହୁଥିଲେ। ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀ ଏବଂ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ, କୋଠାଟି ପୂର୍ବରୁ ହିଁ ଗୋଟିଏ ପାଖକୁ ଢଳିବାର ସ୍ପଷ୍ଟ ଚେତାବନୀ ଦେଖାଇ ସାରିଥିଲା। ତଥାପି ପୌର ନିଗମ କିମ୍ବା ସ୍ଥାନୀୟ ପ୍ରଶାସନିକ କର୍ତ୍ତୃପକ୍ଷ ଏହା ଉପରେ କୌଣସି ନଜର ରଖିଲେ ନାହିଁ କିମ୍ବା କାମ ବନ୍ଦକଲେ ନାହିଁ।

୨୦୨୨ରେ କୋଠା ଭୁଶୁଡ଼ି ୨ ଜୀବନ ଯାଇଥିଲା

ଏହି ଅଞ୍ଚଳରେ ଦୁର୍ଘଟଣାର ଏହା ପ୍ରଥମ ଘଟଣା ନୁହେଁ। ଏପ୍ରିଲ ୨୦୨୨ରେ ମଧ୍ୟ ସତ୍ୟ ନିକେତନରେ ଏକ କୋଠା ଭୁଶୁଡ଼ି ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ଚାରି ଜଣ ଗୁରୁତର ଆହତ ହୋଇଥିଲେ। ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାରମ୍ବାର ଏପରି ଭୟାନକ କାଣ୍ଡ ଘଟିବା ପ୍ରମାଣିତ କରୁଛି ଯେ, କୋଠାର ସୁରକ୍ଷା ଓ ନିର୍ମାଣ ଆଇନ ଲାଗୁ କରୁଥିବା ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ପଙ୍ଗୁ ଓ ଭ୍ରଷ୍ଟ ହୋଇସାରିଛି। ଅନେକ ବିପଦସଙ୍କୁଳ କୋଠା ସେହି ଅଞ୍ଚଳରେ ରହିଥିଲେ ବି ସେଗୁଡ଼ିକର ଯାଞ୍ଚ କରାଯାଉନାହିଁ। ପ୍ରଶାସନିକ ଅବହେଳା ଯୋଗୁଁ ବାରମ୍ବାର ଏଭଳି ଘଟୁଥିଲେ ବି ସେଭଳି ଆଖିଦୃଷିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ।

ମେଧାବୀଙ୍କୁ ମିଳୁନି ସୁରକ୍ଷିତ ହଷ୍ଟେଲ ସୁବିଧା

ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ଏଭଳି ଦୁର୍ଦ୍ଦଶାର ପ୍ରକୃତ ମୂଳ କାରଣ ହେଉଛି ସରକାରଙ୍କ ଦ୍ୱାରା ଅନୁସୃତ ନବ-ଉଦାରବାଦୀ ଅର୍ଥନୈତିକ ନୀତି ଏବଂ ସରକାରୀ ଶିକ୍ଷା ବ୍ୟବସ୍ଥାର ଚରମ ଘରୋଇକରଣ। କେନ୍ଦ୍ର ସରକାର ହୁଅନ୍ତୁ କିମ୍ବା ବିଭିନ୍ନ ରାଜ୍ୟ ସରକାର, ସମସ୍ତେ ପ୍ରତିବର୍ଷ ଶିକ୍ଷା ବଜେଟରେ କ୍ରମାଗତ ଭାବେ ଅନୁଦାନରେ କାଟଛାଟ କରୁଛନ୍ତି। ଜିଡିପିର ପ୍ରତିଶତ ହିସାବରେ ଶିକ୍ଷା ଉପରେ ସରକାରୀ ଖର୍ଚ୍ଚ କ୍ରମାଗତ ଭାବେ ହ୍ରାସ ପାଉଛି। ଏହାର ପ୍ରତ୍ୟକ୍ଷ କୁପରିଣାମ ସ୍ୱରୂପ ବିଶ୍ୱବିଦ୍ୟାଳୟ କିମ୍ବା କଲେଜଗୁଡ଼ିକରେ ଆବଶ୍ୟକତା ଅନୁସାରେ ନୂତନ ହଷ୍ଟେଲ ନିର୍ମାଣ କରାଯାଉ ନାହିଁ। ରାଜଧାନୀ ଦିଲ୍ଲୀରେ ପଢୁଥିବା ଅନେକ ଲକ୍ଷ ଛାତ୍ରଛାତ୍ରୀଙ୍କ ତୁଳନାରେ ସରକାରୀ ହଷ୍ଟେଲରେ ଉପଲବ୍ଧ ଥିବା ଆସନ ସଂଖ୍ୟା ମାତ୍ର କିଛି ହଜାରରେ ସୀମିତ ରହିଛି। ବାହାର ରାଜ୍ୟରୁ ଆସୁଥିବା ମେଧାବୀ ଛାତ୍ରଛାତ୍ରୀମାନେ କଠିନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଦିଲ୍ଲୀ ଆସିବା ପରେ ମଧ୍ୟ କ୍ୟାମ୍ପସ ଭିତରେ ସେମାନଙ୍କୁ ସୁରକ୍ଷିତ ଛାତ ଖଣ୍ଡିଏ ମିଳେ ନାହିଁ।

ଛାତ୍ରଛାତ୍ରୀଙ୍କୁ ଶୋଷଣ କରୁଛନ୍ତି ଘରଭଡ଼ା ମାଫିଆ

ସରକାରୀ ଆବାସ ବ୍ୟବସ୍ଥାର ଏହି ସୁଚିନ୍ତିତ ଅଭାବ ଏକ ଅନିୟନ୍ତ୍ରିତ ଘରଭଡ଼ା ମାଫିଆ ସିଣ୍ଡିକେଟ୍ ପାଇଁ ଲୁଟପାଟର ଖୋଲା ରାସ୍ତା ତିଆରି କରିଦେଇଛି। ସତ୍ୟ ନିକେତନ, ମୁଖାର୍ଜୀ ନଗର, ହୁଡସନ୍ ଲେନ୍, ବିଜୟ ନଗର ଏବଂ କାଲୁ ସରାୟ ଭଳି କ୍ୟାମ୍ପସ ନିକଟସ୍ଥ ଅଞ୍ଚଳଗୁଡ଼ିକରେ ଏହି ମାଫିଆମାନେ ସାଧାରଣ ଛାତ୍ରଛାତ୍ରୀଙ୍କୁ ଭୟଙ୍କର ଭାବେ ଶୋଷଣ କରୁଛନ୍ତି। ଗୋଟିଏ ଛୋଟ ଦଶକୁ ଦଶ ବର୍ଗ ଫୁଟ ଆକାରର ଅଣ ଓ ସାରି ଅ। କୋଠରୀରେ ତିନି ଚାରି ଜଣ ପିଲାଙ୍କୁ ଅତି ଅମାନୁଷିକ ଭାବେ ଖୁଦି ଖୁଦି ରଖାଯାଇଥାଏ। ଆଲୋକ ଓ ପବନ ଚଳାଚଳର କୌଣସି ଉପଯୁକ୍ତ ବ୍ୟବସ୍ଥା ନଥାଇ ମୁଣ୍ଡପିଛା ପନ୍ଦର ହଜାରରୁ ପଚିଶ ହଜାର ଟଙ୍କା ପର୍ଯ୍ୟନ୍ତ ମନଇଚ୍ଛା ଭଡ଼ା ଆଦାୟ କରାଯାଏ। ଘରଭଡ଼ା ବ୍ୟବସାୟୀ ମାଫିଆମାନେ ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ବ୍ୟବସ୍ଥାର ମିଳିତ ସହଯୋଗରେ ଆବଶ୍ୟକ ମାନଦଣ୍ଡ ପୂରଣ ନକରି କେବଳ ଉଚ୍ଚ ଅଟ୍ଟାଳିକା ନିର୍ମାଣ କରୁନାହାନ୍ତି, ବରଂ ଜରାଜୀର୍ଣ୍ଣ ହୋଇଯାଇଥିବା ବିପଜ୍ଜନକ କୋଠାଗୁଡ଼ିକୁ ମଧ୍ୟ ପିଜି ଭାବେ ଚଳାଉଛନ୍ତି। ପିଲାମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଦୂର ଗାଁରେ ବସିଥିବା ଗରିବ ପିତାମାତାମାନେ ନିଜର ଜମିବାଡ଼ି ବନ୍ଧକ ପକାଇ କିମ୍ବା ଋଣ କରି ଏହି ମାଫିଆମାନଙ୍କୁ ଭଡ଼ା ଦିଅନ୍ତି, କିନ୍ତୁ ବଦଳରେ ପିଲାମାନଙ୍କୁ ମିଳୁଛି ମୃତ୍ୟୁର ଫାନ୍ଦ। ଏହି କାରଣରୁ ବିଭିନ୍ନ ବକ୍ତା, ଶିକ୍ଷାବିତ୍ ଏବଂ ଛାତ୍ର ସଂଗଠନମାନେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଏହା ପ୍ରକୃତରେ କୌଣସି ଅପ୍ରତ୍ୟାଶିତ ଦୁର୍ଘଟଣା ନୁହେଁ, ବରଂ ଦୁର୍ଦ୍ଦଶାଗ୍ରସ୍ତ ଶିକ୍ଷା ବ୍ୟବସ୍ଥା ଏବଂ ଦୁର୍ନୀତିଗ୍ରସ୍ତ ପୁଞ୍ଜିବାଦୀ ବ୍ୟବସ୍ଥା ଦ୍ୱାରା ଘଟାଯାଇଥିବା ଏକ ସାଂସ୍ଥାଗତ ହତ୍ୟାକାଣ୍ଡ।

ଭଙ୍ଗାଦଦରା ଶିକ୍ଷା ଭିତ୍ତିଭୂମି ନେଇ ସରକାର ଚୁପ୍

ଶିକ୍ଷକ ଦିବସ ଅବସରରେ ଦେଶର ପ୍ରଧାନମନ୍ତ୍ରୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେତେବେଳେ ଛାତ୍ର ସମାଜ ଓ ଶିକ୍ଷକମାନେ ଆଶା ବାନ୍ଧିଥିଲେ ଯେ ଦେଶର ଶିକ୍ଷା ବଜେଟ୍ ବୃଦ୍ଧି, ନୂତନ ହଷ୍ଟେଲ ନିର୍ମାଣ, ଗବେଷଣା ଅନୁଦାନ ଏବଂ କ୍ୟାମ୍ପସ ଭିତ୍ତିଭୂମିର ସୁରକ୍ଷା ଉପରେ କିଛି ଠୋସ୍ ପଦକ୍ଷେପ ଘୋଷଣା କରାଯିବ। କିନ୍ତୁ ବାସ୍ତବ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ, ରାଜନୈତିକ ଆକ୍ରମଣର ପଥ ବାଛି ନିଆଗଲା। ସେ ରାଜନୈତିକ ଭାଷଣ ଦେଇ ନିଜର ସମାଲୋଚକ ତଥା ଭିନ୍ନମତ ପୋଷଣ କରୁଥିବା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ 'ଦିମାଗୀ ନକ୍ସଲ' ଭଳି କଟୁ ଶବ୍ଦରେ ଆକ୍ଷେପ କଲେ; କିନ୍ତୁ ଭଙ୍ଗାଦଦରା ରାଜ୍ୟରୁ ଆସୁଥିବା ମେଧାବୀ ଛାତ୍ରଛାତ୍ରୀମାନେ କଠିନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଦିଲ୍ଲୀ ଆସିବା ପରେ ମଧ୍ୟ କ୍ୟାମ୍ପସ ଭିତରେ ସେମାନଙ୍କୁ ସୁରକ୍ଷିତ ଛାତ ଖଣ୍ଡିଏ ମିଳେ ନାହିଁ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ କଠୋର ଆଭିମୁଖ୍ୟ

ଏହି ସାଂଘାତିକ ପରିସ୍ଥିତିରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ବର୍ତ୍ତମାନ ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏମିକସ୍ କ୍ୟୁରି ସୁପ୍ରିମକୋର୍ଟଙ୍କ ସମୟସୀମା ସମ୍ମୁଖରେ ଏକ ନିର୍ଦ୍ଦିଷ୍ଟ ଅଡିଟ୍ କରିବା ଭିତରେ ସୁରକ୍ଷା ପାଇଁ ଆଠଟି ମୁଖ୍ୟ ବିନ୍ଦୁ ବିଶିଷ୍ଟ ଏକ ଅତ୍ୟନ୍ତ କଠୋର ଯାଞ୍ଚ ଯୋଜନା ପ୍ରସ୍ତାବ ଦେଇଛନ୍ତି। ପ୍ରଥମତଃ, କୋଠାର ମଞ୍ଜୁରପ୍ରାପ୍ତ ବିଲ୍ଡିଂ ପ୍ଲାନ୍ ଅର୍ଥାତ୍ ଅନୁମୋଦିତ ନକ୍ସା ଅଛି କି ନାହିଁ ତାହା ଯାଞ୍ଚ ହେବ। ଦ୍ୱିତୀୟରେ, ପ୍ରକୃତ ନିର୍ମାଣ ଏବଂ ମହଲା ସଂଖ୍ୟା ମଞ୍ଜୁର ହୋଇଥିବା ନକ୍ସାଠାରୁ ଅଧିକ କରାଯାଇଛି କି ନାହିଁ ତାହା ଦେଖାଯିବ। ତୃତୀୟରେ, ବେସମେଣ୍ଟର ନିର୍ମାଣ ଏବଂ ସେଥିରେ କରାଯାଇଥିବା ବେଆଇନ ଖନନ ବା ପରିବର୍ତ୍ତନ ଉପରେ କଡ଼ା ନଜର ରଖାଯିବ। ଚତୁର୍ଥରେ, ଜମିର ବ୍ୟବହାର ଅର୍ଥାତ୍ ଆବାସିକ ଅଞ୍ଚଳରେ ନିୟମ ଭାଙ୍ଗି ବାଣିଜ୍ୟିକ କାର୍ଯ୍ୟ ଚାଲୁଛି କି ନାହିଁ ତାହାର ତଦାରଖ ହେବ। ପଞ୍ଚମରେ, କୋଠାର ସଂରଚନାଗତ ସୁରକ୍ଷା ବା ଷ୍ଟ୍ରକ୍ଚରାଲ୍ ସେଫ୍ଟି ଯାଞ୍ଚ କରାଯିବ ଯେ କୋଠାଟି ଏତେ ସଂଖ୍ୟକ ଲୋକଙ୍କ ଭାର ସମ୍ଭାଳିବା ପାଇଁ ସୁରକ୍ଷିତ ତ ? ଷଷ୍ଠରେ, ଅଗ୍ନି ନିରାପତ୍ତା ନିୟମାବଳୀ, ଅଗ୍ନି ନିର୍ବାପକ ଯନ୍ତ୍ର ଓ ଜରୁରୀକାଳୀନ ପ୍ରସ୍ଥାନର ଉପଯୁକ୍ତ ପାଳନ ପରଖାଯିବ। ସପ୍ତମରେ, ବିଲ୍ଡିଂକୁ ପ୍ରବେଶ କରିବା ଏବଂ ବିପଦ ସମୟରେ ବାହାରିବା ପାଇଁ ସୁରକ୍ଷିତ ଓ ଓସାରିଆ ରାସ୍ତା ଅଛି କି ନାହିଁ ତାହା ନିଶ୍ଚିତ କରାଯିବ। ଅଷ୍ଟମରେ, ବିଲ୍ଡିଂଟି ବସବାସ ପାଇଁ ଅତ୍ୟନ୍ତ ଜରାଜୀର୍ଣ୍ଣ କିମ୍ବା ବିପଜ୍ଜନକ ଅବସ୍ଥାରେ ଅଛି କି ନାହିଁ ତାହା ଯାଞ୍ଚ କରାଯିବ। କୋର୍ଟଙ୍କ ନିର୍ଦ୍ଦେଶରେ ଏହି ଅଡିଟ୍ ମଧ୍ୟ ଆରମ୍ଭ ହୋଇସାରିଛି।

ଘରୋଇକରଣ ବନ୍ଦକରି ଶିକ୍ଷା ବଜେଟ ବଢ଼ାଯାଉ

ଏହି ସମଗ୍ର ସଙ୍କଟର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ସମସ୍ତ ବିପଦପୂର୍ଣ୍ଣ କୋଠାରୁ ଛାତ୍ରଛାତ୍ରୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି ସେଗୁଡ଼ିକର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରାଯିବା ଆବଶ୍ୟକ। ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ମୃତ ଛାତ୍ରଛାତ୍ରୀ ଓ ଅନ୍ୟ ନାଗରିକଙ୍କ ପରିବାରକୁ ପ୍ରତ୍ୟେକଙ୍କ ପାଇଁ ଏକ କୋଟି ଟଙ୍କାର କ୍ଷତିପୂରଣ ଏବଂ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ପ୍ରଦାନ କରିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶିକ୍ଷାର ଘରୋଇକରଣ ନୀତିକୁ ତୁରନ୍ତ ବାତିଲ କରି ଶିକ୍ଷା ବଜେଟକୁ ଯଥେଷ୍ଟ ବୃଦ୍ଧି କରାଯିବା ଦରକାର। ସମଗ୍ର ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜରେ ସରକାରୀ ହଷ୍ଟେଲ ବ୍ୟବସ୍ଥାକୁ ଏପରି ସୁଦୃଢ଼ କରାଯିବା ଉଚିତ, ଯାହାଦ୍ୱାରା ହଷ୍ଟେଲ ଚାହୁଁଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଆବାସ ମିଳିପାରିବ। ଏହା ସହିତ ଏକ କଠୋର ପିଜି ନିୟନ୍ତ୍ରଣ ଆଇନ ପ୍ରଣୟନ କରି ମନମୁଖୀ ଭଡ଼ା ଉପରେ ରୋକ୍ ଲଗାଯିବା ଆବଶ୍ୟକ। ବେଆଇନ ନିର୍ମାଣ ଓ ନିୟମ ଉଲ୍ଲଂଘନକୁ ପ୍ରଶ୍ରୟ ଦେଇଥିବା ଦୁର୍ନୀତିଗ୍ରସ୍ତ ଇଞ୍ଜିନିୟର, ପ୍ରଶାସନିକ ଅଧିକାରୀ ଏବଂ ଲୋଭୀ ଘର ମାଲିକମାନଙ୍କ ବିରୋଧରେ କଠୋର ଫୌଜଦାରୀ ମାମଲା ରୁଜୁ ହେବା ଅପରିହାର୍ଯ୍ୟ।

କୌଣସି ଦେଶ ତା'ର ଛାତ୍ର ସମାଜ ଏବଂ ଯୁବପିଢ଼ିଙ୍କୁ କିଭଳି ବ୍ୟବହାର କରେ, ସେଥିରୁ ହିଁ ତା'ର ଭବିଷ୍ୟତ ନିର୍ଦ୍ଧାରିତ ହୋଇଥାଏ। ସତ୍ୟ ନିକେତନର ଭଗ୍ନ କୋଠା କେବଳ ଇଟା-ସିମେଣ୍ଟର ଭଙ୍ଗାସ୍ତୂପ ନୁହେଁ, ବରଂ ଏହା ଆମ ସମଗ୍ର ପ୍ରଶାସନିକ ବ୍ୟବସ୍ଥାର ଚରମ ଅବନତିର ପ୍ରତୀକ ଅଟେ। ଧ୍ୱଂସାବଶେଷ ତଳେ ଜୀବନ ଚାପି ହୋଇଯିବା ପରେ କାଳକ୍ଷେପଣ ନକରି, ଦୁର୍ଘଟଣା ଘଟିବା ପୂର୍ବରୁ ସତର୍କତାମୂଳକ ପଦକ୍ଷେପ ନେଇ ବିପଦକୁ ରୋକିବା ହିଁ ପ୍ରକୃତ ସୁଶାସନ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଶୁଣାଣି ଏହି ଦିଗରେ ଏକ ନୂତନ ଆଶା ସଞ୍ଚାର କରିଛି। ଦେଶର ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଶ୍ରେଣୀଗୃହ, ଗବେଷଣାର ଉପଯୁକ୍ତ ପରିବେଶ ଏବଂ ମର୍ଯ୍ୟାଦାପୂର୍ଣ୍ଣ ଆବାସ ଯୋଗାଇଦେବା କୌଣସି ସରକାରୀ ଦୟା ନୁହେଁ, ବରଂ ଏହା ସେମାନଙ୍କର ସାମ୍ବିଧାନିକ ଅଧିକାର। ସରକାର ଏବେ ଆଗେଇ ଆସି ଏହି ଅଧିକାର ସୁନିଶ୍ଚିତ କରିବା ଜରୁରୀ। ନହେଲେ ପୁଣି ଅଘଟଣକୁ ଏହା ଆମନ୍ତ୍ରଣ ଯେ ନକରିବା, ତାହା କିଏ କହିବ।

ପଶ୍ଚିମ ଓଡ଼ିଶା

ବେଲପଡ଼ା ବିଡିଓ ଅଫିସରେ ଅନୁପସ୍ଥିତ

- ଅଧସ୍ତନ କର୍ମଚାରୀଙ୍କ ମନମୁଖୀ ଯାତାୟାତ
- ହିତାଧିକାରୀ ଓ ଜନସାଧାରଣ ହଇରାଣ
- ବ୍ଲକ୍ କାର୍ଯ୍ୟାଳୟରେ ଶୃଙ୍ଖଳା କୁ ନେଇ ପ୍ରଶ୍ନ ?

ବଲାଙ୍ଗୀର(ଅମୃତ ମିଡିଆ): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡ଼। ବ୍ଲକ୍ କାର୍ଯ୍ୟାଳୟ ରେ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବେଲପଡ଼ା ବିଡିଓ ନିୟମିତ ଭାବେ କାର୍ଯ୍ୟାଳୟ ରେ ଉପଲବ୍ଧ ନ ଥିବାରୁ ଏହାର ପ୍ରଭାବ ଅଧସ୍ତନ ବ୍ଲକ୍ କର୍ମଚାରୀଙ୍କ ଉପସ୍ଥିତି ଓ କାର୍ଯ୍ୟଶୃଙ୍ଖଳା ଉପରେ ମଧ୍ୟ ପଡୁଥିବା ଅଭିଯୋଗ ରହିଛି। ସ୍ଥାନୀୟ ଲୋକ ଙ୍କ କହିବା ଅନୁଯାୟୀ, ପ୍ରାୟତଃ ବିଡିଓ ସକାଳ ସମୟରେ 'ଫିଲ୍ଡ ଭିଜିଟ୍' ନାମରେ କାର୍ଯ୍ୟାଳୟରୁ ଦୂରେଇ ରହୁଥିବା ଏବଂ ପରବର୍ତ୍ତୀ ସମୟରେ ମଧ୍ୟ କାର୍ଯ୍ୟାଳୟକୁ ଆସୁଥିବା ବେଳେ ସମ୍ପୃକ୍ତ ଅଧିକାରୀ କିମ୍ବା କର୍ମଚାରୀ ନ ମିଳିବାରୁ ଖାଲି ହାତରେ ଫେରିବାକୁ ପଡୁଛି। ଏହା ଫଳରେ ଜନସାଧାରଣଙ୍କ ସମୟ ଓ ଅର୍ଥ ଉଭୟ ନଷ୍ଟ ହେଉଥିବା ଅଭିଯୋଗ ହେଉଛି।ଦାଦନ ପ୍ରବଣ ଅଞ୍ଚଳ ଭାବେ ବେଳପଡ଼ା ବ୍ଲକ ବେଶ ଭାବେ ପରିଚିତ । ପୁଣି ଏହି ଅଞ୍ଚଳ ରେ ଦିନ କୁ ଦିନ ପ୍ରଶାସନିକ ଅଧିକାରୀ ମାନେ ଗରିବ ଲୋକଙ୍କ ସମସ୍ୟା ଶୁଣିବା ରେ ବିଫଳ ହେଉଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକ ଙ୍କ କହିବା ଅନୁଯାୟୀ, ପ୍ରାୟତଃ ବିଡିଓ ସକାଳ ସମୟରେ 'ଫିଲ୍ଡ ଭିଜିଟ୍' ନାମରେ କାର୍ଯ୍ୟାଳୟରୁ ଦୂରେଇ ରହୁଥିବା ଏବଂ ପରବର୍ତ୍ତୀ ସମୟରେ ମଧ୍ୟ କାର୍ଯ୍ୟାଳୟରେ ତାଙ୍କ ଉପସ୍ଥିତି ନେଇ ପ୍ରଶ୍ନ ଉଠୁଥିବା ଅଭିଯୋଗ ରହିଛି।କିଛି ଦିନ ପୂର୍ବରୁ ବେଲପଡ଼ା ବ୍ଲକ୍‌ର ମନରେଗା ପ୍ରଶାସନିକ ଖର୍ଚ୍ଚକୁ ନେଇ ଅନିୟମିତତା ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଏହି ଅଭିଯୋଗ ଉପରେ ବଲାଙ୍ଗୀର ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏପରି ସ୍ଥିତିରେ ପୂର୍ବରୁ ଉଠିଥିବା ମନରେଗା ପ୍ରଶାସନିକ ଖର୍ଚ୍ଚ ସମ୍ପର୍କିତ ଅଭିଯୋଗ ସହ ବର୍ତ୍ତମାନ ବ୍ଲକ୍ କାର୍ଯ୍ୟାଳୟର କାର୍ଯ୍ୟଶୃଙ୍ଖଳାକୁ ନେଇ ଉଠୁଥିବା ପ୍ରଶ୍ନ ଉପରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ପଡ଼ିବା ଆବଶ୍ୟକ ବୋଲି ସ୍ଥାନୀୟ ମହଲରେ ଦାବି ହେଉଛି ।ଜନସାଧାରଣଙ୍କ ଦାବି, ଅଭିଯୋଗଗୁଡ଼ିକର ନିରପେକ୍ଷ ଯାଞ୍ଚ କରାଯିବା ସହିତ ବ୍ଲକ୍ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ନିୟମିତ ଉପସ୍ଥିତି ଓ ଜନସେବା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ। ଏଥିସହିତ ପୂର୍ବରୁ ଉଠିଥିବା ମନରେଗା ପ୍ରଶାସନିକ ଖର୍ଚ୍ଚ ଅଭିଯୋଗରେ ଜିଲ୍ଲା ପ୍ରଶାସନ କେବେ ଏବଂ କି ପଦକ୍ଷେପ ନେଉଛି, ତାହା ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି।

ଚୋରି ମାମଲାରେ ପୋଲିସର ବଡ଼ ସଫଳତା

ଜଣେ ଯୁବକ ଗିରଫ, ନାବାଳକ ଅଟକ

- ୩ ପାଣିପମ୍ପ ଓ ୨ ବାଇକ୍ ସମେତ ଚୋରି ସାମଗ୍ରୀ ଜବତ

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ: ଚୋରି ଘଟଣାରେ ଖପ୍ରାଖୋଲ ପୋଲିସକୁ ମିଳିଛି ବଡ଼ ସଫଳତା। ଏକ ଚୋରି ମାମଲାର ତଦନ୍ତ କରି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଥିବାବେଳେ ଜଣେ ନାବାଳକଙ୍କୁ ଅଟକ ରଖିଛି। ସେମାନଙ୍କ ନିକଟରୁ ବିଭିନ୍ନ ଚୋରି ସାମଗ୍ରୀ ସହ ୩ଟି ପାଣି ପମ୍ପ ଏବଂ ୨ଟି ମୋଟରସାଇକେଲ ଜବତ କରାଯାଇଛି। ସୂଚନା ଅନୁସାରେ, ଖପ୍ରାଖୋଲ ଥାନା ଅନ୍ତର୍ଗତ ଧଣ୍ଡାମୁଣ୍ଡା ଗ୍ରାମର ଦେବେନ୍ଦ୍ର ପଧାନ ଗତ ୬ ସେପ୍ଟେମ୍ବର ୨୦୨୬ ତାରିଖରେ ଚୋରି ଘଟଣା ସମ୍ପର୍କରେ ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଖପ୍ରାଖୋଲ ଥାନା କେସ ନଂ-୧୮୩/୨୦୨୬ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଚୋରି ଘଟଣାରେ ମାଲପଡ଼ା ଗ୍ରାମର ଗଜାନନ ଭୁଏ (୨୧) ଏବଂ ଜଣେ ନାବାଳକଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରାଯାଇଥିଲା। ମାମଲାର ପରବର୍ତ୍ତୀ ତଦନ୍ତ ସମୟରେ ବିଏନଏସ ଧାରା ୩୩୧(୪)/୩୦୫/୧୧୧(୨)(ବି)/୧୧୧(୪) ଯୋଡ଼ାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ସେଗୁଡ଼ିକ ମଧ୍ୟରେ ଖପ୍ରାଖୋଲ ଥାନା କେସ ନଂ-୯୧/୨୦୨୪, ୧୮୪/୨୦୨୬ ଓ ୧୮୬/୨୦୨୬, ଲରମ୍ବା ଥାନା କେସ ନଂ-୧୫୪/୨୦୨୬, ପାଟଣାଗଡ଼ ଥାନା କେସ ନଂ-୪୪/୨୦୨୬ ଏବଂ ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା କେସ ନଂ-୪୦୬/୨୦୨୬ ରହିଥିବା ଜଣାପଡ଼ିଛି। ମାମଲାର ତଦନ୍ତ ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତ୍ରଙ୍କ ନେତୃତ୍ୱରେ ଏସଆଇ ଲିଙ୍ଗରାଜ କିଷାନ, ଏଏସଆଇ ରବୀନ୍ଦ୍ର କୁମ୍ଭାର, ଏଏସଆଇ ନାରାୟଣ ସାହୁ, କନଷ୍ଟେବଲ ବାବୁଲାଲ ମଲ୍ଲିକ, କନଷ୍ଟେବଲ ଭୋଳାଶଙ୍କର ବେହେଲିଆ ଏବଂ ହୋମଗାର୍ଡ ଧ୍ରୁବ କୁମ୍ଭାର ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠିତ ହୋଇଥିଲା । ଚୋରି ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ଜବତ ସାମଗ୍ରୀର ଉତ୍ସ ଏବଂ ଅନ୍ୟାନ୍ୟ ଦିଗ ନେଇ ପୋଲିସର ଅଧିକ ତଦନ୍ତ ଜାରି ରହିଛି।

ପାଖେଇଆସୁଛି ପାର୍ବଣ ଋତୁ-ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ କାରିଗର

ବଙ୍ଗୋମୁଣ୍ଡା(ଅମୃତ ମିଡିଆ): ପାଖେଇ ଆସୁଛି ପାର୍ବଣ ଋତୁ। ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ଠାରୁ ପାର୍ବଣ ଋତୁ ଆରମ୍ଭ ହୋଇ କାଳିପୂଜା ଯାଏଁ ଚାଲିଥାଏ।ମୂର୍ତି କାରିଗର ମାନେ ନିଜ କାରିଗର ଶାଳା ରେ ଭଲିକି ଭଲି ଗଣେଶଙ୍କ ମାଟି ମୂର୍ତ୍ତି ତିଆରିରେ ନିମଗ୍ନ ରହିଛନ୍ତି । ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଠାରେ ଚାଲିଛି ମୂର୍ତ୍ତି ନିର୍ମାଣ କାମ । ପାର୍ବଣ ଋତୁ ପାଇଁ ଏବେ ଅନେକ କଳାକାର ପରିବାର ମାନେ ରୋଜଗାର ଆଶାରେ ଧାର କରଜ ଆଣି ମୂର୍ତ୍ତି ତିଆରିରେ ଲାଗିଛନ୍ତି। ଗଣେଶ ପୂଜା ପରେ ବିଶ୍ୱକର୍ମା, ଦୁର୍ଗାପୂଜା, କାଳିପୂଜା ଆଦି ପୂଜା ଆସୁଛି । ବଙ୍ଗୋମୁଣ୍ଡା ଅଞ୍ଚଳ ର ଜଣେ ଖ୍ୟାତନାମା ମୂର୍ତ୍ତି କାରିଗର ସନାତନ ସା ଲାଗି ପଡିଛନ୍ତି ।ଗଣେଶ ଚତୁର୍ଥୀ କୁ ନେଇ ଚଳଚଞ୍ଚଳ ହେଲାଣି ପୂଜା ବଜାର । ଆଉ କିଛି ଦିନ ପରେ ବିଘ୍ନବିନାଶକ ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା । ଏହାକୁ ନେଇ ସହର ଠାରୁ ଗାଁ ପର୍ଯ୍ୟନ୍ତ ଉତ୍ସବର ମାହୋଲ ସୃଷ୍ଟି ହେବାକୁ ଲାଗିଛି । ଗଣେଶ ପୂଜା ପାଇଁ ମୂର୍ତ୍ତି କାରିଗରମାନେ ଦିନରାତି ଏକ କରି ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ରହିଥିବା ବେଳେ, ପୂଜା ସାମଗ୍ରୀ ଓ ସାଜସଜ୍ଜା ସାମଗ୍ରୀ ବ୍ୟବସାୟୀମାନେ ଗ୍ରାହକଙ୍କ ଆଗମନକୁ ଅପେକ୍ଷା କରିଛନ୍ତି । କାରିଗରଙ୍କ ହାତର ସ୍ପର୍ଶରେ ମାଟିର ଗଣେଶ ମୂର୍ତ୍ତି ଧୀରେଧୀରେ ରୂପ ନେଉଛି । କେହି ମୂର୍ତ୍ତିର ଆକାର ଦେଉଛନ୍ତି ତ ଆଉ କେହି ରଙ୍ଗ ଓ ଅଳଙ୍କାରରେ ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ। ଛୋଟ ମୂର୍ତ୍ତିଠାରୁ ଆରମ୍ଭ କରି ବଡ଼ ବଡ଼ ଆକର୍ଷଣୀୟ ମୂର୍ତ୍ତି ପର୍ଯ୍ୟନ୍ତ ତିଆରି ହେଉଛି। ପୂଜା କମିଟି ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୂର୍ତ୍ତି ପାଇଁ ଆଗୁଆ ବରାଦ ମଧ୍ୟ ଦିଆଯାଉଛି । ଅନ୍ୟପଟେ

ପୂଜାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ମଧ୍ୟ ଆଶା ବଢ଼ିଛି । ଫୁଲମାଳ, ପୂଜା ସାମଗ୍ରୀ, ଲାଇଟ୍, ତୋରଣ, ଡେକୋରେସନ୍ ସାମଗ୍ରୀ ଓ ବିଭିନ୍ନ ପ୍ରକାରର ସାଜସଜ୍ଜା ସାମଗ୍ରୀ ଦୋକାନରେ ସଜାଇ ରଖାଯାଉଛି । ପୂଜା ନିକଟତର ହେବା ସହ ଗ୍ରାହକଙ୍କ ଭିଡ଼ ବଢ଼ିବ ଏବଂ ବ୍ୟବସାୟରେ ଭଲ ରୋଜଗାର ହେବ ବୋଲି ବ୍ୟବସାୟୀମାନେ ଆଶାବାଦୀ । ତେବେ ମୂର୍ତ୍ତି ନିର୍ମାଣରେ ପରିବେଶ ସୁରକ୍ଷା ଓ ପ୍ରଶାସନର ନିୟମାବଳୀ ପାଳନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ପରିବେଶ ଅନୁକୂଳ ମାଟିରେ ମୂର୍ତ୍ତି ତିଆରି କରିବା ସହ ପ୍ରାକୃତିକ ରଙ୍ଗ ବ୍ୟବହାର ପାଇଁ ସଚେତନତା ବଢୁଛି । ଗଣେଶ ପୂଜା କେବଳ ଧାର୍ମିକ ଉତ୍ସବ ନୁହେଁ, ଏହା ସ୍ଥାନୀୟ କାରିଗର, ଶିଳ୍ପୀ ଓ ଛୋଟ ବ୍ୟବସାୟୀଙ୍କ ପାଇଁ ରୋଜଗାରର ଏକ ବଡ଼ ସୁଯୋଗ ମଧ୍ୟ ଆଣିଥାଏ । ବ୍ୟବସାୟୀଙ୍କ ଆଖି ରହିଛି ଗ୍ରାହକଙ୍କ ଆଗମନ ଉପରେ । ଗଣେଶ ଚତୁର୍ଥୀ ପାଖେଇ ଆସୁଥିବା ବେଳେ କାରିଗରଙ୍କ ହାତରେ ଗଢ଼ା ହେଉଛନ୍ତି ବିଘ୍ନବିନାଶକ ।

ଜିଲ୍ଲା ସିନିୟର ନକ୍ ଆଉଟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ସେମିଫାଇନାଲରେ ରିଜର୍ଭ ପୋଲିସ ଓ ବିକେସି ୟୁନାଇଟେଡ୍

ବଲାଙ୍ଗୀର(ଅମୃତ ମିଡିଆ) : ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆରଏନ୍ ସିଂଦେଓ ଷ୍ଟୋର୍ଟ୍ସ କମ୍ପ୍ଲେସ ଠାରେ ଦ୍ୱିତୀୟ କ୍ୱାଟର ଫାଇନାଲ ଖେଳରେ ରିଜର୍ଭ ପୋଲିସ ୪-୩ ଗୋଲରେ ଷ୍ଟୋର୍ଟ୍ସ ହଷ୍ଟେଲକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି । ଅତିଥି ଭାବେ ରିଜର୍ଭ ପୋଲିସ ଇନସପେକ୍ଟର ଲୋକନାଥ ଭୋଇ, କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ର, ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ପୂର୍ବତନ ସଦର ବ୍ଲକ

ଚେୟାରମେନ ଗୋଲାପ ବାଗ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା କ୍ରୀଡାବାସ ଫୁଟବଲ କୋଚ ପରାଶର ବାଗ ଓ ପୂର୍ବତନ ଖେଳାଳି ଶ୍ରୀକାନ୍ତ ରାଉତ ଉପସ୍ଥିତ ଥିଲେ। ଖେଳକୁ ସଂଚ୍ଚନ କୁଦେଇ, ବିକି ବିଶି, ମଜୟ ଗିବେଲା ଓ ସୁଦର୍ଶନ ସେଠ ପରିଚାଳନା କରିଥିବା ବେଳେ ଅବଦୁଲ ମୁଜିବ ମ୍ୟାଚ କମିଶନର ଥିଲେ । ସେହିପରି ଗାନ୍ଧୀ ଷ୍ଟାଡିୟମ ଠାରେ ତୃତୀୟ କ୍ୱାଟର ଫାଇନାଲ ଖେଳରେ ବିକେସି ୟୁନାଇଟେଡ ଟ୍ରାଇବ୍ରେକର ୪-୨ ଗୋଲରେ ବିଏନ୍‌ଏଏ ଜରାସିଂହାକୁ ହରାଇ ସେମିଫାଇନାଲ କୁ ଉନ୍ନିତ ହୋଇଛି । ଅତିଥି ଭାବେ ଡିପିଓ ପ୍ରଦୀପ କୁମାର ପାତ୍ର, କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର ଓ ଶିଶିର କୁମାର ବହିଦାର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର ଓ ସଦସ୍ୟ କୈଳାସ ଚନ୍ଦ୍ର କର୍ତ୍ତ ଉପସ୍ଥିତ ଥିଲେ । ଖେଳକୁ ଜିତେନ୍ଦ୍ର ପାତ୍ର, ଅଭିଷେକ ପ୍ରଧାନ, ଶ୍ରବଣ ବାଗ ଓ ପୁରୁଷୋତ୍ତମ କୁଡେକ ପରିଚାଳନା କରିଥିବା ବେଳେ ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଥିଲେ । ଗୁରୁବାର ଆରଏନ୍ ସିଂଦେଓ ଷ୍ଟୋର୍ଟ୍ସ କମ୍ପ୍ଲେସ ଠାରେ ଚତୁର୍ଥ କ୍ୱାଟର ଫାଇନାଲ ଖେଳ ବାଦିବାହାଲ ବନାମ ଗୁଲମି ଏବଂ ଗାନ୍ଧୀ ଷ୍ଟାଡିୟମ ଠାରେ ନକଟାସର ବନାମ ରିଜର୍ଭ ପୋଲିସ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ହେବ ବୋଲି କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି ।

ମହାବଳୀ ଯାତ୍ରା ପାଳନ ନେଇ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର(ଅମୃତ ମିଡିଆ): ସୁବର୍ଣ୍ଣପୁର ର ପ୍ରସିଦ୍ଧ ବଳାଯାତ୍ରା ର ପ୍ରସ୍ତୁତି ବୈଠକ ସୋନପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଡ. ସୋମ୍ୟା ରୂପା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଷ୍ଟଚଣ୍ଡୀ ପୂଜକ ଓ ସେବାୟତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଚଳିତ ବର୍ଷ ଅକ୍ଟୋବର ମାସର ପ୍ରଥମ ସପ୍ତାହରୁ ନବରାତ୍ରି ଓ ଦଶହରା ପର୍ବର ସମାପ୍ତି ପର୍ଯ୍ୟନ୍ତ ମହାବଳୀ ଯାତ୍ରା ପାଳନ କରାଯିବ। ଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଓ ସୁଚାରୁରୂପେ ପାଳନ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ପରସ୍ପର ସମନ୍ୱୟ ରକ୍ଷି ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ଡ. ରଥ ଅନୁରୋଧ କରିଥିଲେ।

ଯାତ୍ରା ସମୟରେ ଆଇନଶୃଙ୍ଖଳା ଓ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଅଧିକ ସଂଖ୍ୟକ ପୁଲିସ ଅଧିକାରୀ ଓ କର୍ମଚାରୀ ମୁତୟନ କରାଯିବା ସହ ମଣ୍ଡପ ନିକଟରେ ମଧ୍ୟ ପର୍ଯ୍ୟାପ୍ତ ପୁଲିସ ବ୍ୟବସ୍ଥା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା।

ବୈଠକରେ ସଂସ୍କୃତି ଅଧିକାରୀଙ୍କୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପାଇଁ ଦୁଇଟି ଟ୍ରୁପ୍ ଦେବା ପାଇଁ କୁହାଯାଇଥିଲା। ସେହିପରି ପୌରପରିଷଦକୁ ଯାତ୍ରା ସମୟରେ ଆବଶ୍ୟକ ସଫେଇ ଓ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଏବଂ ରାସ୍ତା ଓ କୋଠାବାଡ଼ି ବିଭାଗକୁ ଆବଶ୍ୟକ ବ୍ୟାରିକେଡିଂ ବ୍ୟବସ୍ଥା କରିବାକୁ କୁହାଯାଇଥିଲା।

ମହାବଳୀ ଯାତ୍ରାକୁ ସୁନ୍ଦର, ଶୃଙ୍ଖଳିତ ଓ ସ୍ମରଣୀୟ ଭାବେ ପାଳନ କରିବା ପାଇଁ ସମସ୍ତ ସେବାୟତ ଓ ସମ୍ପୃକ୍ତ ବିଭାଗ ଆଗେଇ ଆସି ପୂର୍ଣ୍ଣ ସହଯୋଗ କରିବାକୁ ଡ. ରଥ ଆହ୍ୱାନ କରିଥିଲେ।

ନୃସିଂହନାଥରେ ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ବରଗଡ(ଅମୃତ ମିଡିଆ): ପାଇକମାଳ ଅଞ୍ଚଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ପକ୍ଷରୁ ଆସନ୍ତା ୨୦ ସେପ୍ଟେମ୍ବର ୨୦୨୬, ରବିବାର ନୃସିଂହନାଥଠାରେ ନୂଆଁଖାଇ ଭେଟଘାଟ ଆୟୋଜନ କରାଯିବ। ଏହାକୁ ନେଇ ସେପ୍ଟେମ୍ବର ୭ ତାରିଖରେ ନୃସିଂହନାଥସ୍ଥିତ ବୁଢ଼ାଦେଓ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମହାସଭାର ସଭାପତି ଶ୍ରୀ ଗଜରାଜ ସିଂ ପୁଟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ନୂଆଁଖାଇ ଭେଟଘାଟକୁ ସଫଳ କରିବା ସହିତ ଆୟୋଜନର ବିଭିନ୍ନ ପ୍ରସ୍ତୁତି ଓ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଝାରବନ୍ଧ, ପାଇକମାଳ ଓ ପଦ୍ମପୁର ଅଞ୍ଚଳର ଗୋଣ୍ଡ ସମାଜର ସର୍ବଳ ସଭାପତି, ସମ୍ପାଦକ ଏବଂ ବରିଷ୍ଠ ସଦସ୍ୟମାନେ ଯୋଗଦେଇଥିଲେ। ବୈଠକରେ ଚୈତୁ ସିଂ ଦେଓ, ଭାଗବତିଆ ସିଂ ଦାଉ, ଅମୃତ ବାଗ, ରଞ୍ଜନ ମାଝୀ, ବସନ୍ତ ଧରୁଆ, ଜଗଦେବ ଧରୁଆ, ନରସିଂହ ଧରୁଆ, ଭୋଳାନାଥ ଜଗତ, ଜୟସିଂ ଦାଉ, ଚିତ୍ତରଞ୍ଜନ ପୋରେ, ସମାରୁ ଧରୁଆ, ବୀରେନ୍ଦ୍ର ସିଦାର, ଅଶ୍ୱିନୀ ଧରୁଆ, ଦିଲ୍ଲୀପ ଧରୁଆ, ଦେବାନନ୍ଦ ପୁଟା, ଲୋକନାଥ ଧରୁଆ, କୃଷ୍ଣଚନ୍ଦ୍ର ଧରୁଆ, ରାମେଶ୍ୱର ସିଦାର, ଲକ୍ଷ୍ମଣ ସିଦାର, ପ୍ରେମ ସିଦାର, ନବୀନ ଧରୁଆ ଓ ବିସିକେଶନ ଧରୁଆ ପ୍ରମୁଖ ଯୋଗଦାନ କରିଥିଲେ। ବୈଠକ ଅବସରରେ ରାଜ୍ୟ ସଭାପତି ତଥା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ମାତାଙ୍କ ପରଲୋକ ଯୋଗୁଁ ଗୋଣ୍ଡ ସମାଜ ପକ୍ଷରୁ ଶୋକ ପ୍ରକାଶ କରାଯାଇ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଦୁର୍ଯ୍ୟୋଧନ ପୁଟା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ହାଇଟେକ୍ ସର୍ଭେ ଅଧୀନରେ ତରଭା ତହସିଲରେ ଫର୍ମ-୧୪ ଶୁଣାଣି

ସୁବର୍ଣ୍ଣପୁର(ଅମୃତ ମିଡିଆ): ଆଜି ତରଭା ତହସିଲରେ ହାଇଟେକ୍ ସର୍ଭେ ଅଧୀନରେ ଫର୍ମ-୧୪ ସମ୍ପର୍କିତ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୋନପୁର ଉପଜିଲ୍ଲାପାଳ ଡ ସୋମ୍ୟରୂପା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୁଣାଣିରେ ୫ଟି ଗ୍ରାମ ସମ୍ପର୍କିତ ମୋଟ

୬୦ଟି ମାମଲାର ଶୁଣାଣି କରାଯାଇଥିଲା। ଶୁଣାଣି କାର୍ଯ୍ୟକ୍ରମରେ ସହକାରୀ କଲେକ୍ଟର ଶ୍ରୀ ଅଜିତ କୁମାର ତ୍ରିପାଠୀ ଏବଂ ତରଭା ତହସିଲଦାର ଶ୍ୱେତାଲିନା ମହାନା ଉପସ୍ଥିତ ଥିଲେ। ଏଥିସହ ହାଇଟେକ୍ ସର୍ଭେ ଅମିନ ଶ୍ରୀ ଅଶ୍ୱିନୀ ପୂଜାରୀ ଓ ଶ୍ରୀ ଗୋପାଳ କର ଉପସ୍ଥିତ ରହି ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ। ହାଇଟେକ୍ ସର୍ଭେ ଅଧୀନରେ ବାଘିଆ, ଖୁଣ୍ଟବନ୍ଧ, ଶିବତୁଳା, ପାଣିମୁରା ଓ ଫକୀରମୁଣ୍ଡା ଗ୍ରାମର ମାମଲାଗୁଡ଼ିକର ଶୁଣାଣି କରାଯାଇଥିଲା। ଶୁଣାଣି ସମୟରେ ସମ୍ପୃକ୍ତ ମାମଲାଗୁଡ଼ିକର ତଥ୍ୟ ଓ ପକ୍ଷଭୁକ୍ତ ବ୍ୟକ୍ତିମାନଙ୍କ ମତାମତ ଉପରେ ବିଚାର କରାଯାଇଥିଲା।

ଦୁର୍ଘଟଣା ଆଢୁଆଳରେ ହ

ସମ୍ପାଦକୀୟ...

ଆଇଆର୍‌ଜିସି-ସୁରକ୍ଷା କବଚ

ଇରାନ୍ ଏବଂ ଆଇଆର୍‌ଜିସି ମଧ୍ୟରେ କିଛି ବି ଫରକ୍ ନାହିଁ। ଫରକ୍ ନାହିଁ ଏଇଥିପାଇଁ କୁହାଯାଇପାରେ ଯେ ଇରାନକୁ ସମ୍ପୂର୍ଣ୍ଣରୂପେ ସୁରକ୍ଷା ପ୍ରଦାନ କରୁଥିବା ଇରାନ୍ ଜେନେରାଲ୍ ଆର୍ମି ବ୍ୟତିରେକ ଇରାନରେ ଆଉ ଗୋଟିଏ ସ୍ୱତନ୍ତ୍ର ଆର୍ମି ଗ୍ରୁପ୍ ରହିଛି ଆଇ ଆର୍ ଜି ସି ଯାହାକୁ ଇରାନ୍ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଦାୟିତ୍ୱ। ଇରାନ୍ ର ସାଧାରଣ ସୁରକ୍ଷା ବାହିନୀ ବ୍ୟତୀତ ଦେଶର ସୁରକ୍ଷାରେ ଆଇ ଆର୍ ଜିସିର ମଧ୍ୟ ଗୋଟାଏ ବଡ଼ ଭୂମିକା ରହିଛି। ଆଇଆର୍‌ଜିସିର ମଧ୍ୟ ଅତି ସ୍ୱତନ୍ତ୍ର ଭୂମିକା ରହିଛି। ସେଥିପାଇଁ ତ ଇରାନ୍‌ର ତତ୍କାଳୀନ ସୁପ୍ରିମ୍ ଲିଡର୍ ଆୟାତୋଲ୍ଲା ଅଲ୍ଲୀ ଖାମେନେଇ ଦେଶର ବାହ୍ୟ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଆଇ ଆର୍ ଜିସି କୁ ଦେଇଥିଲେ ସ୍ୱତନ୍ତ୍ର ଦାୟିତ୍ୱ । ୧୯୭୯ ଏପ୍ରିଲ୍ ମାସରେ ଇରାନ୍ ର ତତ୍କାଳୀନ ସର୍ବୋଚ୍ଚ ଶାସକ ଆୟାତୋଲ୍ଲା ରୁହୋଲ୍ଲା ଖାମେନେଇଙ୍କ ଦ୍ୱାରା ସେତେବେଳେ ଯେବେ ଏହି ସଙ୍ଗଠନର ପ୍ରତିଷ୍ଠା ହୋଇଥିଲା, ସଙ୍ଗଠନ ଗଠନ ପଛରେ କିଛି ସ୍ୱତନ୍ତ୍ର ଉଦ୍ଦେଶ୍ୟ ରହିଥିଲା। ଇରାନ୍‌କୁ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବା ପାଇଁ ଯେତିକି ଇରାନ୍‌ର ସାଧାରଣ ପ୍ରଶାସନର ଦାୟିତ୍ୱ ରହିଥିଲା, ସମାନ ଭାବରେ ସେତିକି ଦାୟିତ୍ୱ ଇରାନ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ-ଆଇଆର୍‌ଜିସିର ମଧ୍ୟ ରହିଛି। ଆଇ ଆର୍‌ଜିସି ଇରାନ୍ ଉପରେ ଦେଶର ସୁରକ୍ଷାର ଅତି ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯଇଛି। ପ୍ରତିରକ୍ଷାର ସବୁ ବିଭାଗରେ ଆଇ ଆର୍ ଜି ସି ଅତି ସକ୍ରୀୟ ଭୂମିକା ଗ୍ରହଣ କରିଛି। ତା'ସହିତ ଦେଶର ସାଧାରଣ ସୁରକ୍ଷାବାହିନୀକୁ ସବୁଦୃଷ୍ଟିରୁ ଅତି ଶୃଙ୍ଖଳିତ ଏବଂ ସଶକ୍ତ କରିବାରେ ମଧ୍ୟ ଆଇ ଆର୍ ଜି ସି ତୁଲାଉଛି ଅତି ଗୁରୁଦାୟିତ୍ୱ। ମୋଟାମୋଟି ଭାବେ କହିବାକୁ ଗଲେ ଇରାନ୍ ପାଇଁ ଏକପ୍ରକାର ସୁରକ୍ଷା କବଚ ସାଜିଛି ଆଇ ଆର୍ ଜି ସି ଯେ କି ଦେଶର ଉଭୟ ବାହ୍ୟ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଦିଗରେ ନିଜକୁ ନିୟୋଜିତ କରିଛି ଯାହା ପଛରେ ରହିଛି ଇରାନ୍ ସରକାର। ଏହା ତ ଅତି ସାଧାରଣ କଥା। ସବୁ ଦେଶର ଡିଫେନ୍ସ ଗ୍ରୁପ୍ ପଛରେ ମୂଳତଃ ସରକାର। ଆଗରେ ବି ସରକାର ଏବଂ ପଛରେ ବି ସରକାର। ସବୁଆଡ଼େ ତ ସରକାର। ତେଣୁ ସରକାର ତ ପାୱାରଫୁଲ୍ । ସବୁଜାଗାରେ ଅବା ସବୁ ଦେଶରେ ବି ସେହି ବ୍ୟବସ୍ଥା। ବିଶେଷ କରି ଗଣତନ୍ତ୍ରରେ କେବଳ ସରକାର ହିଁ କ୍ଷମତାଶାଳୀ । ହେଲେ ବିଶ୍ୱର କେତେକ କଟ୍ଟର ଇସଲାମିକ୍ ଦେଶରେ କେବେ କେବେ ସେନା ବି ତା'ର କାରନାମା ଦେଖାଇବାକୁ ପଛାଏ ନାହିଁ। ଆବଶ୍ୟକସ୍ଥଳେ ସେହି ଦେଶର କଟ୍ଟର ସେନାବାହିନୀ ଦେଶର ଶାସନ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ଉଦ୍ୟମ କରିଛି ଏବଂ ସଫଳ ହୋଇଛି । ଏଇ ଯେମିତି ଆମେ ଅତୀତରେ କହିବା ପାକିସ୍ତାନ୍ କଥା ଯେବେ କି ପରବେଜ୍ ମୁସରଫ... ସେ ବି କେବେ ପାକିସ୍ତାନ୍ ଶାସନଭାର ଦାୟିତ୍ୱ କିଛି ସମୟ ପାଇଁ ନିଜ ଆୟତ୍ତ ଭିତରକୁ ନେଇ ଯାଇଥିଲେ। ମୂଳ ସରକାର ବେକାର, ମୂଳ ସରକାର ଲାଚାର ମାନେ ପୂରା ଲାଚାର ଖାଲି ନାମକୁ ମାତ୍ର ମୂଳ ସରକାର। କେବେ କେବେ ଇସଲାମିକ୍ କଟ୍ଟର ସରକାରରେ ଏମିତି ବି ହୁଏ। ଏଇ ଯେମିତି ଏବେ ହେବାକୁ ଯାଉଛି ଇରାନରେ .. ଆଇ ଆର ଜି ସି କ୍ଷେତ୍ରରେ । ଏବେ ଇରାନ୍‌ରେ ସର୍ବୋଚ୍ଚ ଶାସକ ଦେଶର ସେନାବାହିନୀକୁ ଦେବାକୁ ଯାଉଚନ୍ତି ଅଖଣ୍ଡ କ୍ଷମତା ଯାହା ବଳରେ ଇରାନ୍ ସେନା ବହିନୀ ମୁକାବିଲା କରିବ ଆମେରିକାର । ଇରାନ୍‌ର ଆଇଆର୍ ଜିସି ଏବେ ସେହି ଅଖଣ୍ଡ କ୍ଷମତା ବଳରେ ମୁକାବିଲା କରିବ ଆମେରିକାର ଆଡ଼ବାୟା ସୁଲତାନ୍ ମିଷ୍ଟର ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ।

ଧର୍ମ ବିଶ୍ୱାସ ସହ ଆଲୋଚନାତ୍ମକ ଚିନ୍ତନ ଜରୁରୀ

ଗୋପାଳ ମହାପାତ୍ର

ଧର୍ମ ମନୁଷ୍ୟ ଜୀବନରେ କେବଳ ପୂଜା-ପଦ୍ଧତି ବା କର୍ମକାଣ୍ଡର ବିଷୟ ନୁହେଁ। ଏହା ମନୁଷ୍ୟର ବିଶ୍ୱାସ, ସଂସ୍କୃତି, ନୈତିକତା, ପରମ୍ପରା ଏବଂ ଜୀବନ-ଦୃଷ୍ଟି ସହ ଯୋଡି ହୋଇଥିବା ବିଶୟ ଅଟେ। ଧର୍ମଗ୍ରନ୍ଥ ସବୁ କାହିଁ କେତେ ବର୍ଷ ପୂର୍ବରୁ ଲେଖା ହୋଇଥିଲେ ମଧ୍ୟ ସେ ସବୁ ସମାଜକୁ ନୈତିକ ମୂଲ୍ୟ, କର୍ତ୍ତବ୍ୟ, କରୁଣା, ସଂଯମ, ସତ୍ୟ ଏବଂ ପରୋପକାର ର ସନ୍ଦେଶ ଦେଉଛି। ଏହି କାରଣରୁ କୋଟି କୋଟି ଲୋକ ଶ୍ରଦ୍ଧାର ସହ ଧାର୍ମିକ ଗ୍ରନ୍ଥ ପଢିଥାନ୍ତି ଏବଂ ସେଥିରୁ ନିଜର ଜୀବନ ପାଇଁ ପ୍ରେରଣା ନେଇଥାନ୍ତି କିନ୍ତୁ ଶ୍ରଦ୍ଧାର ଅର୍ଥ ଏହା ନୁହେଁ ଯେ କୌଣସି ବି ଧର୍ମଗ୍ରନ୍ଥ (ପୁସ୍ତକ)ରେ ଲିଖିତଥିବା ସମସ୍ତ କଥାକୁ ବିନା ପ୍ରଶ୍ନ କରାଯାଇ, ସନ୍ଦର୍ଭ ବାବଦରେ ନ ବୁଝି ଏବଂ ବିନା ତର୍କରେ ସ୍ୱୀକାର କରାଯିବ। ଆମ ସମାଜରେ ସାଧାରଣତଃ ଏକ ପ୍ରବୃତ୍ତି ଦେଖାଯାଉଛି ଯେ ଯଦି କୌଣସି ଧର୍ମଗ୍ରନ୍ଥର କୌଣସି ପ୍ରସଙ୍ଗ ଉପରେ କେହି ପ୍ରଶ୍ନ ଉଠାଉଛି ସେତେବେଳେ ପ୍ରଶ୍ନର ଉତ୍ତର ବାବଦରେ କେହି କେବେ ଚର୍ଚ୍ଚା କରୁନାହାଁନ୍ତି ବରଂ ପ୍ରଶ୍ନ ଉଠାଇଥିବା ବ୍ୟକ୍ତିକୁ ପାଲଟା ପ୍ରଶ୍ନ କରାଯାଉଛି ଓ ତାଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି। ପ୍ରଶ୍ନ ପଚାରିଥିବା ବ୍ୟକ୍ତିଙ୍କୁ ଧର୍ମ ବିରୋଧି, ପରମ୍ପରା ବିରୋଧି ଏପରିକି ସମାଜ-ବିରୋଧି ବୋଲି କୁହାଯାଉଛି। ଏହା ଦ୍ୱାରା କଠୋରତା ବଢୁଛି। ଯଦି କୌଣସି ପ୍ରଶ୍ନର ଉତ୍ତର ଉପଲବ୍ଧ ତେବେ ଶାନ୍ତି ପୂର୍ବକ ପ୍ରଶ୍ନକର୍ତ୍ତାଙ୍କୁ ବୁଝାଇ ଦିଆଯିବା ଦରକାର। ଯଦି କୌଣସି ପ୍ରସଙ୍ଗ ବା କଥନର ଭିନ୍ନ ଭିନ୍ନ ବ୍ୟାଖ୍ୟା ହୋଇଥାଏ ତେବେ ତା ଉପରେ ଚର୍ଚ୍ଚା କରାଯିବା ଆବଶ୍ୟକ। ଯଦି କୌଣସି ପ୍ରସଙ୍ଗ ଐତିହାସିକ ସନ୍ଦର୍ଭରେ ଥାଏ ତେବେ ତାର ସନ୍ଦର୍ଭକୁ ବୁଝିବା ଓ ବୁଝାଇବା ମଧ୍ୟ ଜରୁରୀ। ଧାର୍ମିକ ଗ୍ରନ୍ଥକୁ ତାର ସମୟ ଏବଂ ପରିସ୍ଥିତିରୁ ଉର୍ଦ୍ଧ୍ୱରେ

ରଖି ପଢ଼ିବା ମଧ୍ୟ ସମସ୍ୟା ସୃଷ୍ଟି କରିପାରେ। ସଂପୃକ୍ତ ଧର୍ମଗ୍ରନ୍ଥ ଯେଉଁ ସମୟରେ ଲେଖା ଯାଇଥିଲା ସେ ସମୟରେ ସମାଜର ସ୍ଥିତି ଓ ଅବସ୍ଥା ଯାହା ଥିଲା ଆଜି ଏବେ ସମାଜ ସେଇ ଅବସ୍ଥାରେ ନାହିଁ। ସେ ସମୟର ସାମାଜିକ ସଂରଚନା, ଶାସନ ବ୍ୟବସ୍ଥା, ଶିକ୍ଷା, ବିଜ୍ଞାନ, ପରିବାର ବ୍ୟବସ୍ଥା ଏବଂ ଆର୍ଥିକ ପରିସ୍ଥିତି ଭିନ୍ନ ଥିଲା। ଏଣୁ ଧର୍ମଗ୍ରନ୍ଥ ମାନଙ୍କର ପ୍ରାଚୀନ କଥନର ଅର୍ଥ ବୁଝିବା ପାଇଁ ତାର ମୂଳ ସନ୍ଦର୍ଭ, ଭାଷା, ପ୍ରତୀକ ଏବଂ ସେ ସମୟର ସାମାଜିକ ପରିସ୍ଥିତିକୁ ମଧ୍ୟ ବୁଝିବା ଆବଶ୍ୟକ। ବର୍ତ୍ତମାନ ସମୟରେ ସେଇ କଥନର ଶାବ୍ଦିକ ବ୍ୟାଖ୍ୟା କରାଗଲେ ଅନେକ ସମୟରେ

ମୂଳ ସନ୍ଦର୍ଭ ପୁରାପୁରି ଭିନ୍ନ ଥିବାଭଳି ଧାରଣା ମଧ୍ୟ ସୃଷ୍ଟି ହୋଇପାରେ। ଏଣୁ ଧାର୍ମିକ ଗ୍ରନ୍ଥ ବା ପୁସ୍ତକର ଅଧ୍ୟୟନ କେବଳ ଶ୍ରଦ୍ଧାରେ ନୁହେଁ ବରଂ ଜ୍ଞାନ, ଇତିହାସ, ଭାଷା ଏବଂ ଦର୍ଶନର ଦୃଷ୍ଟିରେ ହେବା ଆବଶ୍ୟକ। ଶ୍ରଦ୍ଧା ମନୁଷ୍ୟକୁ ପ୍ରେରଣା ଦେଇଥାଏ ଯଦିଓ ତାକୁ ସଠିକ ଅର୍ଥରେ ବୁଝିବାରେ ସହାୟତା କରିଥାଏ। ଉଭୟର ସନ୍ତୁଳନ ସମାଜକୁ ଅଧିକ ପରିପକ୍ୱ କରାଇଥାଏ। ସବୁଠାରୁ ସମ୍ବେଦନଶୀଳ ବିଷୟ ସେତେବେଳେ ସାମନାକୁ ଆସେ ଯେତେବେଳେ କୌଣସି ଧାର୍ମିକ କଥନର ବ୍ୟାଖ୍ୟାର ଆଧାରରେ ସ୍ତ୍ରୀ-ପୁରୁଷ ଅସମାନତା, ଜାତିଗତ ଭେଦଭାବ, ଅସ୍ପୃଶ୍ୟତା, ହିଂସା, ସାମାଜିକ ବହିଷ୍କାର ବା କୌଣସି ବର୍ଗ ପ୍ରତି ଘୃଣାକୁ ଉଚିତ ବୋଲି ମାନିନେବାକୁ ପ୍ରୟାସ କରାଯାଇଥାଏ। ଆଧୁନିକ ଗଣତାନ୍ତ୍ରିକ ସମାଜର ମୂଳଦୁଆ ହେଉଛି ସମାନତା, ସ୍ୱତନ୍ତ୍ରତା, ଗରିମା ଏବଂ ନ୍ୟାୟ। ଏଣୁ କୌଣସି ବି ବ୍ୟାଖ୍ୟା ଯଦି ମନୁଷ୍ୟର ଗରିମା କୁ ହ୍ରାସ କରେ ତେବେ ତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ସମାଜରେ ଧାର୍ମିକ ଶିକ୍ଷାର ଉଦ୍ଦେଶ୍ୟ ବ୍ୟକ୍ତି କ'ଣ ମାନୁଛି ହେବା

ଉଚିତ୍ ନୁହେଁ ବରଂ କାହିଁକି ମାନୁଛି ହେବା ଉଚିତ୍। କେହି ଯଦି ପ୍ରଶ୍ନ କରେ ତେବେ ତାର ବିଶ୍ୱାସ ସମାପ୍ତ ହୋଇଯାଇଛି ବୋଲି ଭାବିବା ପରିବର୍ତ୍ତେ ତାର ବିଚାର ଶକ୍ତି ଗଭୀର ଓ ସେ ଅଧିକ କିଛି ଜାଣିବାକୁ ଚାହୁଁଛି ବୋଲି ଭାବିବା ଉଚିତ୍। ଯେଉଁ ବିଶ୍ୱାସକୁ ପ୍ରଶ୍ନକୁ ନେଇ ଡ଼ରଲାଗେ ସେଇ ବିଶ୍ୱାସ ଦୁର୍ବଳ ହୋଇପାରେ କିନ୍ତୁ ଯେଉଁ ବିଶ୍ୱାସ ପ୍ରଶ୍ନକୁ ସାମନା କରିପାରେ ସେ ବିଶ୍ୱାସ ଅଧିକ ପରିପକ୍ୱ ଏବଂ ମଜଭୁତ ହୋଇଥାଏ। ଆଜିର ଡ଼ିଜିଟାଲ ଯୁଗରେ ଏସବୁ ବିଶୟ ଅଧିକ ମହତ୍ୱପୂର୍ଣ୍ଣ ହୋଇଯାଇଛି। ସାମାଜିକ ଗଣ ମାଧ୍ୟମରେ ଧର୍ମିକ ପୁସ୍ତକ ନାମରେ ଅଧାପନ୍ତରିଆ ଉଦାହରଣ, ତ୍ରୁଟିପୂର୍ଣ୍ଣ ଅନୁବାଦ ଏବଂ ସନ୍ଦର୍ଭରେ ନଥିବା କଥନ ସବୁ ଅଧିକ ଭାବରେ ପ୍ରସାରିତ ହେଉଛି। ଲୋକମାନେ ଅନେକ ସମୟରେ ମୂଳ ଗ୍ରନ୍ଥର କଥନକୁ ନଦେଖି ସାମାଜିକ ଗଣ ମାଧ୍ୟମର ତ୍ରୁଟିପୂର୍ଣ୍ଣ କଥାକୁ ସତ୍ୟବୋଲି ମାନି ନେଉଛନ୍ତି। ଏହି କାରଣରୁ ଧାର୍ମିକ ବିବାଦ ସୃଷ୍ଟି ହେଉଛି ଏବଂ ସାମାଜିକ ବିଦ୍ୱେଷ ବଢୁଛି। ଏଣୁ ମୂଳ ଗ୍ରନ୍ଥ, ଏହାର ସଠିକ ଅନୁବାଦ ଏବଂ ଏହାର ସନ୍ଦର୍ଭକୁ ଦେଖାଯିବା ପରେ ପ୍ରସାରିତ ତଥ୍ୟ ଉପରେ ବିଶ୍ୱାସ ବା ଅବିଶ୍ୱାସ କରାଯିବା ଆବଶ୍ୟକ। ଧାର୍ମିକ ଗ୍ରନ୍ଥର କୌଣସି କଥନ ଉପରେ ପ୍ରଶ୍ନ ଉଠାଇବା ପୂର୍ବରୁ ସେ ବାବଦରେ ପ୍ରମାଣ, ସନ୍ଦର୍ଭ ଏବଂ ତର୍କ ମଧ୍ୟ ଉପସ୍ଥାପନ କରାଯିବା ଜରୁରୀ। କୌଣସି ଧାର୍ମିକ ଗୋଷ୍ଠୀଙ୍କୁ ଅପମାନିତ କରିବା ବା ଧାର୍ମିକ ଭାବନା ଉପରେ ତ୍ରୁଟିପୂର୍ଣ୍ଣ ମନ୍ତବ୍ୟ ଦେବା ଆଲୋଚନାତ୍ମକ ଚିନ୍ତନ ନୁହେଁ। ଏହା କେବଳ ବିବାଦ ସୃଷ୍ଟି

କରିଥାଏ। ସମାଜ ବଦଳୁଛି, ଭାଷା ବଦଳୁଛି ଏବଂ ପ୍ରଶ୍ନ ମଧ୍ୟ ବଦଳୁଛି । ଯଦି କୌଣସି ପୁରୁଣା ବ୍ୟାଖ୍ୟା ଆଜିର ସନ୍ଦର୍ଭରେ ସମସ୍ୟା ସୃଷ୍ଟି କରୁଛି ତେବେ ତା ଉପରେ ପୁନଃ ବିଚାର କରିବା ଧର୍ମର ଅବମାନନା ନୁହେଁ ବରଂ ଏହାର ଜୀବନ୍ତତାର ସଙ୍କେତ ହୋଇପାରେ। ଧାର୍ମିକ ପରମ୍ପରାରେ ଆତ୍ମମନ୍ଥନର ପରମ୍ପରା ରହିଛି। ସାଧୁସନ୍ତ, ଦାର୍ଶନିକ ଏବଂ ସମାଜ ସୁଧାରକମାନେ ସମୟ ସମୟରେ ଅନେକ ପ୍ରଶ୍ନ ଉଠାଇଥାନ୍ତି। ସେମାନେ ସମାଜକୁ ଏକଥା ସୂଚାଇ ଥାନ୍ତି ଯେ ଧର୍ମର ମୂଳ ଉଦ୍ଦେଶ୍ୟ ସମାଜକୁ ଜୋଡିବା, ନୈତିକତାର ଶିକ୍ଷା ଦେବା ଏବଂ ସମାଜ (ମନୁଷ୍ୟ) ଭିତରେ କରୁଣା ଭାବ ସୃଷ୍ଟି କରିବା। ମନୁଷ୍ୟଠାରୁ ଭିନ୍ନ କରିବା ଧର୍ମର ଉଦ୍ଦେଶ୍ୟନୁହେଁ। ଏ ପ୍ରସଙ୍ଗରେ ଏକ ବ୍ୟାପକ ସିଦ୍ଧାନ୍ତ ହେଉଛି ଯେଉଁ କଥା ମାନବତା, କରୁଣା, ସତ୍ୟ, ନ୍ୟାୟ ଏବଂ ସମାନତାକୁ ମଜଭୁତ କରିଥାଏ ତାକୁ ସ୍ୱୀକାର କରିବାରେ ସଙ୍କୋଚ ହେବା ଉଚିତ୍ ନୁହେଁ ଏବଂ ଯାହା ଏସବୁ ମୂଲ୍ୟର ବିରୋଧି ତା ଉପରେ ପ୍ରଶ୍ନ ଉଠାଇବାକୁ ଡ଼ରିବା ମଧ୍ୟ ଉଚିତ ନୁହେଁ। ଏହି ଦୃଷ୍ଟିକୋଣ କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ ପାଇଁ ନୁହେଁ, ସବୁଧର୍ମ ପାଇଁ। ଚୟାନାତ୍ମକ ଆଲୋଚନା ନିରପେକ୍ଷ ନୁହେଁ। ବାସ୍ତବିକ ବୌଦ୍ଧିକ ସ୍ୱତନ୍ତ୍ରତାର ଅର୍ଥ ହେଉଛି ସବୁ ବିଚାରକୁ ସମାନ ତର୍କର ଆଧାରରେ ପରଖାଯାଏ। ଏକଥା ମଧ୍ୟ ବୁଝିବା ଉଚିତ ଯେ ଧାର୍ମିକ ପୁସ୍ତକ କେବଳ ଏକ ଐତିହାସିକ ଦସ୍ତାବିଜ୍ ନୁହେଁ ଏହା କୋଟି କୋଟି ଲୋକଙ୍କ ଭାବନା ସହ ଯୋଡି ହୋଇଛି। ଏଣୁ ଧର୍ମ ବା ଧାର୍ମିକ ଗ୍ରନ୍ଥ ବାବଦରେ ଆଲୋଚନା କଲାବେଳେ ଭାଷାର ସଂଜମତା ଆବଶ୍ୟକ। ଅପମାନଜନକ ଶବ୍ଦ ବିନା କଠୋର ପ୍ରଶ୍ନ ମଧ୍ୟ ପଚରାଯାଇପାରେ। କୌଣସି ବିଚାର ଉପରେ ଅସହମତି ପ୍ରକାଶ କରାଯାଇପାରେ କିନ୍ତୁ ସଂପୃକ୍ତ ବିଚାରକୁ ମାନୁଥିବା ଲୋକଙ୍କୁ ନିଚା ଦେଖାଇବା ଅନୁଚିତ। ଏହା ହେଉଛି ସଭ୍ୟ ସମାଜର ପରିଚୟ। ଧର୍ମ ଏବଂ ଆଲୋଚନାତ୍ମକ ଚିନ୍ତନକୁ ପରସ୍ପର ବିରୋଧି ଭାବିବା ଭୁଲ ଅଟେ। ଆସ୍ଥା ବ୍ୟକ୍ତିର ନିଜସ୍ୱ ବିଶ୍ୱାସ ହୋଇପାରେ କିନ୍ତୁ ଯେତେବେଳେ କୌଣସି ଧାର୍ମିକ ବିଚାରର ବ୍ୟାଖ୍ୟା ସାର୍ବଜନୀକ ଜୀବନ ଆଇନ୍, ଶିକ୍ଷା, ସାମାଜିକ ସମ୍ପର୍କ ଅଥବା ନାଗରିକ ଅଧିକାରକୁ ପ୍ରଭାବିତ କରିଥାଏ ସେତବେଳେ ସେଇ ବିଚାର ଉପରେ ସାର୍ବଜନୀକ ବିମର୍ଷ ସ୍ୱାଭାବିକ ଏବଂ ଆବଶ୍ୟକ ହୋଇଥାଏ। ଗଣତନ୍ତ୍ରରେ କୌଣସି ବିଚାରକୁ ଧାର୍ମିକ ସନ୍ଦର୍ଭରେ ଆଲୋଚନା ମୁକ୍ତ କରାଯାଇ ପାରିବ ନାହିଁ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

ବିଘ୍ନନାଶନ

ଅନୀତା ପଟ୍ଟନାୟକ

'ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ
ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯେଷୁ ସର୍ବଦା'

ପିଲାମାନେ ଚାହିଁଲେ ଗଣେଶ ପୂଜା ଉପଲକ୍ଷେ ମୁଁ ସେମାନଙ୍କୁ କିଛି କୁହେ। ମୁଁ ସେମାନଙ୍କୁ କହିଲି ମୁଁ କହିବା ଅପେକ୍ଷା ତୁମେମାନେ କୁହ। ଗୌରୀ କହିଲା ଗଣେଶଙ୍କର ହାତୀ ମୁଣ୍ଡ ଓ ବକ୍ରତୁଣ୍ଡ ବୁଝାଉଛି ଯେ ପଶୁତ୍ୱ + ମାନବତ୍ୱ ହେଉଛି ଏହି ମଣିଷ। ନନ୍ଦିନୀ କହିଲା ଗଣେଶ ହାତୀର ମୁଣ୍ଡ ଧାରଣ କରିଛନ୍ତି କାରଣ ହାତୀ ବୁଦ୍ଧିମାନ, ସାହାସୀ, ବଳଶାଳୀ, ପଥପ୍ରଦର୍ଶକ, ଯୋଦ୍ଧା ରାଜକୀୟ ଓ ଦଳବଦ୍ଧତାର ପ୍ରତୀକ। ତେଣୁ ମଣିଷ ଜ୍ଞାନ ହେଉଛି ପଶୁତ୍ୱ। ମନୁଷ୍ୟ + ଜ୍ଞାନ = ଗଣେଶ।

ଦେବୀ କହିଲା ଗଣେଶ ଚତୁର୍ଥୀରେ ଗଣେଶଙ୍କର କେତେକ ନାମକୁ ମନନ କରିବା ଉଚିତ। ଯଥା ଗଣେଶ, ଅଗ୍ରପୂଜ୍ୟ, ସୂପକର୍ଣ୍ଣ, ଗଜାନନ, ଲମ୍ବୋଦର, ଶିବନନ୍ଦନ, ପାର୍ବତୀ ନନ୍ଦନ, ଗୌରୀ ନନ୍ଦନ, ମୂଷିକ ବାହନ, ହେରମ୍ବ ଓ ବକ୍ରତୁଣ୍ଡ। ଗଣେଶ ପୂଜା ଦିନ ଗଣେଶ ସୂଚନା ଦିଅନ୍ତି ଯେ ଆମେ ଗୋଟିଏ ସୂର୍ଯ୍ୟଙ୍କୁ ଖୋଲା ଆଖିରେ ଚାହିଁ ପାରିବା ନାହିଁ। ଆଖି ଆପେ ଆପେ ବୁଜି ହୋଇଯିବ। ସେ କୋଟିଏ ସୂର୍ଯ୍ୟର ସମାହାର ଓ ବିରାଟକାୟ। ତାଙ୍କୁ ଦେଖିବା କିପରି ? ଆଖି ବନ୍ଦ କରି ଅନ୍ତର ମଧ୍ୟରେ ଦିବ୍ୟଚକ୍ଷୁ ମାଧ୍ୟମରେ ଗଣେଶଙ୍କର ଦର୍ଶନ କରିହୁଏ।ଉର୍ବୀ କହିଲା ଭଗବାନ ଗଣେଶ ଯେଉଁ ପକ୍ଷପାତିତା କରିଛନ୍ତି ତାହା ମତେ ଭଲ ଲାଗୁନାହିଁ। ଆମକୁ ବିଜ୍ଞାନ ସାର କହୁଥିଲେ। ଖଣିଜ ପଦାର୍ଥରୁ ବୃକ୍ଷଲତା, ଗୁଳ୍ମର ସୃଷ୍ଟି ଓ ସେମାନଙ୍କ ଠାରୁ ପଶୁ ପକ୍ଷୀ ସୃଷ୍ଟି। ଏହାକୁ ଡାରୱିନଙ୍କ ବିବର୍ତ୍ତନବାଦ କୁହାଯାଏ। ମଞ୍ଜିଟିଏ ପୋତିଲେ ସେ ଜଳ, ପବନ, ମାଟିର ସଂସ୍ପର୍ଶରେ ଆସି ଆପେ ଆପେ ବୃକ୍ଷରେ ପରିଣତ ହୁଏ। ବୃକ୍ଷରେ ଆପେ ଆପେ ଫୁଲଫଳ ହୁଏ। ଫଳରେ ମଞ୍ଜି ସୃଷ୍ଟି ହୁଏ। ମଞ୍ଜି ସବୁ ମାଟିରେ ପଡ଼ି ପୁଣି ବୃକ୍ଷରେ ପରିଣତ ହୁଏ। ମଞ୍ଜିକୁ ବୃକ୍ଷରେ ପରିଣତ ହେବା ପାଇଁ ତାର ଚାହିଁବା ବା ନ ଚାହିଁବା ସ୍ୱାଧୀନତା ଦିଆଯାଇ ନାହିଁ। ପଶୁ ମାନଙ୍କୁ ସେହିପରି ବଢ଼ିବାର ସ୍ୱାଧୀନତା ଦିଆଯାଇଛି। ସେମାନେ ଚାହାଁନ୍ତୁ ବା ନ ଚାହାଁନ୍ତୁ କିନ୍ତୁ ମନୁଷ୍ୟକୁ ଏପରି ସ୍ୱାଧୀନତା ଦିଆଯାଇନାହିଁ। ସେ ମାନବରୁ ମାଧବ ହେବା ପାଇଁ ହେଲେ ତାକୁ ଚେଷ୍ଟା କରିବାକୁ ହୁଏ। ସାହାସୀ, ଯୋଦ୍ଧା ହେବାକୁ ହୁଏ। ବୁଦ୍ଧିମାନ ହେବାକୁ ହୁଏ। ଗଣେଶ ପଥପ୍ରଦର୍ଶକ ସାଜନ୍ତି ବଳବଦ୍ଧତାର ପାଠ ପଢ଼ାନ୍ତି। ଏକତ୍ୱ ହିଁ ଦେବତ୍ୱ ଏହା ଶିକ୍ଷା ଦିଅନ୍ତି।

ଜାନକୀ କହିଲା ପ୍ରକୃତରେ ଗଣେଶ ପୂଜା ଧାରାବାହିକ ହେବା ଉଚିତ ନୁହେଁ। ଆମେ ଧରି ନେବା ଉଚିତ ନୁହେଁ ଯେମତେନ ପ୍ରକାରେଣ ଚାନ୍ଦା ଆଦାୟ କରି ମଉଜ ମଜଲିସକରି, ଡିଜେ ବଜାଇ ବିଶୃଙ୍ଖଳ ଆଚରଣ କରି ଗଣେଶଙ୍କୁ ବିସର୍ଜନ କରିଦେଲେ ଗଣେଶ ପୂଜାର ଶେଷ ହୋଇଯାଏ ନାହିଁ। ଆମ ମାନଙ୍କୁ ଚେଷ୍ଟା କରିବାକୁ ହେବ ଅଧ୍ୟବସାୟ କରିବାକୁ ହେବ। ମାନବତ୍ୱରୁ ମାଧବତ୍ୱରେ ପହଞ୍ଚାଇବାକୁ ହେଲେ ସେଥିପାଇଁ ଚେଷ୍ଟା କରିବାକୁ ହେବ କାରଣ ଆମେ ମଞ୍ଜି ନୁହେଁ ବା ପଶୁ ନୁହେଁ। ବାଧ ହୋଇ ମତେ ସମୀକ୍ଷକ ହେବାକୁ ପଡ଼ିଲା ଉର୍ବୀ ଉଠାଇଥିବା ପକ୍ଷପାତିତା ବିଷୟରେ ମତେ ବୁଝାଇବାକୁ ପଡ଼ିଥିଲା। ମୁଁ କହିଲି ଗଣେଶ ଭଗବାନ କୌଣସି ପକ୍ଷପାତିତା କରିନାହାଁନ୍ତି ମଣିଷକୁ ଭଗବାନ ଇଚ୍ଛାଶକ୍ତି ଦେଇଛନ୍ତି ମାନବରୁ ମାଧବରେ ପରିଣତ ହେବ ପାଇଁ। ସେ ଆମ ମଧ୍ୟରେ ବିଦ୍ୟମାନ ରହି ଏପରି ଶକ୍ତିକୁ ପରିଚାଳନା କରିଛନ୍ତି। ଏପରି ଆପେ ଆପେ ହୁଏନା କି ସମୟକ୍ରମେ ହୋଇନଥାଏ ଏଥିପାଇଁ ଦରକାର ହୁଏ ବୁଦ୍ଧି, ସାହାସୀକତା, ଏକତ୍ୱ ଭାବ ଇତ୍ୟାଦି ଇତ୍ୟାଦି। ଜୀବନର ଶେଷ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଯୁଦ୍ଧ କରିବାକୁ ହେବ ଓ ମହାକାୟ ଗଣେଶଙ୍କର ପାଦପଦ୍ମରେ ଲୀନ ହେବାର ଖେଳ ଶେଷ କରିବାକୁ ହେବ।

ଆମେ ତାଙ୍କୁ ପ୍ରାର୍ଥନା କଲେ ଆମର ଆଧ୍ୟାତ୍ମିକ ପଥରେ ଆସୁଥିବା ବିଘ୍ନ ଦୂର ହେବ।

ଅବସର ପ୍ରାପ୍ତ ପ୍ରଧାପିକା,
**ସିଡ଼ିଏ, କଟକ,

ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

ଏରସମା(ଅମୃତ ମିଡିଆ): ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ ସିଆଳି ବେଳାଭୂମିରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ରାଜନେତା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ବୁଧବାର ବିଳମ୍ବିତ ରାତିରେ କେହି ଏହି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଗୁରୁବାର ସକାଳେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ବେଳାଭୂମିରେ ପହଞ୍ଚିବା ପରେ ପ୍ରତିମୂର୍ତ୍ତିଟି ଭଙ୍ଗା ଅବସ୍ଥାରେ ଦେଖିଥିଲେ। ଏହି ଘଟଣା ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସିଆଳି ବେଳାଭୂମି ଭଳି ପର୍ଯ୍ୟଟନସ୍ଥଳୀରେ ଐତିହାସିକ ଓ ସମ୍ମାନନୀୟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତିକୁ ଭଙ୍ଗାଯିବା ଘଟଣାକୁ ନେଇ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିବା ସହ ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ତୁରନ୍ତ ଚିହ୍ନଟ କରି କଠୋର ଆଇନଗତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଘଟଣାର ପ୍ରକୃତ କାରଣ କ'ଣ ଏବଂ କିଏ ଏହି କାଣ୍ଡ ଘଟାଇଛି, ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥା ଓ ରାତ୍ରିକାଳୀନ ପାଟ୍ରୋଲିଂ ବଢ଼ାଇବାକୁ ମଧ୍ୟ ଦାବି ହୋଇଛି।

ମା' ଭଣ୍ଡାର ଘରଣୀ ମନ୍ଦିରରେ ଏନଏସଜି ଟିମ୍

ନବରଙ୍ଗପୁର(ଅମୃତ ମିଡିଆ): ଏନଏସଜି (ଜାତୀୟ ସୁରକ୍ଷା ଗାର୍ଡ) କମାଣ୍ଡୋ ଟିମ୍ ଦେଶର ବିଭିନ୍ନ ପ୍ରମୁଖ ଏବଂ ସମ୍ବେଦନଶୀଳ ମନ୍ଦିରଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ସମୟସମୟରେ ଯାଞ୍ଚ ଏବଂ ସର୍ଭେ କରିଥାନ୍ତି। ନିକଟ ଅତୀତରେ ଏହିପରି କିଛି ପ୍ରମୁଖ ମନ୍ଦିରରେ ଏନଏସଜି ଟିମର ଯାଞ୍ଚ ପ୍ରକ୍ରିୟା ହୋଇଯାଇଛି। ଏହି କ୍ରମରେ ନବରଙ୍ଗପୁର ଜିଲ୍ଲା ଇତିହାସରେ ପ୍ରଥମ ଘଟଣାକ୍ରମେ ଏନ୍‌ଏସ୍‌ଜିର ତିନି ଜଣିଆ ଦଳ ନବରଙ୍ଗପୁର ସହରରେ ଥିବା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାରଘରଣୀ ମନ୍ଦିର ଓ ଉମରକୋଟରେ ଥିବା ମାଁ ପେଣ୍ଡାଣୀଙ୍କ ମନ୍ଦିରର ସୁରକ୍ଷା ଯାଂଚ କରିଥିଲେ। ଜନଗହଳିପୂର୍ଣ୍ଣ ନବରଙ୍ଗପୁର ସହର ମଧ୍ୟରେ ମା ଭଣ୍ଡାରଘରଣୀ ମନ୍ଦିର ଥିବାରୁ କିଭଳି କିଛି ଅଘଟଣ କିମ୍ବା, ଆତଙ୍କବାଦୀ ଆଦି ଆକ୍ରମଣ ସମୟରେ କିଭଳି ସୁରକ୍ଷା ଦେଇ ହେବ ସେ ନେଇ ଯାଂଚ କରିଥିଲେ। ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ କହିଛନ୍ତି, ଏନ୍‌ଏସ୍‌ଜି ଟିମ୍ ନିକଟରେ ଦେଶର ଗୁରତ୍ୱପୂର୍ଣ୍ଣ ମନ୍ଦିର, ମଠ ସହ ବିଭିନ୍ନ ଐତିହ୍ୟ ସମ୍ପର୍ଷ ସ୍ଥାନ ଗୁଡିକର ବ୍ରୁଚିଷ୍ଟ ଥାଏ। ପୂର୍ବରୁ ଉପରଇନ୍ଦ୍ରାବତୀ ପ୍ରକଳ୍ପର ସମ୍ପୃର୍ଣ୍ଣ ବ୍ରୁଚିଷ୍ଟ ଏନ୍‌ଏସ୍‌ଜି ନିକଟରେ ଥିବା ସୂଚନା ମିଳିଛି। ଏହା କୌଣସି ନିର୍ଦ୍ଦିଷ୍ଟ ବିପଦର ସୂଚନା ପାଇଁ ନୁହେଁ, ବରଂ ଏକ ସାଧାରଣ ସୁରକ୍ଷା ଅଡିଟ୍ ପ୍ରକ୍ରିୟା ଥିଲା। ସୁରକ୍ଷା ସର୍ଭେ କରି ସ୍ଥାନୀୟ ପୁଲିସ ସହ ମିଶି ମନ୍ଦିରର ସୁରକ୍ଷା ସ୍ଥିତି ପରଖିବା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ବ୍ରୁଚିଷ୍ଟ ପ୍ରସ୍ତୁତ କରିବେ। ଏହାଦ୍ୱାରା ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣରୁ ମନ୍ଦିର ଏବଂ ଶ୍ରଦ୍ଧାଳୁଙ୍କୁ ରକ୍ଷା କରିବା ସ୍ଥାନୀୟ ପୁଲିସ ଓ ପ୍ରଶାସନ ସହିତ ଜରୁରୀକାଳୀନ ସମୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସହଜ ହେବ।

ଭୋଗରାଇରୁ ୫ ଓରାଂଉଟାନ୍ ଉଦ୍ଧାର, ଏସ୍‌ଟିଏଫ୍‌ର ତନାଘନା

ବାଲେଶ୍ୱର(ଅମୃତ ମିଡିଆ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ରଣକୋଠା ସଂରକ୍ଷିତ ଜଙ୍ଗଲର ବଡ଼ପାହି ନିକଟରୁ ୫ଟି ବିରଳ ଓରାଂଉଟାନ୍ ଉଦ୍ଧାର ହେବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ସ୍ପେସାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଓ ବନ ବିଭାଗ ଅଧିକାରୀମାନେ ଆଜି ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଛନ୍ତି। ଭାରତରେ ଦେଖାଯାଉ ନଥିବା ଏହି ବିରଳ ଜୀବ ଭୋଗରାଇକୁ ଆସିଲେ କେମିତି? ସେମାନଙ୍କୁ କିଏ ଏଠାରେ ଛାଡ଼ିଲା? ଅନ୍ତର୍ଜାତୀୟ ବନ୍ୟଜନ୍ତୁ ଚୋରାଚାଲାଣ ରାକେଟ୍‌ର ଏଥିରେ ସମ୍ପୃକ୍ତି ରହିଛି କି? ସିସିଟିଭି ଫୁଟେଜ୍‌ରେ ଥିବା ଥାର ଗାଡ଼ି କାହାର ଏସବୁ ପ୍ରଶ୍ନର ଉତ୍ତର ଏଯାଏଁ ମିଳିପାରିନି। ଆଜି ଏସ୍‌ଟିଏଫ୍ ଏସ୍‌ପି ସଞ୍ଜୀବ ଶତପଥୀ, ଡିଏସ୍‌ପି ମାନସ କୁମାର ବାରିକ, ଏସିସିଏଫ୍ ରଞ୍ଜନ ତାଲୁଖ, ଜଳେଶ୍ୱର ଏସ୍‌ଡିପିଓ ସୁରେଶ କୁମାର ତ୍ରିପାଠୀ, ଜଳେଶ୍ୱର ରେଞ୍ଜର ଶିଶିର କୁମାର

ବେହେରାଙ୍କ ସହିତ ଏକ ପାଞ୍ଚଜଣିଆ ଟିମ୍ ଓରାଂଉଟାନ୍ ଉଦ୍ଧାର ହୋଇଥିବା ସ୍ଥାନରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ସଂପର୍କରେ ତଦନ୍ତ କରିଥିଲେ। ଏହି ଜୀବମାନଙ୍କୁ ଏଠାରେ ପ୍ରଥମେ ଦେଖିଥିବା କିଛି ପ୍ରତ୍ୟକ୍ଷଦର୍ଶୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ବୟାନ ରେକର୍ଡ କରିଥିଲେ। ଏହାପରେ ପଶ୍ଚିମବଙ୍ଗର ଦୀଘା ଅଞ୍ଚଳକୁ ଯାଇ ଉକ୍ତ ଜଙ୍ଗଲକୁ ସଂଯୋଗ କରିଥିବା ରାସ୍ତାର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ସୋମବାର ରାତି ପ୍ରାୟ ୧୧.୩୪ ମିନିଟ୍ ସମୟରେ ସେହି ରାସ୍ତାରେ ଏକ କଳାରଙ୍ଗର ଥାର ଗାଡ଼ି ଯାଇଥିବା ସିସିଟିଭି ଫୁଟେଜ୍ ମିଳିଛି। ବନ୍ୟଜନ୍ତୁ ଚାଲାଣ ଚ୍ୟାକେଟ୍ ସହ ଉକ୍ତ ଗାଡ଼ିର ସଂପର୍କ ଥିବା ଚର୍ଚ୍ଚା ହେଉଛି। ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଏସ୍‌ଟିଏଫ୍ ଟିମ୍ ଜନ୍ତୁ ଚୋରା ଚାଲାଣର ଏକ ସମ୍ଭାବ୍ୟ ରୁଟ୍‌କୁ ନେଇ ମଧ୍ୟ ତଦନ୍ତ କରୁଛି। ଇଣ୍ଡୋନେସିଆ, ବାଂଲାଦେଶ କିମ୍ବା ମାଲେସିଆରୁ ଏ ଜୀବକୁ ଭାରତକୁ ଅଣାଯାଇଛି। ସମୁଦ୍ର ପଥରେ ଅଣାଯିବା ପରେ ପଶ୍ଚିମବଙ୍ଗର ଦୀଘା ସୀମା ଦେଇ ଓଡ଼ିଶା ରୁଟ୍‌ରେ ସ୍ଥିର ହୋଇଥିବା ଠିକଣାକୁ ସେମାନଙ୍କୁ ନିଆଯାଇ ଥାଇପାରେ ବୋଲି ଅଧିକାରୀ ଜଣକ କହିଛନ୍ତି। ତେବେ ଏହା ସତ ହୋଇଥିଲେ ସାଂଘାତିକ। କାରଣ ଭୋଗରାଇରୁ ଓରାଂଉଟାନ୍ ମିଳିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ସମୁଦ୍ର ପଥରେ ଅନୁପ୍ରବେଶ ଓ ସୀମା ସୁରକ୍ଷା ତା'ଠାରୁ ଅଧିକ ଚିନ୍ତାର ବିଷୟ। ଏ ସମ୍ପର୍କରେ ଡିଏଫ୍‌ଓ ପ୍ରତୀକ ପ୍ରକାଶ ଇନ୍ଦଲକର କହିଛନ୍ତି, ଆମେ ସମସ୍ତ ଦିଗକୁ ଗୁରୁତ୍ୱ ଦେଇ ତଦନ୍ତ ଚଳାଇଛୁ। ହେଲେ ଏଯାଏଁ କିଛି ଠୋସ୍ ପ୍ରମାଣ ମିଳିନି। ସିସିଟିଭି ଫୁଟେଜ୍‌କୁ ନେଇ ମଧ୍ୟ ଖୋଳତାଡ଼ ଚାଲିଛି।

ମଦ୍ୟପାନ କରି ପ୍ରଧାନ ଶିକ୍ଷକ ନିଲମ୍ବିତ

କେନ୍ଦ୍ରାପଡା(ଅମୃତ ମିଡିଆ) : ସ୍କୁଲ ଭିତରେ ମଦ୍ୟପାନ କରି ପ୍ରଧାନ ଶିକ୍ଷକ ନିଲମ୍ବିତ। କେନ୍ଦ୍ରାପଡା ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଆମ୍ବୁରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି। ଖେଳ ଛୁଟିରେ ପ୍ରଧାନ ଶିକ୍ଷକ ସୁନାକର ନାୟକ ଅଫିସ୍ ଭିତରେ ବସି ମଦ୍ୟପାନ କରିଥିଲେ। ପରେ ଭିତରପଟୁ କବାଟ ଦେଇ ଶୋଇପଡ଼ିଥିଲେ। ସେ ସ୍କୁଲର ଜଣେ ମାତ୍ର ଶିକ୍ଷକ ହୋଇ ଥିବାବେଳେ ଖେଳଛୁଟି ପରେ ସ୍କୁଲରେ ପାଠପଢା ବନ୍ଦ ରହିଥିଲା। ମଦ୍ୟପାନ କରିବା ପୂର୍ବରୁ ପ୍ରଧାନ ଶିକ୍ଷକ ସ୍କୁଲର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ପିଲାମାନେ ବାହାରକୁ ଯାଇ କାହାକୁ ଏ ସମ୍ପର୍କରେ ଯେପରି ସୂଚନା ଦେଇନପାରିବେ। ଶେଷରେ ସନ୍ଧ୍ୟା ୫ଟାରେ ଡେରାବିଶ ବିଇଓ ମଦନମୋହନ କର ପହଁଚି ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ପରେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି।

ନୂଆ ଏମ୍‌ଏମ୍‌ଡିଆର ଆଇନ ବିରୋଧରେ ବାମପନ୍ଥୀ ସଂଗଠନ ସମୂହର ବିକ୍ଷୋଭ

ଭଦ୍ରକ (ଅମୃତ ମିଡିଆ): କେନ୍ଦ୍ର ସରକାରଙ୍କ ସଂଶୋଧିତ ଖଣି ଓ ଖଣିଜ ବିକାଶ ଓ ନିୟନ୍ତ୍ରଣ ଆଇନ- ୨୦୨୬ (ଏମ୍‌ଏମ୍‌ଡିଆର)କୁ ତୁରନ୍ତ ପ୍ରତ୍ୟାହାର କରିବା ସହ ୧୦ରୁ ଊର୍ଦ୍ଧ୍ୱ ପ୍ରସଙ୍ଗକୁ ନେଇ ଆଜି (ବୁଧବାର) ବିଭିନ୍ନ ବାମପନ୍ଥୀ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସ୍ ୟୁ ସି ଆଇ (କମ୍ୟୁନିଷ୍ଟ), ସିପିଆଇ (ଏମ୍‌ଏଲ୍), ସିପିଆଇ(ଏମ୍‌ଏଲ୍)ରେଡ ଷ୍ଟାର ଓ ସିପିଆଇ ଏମ୍‌ଏଲ (ଏନ୍‌ଡି) ସଂଗଠନର ଶତାଧିକ କର୍ମୀ ଓ କର୍ମକର୍ତ୍ତା ଏକତ୍ରିତ ହୋଇ ଏକ ପଦଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପଥପ୍ରାନ୍ତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍ ୟୁ ସି ଆଇ (ସି) ଜିଲ୍ଲା କମିଟିର ବରିଷ୍ଠ ସଦସ୍ୟ ରାମ ଚନ୍ଦ୍ର ଶଙ୍ଖୁଆ ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ଏସ୍‌ୟୁସିଆଇ (ସି) ଜିଲ୍ଲା କମିଟିର ତରୁଣ ରମେଶ ନାୟକ, ସିପିଆଇ (ଏମ୍‌ଏଲ) ଜିଲ୍ଲା କମିଟି ସମ୍ପାଦକ ସୁଶାନ୍ତ ଜେନା, ଏସ୍‌ୟୁସିଆଇ (ସି) ଜିଲ୍ଲା କମିଟି ସଭ୍ୟ ପଶୁରାମ ଲେଙ୍କା ଓ ବରିଷ୍ଠ ଆଡ଼ଭୋକେଟ ନରେନ୍ଦ୍ର ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜ୍ୟର ଖଣି ରାଜସ୍ୱ ଓ କର ଆଦାୟର ସାମ୍ବିଧାନିକ ଅଧିକାର ସୁରକ୍ଷା, ଓଡ଼ିଶାରେ ବକେୟା ଖଣି ରାଜସ୍ୱ ଅଧିକାରକୁ ସୁରକ୍ଷା, କ୍ୟାପିଟିଭ ଖଣିଜର ବାଣିଜ୍ୟକ ବିକ୍ରି କରିବା ନୀତିକୁ ରଦ୍ଦ କରିବା, ଖଣି ଅଂଚଳର ବିସ୍ତାର କ୍ଷେତ୍ରରେ ଗ୍ରାମସଭା, ଆଦିବାସୀଙ୍କ ଅଧିକାର, ଜଙ୍ଗଲ ଅଧିକାର ଓ ପରିବେଶ ଆଇନର ସମଗ୍ର ସୁରକ୍ଷା ଆଦିବାସୀ ଓ ସ୍ଥାନୀୟ ଲୋକଙ୍କର ଜମି ଜଙ୍ଗଲ, ଜଳ ଓ ଜୀବିକାର ଅଧିକାରର ସୁରକ୍ଷା ନୂଆ ଖଣି ଖୋଲିବା ଉପରେ ରୋକ ଲଗାଇ ପୂର୍ବରୁ ଖୋଲାଯାଇଥିବା ଖଣି ଗୁଡିକର ସାମାଜିକ ଓ ଆର୍ଥିକ ଓ ପରିବେଶଗତ ସମୀକ୍ଷା କରିବାକୁ ଦାବି କରିଥିଲେ। ଏହି ବିକ୍ଷୋଭ ପ୍ରତିବାଦ ସଭାରେ, ଅନ୍ୟମାନଙ୍କ ମଧ୍ୟରେ ଏସ୍‌ୟୁସିଆଇ (ସି) ର ମଦନ ମହାକୁଡ଼, ହରେକୃଷ୍ଣ ଜେନା, ନଳିନୀ ସାମଲ, ସନ୍ତୋଷ ଜେନା ଓ ସିପିଆଇ(ଏଲ୍)ର ରତ୍ନାକର ବେହେରା, କୁନିଲତା ଜେନା, ଶ୍ରୀମତୀ ବେହେରା, ଜଗା ମୁଣ୍ଡା , ରଜାମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ।

ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ଆଗରେ ଗାଁ ସାଥୀ ସଂଘର ପ୍ରତିବାଦ ସଭା

ଭଦ୍ରକ (ଅମୃତ ମିଡିଆ): ଭଦ୍ରକ ଜିଲ୍ଲା ଗାଁ ସାଥୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା କରିବା ସହ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଗାଁସାଥୀମାନଙ୍କୁ ଅବିଳମ୍ବେ ମାସିକ ଦରମା ଦେବା ପାଇଁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ୨୧ ସେପ୍ଟେମ୍ବରରେ ବିଧାନସଭା ଘେରିବ ସଂଘ ବୋଲି ଚେତାବନୀ ଦେଇଛନ୍ତି। ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ ପ୍ରଦେଶର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ୯ ଦଫା ରାଜ୍ୟ ଦାବି ଓ ୬ ଦଫା ଜିଲ୍ଲାଦାବିକୁ ନେଇ ଶତାଧିକ ଗାଁସାଥୀ (ମେଟ୍) ସଭ୍ୟ ସଭ୍ୟା ଓ ବ୍ଲକ ତଥା ଜିଲ୍ଲା ସଂଗଠକଗଣ ଆଜି ବିକ୍ଷୋଭରେ ଯୋଗ ଦେଇଥିଲେ। ପ୍ରଦାନ କରାଯାଇଥିବା ଦାବିପତ୍ରରେ, ମାସିକ ୧୫ହଜାରରୁ ଊର୍ଦ୍ଧ୍ୱ ପ୍ରୋତ୍ସାହନ, ଫାଙ୍କାଥିବା ଜି.ଆର. ଏସ୍. ପଦବୀରେ ଯୋଗ୍ୟ ଗାଁସାଥୀଙ୍କୁ ସଂରକ୍ଷଣ ଭିତ୍ତିରେ ମୁତୟନ ଜବକାର୍ଡଧାରୀମାନଙ୍କୁ ସେମାନଙ୍କର ଡିମାଣ୍ଡ ଆଧାରରେ ବର୍ଷକୁ ୩୦୦ ଦିନର କାମ ଆଦି ୯ ଦଫା ପ୍ରସଙ୍ଗ ରହିଛି। ଠିକ୍ ସେହିପରି ଜିଲ୍ଲାସ୍ତରରେ ୬ ଦଫା ଦାବି ଯଥା- ଚିଠି ନଂ- ୨୪୫୦୯, ତାରିଖ ୨୯.୦୮.୨୦୨୬କୁ ମାନି କାର୍ଯ୍ୟ କରିବା, ଗାଁସାଥୀଙ୍କ ସଠିକ୍ ଡାଟାବେସକୁ ରାଜ୍ୟକୁ ପଠାଇବା, ଚିଠି ଅନୁସାରେ ଗାଁସାଥୀଙ୍କୁ ସମସ୍ତ ଜିଓଟ୍ୟାଗ୍ କାର୍ଯ୍ୟରେ ଲଗାଇବା, ଗାଁସାଥୀ(ମେଟ୍)ଙ୍କ ବକେୟା ପ୍ରାପ୍ୟ ପ୍ରଦାନ, ପୂର୍ବପରି ଭିବିଜୀ-ରାମଜୀ ଯୋଜନାରେ ଗାଁସାଥୀ (ମେଟ୍)ଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ ଆଦି ଡିମାଣ୍ଡକୁ ପୂରଣ ଲାଗି ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଆଗାମୀ ୧ ସପ୍ତାହ ମଧ୍ୟରେ ସରକାର ସେମାନଙ୍କ ଦାବି ପୂରଣ ନକଲେ ଚଳିତ ସେପ୍ଟେମ୍ବର ୨୧ ତାରିଖ ସକାଳ ୯ ଘଟିକା ସମୟରେ ଓଡ଼ିଶା ବିଧାନସଭା ଆଗରେ ଥିବା ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ଗାଁସାଥୀ (ମେଟ୍) ତାଙ୍କ ପରିବାର ସଦସ୍ୟ/ସଦସ୍ୟା ଓ ଜବକାର୍ଡଧାରୀ ମିଶି ୫୦ ହଜାରରୁ ଅଧିକ ସଂଖ୍ୟାରେ ଏକ ଜୋରଦାର ଆନ୍ଦୋଳନ କରିବା ପାଇଁ ସଂଘ ସ୍ଥିର କରିଛି ବୋଲି ଆଜିର ସଂଗଠକମାନେ ନେ ଗଣମାଧ୍ୟମକୁ ଜଣାଇଛନ୍ତି ।

ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ

ମୈଦଲପୁର(ଅମୃତ ମିଡିଆ): ନବରଙ୍ଗପୁରଜିଲ୍ଲା ଡାବୁଗାଁ ରେଞ୍ଜ ମୈଦଲପୁର ବନାଞ୍ଚଳକୁ ମିଳିଛି ସଫଳତା । ବନଖଣ୍ଡ ଅଧିକାରୀ ଉଦ୍ୟାନ ସୁବୁଦ୍ଧିଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବନ ସଂରକ୍ଷକ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଡାବୁଗାଁ ରେଞ୍ଜ ଓ ମୈଦଲପୁର ବନାଞ୍ଚଳଙ୍କ ମିଳିତ ଚଢ଼ାଉରେ ଶଗୁଆନ କାଠ ଜବତ କରାଯାଇଛି । ଏହାର ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କାର ହେବ ବୋଲି ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି । ବିଶେଷ ସୂତ୍ରରୁ ବନବିଭାଗ ଖବର ପାଇ ଆଜି ସକାଳ ସମୟରେ ବନାଞ୍ଚଳ ଅଧିକାରୀଙ୍କ ଉପସ୍ଥିତିରେ କଞ୍ଜାମାଳ ପଞ୍ଚାୟତ ରୋଡିଗୁଡା ଗ୍ରାମର ଏକ ଜଙ୍ଗଲ ମଧ୍ୟରେ ଚଢ଼ାଉ କରିଥିଲେ । ପଟା କାଟୁଥିବା ସମୟରେ ବନବିଭାଗ ପହଂଚିବା ବେଳେ କାଠ ମାଫିଆ ସେଠାରୁ ଖସି ଯାଇଥିଲେ । କାଠ ଜବତ କରିବା ସହ ମାମଲା ରୁଜୁ କରି ଏଥିରେ କିଏ କିଏ ସମ୍ପୃକ୍ତ ଅଛନ୍ତି ତାହା ଜଣାପଡିବ ବୋଲି ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତ୍ରା କହିଛନ୍ତି । ଏହି ଚଢ଼ାଉରେ ବନପାଳ ବିପିନ କୁମାର ହରିଜନ,ପ୍ରଫୁଲ ମାଝୀ,ଚନ୍ଦ୍ରଦାସ ନାଗ, ବନରକ୍ଷୀ ବସନ୍ତ କୁମାର ନାୟକ, ଉମାଶଙ୍କର ମିଶ୍ର, ସରସ୍ୱତୀ ମେହେର ପ୍ରମୁଖ ସାମିଲ ହୋଇଥିଲେ ।

ଗାଁକୁ ନିଶାମୁକ୍ତ କରିବା ପାଇଁ ଥାନାର ଦ୍ୱାରସ୍ଥ ହେଲେ ମହିଳା

ମହାକାଳପଡ଼ା(ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ଦେଉଳପଡ଼ା ପଞ୍ଚାୟତ ବାଙ୍କୀଛନ୍ଦା ଗ୍ରାମରେ ଦୀର୍ଘବର୍ଷ ଧରି ବେଆଇନ ମଦ ବ୍ୟବସାୟୀମାନେ ଦେଶୀ ବିଦେଶୀ ମଦ କାରବାର କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏହି ଗ୍ରାମର ଦୁଇ ମଦ ବେପାରୀ ମଦ ବିକ୍ରି କରିବା ପରେ ପୁରୁଷମାନେ ଦିନ ରାତି ମଦପାନ କରି ପରିବାର ମଧ୍ୟରେ ବିବାଦ ସୃଷ୍ଟି କରୁଥିବା ମହିଳାମାନେ କହିଛନ୍ତି। ଏ ନେଇ ଗୁରୁବାର ୬୦ରୁ ଅଧିକ ମହିଳା ମହାକାଳପଡ଼ା ଥାନାରେ ପହଞ୍ଚି ନ୍ୟାୟ ପାଇବା ଆଶାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ମହିଳାମାନେ ପହଞ୍ଚିବା ପୂର୍ବରୁ ଆମ ଗ୍ରାମକୁ ନିଶାମୁକ୍ତ କର ନତେତ୍ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ। ମହିଳାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକୁ ନେଇ ନବନିଯୁକ୍ତ ଥାନାଧିକାରିଣୀ ବନ୍ଦନା ପାତ୍ର ଖୁବ୍‌ଶୀଘ୍ର ବେଆଇନ ମଦ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଆଶ୍ୱସ୍ତି ଲାଭ କରି ଘରକୁ ଫେରିଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଥାନାଧିକାରିଣୀ ବନ୍ଦନା ପାତ୍ରଙ୍କ ମତାମତ ନେବାରୁ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଇନ୍ଦ୍ରାବତୀରୁ ବିଦ୍ୟୁତ ଉତ୍ପାଦନ ବଢ଼ିଲା

ନବରଙ୍ଗପୁର(ଅମୃତ ମିଡିଆ): ଗତ ୩ତାରିଖ ଦିନ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ୬୪୦ମିଟର ପହଚିଁବା ପରେ ଗୋଟିଏ ୪ ନମ୍ବର ଗେଟ୍‌କୁ ପ୍ରାୟ ୪୦ ମିନିଟ୍ ପାଇଁ ଟ୍ରାଏଲ୍ ରନ୍‌ରେ ୨ମିଟର ଉଚ୍ଚତାରେ ଖୋଲାଯାଇଥିଲା ୬୪୦.୫ମିଟର ହେଲେ ଇନ୍ଦ୍ରାବତୀର ଦୁଇଟି ଓ

୧୧ ସେପ୍ଟେମ୍ବର ୨୦୨୬

ପଶ୍ଚିମ ଓଡ଼ିଶା

ପୃଷ୍ଠା ୬

ଟିଟିଲାଗଡ଼ରେ ବିରାଟ ଆଦିବାସୀ ରାଲି

ଆଦିବାସୀ ବିରୋଧୀ ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର ପାଇଁ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

ବଲାଙ୍ଗିର (ଅମୃତ ମିଡିଆ) : କେନ୍ଦ୍ର ସରକାରର ଖଣିଜ ସମ୍ପଦ ବିକାଶ ନିୟନ୍ତ୍ରଣ ଆଇନ ୨୦୨୬ (ଏମ୍‌ଏମ୍‌ଡିଆ) ପ୍ରତ୍ୟାହାର ଦାବୀରେ ଟିଟିଲାଗଡ଼ରେ ବିଶାଳ ଆଦିବାସୀ ମେଳି ଅନୁଷ୍ଠିତ ହୋଇଯାଇଛି । ଏହି ଆଇନ ଦ୍ୱାରା ଆଦିବାସୀ ମାନଙ୍କ ଜମି, ଜଙ୍ଗଲ, ଖଣି, ପାଣି, ପାହାଡ़, ପର୍ବତ, ଡଙ୍ଗର, ନଦୀ, ଝରଣା ସବୁ କେନ୍ଦ୍ର ସରକାର ନେଇଯିବ । ଆଦିବାସୀ ସର୍ବହରା ହୋଇଯିବେ । ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା ଓ ଆଦିବାସୀ ପ୍ରତିନିଧିମାନେ ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୫(୪), ୧୬(୪), ୨୧କ, ୩୮, ୩୯, ୪୬ ଓ ୨୪୪, ପଞ୍ଚମ ଅନୁସୂଚୀ, ପେସା ଆଇନ, ୧୯୯୬, ଜଙ୍ଗଲ ଅଧିକାର ଆଇନ, ୨୦୦୬ ଏବଂ ଏସ୍‌ସି/ଏସ୍‌ଟି ଅତ୍ୟାଚାର ନିବାରଣ ଆଇନ, ୧୯୮୯ ଉଲ୍ଲେଖ କରାଯାଇଛି । ଆଦିବାସୀଙ୍କ ଶିକ୍ଷାଗତ, ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ସ୍ୱାର୍ଥର ସୁରକ୍ଷା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ ବୋଲି ସଂଘ ଦର୍ଶାଇଛି । ଏମ୍‌ଏମ୍‌ଡିଆ ଆଇନର ୨୦୨୬ ସଂଶୋଧନକୁ ଆଦିବାସୀ ଓ ରାଜ୍ୟ ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରି ସଂଘ ଏହାର ପ୍ରତ୍ୟାହାର ଓ ପୁନର୍ବିଚାର ଦାବି କରିଛି । ଖଣିଜ ସମ୍ପଦ ଥିବା ଅଞ୍ଚଳରେ ଆଦିବାସୀଙ୍କ ଜମି, ଜଙ୍ଗଲ, ପାହାଡ़, ଡଙ୍ଗର, ଝରଣା ଓ ପାରମ୍ପରିକ ଜୀବିକା ରହିଥିବାରୁ ଖଣିଲିଜ୍ ଓ ଖଣିଜ ଉତ୍ତୋଳନ ସମୟରେ ଗ୍ରାମସଭାର ଅଧିକାର, ପେସା, ଜଙ୍ଗଲ ଅଧିକାର ଆଇନ ଓ ପରିବେଶ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ କରିବାକୁ ଦାବି ହୋଇଛି । ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି କହିଛନ୍ତି “ଆଦିବାସୀଙ୍କ ଜଳ-ଜଙ୍ଗଲ-ଜମି କେବଳ ଆର୍ଥିକ ସମ୍ପଦ ନୁହେଁ; ଏହା ସେମାନଙ୍କ ଜୀବନ, ଜୀବିକା, ପରିଚୟ, ଧର୍ମ, ସଂସ୍କୃତି ଓ ଭବିଷ୍ୟତ ପିଢ଼ିର ଅସ୍ତିତ୍ୱ ସହିତ ଜଡ଼ିତ । ବିକାଶ ନାମରେ ଆଦିବାସୀଙ୍କୁ ନିଜ ଭିଟାମାଟିରୁ ବିସ୍ଥାପିତ କରିବା ଓ ସେମାନଙ୍କ ବୈଧ ଅଧିକାରକୁ ଅଣଦେଖା କରିବା ଗ୍ରହଣୀୟ ନୁହେଁ” । ଖଣିଜ ସମ୍ପଦରୁ ରାଜ୍ୟର ରାଜସ୍ୱ, ରୟାଲ୍ଟି ଓ ଅନ୍ୟାନ୍ୟ ବୈଧ ଆର୍ଥିକ ସ୍ୱାର୍ଥ ମଧ୍ୟ ସୁରକ୍ଷିତ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି । ଆଦିବାସୀଙ୍କ ଜମି ଅଣଆଦିବାସୀଙ୍କୁ ବେଆଇନ ଭାବେ ବିକ୍ରି, ବନ୍ଧକ, ଲିଜ୍ କିମ୍ବା ଚୁକ୍ତି ମାଧ୍ୟମରେ ହସ୍ତାନ୍ତର ଉଦ୍ୟମ ବନ୍ଦ କରିବାକୁ ସଂଘ ଦାବି କରିଛି । ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ़, ପାଟଣାଗଡ़ ଓ ବଲାଙ୍ଗିର ଉପଖଣ୍ଡରେ ୨୦୨୪-୨୫ ଓ ୨୦୨୫-୨୬ ମଧ୍ୟରେ ଦିଆଯାଇଥିବା ଆଦିବାସୀ ଜମି ହସ୍ତାନ୍ତର ଅନୁମତିଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ କରି ଆଇନବିରୋଧୀ ଅନୁମତି ବାତିଲ କରିବାକୁ କୁହାଯାଇଛି । ଏଥିସହ ଜଙ୍ଗଲ ଜମିରେ ପାରମ୍ପରିକ ଭାବେ ଚାଷବାସ କରିଆସୁଥିବା ଯୋଗ୍ୟ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ଜଙ୍ଗଲ ଅଧିକାର ଆଇନ, ୨୦୦୬ ଅନୁଯାୟୀ ଅଧିକାର ସ୍ୱୀକୃତି ଓ ପଟ୍ଟା ପ୍ରଦାନ କରିବାକୁ ଦାବି ହୋଇଛି । ବଲାଙ୍ଗିରରେ ଏସ୍‌ସି/ଏସ୍‌ଟି ଅତ୍ୟାଚାର ନିବାରଣ ଆଇନର ଧାରା ୧୪ ଅନୁଯାୟୀ ସ୍ୱତନ୍ତ୍ର ଅଦାଲତ ନିର୍ମାଣ ପାଇଁ ୨୦୧୫ ମସିହାରୁ ୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବା ନେଇ ସଂଘ ଉଦ୍‌ବେଗ ପ୍ରକାଶ କରିଛି । ୨୦୧୫ ମସିହାରୁ ଚାଲିଆସୁଥିବା ଅନ୍ୱେଷା ଯୋଜନାରେ ଏସ୍‌ଟି ଓ ଏସ୍‌ସି ଛାତ୍ରଛାତ୍ରୀଙ୍କୁ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ପୂର୍ବବତ୍ ଜାରି ରଖିବା ଏବଂ ବନ୍ଦ ହୋଇଥିବା ନୂତନ ନାମଲେଖା ତୁରନ୍ତ ଆରମ୍ଭ କରିବାକୁ ସଂଘ ଦାବି କରିଛି । ଓଡ଼ିଶାର ପଞ୍ଚମ ଅନୁସୂଚିତ ଅଞ୍ଚଳରେ ପେସା ଆଇନର ପ୍ରଭାବୀ କାର୍ଯ୍ୟକାରିତା, ଗ୍ରାମସଭାର ସ୍ୱାୟତ୍ତତା ଓ ନିଷ୍ପତ୍ତି ଗ୍ରହଣ ଅଧିକାର ସୁନିଶ୍ଚିତ କରିବାକୁ ଦାବି ହୋଇଛି । ଆଗାମୀ ୨୦୨୬ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସମ୍ବିଧାନର ଅନୁଚ୍ଛେଦ ୨୪୩ଟି ଓ ପ୍ରଯୁଜ୍ୟ ଆଇନ ଅନୁଯାୟୀ ଆଦିବାସୀଙ୍କ ଜନସଂଖ୍ୟା ଅନୁପାତରେ ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦରେ ଉପଯୁକ୍ତ ସଂରକ୍ଷଣ ସୁନିଶ୍ଚିତ କରିବାକୁ କୁହାଯାଇଛି । ଆଇଟିଡିଏ, ମାଡ଼ା ଓ ଅନ୍ୟାନ୍ୟ ଆଦିବାସୀ ଉନ୍ନୟନ ଅଞ୍ଚଳରେ ସରକାରୀ ନିଯୁକ୍ତି ଓ ପଦୋନ୍ନତିରେ ଆଦିବାସୀ ପ୍ରାର୍ଥୀଙ୍କୁ ପ୍ରଯୁଜ୍ୟ ସଂରକ୍ଷଣ ଓ ଆଇନ ଅନୁଯାୟୀ ଅଗ୍ରାଧିକାର ଦେବାକୁ ଦାବି କରାଯାଇଛି । ଆଦିବାସୀ ଗରିବ ପରିବାରଙ୍କ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟସାମଗ୍ରୀ ଓ ରନ୍ଧନ ଗ୍ୟାସର ଦର ହ୍ରାସ ଏବଂ ବଲାଙ୍ଗିର ଜିଲ୍ଲାରୁ ଦାଦନ ଶ୍ରମିକ ଚାଲାଣ ରୋକିବା ପାଇଁ ବର୍ଷକୁ ୩୦୦ ଦିନ କର୍ମ ନିଯୁକ୍ତି ଯୋଗାଇଦେବାକୁ ସଂଘ ଦାବି କରିଛି । ଏହା ସହିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ପାଠ୍ୟପୁସ୍ତକରେ ଥିବା ତ୍ରୁଟିପୂର୍ଣ୍ଣ ଓ ଭୁଲ ତଥ୍ୟର ବିଶେଷଜ୍ଞଙ୍କ ଦ୍ୱାରା ସମୀକ୍ଷା କରାଇ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଇଦେବାକୁ ଦାବି ହୋଇଛି । ଦାବି ଗୁଡ଼ିକର ସମାଧାନ ନହେଲେ ସଂଘ ପକ୍ଷରୁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ମତ ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗିର ଜିଲ୍ଲା ପରିଷଦ ଉପାଧକ୍ଷା ମିଥିଲା ମାଝୀ, ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘର ଉପସଭାପତି ଭାନୁ ପ୍ରତାପ ସିଂ ମାଝୀ, ବ୍ଲକ ସଭାପତି ମନୋରଞ୍ଜନ ଭୋଇ, ରାଜୀବ କୁଅଁର, ସନ୍ତୋଷ ପୁଟା, ବିକ୍ରମ ଭୋଇ, ଚୌବନ ମାଝୀ, ସାଂଗଠନିକ ସମ୍ପାଦକ ଥବିର ପୂଝାରୀ, ନଗର ସଭାପତି ନିତ୍ୟାନନ୍ଦ ମାଝୀ, ଈଶ୍ୱର ନାଏକ, ଉପସଭାପତି ଘାସିରାମ ମାଝୀ, ସମ୍ପାଦକ ଗିରିଧାରୀ ଭୋଇ, ଜଗଜୀବନ ଭୋଇ ଓ ଧନୀରାମ ଭୋଇଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଓ ଆଦିବାସୀ ପ୍ରତିନିଧି ଉପସ୍ଥିତ ଥିଲେ ।

ନୂଆଁଖାଇ ଅବସରରେ ଅମୃତ ମାତୃପିତୃ ସେବାକାର୍ଯ୍ୟକ୍ରମ

କଳାହାଣ୍ଡି (ଅମୃତ ମିଡ଼ିଆ) : ଧର୍ମଗଡ଼ ବ୍ଲକ ବେହେରା ସ୍ଥିତ ବିକୁ କଲ୍ୟାଣ ମଣ୍ଡପ ଠାରେ ଦଣ୍ଡପାଟ ଯୁବ ସେବା ସଂଗଠନ ଆନୁକୂଲ୍ୟରେ ପବିତ୍ର ଗଣପର୍ବ ନୂଆଖାଇ ଅବସରରେ ‘ଅମୃତ ମାତୃ ପିତୃ ସେବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ, ଦଣ୍ଡପାଟ ପ୍ରତ୍ୟୁସର ଗ୍ରୁପ ଓ କାରୁଣ୍ଡ ସେବା ସଂଗଠନ ସହଯୋଗ କରିଥିଲେ। ସଂଗଠନ ସଂଯୋଜକ ରଜତ ବଂଶଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ସଂପାଦକ ଅବିନାଶ ମୁଣ୍ଡ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ବେହେରା ଗ୍ରାମପଞ୍ଚାୟତ ର ବିଭିନ୍ନ ଗ୍ରାମର ଶତାଧିକ ଅସହାୟ ବୃଦ୍ଧ ବୃଦ୍ଧା, ବିଧବା, ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ନୂତନ ଶାଢ଼ୀ, ଧୋତି, ଗାମୁଛା ପ୍ରଦାନ କରାଯାଇଥିଲା। ବରିଷ୍ଠ ସଦସ୍ୟ କ୍ଷୀରସିନ୍ଧୁ ବାଣୁଆ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ଭୁଜବଳ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ଉପସଭାପତି ଲଳିତ ବାଣୁଆ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ବାରିକ, ସହ ସଂପାଦକ ଶୁଶିଲ ନାଗ, ସଦସ୍ୟ ଭିକାରୀ ଚରଣ ଗୋପାଳ, ହେମାଳ ବିଶି, ରୁପେଶ ନାଏକ ଏବଂ ଦଣ୍ଡପାଟ ପ୍ରତ୍ୟୁସର ଗ୍ରୁପ ର ସମସ୍ତ ସଦସ୍ୟା ପ୍ରମୁଖ ସହଯୋଗ କରିଥିଲେ।

ଜିଲ୍ଲା ଖାଉଟି ଅଦାଲତରେ ବୀମା କମ୍ପାନୀ ଦଣ୍ଡିତ

କଳାହାଣ୍ଡି (ଅମୃତ ମିଡ଼ିଆ) : ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏସ୍‌ଏଫ୍‌ବିୱାଇ)ରେ ବୀମା ମିଳିବା ମାମଲାରେ ଚାଷୀଙ୍କ ସପକ୍ଷରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି କଳାହାଣ୍ଡି ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ (ଖାଉଟି ଅଦାଲତ)। ଫସଲ ବୀମା ବାବଦକୁ ୭୬,୪୨୩, ମାନସିକ ଯନ୍ତ୍ରଣା ଓ ଆର୍ଥିକ ହଇରାଣ ପାଇଁ ୩୦ ହଜାର ଓ ମାମଲା ଖର୍ଚ୍ଚ ବାବଦକୁ ୧୦ ହଜାର ମୋଟ ୧,୧୬,୪୨୩ ଟଙ୍କା ପ୍ରଦାନ କରିବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସଭାପତି ଅଶ୍ୱିନୀ କୁମାର ପାତ୍ର ଓ ସଦସ୍ୟା ଜ୍ୟୋତ୍ସ୍ନା ରାଣୀ ମିଶ୍ରଙ୍କ ମିଳିତ ଖଣ୍ଡପୀଠ ଉପଭୋକ୍ତା ମାମଲା (ନଂ. ୨୪୩/୨୦୨୫)ରେ ଏହି ରାୟ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ସରିଆଁ ଅର୍ଜୁନ ଗାଁର ଘୁଟାଚୀ ଭୋଇ ୨୦୨୩ ଖରିଫରେ ତାଙ୍କ ସ୍ୱାମୀଙ୍କ ନାମରେ ଥିବା ଜମିରେ ଧାନ ଚାଷ କରିଥିଲେ। ଏହି ଧାନ ଫସଲକୁ ପିଏଏନ୍‌?ବିୱାଇ ଅଧୀନରେ ରିଲାଏନ୍ସ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀରେ ବୀମାଭୁକ୍ତ କରିଥିଲେ। ତେବେ ବୀମା ପାଇଁ ଆବଶ୍ୟକ ପ୍ରିମିୟମ ଦେଇ ଆବେଦନ କରିଥିବା ସତ୍ତ୍ୱେ ଫସଲ ନଷ୍ଟ ପରେ ତାଙ୍କୁ ବୀମା ରାଶି ମିଳି ନଥିଲା । ଏ ନେଇ ସେ ଜିଲ୍ଲା ଉପଭୋକ୍ତା ଓ ବିବାଦ ପ୍ରତିକାର ଆୟୋଗରେ ମାମଲା କରିଥିଲେ। ଏହି ମାମଲାରେ ଚାଷୀ ପକ୍ଷରୁ ଦାବି କରାଯାଇଥିଲା ଯେ, ଖରିଫ–୨୦୨୩ରେ ଅଳ୍ପ ବର୍ଷା ଯୋଗୁ ତାଙ୍କ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ମାଧ୍ୟମରେ ମିଳିଥିବା କୃଷି ବିଭାଗର ତଥ୍ୟ ଅନୁସାରେ ସରିଆଁ ଅଞ୍ଚଳରେ ୫୦.୦୭ପ୍ରତିଶତ ଫସଲ କ୍ଷତି ହୋଇଥିବା ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ବୀମା କମ୍ପାନୀ ପକ୍ଷରୁ ଆବେଦନରେ ଆବଶ୍ୟକ ଦଲିଲ ଅପଲୋଡ ହୋଇ ନ ଥିବା ଏବଂ ଅଭିଯୋଗକାରୀଙ୍କ ଜମି ଉପରେ ବୀମାଯୋଗ୍ୟ ସ୍ୱାର୍ଥ ପ୍ରମାଣିତ ହୋଇ ନ ଥିବା ଦର୍ଶାଇ ଦାବି ଖାରଜ କରାଯାଇଥିବା ଯୁକ୍ତି ଦିଆଯାଇଥିଲା । ତେବେ ଆୟୋଗ ରାୟରେ କହିଛନ୍ତି ଯେ, ବୀମା କମ୍ପାନୀ ଚାଷୀଙ୍କ ଆବେଦନ ଗ୍ରହଣ କରି ପ୍ରିମିୟମ ନେବା ପରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ ଖାରଜ କରିବା, ତ୍ରୁଟି ସମ୍ପର୍କରେ ଚାଷୀଙ୍କୁ ଜଣାଇବା ଏବଂ ପ୍ରିମିୟମ ଫେରସ୍ତ କରିବାର ପ୍ରମାଣ ଦେଇପାରିନାହିଁ। ଏହା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ନିର୍ଦ୍ଧାରିତ ପ୍ରକ୍ରିୟା ଉଲଂଘନ ଏବଂ ସେବାରେ ଅବହେଳା ବୋଲି ଆୟୋଗ ମତ ଦେଇଛନ୍ତି। ଏହି ଆଧାରରେ ଆୟୋଗ ଚାଷୀଙ୍କ ସପକ୍ଷରେ ରାୟ ଦେଇ ବୀମା କମ୍ପାନୀକୁ ମୋଟ ୧,୧୬,୪୨୩ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୪୫ ଦିନ ମଧ୍ୟରେ ଅର୍ଥ ପ୍ରଦାନ ନ କଲେ ପ୍ରତିଦିନ ୨୦୦ ଟଙ୍କା ଅତିରିକ୍ତ କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି ।

ଜନ୍ମମାଟି ପରିଦର୍ଶନ କଲେ ନରସିଂହ

ବଲାଙ୍ଗୀର (ଅମୃତ ମିଡିଆ) : ନିଜ ଜନ୍ମ ମାଟି ପ୍ରତି ଗଭୀର ଆବେଗ ଓ ଆତ୍ମୀୟତା ର ନିଆରା ଦୃଶ୍ୟ ଦେଖିବାକୁ ମିଳିଛି ପୁଇଁତଲା ବ୍ଲକ ଅନ୍ତର୍ଗତ ଛତାମଖନା ଗ୍ରାମରେ। ପୂର୍ବତନ ଆଇନମନ୍ତ୍ରୀ ତଥା ବରିଷ୍ଠ ରାଜନେତା ନରସିଂହ ମିଶ୍ର ବୁଧବାର ସନ୍ଧ୍ୟାରେ ନିଜ ଜନ୍ମ ମାଟି ଛତାମଖନା ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ସମୟ ବିତାଇଛନ୍ତି । ଶ୍ରୀ ମିଶ୍ର ଗ୍ରାମର ବିଭିନ୍ନ ସାହି ବୁଲିବା ସହ ଗ୍ରାମବାସୀ ସୁବିଧା - ଅସୁବିଧା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଛତାମଖନା ଗ୍ରାମର ନାମକରଣ ସହ ଜଡିତ କେଉଁ ଆବାହମାନ କାଳରୁ ଗାଁ ବିଲ ରେ ଥିବା ଦୁଇଟି ଐତିହାସିକ ପ୍ରାଚୀନ ପ୍ରସ୍ତର ମଧ୍ୟ ସେ ଦର୍ଶନ କରିଥିଲେ । ଗୋଟିଏ ପଥର ଛତା ଆକୃତିର ହୋଇଥିବା ବେଳେ ଅନ୍ୟଟି ମାଖନ (କଖାରୁ) ଆକୃତି ର ବୋଲି ସ୍ଥାନୀୟ ଲୋକଙ୍କଠାରୁ ଜଣାଯାଏ । ଏହା ପୂର୍ବରୁ ଶ୍ରୀ ମିଶ୍ର ଙ୍କ ପ୍ରଚେଷ୍ଟାରେ ଶୁକତେଲ ନଦୀ ଉପରେ ନିର୍ମିତ ଯୁଧିଷ୍ଠିର ସେତୁ ଓ ଛତାମଖନା ବ୍ୟାରେଜ ପରିଦର୍ଶନ କରି ସେଠାକାର ସ୍ଥିତି ମଧ୍ୟ ପରଖିଥିଲେ । ପରେ ଛତାମଖନା ଗ୍ରାମର ଦଳିତ ବସ୍ତି ପକ୍ଷରୁ ଆୟୋଜିତ ଏକ ଭବ୍ୟ ସ୍ୱାଗତ କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ଯୋଗ ଦେଇଥିଲେ । ବସ୍ତିର ଶତାଧିକ ମହିଳା ଓ ପୁରୁଷ ଜି ଗ୍ରାମର ଏହି ସୁଯୋଗ୍ୟ ସନ୍ତାନକୁ ନିକଟରେ ପାଇ ଆନନ୍ଦ ଓ ଉତ୍ସାହର ସହ ସ୍ୱାଗତ କରିଥିଲେ । ଏହି ଅବସରରେ ବସ୍ତିବାସୀ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କରେ ଶ୍ରୀ ମିଶ୍ରଙ୍କୁ ଅବଗତ କରାଇ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ । ସ୍ୱାଗତ ସଭାରେ ନିଜ ବକ୍ତବ୍ୟରେ ଶ୍ରୀ ମିଶ୍ର କହିଥିଲେ ଯେ, ସମାଜରୁ ଅସ୍ପୃଶ୍ୟତା ଓ ଭେଦଭାବ ଦୂର ନ ହେଲେ ଆଗାମୀ ଦିନରେ ସମାଜିକ ବିଶୃଙ୍ଖଳା ଓ ଅରାଜକତା ସୃଷ୍ଟି ହୋଇପାରେ । ଏହାର କୁପରିଣାମ ଭବିଷ୍ୟତ ପିଢିକୁ ଭୋଗିବାକୁ ପଡିବ। ତେଣୁ ସମସ୍ତେ ଏକଜୁଟ ହୋଇ ଅସ୍ପୃଶ୍ୟତା ଓ ଭେଦଭାବ ର ମୂଳୋତ୍ପାଟନ ପାଇଁ ଉଦ୍ୟମ କରିବା ଆବଶ୍ୟକ । ସମାଜ ପ୍ରଗତି ପାଇଁ ଶିକ୍ଷିତ ଓ ସଂଗଠିତ ହେବା ମଧ୍ୟ ଅତ୍ୟନ୍ତ ଜରୁରୀ ବୋଲି ସେ କହିଥିଲେ। ବସ୍ତିବାସୀଙ୍କ ଅଭିଯୋଗ ଅନୁଯାୟୀ, ପଡାର ବିଭିନ୍ନ ରାସ୍ତା ମରାମତି, ପୋଖରୀ ରେ ଗାଧୁଆ ଚୁଟ ନିର୍ମାଣ, ପଡା ସହ ଗ୍ରାମର ବିଭିନ୍ନ ରାସ୍ତାର ଉନ୍ନତି ଓ ରାସ୍ତା ଆଲୋକୀକରଣ ଭଳି ସମସ୍ୟା ତାଙ୍କ ନଜରକୁ ଆଣିଥିଲେ । ଏ ନେଇ ଶ୍ରୀ ମିଶ୍ର ସଂପୃକ୍ତ ବିଭାଗୀୟ ଅଧିକାରୀ ସହ ଆଲୋଚନା କରି ସମସ୍ୟା ଗୁଡିକର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ଏହା ପରେ ଶ୍ରୀ ମିଶ୍ର ନିଜ ଅନୁଚ୍ଚିଶାଳ ତଥା ବାଲ୍ୟକାଳ କଟିଥିବା ଗ୍ରାମ ର ତଳମୁଣ୍ଡ ଓ ଉପରମୁଣ୍ଡ ରେ ଅବସ୍ଥିତ ନିଜ ପୈତୃକ ଜରାଜୀର୍ଣ୍ଣ ଘର ପରିଦର୍ଶନ କରିଥିଲେ । ସେଠାରେ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ । ଏହି ଅବସରରେ ୧୯୬୦ ଦଶକରେ ଭୂଦାନ ଆନ୍ଦୋଳନ ପୁରୋଧା ବିନୋବା ଭାବେ ଅବସ୍ଥାନ କରିଥିବା ମଧ୍ୟ ଇଂରାଜୀ ବିଦ୍ୟାଳୟ ମଧ୍ୟ ସେ ପରିଦର୍ଶନ କରିଥିଲେ । ନିଜ ବ୍ୟକ୍ତବ୍ୟରେ ଶ୍ରୀ ମିଶ୍ର କହିଥିଲେ ଯେ, ଛତାମଖନା କୁ ଏକ ଆଦର୍ଶ ଓ ବିକଶିତ ଗ୍ରାମରେ ପରିଣତ କରିବା ତାଙ୍କର ପ୍ରୟାସ ସବୁବେଳେ ରହିବ ବୋଲି ଲୋକଙ୍କୁ କଥା ଦେଇଥିଲେ । ସୂଚନାଯୋଗ୍ୟ, ଛତାମଖନା ଗ୍ରାମ ହେଉଛି ସ୍ୱାଧୀନତା ସଂଗ୍ରାମୀ, ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ତଥା ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଯୁଧିଷ୍ଠିର ମିଶ୍ର ଏବଂ ସ୍ୱାଧୀନତା ସଂଗ୍ରାମୀ ଓ ସର୍ବୋଦୟ ନେତା ସ୍ୱର୍ଗତ ସତ୍ୟାନନ୍ଦ ମିଶ୍ରଙ୍କ ମଧ୍ୟ ଜନ୍ମସ୍ଥାନ । ଏହି ପରିଦର୍ଶନ ସମୟରେ ଶ୍ରୀ ମିଶ୍ରଙ୍କ ସହ ବରିଷ୍ଠ କଂଗ୍ରେସ ନେତା ଶୁଭ୍ରାଂଶୁ ଶେଖର ପଣ୍ଡା, ବାସୁ ତ୍ରିପାଠୀ, ଶ୍ରୀହରି ମିଶ୍ର, ରାଧାକାନ୍ତ ମିଶ୍ର, ରାଜେଶ ସିକା, ରାମ ବିଶ୍ୱାଳ, ବିରାଟ ହରପାଲ, ହରି ସିକା, ବେଦବ୍ୟାସ ହରପାଲି, ଧୁବା ଘିବେଲା, ମହାଦେବ ନାଏକ, ହେମନ୍ତ ହରପାଲ, ସୂର୍ଯ୍ୟକାନ୍ତ ବାଗ, ବିରେନ୍ଦ୍ର ହରପାଲ, ଜିତେନ୍ଦ୍ର ହରପାଲ, ଜିତେନ୍ଦ୍ର ନନ୍ଦ, ବିହାରୀ ନନ୍ଦ, ବିଜୁ ହରପାଲ ଙ୍କ ସମେତ ଗାଁର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ନକ୍‌ଟାସର

ବଲାଙ୍ଗୀର (ଅମୃତ ମିଡିଆ) : ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଗାନ୍ଧୀ ଷ୍ଟାଡିୟମ ଠାରେ ପ୍ରଥମ ସେମିଫାଇନାଲ ଖେଳରେ ନକ୍‌ଟାସର ୨-୦ ଗ

ଦୁଧିଆଣି ବନାଞ୍ଚଳରୁ ହାତୀ ଶାବକର ମୃତଦେହ ଉଦ୍ଧାର

ବାରିପଦା(ଅମୃତମିଡିଆ): ନିକଟରେ ଶିମିଳିପାଳରୁ ଆସିଥିବା ଏକ ହାତୀ ଦଳରେ ପୋଖରୀଆ ଜଙ୍ଗଲରେ ଏକ ହାତୀ ଶାବକ ଜନ୍ମ ନେଇଥିଲା । ୧୭ ଦିନର ଏହି ହାତୀ ଶାବକର ମୃତଦେହ ଉଦ୍ଧାର ହୋଇଛି । ମୟୂରଭଞ୍ଜ ଜିଲ୍ଲା, କରଞ୍ଜିଆ ବନଖଣ୍ଡ, ଦୁଧିଆଣି ବନାଞ୍ଚଳର ହାତୀମୁଣ୍ଡି କାକୁ ଜଙ୍ଗଲରେ ଏହି ହାତୀ ଛୁଆର ମୃତଦେହକୁ ବନବିଭାଗ ଉଦ୍ଧାର କରିଛି । ବୁଧବାର ସନ୍ଧ୍ୟାରେ ବନ କର୍ମଚାରୀମାନେ ପେଟ୍ରୋଲିଂ କରୁଥିବା ବେଳେ ହାତୀମାନଙ୍କ ଚିତ୍କାର ଶୁଣିଥିଲେ । ଗୁରୁବାର ସକାଳୁ ଦୁଧିଆଣି ବନାଞ୍ଚଳର ରେସକ୍ୟୁ ଟିମ୍ ଯାଇ ବୁଲି ଦେଖିବା ପରେ ଏହି ହାତୀ ଶାବକର ମୃତଦେହ ଦେଖିବାକୁ ପାଇଥିଲେ । ଶିମିଳିପାଳରୁ ଚାଲି ଆସିଥିବା ହାତୀ ପଲ ମଧ୍ୟରେ ଏହି ୧୭ ଦିନର ହାତୀଶାବକଟି ପୋଖରୀଆ ଜଙ୍ଗଲରେ ଜନ୍ମ ହୋଇଥିଲା । ଘଟଣା ସମ୍ପର୍କ ରେ ଜାଣିବା ପରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁ, ଏସିଏଫ ପ୍ରଭାତ କୁଅଁର, ଓମ ପ୍ରକାଶ ଦାସ, ଦୁଧିଆଣି ବନାଞ୍ଚଳ ଅଧିକାରୀ ମହାବୀର ପ୍ରସାଦ ମୁର୍ମୁ, ଡାଟୋ ଫରେଷ୍ଟର ସୁରମୋହନ ବେହେରା, ଟଙ୍ଗାବିଲା ଫରେଷ୍ଟର ଦୀପ୍ତିରାଣୀ ସେଠୀ ଏବଂ ଅନ୍ୟ ବନ କର୍ମଚାରୀମାନେ ଘଟଣା ସ୍ଥଳକୁ ଯାଇଥିଲେ । ପାଣ୍ଡ ସରପଞ୍ଚ ମିନତି ନାଏକ, ସ୍ଥାନୀୟ ଆରଆଇ ଓ ବନ କର୍ମକର୍ତ୍ତାଙ୍କ ଉପସ୍ଥିତିରେ କରଞ୍ଜିଆରୁ ପଶୁ ଡାକ୍ତର, ଡାକ୍ତର ରଂଜିତ କୁମାର ଦାସ, ଡାକ୍ତର ପ୍ରଦୀପ କୁମାର ସାହୁ, ଯଶିପୁର ପଶୁ ଡାକ୍ତର କୃଷ୍ଣ ଟୁଡୁ ମୃତ ହାତୀ ଶାବକର ଶବ ବ୍ୟବଚ୍ଛେଦ କରିଥିଲେ । ତେବେ ଏହି ହାତୀ ଶବକଟି ନିକଟସ୍ଥ ଏକ ପୋଖରୀରେ ପଡିଯାଇଥିଲା ଏବଂ ମା' ହାତୀ ଓ ଅନ୍ୟ ହାତୀମାନେ ହାତୀ ଛୁଆକୁ ଉଦ୍ଧାର କରି କାନ୍ଦୁ ଜଙ୍ଗଲ ପର୍ଯ୍ୟନ୍ତ ନେଇଯାଇଥିଲେ ବୋଲି କୁହାଯାଉଛି । ଘଟଣାର ଅଧିକ ତଦନ୍ତ ଚାଲିଥିବାର ବନାଞ୍ଚଳ ଅଧିକାରୀ ମହାବୀର ମୁର୍ମୁ ପ୍ରକାଶ କରିଛନ୍ତି ।

ଅନୀଲ ମୁନିଙ୍କ ଅକାଳ ବିୟୋଗ

ବାରିପଦା /କରଞ୍ଜିଆ(ଅମୃତମିଡିଆ): ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ସ୍ଥପୟିତା ଆଦି ମୁନିଶ୍ୱର ଯୋଗେଶ୍ୱର ଶିବକୁମାର ଶାସ୍ତ୍ରୀଙ୍କ ପଟ୍ଟଶିଷ୍ୟ ଯୋଗାଚାର୍ଯ୍ୟ ମଧୁସୂଦନ ମୁନିଙ୍କ କନିଷ୍ଠ ନାତି ଅନିଲ ମୁନିଙ୍କର ଆଜି ସକାଳ ୫ଟା ବେଳେ ସୁକ୍ଷ୍ମଲୋକକୁ ଚାଲି ଯାଇଛନ୍ତି । ସେ ମୁନିସମାଜ, ଯୋଗ, ପ୍ରାଣାୟାମ ଆଦିର ପ୍ରଚାର ପାଇଁ ଜୀବନକୁ ଉତ୍ସର୍ଗ କରିଥିଲେ । କରଞ୍ଜିଆର ଅଂକୁରା ମୁନି ଆଶ୍ରମର ସେ ନିୟମିତ ସତ୍‌ସଙ୍ଗୀ ଥିଲେ ଓ ତାଙ୍କ ଲେଖା ଅଂକୁର ପତ୍ରିକାରେ ନିୟମିତ ପ୍ରକାଶ ପାଉଥିଲା । ଶିବମୁନିଙ୍କ ପ୍ରତିଷ୍ଠିତ ଜ୍ଞାନଶକ୍ତି ହିନ୍ଦୀ ପତ୍ରିକାରେ ବି ତାଙ୍କ ଲେଖା ବରାବର ପ୍ରକାଶ ପାଇଛି । ଅନିଲ ମୁନି ଜଣେ ମେଳାପା ଓ ସମାଜସେବୀ ଥିଲେ । ତାଙ୍କ ମୃତ୍ୟୁ ଖବର ସମଗ୍ର ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ଦୁଃଖର କଥାଯେ, ମୁନିଜଗତର ତୁଂଗ ଯୋଗୀ ମଧୁସୂଦନ ମୁନିଙ୍କ କୋଣସି ନାତି ଜୀବିତ ରହିଲେ ନାହିଁ ।

ରେଳ ମହାପ୍ରବନ୍ଧକଙ୍କୁ ଭେଟିଲେ ପୂର୍ବତନ ସାଂସଦ ଇଂ. ରାମଚନ୍ଦ୍ର ହାଁସଦା

ମୟୂରଭଞ୍ଜର ବିଭିନ୍ନ ରେଳ ସମସ୍ୟା ନେଇ କଲେ ଆଲୋଚନା

ବାରିପଦା(ଅମୃତମିଡିଆ): ନୂତନ ଭାବେ କଂଗ୍ରେସ ଦଳରେ ଯୋଗ ଦେଇଥିବା ମୟୂରଭଞ୍ଜର ପୂର୍ବତନ ସାଂସଦ ଇଂ. ରାମଚନ୍ଦ୍ର ହାଁସଦା ଓ ଜିଲ୍ଲା କଂଗ୍ରେସ ଉପସଭାପତି ଶିବାନନ୍ଦ ଦାସ କଲିକତା ସ୍ଥିତ ଦକ୍ଷିଣ-ପୂର୍ବ ରେଳ ଜୋନର ମୁଖ୍ୟାଳୟ ଗାର୍ଡେନ ରିଚ୍‌ଠାରେ ମହାପ୍ରବନ୍ଧକ ଅନିଲ କୁମାର ଜୈନଙ୍କୁ ଭେଟି ମୟୂରଭଞ୍ଜ ଜିଲ୍ଲାରେ ରେଳ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଡିସେମ୍ବର ୨୦୨୪ ରେ ମହାମହିମ ରାଷ୍ଟ୍ରପତି ଉଦଘାଟନ କରିଥିବା ୩ ଟି ରେଳପ୍ରକଳ୍ପ ମଧ୍ୟରୁ ବାଙ୍ଗିରିପୋଷି - ଗୋରୁମାହିଷାଣୀ ପ୍ରକଳ୍ପର ଦୂରତ୍ୱକୁ ୪୨କି.ମି ରୁ ୮୫.୬ କି.ମି କରାଯାଇଥିବା ଓ ଏହା ଶିମିଳିପାଳ ଜାତୀୟ ଉଦ୍ୟାନକୁ ପ୍ରଭାବିତ କରିଥିବା ଅଂଚଳ ଦେଇ ଯାଉଥିବାରୁ ଅତୀତରେ ଏନେଇ ପୂର୍ବତନ ସାଂସଦ ରେଳ ବିଭାଗରେ ଅଭିଯୋଗ କରିଥିଲେ । ଫଳରେ ଏବେ ଏହାର ତିନୋଟି ବିକଳ୍ପ ରାସ୍ତା ଦେଇ ଯିବାର ପ୍ରସ୍ତାବ ମହାପ୍ରବନ୍ଧକଙ୍କ ଅଫିସରୁ ରେଲୱେ ବୋର୍ଡକୁ ପଠା ଯାଇଛି । କେନ୍ଦ୍ର ସରକାର ଏହା ଉପରେ ବୃତାନ୍ତ ନିଷ୍ପତି ନେଲା ପରେ ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ମହାପ୍ରବନ୍ଧକ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଆଲୋଚନା ବେଳେ ପୂର୍ବତନ ସାଂସଦ ଶ୍ରୀ ହାଁସଦା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ଉପୁଜୁଥିବା ସମସ୍ୟାକୁ ଦୂର କରିବାରେ ସହଯୋଗ କରିବେ ବୋଲି ଆଶ୍ୱାସନା ଦେଇଥିଲେ । ସେହିପରି ଅଗଷ୍ଟ ମାସର ବର୍ଷାରେ ସୁନଗଡିଆ ଠାରେ ରେଳ ଲାଇନ ଧୋଇ ଯିବାରୁ ମରାମତି କାର୍ଯ୍ୟ ପାଇଁ ବହୁତ ଦିନ ଧରି ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସ ସମେତ ମେମୁ ଟ୍ରେନଗୁଡିକ ସ୍ଥଗିତ ରହିଥିଲା । ଏହି ଅସୁବିଧା ଦୂର କରିବା ପାଇଁ ବାରିପଦା ଠାରେ ଏକ ଲୁପ୍ ଲାଇନ ତିଆରି କରିବା ପାଇଁ ମଧ୍ୟ ତାଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା । ସେହିପରି ବାଲେଶ୍ୱର ଷ୍ଟେସନରୁ ଦେଶର ବିଭିନ୍ନ ପ୍ରାନ୍ତକୁ ଯାଉଥିବା ମୟୂରଭଞ୍ଜ ଲୋକଙ୍କ ସୁବିଧା ପାଇଁ କେବଳ ରୂପସା ପର୍ଯ୍ୟନ୍ତ ଯାଉଥିବା ଦୁଇଟି ମେମୁ ଟ୍ରେନ (ଟ୍ରେନ ନଂ -୬୮୧୭୬ ଓ ଟ୍ରେନ ନଂ ୬୮୧୮୪)କୁ ବାଲେଶ୍ୱର ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିବା ପାଇଁ ଶ୍ରୀ ହାଁସଦା ଦାବି ରଖିଛନ୍ତି ।

ଏମ୍‌କେସିଜି ମେଡିକାଲ କଲେଜର ନିଖୋଜ ଛାତ୍ର ତିରିଂରୁ ଉଦ୍ଧାର

ବାରିପଦା(ଅମୃତମିଡିଆ): ଏମକେସିଜି ମେଡିକାଲକଲେଜରୁ ନିଖୋଜ ଥିବା ଛାତ୍ରକୁ ମୟୂରଭଞ୍ଜ ଜିଲା,ତିରିଂ ପୋଲିସ ଉଦ୍ଧାର କରି ଥିବାର ଜଣାଯାଇଛି । ଛାତ୍ର ଜଣକ ଯାଜପୁର ଜିଲା କୁଆଖିଆ ଥାନା ଅଂଚଳର ସାଗର ସାହୁ ବୋଲି ଜଣାଯାଇଛି । ଏନେଇ କୁଆଖିଆ ପୋଲିସକୁ ଜଣାଇବା ପରେ ଏକ ପୋଲିସ ଟିମ ତିରିଂ ଅଭିମୁଖେ ଆସିଥିବାର ଜଣାପଡିଛି । ଛାତ୍ର ଜଣକ ଗତ ୩୧ ତାରିଖରୁ ନିଖୋଜ ଥିଲେ । ମଙ୍ଗଳବାର ଦିନ ଝାଡଖଣ୍ଡ ରାଜ୍ୟରୁ ଆସୁଥିବା ଏକ ବସରେ ଛାତ୍ର ଜଣକ କଣ୍ଡକ୍ଟରଙ୍କ ମୋବାଇଲରୁ ଘର ଲୋକଙ୍କୁ ଫୋନ କରିଥିଲେ । ଘର ଲୋକେ କୁଆଖିଆ ପୋଲିସକୁ ସୂଚନା ଦେବା ପରେ ତିରିଂ ପୋଲିସ ପହଂଚି ବସରୁ ଛାତ୍ରଜଣକଙ୍କୁ ଉଦ୍ଧାର କରିଛି । ତେବେ ଛାତ୍ର ଜଣକ ଦୀର୍ଘ ୮ଦିନ ଧରି କେଉଁଠାରେ ଥିଲେ ଓ ସେ କିପରି ଏଠାରେ ପହଂଚିଲେ, ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି ।

ବାରିପଦା ପୌରପାଳିକାରେ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ

କାର୍ଯ୍ୟାଦେଶ ରଦ୍ଦ କରି ପୁନଃ ଟେଣ୍ଡର ପାଇଁ ଠିକାଦାରଙ୍କ ଦାବି

ବାରିପଦା(ଅମୃତମିଡିଆ): ବାରିପଦା ପୌରପାଳିକା ଅଧୀନରେ ବିଭିନ୍ନ ଉନ୍ନୟନମୂଳକ ନିର୍ମାଣ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ପାତରଅନ୍ତର କରାଯାଇଥିବା ନେଇ ସ୍ଥାନୀୟ ଠିକାଦାର ମାନଙ୍କ ପକ୍ଷରୁ ଲିଖିତ ଅଭିଯୋଗ ଜିଲ୍ଲା ପାଳଙ୍କ ଠାରେ ଦାୟର କରାଯାଇଛି । ଅଭିଯୋଗ ଅନୁଯାୟୀ, ଗତ ତା ୧୮/୦୮/୨୦୨୬ ତାରିଖରେ ବିଜ୍ଞପ୍ତି ସଂଖ୍ୟା ୧୩୭୦ ଜରିଆରେ ପୌର ପ୍ରଶାସନ ପକ୍ଷରୁ ଏକାଧିକ ଉନ୍ନୟନ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏହି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଠିକାଦାର ମାନେ ଯଥାରୀତି କାଗଜପତ୍ର ଦାଖଲ କରିଥିଲେ ହେଁ, ନିର୍ଦ୍ଧାରିତ ନିୟମାବଳୀକୁ ଉଲ୍ଲଂଘନ କରି କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଅନ୍ୟାୟ ଭାବେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ବିଶେଷ କରି ୧୫ ନମ୍ବର ୱାର୍ଡର ପାଇଲଟ ସାହି ସ୍କୁଲ ନିକଟସ୍ଥ ସନତ ଜେନାଙ୍କ ଘରଠାରୁ ଗୋପାନାଥ ଗିରିଙ୍କ ଘର ପର୍ଯ୍ୟନ୍ତ ଗାର୍ଡ ୱାଲ ସହ ସିସି ରୋଡ ନିର୍ମାଣ, ୨୬ ନମ୍ବର ୱାର୍ଡର ତପନ ବାବୁଙ୍କ ଘରଠାରୁ ଅରୁଣ କୁମାର ମିଶ୍ରଙ୍କ ଘର ପର୍ଯ୍ୟନ୍ତ ଗାର୍ଡୱାଲ ନିର୍ମାଣ ଏବଂ ୯ ନମ୍ବର ୱାର୍ଡର ସ୍ମାର୍ଟ ପାର୍କ ଭିତରେ କମ୍ପାଉଣ୍ଡ ୱାଲ ନିର୍ମାଣ କାର୍ଯ୍ୟ ପାଇଁ ଦକଯାଇଥିବା ଟେଣ୍ଡରରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ନାହିଁ ବୋଲି ଦର୍ଶାଯାଇଛି । ଏହି ସମସ୍ତ କାର୍ଯ୍ୟରେ ଯୋଗ୍ୟ ବିବେଚିତ ଅନ୍ୟାନ୍ୟ ଠିକାଦାର ମାନଙ୍କ ଆବେଦନକୁ କୌଣସି ଯଥାର୍ଥ କାରଣ ନଦର୍ଶାଇ ପ୍ରତ୍ୟାଖ୍ୟାନ କରାଯାଇଛି

ଏବଂ ମାତ୍ର କେତେଜଣ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଟେଣ୍ଡର ପ୍ରକ୍ରିୟାର ଖୋଲାଖୋଲି ଉଲ୍ଲଂଘନ କରାଯାଇଛି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି । ପୌରପାଳିକାର ଚେୟାରମ୍ୟାନଙ୍କ ନିର୍ଦ୍ଦେଶରେ ଏହି ଟେଣ୍ଡର ପ୍ରକ୍ରିୟା ପରିଚାଳିତ ହୋଇଥିବା ବେଳେ ଟେଣ୍ଡର କମିଟିର ମୁଖ୍ୟ ତଥା ନିର୍ବାହୀ ଅଧିକାରୀ, ପୌରଯନ୍ତ୍ରୀ, ତହସିଲଦାର ଏବଂ ସହକାରୀ ଜିଏସଟି କମିଶନରଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସ୍ଥାନୀୟ ଠିକାଦାର ପ୍ରଦୀପ କୁମାର ମହାନ୍ତ, ଜୟନ୍ତ ଲେଙ୍କା, ଅଭିଷେକ ମଣ୍ଡଳ, ପ୍ରସନ୍ନ କୁମାର ବେହେରା, ରାଜେନ୍ଦ୍ର ପ୍ରଧାନ ଏବଂ ଅମର କୁମାର ପଟ୍ଟନାୟକ ପ୍ରମୁଖ ଏହି ବେଆଇନ କାର୍ଯ୍ୟାଦେଶକୁ ତୁରନ୍ତ ବାତିଲ କରିବା ସହିତ ସରକାରୀ ନିୟମାନୁଯାୟୀ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପୁନଃ ଟେଣ୍ଡର ପ୍ରକ୍ରିୟା ସମ୍ପାଦନ କରିବାକୁ ଜୋରଦାର ଦାବି ଜଣାଇଛନ୍ତି । ଏବାବଦରେ ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଆଜିର ଟେଣ୍ଡର ପ୍ରକ୍ରିୟାରେ ସେ ଉପସ୍ଥିତ ନଥିଲେ ଏଣୁ ଏହାକୁ ବାତିଲ କରାଯାଇଥିବା ଏବଂ ଏନେଇ ପୁନଃ ଟେଣ୍ଡର କରାଯିବ ବୋଲି ପ୍ରତିକ୍ରିୟାରେ କହିଛନ୍ତି ।

ମା ଅମ୍ବିକା ମହିଳା ମହାମଣ୍ଡଳ ପକ୍ଷରୁ ବିଶ୍ୱ ସାକ୍ଷରତା ଦିବସ ପାଳିତ

ଗ୍ରାମାଞ୍ଚଳରେ ଶିକ୍ଷାର ଆଲୋକ ପହଞ୍ଚାଇବାକୁ ଆହ୍ୱାନ

ବାରିପଦା(ଅମୃତମିଡିଆ): ମା ଅମ୍ବିକା ମହିଳା ମହାମଣ୍ଡଳ ଫେଡେରେସନ ପକ୍ଷରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ

ଠାରେ ବିଶ୍ୱ ସାକ୍ଷରତା ଦିବସ ପାଳିତହୋଇ ଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ-ସମ୍ପାଦିକା ଶ୍ରୀମତୀ ସାବିତ୍ରୀ ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସାକ୍ଷରତା ଅଭିଯାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରି ଗ୍ରାମାଞ୍ଚଳ ତଥା ଶିକ୍ଷାରୁ ବଞ୍ଚିତ ବର୍ଗଙ୍କ ନିକଟରେ ଶିକ୍ଷାର ଆଲୋକ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନୁଷ୍ଠାନର ସଭାନେତ୍ରୀ ଜ୍ୟୋତିର୍ମୟୀ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ମହିଳା ଫୋରମର ସଭାପତି ମମତା ସାମନ୍ତରାୟ, ମୁଖ୍ୟ ବକ୍ତା ଭାବରେ ଶିକ୍ଷବିତ ସାମ୍ବାଦିକ କବି ବିଷ୍ଣୁ ଶତପଥି, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସଂଗଠକ ବଳାଙ୍ଗୀ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି, ପ୍ରଫେସର କ୍ରିଷ୍ଣା ସାହୁ, ଜନନୀ ପରିବାର ଟ୍ରଷ୍ଟର ଜ୍ୟୋସ୍ନା ମହାନ୍ତି ପ୍ରମୁଖ ଯୋଗଦେଇ ଶିକ୍ଷା ହିଁ ସମାଜର ପ୍ରଗତିର ମୂଳଦୁଆ. ମହିଳା ମାନେ ସ୍ୱାକ୍ଷର ଏବଂ ସଶକ୍ତ ହେଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇ ପାରିବ ବୋଲି କହିଥିଲେ । ସଂଗଠନର ଉପ-ସଭାନେତ୍ରୀ ଜୟନ୍ତୀ ମଣି ସି, କୋଷାଧ୍ୟକ୍ଷ ସୋନାଲୀ ରାଉତ ଏବଂ ଜିଲ୍ଲା ସଂଯୋଜିକା ଗୋଲାପୀ ମହାନ୍ତି ପ୍ରମୁଖ ଯୋଗଦେଇ ସାକ୍ଷରତା ଅଭିଯାନକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ଉପରେ ମତ ରଖିଥିଲେ । ଏହି ଅବସରରେ ସାମ୍ବାଦିକ ଦୀପକ କୁମାର ନାୟକ, ତରୁଣ କୁମାର ଦାଶ, ସୁଶାନ୍ତ ନାୟକଙ୍କୁ ତାଙ୍କର ସାମ୍ବାଦିକତା ଓ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବା ସହ ଫେଡେରେସନର ବିଭିନ୍ନ ବ୍ଲକ ଏବଂ ଗ୍ରାମପଞ୍ଚାୟତ ସଂଯୋଜକମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା / କରଞ୍ଜିଆ(ଅମୃତମିଡିଆ): କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ ରେ+୩ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମାରୋହ କଲେଜ ର ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ମୁଖ୍ୟ ଅତିଥି ଭାବେ କଲେଜର ପୂର୍ବତନ ସଭାପତି ଜନାର୍ଦ୍ଦନ ମହାନ୍ତ , ସମ୍ମାନିତ ଅତିଥି ଭାବେ କାଦଡିହା +୨ର ଅଧକ୍ଷ ତପନ କୁମାର ବେହେରା, ଯୋଗ ଦେଇ ଛାତ୍ର ଛାତ୍ରୀ ମାନେ ଭଲ ମଣିଷ ହେବାର ସ୍ୱପ୍ନ ଦେଖିବା ପାଇଁ ପରାମର୍ଶ ଦେଇଥିଲେ । ସମାରୋହରେ ଅଧାପିକା ଯଶୋଦା ରାଉତ, ଧରଣୀଧର ତ୍ରିପାଠୀ, ବନମାଳୀ ମହାନ୍ତ , ରମାକାନ୍ତ ପାଢ଼ୀ , କାଞ୍ଚନ କୁମାର ବାରିକ , ରଞ୍ଜନ କୁମାର ବେହେରା ପ୍ରମୁଖ ଯୋଗ ଦାନ କରି ଶୃଙ୍ଖଳା ମାନସିକ ତା ସହ ସମୟକୁ ଉଚିତ ବ୍ୟବହାର କଲେ ଜୀବନ ରେ ସଫଳତା ନିଶ୍ଚିତ ମିଳିପାରିବ ମତ ଦାନ କରି କରିଥିଲେ । ଅଧାପିକା ମୋନାଲିସା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା ।

ବିଦ୍ୟାଭାରତୀ ଶିଶୁ ବିଦ୍ୟାମନ୍ଦିରର ୪ର୍ଥ ବାର୍ଷିକ ବିଜ୍ଞାନ ମେଳା

ବାରିପଦା(ଅମୃତମିଡିଆ): ସ୍ଥାନୀୟ ଡକତପୁର ସ୍ଥିତ ବିଦ୍ୟାଭରତୀ ଶିଶୁ ବିଦ୍ୟାମନ୍ଦିରରେ ୪ର୍ଥ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ଡିଭିଜନର ସହକାରୀ ଯନ୍ତ୍ରୀ ଶ୍ରୀମୟ ସିଂ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କୁନିକୁନି ବୈଜ୍ଞାନିକ ମାନଙ୍କୁ ଆଗାମୀ ଦିନରେ ଦେଶର ବିକାଶ ଦିଗରେ ସହାୟକ ହେବେ ବୋଲି କହି ପ୍ରେରଣା ଦେଇଥିଲେ ଓ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଅନ୍ତର୍ନିବେଶୀ ଶିକ୍ଷା ସାଧନକର୍ମୀ ଦିଲ୍ଲୀପ କୁମାର ଦାସ ଓ ବିଦ୍ୟାଳୟର ଶୁଭଚିନ୍ତକ ବଦ୍ରିନାରାୟଣ ଶତପଥି ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବରିଷ୍ଠ ବିଭାଗରେ ରୁହିଆ ବେଗ୍ରା ୧ମ, ଜିତଜୟ ପ୍ରକାଶ ବାରିକ ୨ୟ ଓ ଲକ୍ଷ୍ମୀନାରାୟଣ ନାଏକ ୩ୟ ଏବଂ କନିଷ୍ଠ ବିଭାଗରେ ଆଦିତ୍ୟ ନାରାୟଣ ଶତପଥି ୧ମ, ମନୀଷା ମହାନ୍ତ ୨ୟ ଓ ଲୋମିସ୍ମିତା ସୋରେନ ୩ୟ ସ୍ଥାନ ଅଧିକାର କରିଥିଲେ ଓ ସର୍ବ କନିଷ୍ଠ ଛାତ୍ରୀ ଦୀପ୍ସିତା ମହାନ୍ତ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ ଓ ଉଦଯାପନୀ ଉତ୍ସବରେ

ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ବସା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଧାନ ଆଚାର୍ଯ୍ୟଝ ସୁଶ୍ରୀ ରିତା ଶତପଥୀ ତାଙ୍କର ମୂଲ୍ୟବାନ ଅଭିଭାଷଣ ରଖିଥିଲେ । ଏହି ବିଜ୍ଞାନ ମେଳା କାର୍ଯ୍ୟରେ ସୁଦାମ ମହାନ୍ତ ଓ ଗୁରୁମା ଶୁଭଶ୍ରୀ ବେହେରା ସାହାଯ୍ୟ ସହଯୋଗ କରିଥିଲେ । ସର୍ବଶେଷରେ ଗୁରୁମା କଲ୍ୟାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଉଦଳାରେ ଜଙ୍ଗଲଜମି ପଟ୍ଟା ବଂଟନ

ବାରିପଦା /ଉଦଳା(ଅମୃତମିଡିଆ): ଉଦଳା ପଂଚାୟତ ସମିତି ତରଫରୁ ଜଙ୍ଗଲଜମି ପଟ୍ଟା ବଂଟନ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏଥିପାଇଁ ଚଳିତ ସେପ୍ଟେମ୍ବର ୮ ତାରିଖ ମଙ୍ଗଳବାର ଦିନ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବିଧାୟକ ଭାସ୍କର ମଡ଼େଇ ମୁଖ୍ୟ ଅତିଥି ଭାବ

ବର୍ଷକୁ ହଜାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଲଘୁ ଖଣିଜ ଲୁଟ୍ ଅଭିଯୋଗ

ମାଫିଆ, ଅଧିକାରୀ ଓ ନେତା ସାମିଲ - ଫରୱାର୍ଡ ବ୍ଲକ

ପୋଲସରା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲାରେ ଲଘୁଖଣିଜ ଚୋରି ବଢି ଚାଲିଛି । ଧର୍ମକୁ ଆଖିଠାର ଭଳି ଗାଡି ଧରାଯାଉଛି । ଲଘୁଖଣିଜ ଲୁଟ ଘଟଣାରେ ମାଫିଆ, ଅଧିକାରୀ ଓ ନେତାଙ୍କ ସଂପୃକ୍ତି ରହୁଛି । ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା, ବାହୁଦା,ବଡ ନଦୀ ଓ ବାଗୁଆ ନଦୀ ଉପରେ ମାଫିଆଙ୍କ ନଜର ପଡିଛି । ମାଫିଆ ମାନେ ବେଆଇନ ବାଲି ଚାଲଣ ସହିତ ବିଭିନ୍ନ ରାସ୍ତାର ପାର୍ଶ୍ୱରେ ବାଲିର ପାହାଡ ଭଳି ବାଲି ଗଦା କରିଛନ୍ତି । ଅଧିକାଂଶ ନକଲି ୱାଇ ଫର୍ମରେ ବାଲି ଚାଲଣ ହେଉଛି ।

କବିସୂର୍ଯ୍ୟନଗର ତହସିଲ ଅନ୍ତର୍ଗତ ଦେଓ ଗାଁ ପାହାଡରେ ବେଆଇନ ପଥର ବ୍ଲାଷ୍ଟିଙ୍ଗ ଦ୍ୱାରା ଶବ୍ଦ ପ୍ରଦୂଷଣ ସହିତ ଦେଓ ଗାଁ କାର୍ଯ୍ୟରତ ଚାଷୀ ଓ ଶ୍ରମିକଙ୍କ ଜୀବନ ପ୍ରତି ବିପଦ ରହିଛି । କ୍ରସର ୟୁନିଟର ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଯାଞ୍ଚ ସହିତ କ୍ରସର ୟୁନିଟ ପାଇଁ କେଉଁ ପାହାଡରୁ ପଥର ଉତ୍ତୋଳନ ଓ କେତେ ପରିମାଣର ଉତ୍ତୋଳନ ହୋଇଛି ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । କବିସୂର୍ଯ୍ୟନଗର ତହସିଲ ଅନ୍ତର୍ଗତ ଭାଟଖାଲି ପାହାଡରେ ବେଆଇନ ପଥର ବ୍ଲାଷ୍ଟିଙ୍ଗ ସହିତ ସେଠାରେ ବେଆଇନ କ୍ରସର, ବେଆଇନ ବାଲିର ପାହାଡ ରହିଛି । କ୍ରସର ୟୁନିଟର ଧୂଳି ଓ ପଥର ବ୍ଲାଷ୍ଟିଙ୍ଗ ସମୟରେ ପଥର ଗଡି ଚାଷ ଜମିରେ ପଡି ଫସଲ ନଷ୍ଟ ହେବା ସହିତ ଚାଷ ଜମିରେ ରହିଛି ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପଥର ବ୍ଲାଷ୍ଟିଙ୍ଗ ଦ୍ୱାରା ବନ୍ୟଜନ୍ତୁ ଓ ଜନଜୀବନ ପ୍ରତି ବିପଦ ରହିଛି । ବିଗତ ଦିନରେ

ଗଞ୍ଜାମ ଜିଲ୍ଲା

ଭାଟଖାଲି ପାହାଡକୁ ନେଇ ପୋଲିସ ନିର୍ଯ୍ୟାତନାରେ ଜଣେ ବିକଳାଙ୍ଗ ଯୁବକର ମୃତ୍ୟୁ ହୋଇ ଥିଲା । କବିସୂର୍ଯ୍ୟନଗର ତହସିଲ ଅନ୍ତର୍ଗତ ଜରଡ କ୍ରସର ୟୁନିଟର ନିକଟରେ ଗତ କିଛି ଦିନ ତଳେ କଲରାପଡିଆ ବାଘ ଶିକାର ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା । ଜରଡ କ୍ରସର ୟୁନିଟର ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଯାଞ୍ଚ ସହିତ ପଥର ଉତ୍ତୋଳନ ପରମାଣ ଯାଞ୍ଚ କରାଯାଉ । ସେହିଭଳି ଗୁଡିଆଳି, ଜରଡ,ବଡଆଗୁଳ, ଖଇରପଲ୍ଲୀ ପହାଡରେ କମ୍ପ୍ରସର ଲଗାଇ ବାରୁଦ ବ୍ୟବହାର କରି ବେଆଇନ ପଥର ବ୍ଲାଷ୍ଟିଙ୍ଗ କରାଯାଉଛି । ଗୋଲମୁଣ୍ଡୁଳା ନିକଟ ବାଗୁଆ ନଦୀର ଉଭୟ ପଟୁ ବେଆଇନ ବାଲି ଚାଲଣ କରାଯାଉଛି । ଖଲ୍ଲିକୋଟ, ଛତ୍ରପୁର, ପୁରୁଷୋତ୍ତମପୁର, କୋଦଳା, ଆସିକା, ପୋଲସରା, ଧରାକୋଟ, ଶେରଗଡ, ହିଞ୍ଜିଳିକାଟୁ, କୁକୁଡାଖଣ୍ଡି, କନିଷି, ଚିକିଟି ତହସିଲ ସମେତ ଅନ୍ୟ ତହସିଲ ଅଞ୍ଚଳରେ ଲଘୁଖଣିଜ ବର୍ଷକୁ ହଜାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଲୁଟ ହେଉଥିବା ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶିତ ହୋଇଛି । ଖଣି ଉପ ନିର୍ଦ୍ଦେଶକ,ବ୍ରହ୍ମପୁର କାର୍ଯ୍ୟାଳୟକୁ ସୂଚନା ତଥ୍ୟ ମାଗିଲେ ତଥ୍ୟ ମିଳିବାକୁ ନାହିଁ । ବେଆଇନ ବାଲି,ପଥର ଓ ମୋରମ ଚାଲଣ ଏବଂ ବେଆଇନ କ୍ରସର ୟୁନିଟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାମାଜିକ କର୍ମୀ ତଥା ଫରୱାର୍ଡ ବ୍ଲକର ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ସମରଜିତ୍ ମହାନ୍ତି ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ,ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ, ଓଡ଼ିଶା,ଖଣି ନିର୍ଦ୍ଦେଶକ, ଭିଜିଲାନ୍ସ ବିଭାଗ ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇଛନ୍ତି ।

ଆଜିର ସାମ୍ବାଦିକ ସମ୍ମିଳନୀରେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଜିଲ୍ଲା ସଭାପତି ବିଭୂଧେନ୍ଦ୍ର ପାଢୀ,ସମ୍ପାଦକ ସପ୍ତେଶ୍ୱର ପାଣିଗ୍ରାହୀ,କୋଷାଧ୍ୟକ୍ଷ ମିଥୁନ ବେହେରା, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ସମରଜିତ୍ ମହାନ୍ତି ଓ ଜିଲ୍ଲା କମିଟି ସଦସ୍ୟ ବାଉରୀ ବଂଧୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଫରୱାର୍ଡ ବ୍ଲକ ପକ୍ଷରୁ କୁହାଯାଇଛି ଯେ ଓଡିଶାର ସବୁଠାରୁ ଅଧିକ ଭ୍ରଷ୍ଟ ଖଣି ବିଭାଗ । ଗଞ୍ଜାମ ଜିଲ୍ଲାର ଲଘୁଖଣିଜ ଲୁଟ ଘଟଣାରେ ମାଫିଆ,ଅଧିକାରୀ ଓ ନେତା ସାମିଲ ଥିବାରୁ ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମରେ ଶୋଭାଯାତ୍ରା

ବୃକ୍ଷରୋପଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଘଟଗାଁ (ଅମୃତ ମିଡିଆ): ପରିବେଶ ସୁରକ୍ଷା ସହ ବୃକ୍ଷରୋପଣ ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଓ ଦାୟିତ୍ୱବୋଧ ସୃଷ୍ଟି କରିବା ଲକ୍ଷ୍ୟରେ ଘଟଗାଁ ଏମ୍.ଇ. ସ୍କୁଲ୍ ପକ୍ଷରୁ ‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି ।

ଏହି ଅବସରରେ ଘଟଗାଁ ବିଇଓ ହରେକୃଷ୍ଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ । ଏବିଇଓ ସଞ୍ଜୟ ପଲେଇ, ସିଆରସିସି କମଳାକାନ୍ତ ପଣ୍ଡା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଥିଲେ । ପ୍ରକୃତି ବନ୍ଧୁ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ରୋହିତ କୁମାର ବେହେରାଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରୁ ଏକ ବିରାଟ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଶତାଧିକ ଛାତ୍ରଛାତ୍ରୀ ହାତରେ ବିଭିନ୍ନ ସଚେତନତାମୂଳକ ପ୍ଲାକାର୍ଡ ଧରି ଘଟଗାଁ ବଜାର ପରିକ୍ରମା କରିଥିଲେ । ‘ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ’ ଭଳି ସଚେତନତା ବାର୍ତ୍ତା ଦେଇ ଛାତ୍ରଛାତ୍ରୀମାନେ ସାଧାରଣ ଲୋକଙ୍କୁ ବୃକ୍ଷରୋପଣ ପାଇଁ ଆହ୍ୱାନ କରିଥିଲେ ।ଶୋଭାଯାତ୍ରା ପରେ ଘଟଗାଁ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଆକର୍ଷଣୀୟ ସାଂସ୍କୃତିକ ପରିବେଷଣ ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ଜିଣିଥିଲା ।ଏହି ଅବସରରେ ଘଟଗାଁ ବନପାଳ ଶରତ ପଟ୍ଟନାୟକ ଓ ଢେଙ୍କିକୋଟ ବନପାଳ ଅକ୍ଷୟ ମହାନ୍ତିଙ୍କ ଉପସ୍ଥିତିରେ ବନ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ୨୦୦ଟି ଚାରା ପ୍ରଦାନ କରାଯାଇଥିଲା । ଚାରାଗୁଡ଼ିକୁ ଲଗାଇବା ସହ ଏହାର ଯତ୍ନ ନେବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଇଥିଲା ।

ପରେ ବିଦ୍ୟାଳୟ ପରିସରରେ ପରିଚାଳନା କମିଟି ସଦସ୍ୟା ପଦ୍ମିନୀ ଥପ୍ପା, ରଶ୍ମିତା ଦାସ, ଅନିତା ସାହୁ ଓ ଅନିମା ଭଞ୍ଜ ପ୍ରମୁଖ ବୃକ୍ଷରୋପଣ କରିଥିଲେ । ଏହା ସହ ଛାତ୍ରଛାତ୍ରୀମାନେ ମଧ୍ୟ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ସଂକଳ୍ପ ନେଇଥିଲେ ।

କାର୍ଯ୍ୟକ୍ରମରେ ‘ମୋ ସ୍କୁଲ୍’ ସଭାପତି ସୁନୀଲ ଦେହୁରୀ, ଶିକ୍ଷକ ମାଗୁଣି ଚରଣ ମାଝୀ, ସଞ୍ଜୀବ ସାହୁ, ଶୁଭକାନ୍ତ ସେଠୀ, ଶିକ୍ଷୟିତ୍ରୀ ମାଳତୀ କୁମାରୀ ନାଥ ଶର୍ମା, ଭାରତୀ ମହାନ୍ତି ଓ ରଶ୍ମିତା ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

ଭକ୍ତି ପାଖରେ ହାର୍ ମାନିଛି ବୟସ

ମହାଦେବଙ୍କ ଦର୍ଶନ ପାଇଁ ୬୧ ବର୍ଷରେ ବି ପଦଯାତ୍ରା

ସାହାରପଡା (ଅମୃତ ମିଡିଆ): ମନରେ ମହାଦେବଙ୍କ ଭକ୍ତି, କାନ୍ଧରେ ସାମଗ୍ରୀର ବୋଝ ଏବଂ ହାତରେ ତ୍ରିଶୂଳ—ବୟସ (୬୧), ହେଲେ ଭକ୍ତିର ଉତ୍ସାହରେ ନାହିଁ କୌଣସି କ୍ଲାନ୍ତି । ମହାଦେବଙ୍କ ଦର୍ଶନ ପାଇଁ ଦୀର୍ଘ ଧାର୍ମିକ ଯାତ୍ରାରେ ବାହାରିଛନ୍ତି ଧନଞ୍ଜୟ ନାଏକ । ମହାରାଷ୍ଟ୍ରର ପୁଣେରୁ ଜାନୁଆରୀ ୨୦୨୬ରେ ଯାତ୍ରା ଆରମ୍ଭ କରିଥିବା ଧନଞ୍ଜୟ ନାଏକ ଗୁରୁବାର କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଦେଇ ୨୨୦ ନମ୍ବର ଜାତୀୟ ରାଜପଥରେ ନିଜ ଧାର୍ମିକ ଯାତ୍ରା ଜାରି ରଖିଛନ୍ତି । ସାଙ୍ଗରେ ରହିଛି ଏକ ଛୋଟ ଟ୍ରଲି, ଆବଶ୍ୟକ ସାମଗ୍ରୀ, ଭଗବାନ ଶିବଙ୍କ ତ୍ରିଶୂଳ ଏବଂ ଗୈରିକ ପତାକା । ଲକ୍ଷ୍ୟ ତାଙ୍କର ୧୨ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବେ । ଧନଞ୍ଜୟଙ୍କ ପୋଷ୍ଟରରେ ଦେଶର ପ୍ରମୁଖ ଶୈବ ପୀଠଗୁଡ଼ିକର ଚିତ୍ର ସହ ୧୨ ଜ୍ୟୋତିର୍ଲିଙ୍ଗ ଏବଂ ୪ ଧାମ ପଦଯାତ୍ରା ବୋଲି ଉଲ୍ଲେଖ ରହିଛି ।

ସୋମନାଥ , ମଲ୍ଲିକାର୍ଜୁନ , ମହାକାଳେଶ୍ୱର, ଓଁକାରେଶ୍ୱର, କେଦାରନାଥ , ଭୀମାଶଙ୍କର, କାଶୀ ବିଶ୍ୱନାଥ, ତ୍ର୍ୟମ୍ବକେଶ୍ୱର , ବୈଦ୍ୟନାଥ , ନାଗେଶ୍ୱର, ରାମେଶ୍ୱରମ, ଘୃଷ୍ଣେଶ୍ୱର। ଧନଞ୍ଜୟଙ୍କ କହିବା ଅନୁଯାୟୀ, ଏପର୍ଯ୍ୟନ୍ତ ୫ଟି ଧାମରେ ପହଞ୍ଚି ଦର୍ଶନ କରିସାରିଛନ୍ତି।

ଆଉ ୭ଟି ଧାମ ଦର୍ଶନ ବାକି ରହିଛି । ଲକ୍ଷ୍ୟ ପୂରଣ ନହେବା ପର୍ଯ୍ୟନ୍ତ ତାଙ୍କର ଏହି ଆଧ୍ୟାତ୍ମିକ ଯାତ୍ରା ଜାରି ରହିବ ।

“ହର୍ ହର୍ ମହାଦେବ” ଧ୍ୱନିରେ ଆଗକୁ ବଢୁଛନ୍ତି ଧନଞ୍ଜୟ ।ପଥ ଦୀର୍ଘ, ଯାତ୍ରା କଷ୍ଟକର; ତଥାପି ମହାଦେବଙ୍କ ପ୍ରତି ଅଟୁଟ ଆସ୍ଥା ତାଙ୍କୁ ଆଗକୁ ବଢ଼ାଇ ନେଉଛି । ରାସ୍ତାରେ ଯେଉଁମାନେ ତାଙ୍କୁ ଦେଖୁଛନ୍ତି, ତାଙ୍କ ସହ କଥା ହେଉଛନ୍ତି ଏବଂ ତାଙ୍କ ଯାତ୍ରା ବିଷୟରେ ପଚାରୁଛନ୍ତି । ୬୧ ବର୍ଷ ବୟସରେ ଏଭଳି ଦୀର୍ଘ ଧାର୍ମିକ ଯାତ୍ରାରେ ବାହାରିବା ତାଙ୍କ ଭକ୍ତି, ନିଷ୍ଠା ଓ ଆଧ୍ୟାତ୍ମିକ ସାହସର ଏକ ନିଆରା ଉଦାହରଣ । “ହର ହର ମହାଦେବ” ଧ୍ୱନି ସହ ଧନଞ୍ଜୟଙ୍କ ଯାତ୍ରା ଏବେ ଆଉ ୭ଟି ଜ୍ୟୋତିର୍ଲିଙ୍ଗ ଦର୍ଶନ ଅଭିମୁଖେ ପାଦ ଆଗକୁ ଆଗକୁ ବଢ଼ି ଚାଲିଛି ।

ନେତାଙ୍କ ଏ.ଆଇ ଫଟୋକୁ ନେଇ ରାଜନୈତିକ ଚର୍ଚ୍ଚା

ବିଜେଡିରେ ଯୋଗଦେବା ଅପପ୍ରଚାର କଥାକୁ ଖଣ୍ଡନ

ଆସିକା (ଅମୃତ ମିଡିଆ): ଆସିକା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ମଧ୍ୟରେ ସୋସିଆଲ ମିଡିଆରେ ଏ.ଆଇ ଜରିଆରେ ପ୍ରସ୍ତୁତ ଫଟୋକୁ ନେଇ ଚର୍ଚ୍ଚା ଜୋର ଧରିଛି । ବିଜେପି ନେତା ତଥା ଖାରିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଭଗବାନ ସାହୁଙ୍କ ଫଟୋକୁ ଏ.ଆଇ ମାଧ୍ୟମରେ ପରିବର୍ତ୍ତନ କରି ସେ ବିଜେଡିରେ ଯୋଗଦେବେ ବୋଲି ସୋସିଆଲ ମିଡିଆରେ ପ୍ରଚାର କରାଯାଇଥିବା ଅଭିଯୋଗ କରିଛନ୍ତି। ଭଗବାନ ସାହୁଙ୍କ କହିବାନୁଯାୟୀ, ତାଙ୍କ ମୂଳ ଫଟୋକୁ ଏ.ଆଇ ପ୍ରଯୁକ୍ତିର ସହାୟତାରେ ପରିବର୍ତ୍ତନ କରାଯାଇ ଭ୍ରାନ୍ତିକର ଭାବେ ପ୍ରସାର କରାଯାଇଛି । ଏହି ଫଟୋ ଓ ପ୍ରଚାର ଫଳରେ ତାଙ୍କ ରାଜନୈତିକ ପରିଚୟକୁ ନେଇ ଲୋକଙ୍କ ମଧ୍ୟରେ ଭୁଲ ବାର୍ତ୍ତା ଯାଉଥିବା ସେ ଦାବି କରିଛନ୍ତି । ଏହି ଘଟଣାକୁ ନେଇ ଆସିକା ଅଞ୍ଚଳର ରାଜନୈତିକ ମହଲରେ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି । ଏ.ଆଇ ପ୍ରଯୁକ୍ତିର ଅପବ୍ୟବହାର କରି ଏଭଳି ଭ୍ରାନ୍ତିକର ତଥ୍ୟ ପ୍ରସାର କରାଯିବାକୁ ନେଇ ଭଗବାନ ସାହୁ ଆପତ୍ତି ଉଠାଇଛନ୍ତି ।

ପୋଲସରାରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର-୨୦୨୬

ପୋଲସରା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ପୋଲସରା ସ୍ଥିତ ପ୍ରତିଷ୍ଠିତ ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌର ପରିଷଦ ଏବଂ ୨୬ ଗୋଟି ପଞ୍ଚାୟତର ୨୨ ଗୋଟି ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହାତିଓଟ ମିଶାଇ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ୨୨ ଜଣ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ଭାରତ ଏନର୍ଜି ବଜେଟ-୨୦୨୬ ବିଷୟ ଉପରେ ମୋଟ ୨୦ ଗୋଟି ପ୍ରଶ୍ନର ଉତ୍ତର ପ୍ରତିଯୋଗିତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କରାଯାଇଥିଲା । କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ପୋଲସରା ବିଇଓ ଶ୍ରୀ ହର୍ଷବାବୁ ଖାଡ଼ଙ୍ଗା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ହାତିଓଟ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମାଶଙ୍କର ଦାସ ଉପସ୍ଥିତ ରହି ସହଯୋଗ କରିଥିଲେ । ପରେ ଉଭୟ ଅତିଥିବୃନ୍ଦ ପ୍ରତିଯୋଗୀ ବାଳକ ବାଳିକାମାନଙ୍କୁ ମାର୍ଗଦର୍ଶନ ଦେବାସହ ସେମାନଙ୍କ ସଫଳତା ଶୁଭ କାମନା

କରିଥିଲେ । ପ୍ରତିଯୋଗିତାର ବିଚାରକଭାବେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ବିକାଶ ରଞ୍ଜନ ସାହୁ ଏବଂ ବର୍ତ୍ତିନୀ ବିଜ୍ଞାନ କଲେଜର ଅଧ୍ୟାପିକା ରଶ୍ମିତା ପାଣିଗ୍ରାହୀ ଯୋଗଦେଇ ପ୍ରତିଯୋଗିମାନଙ୍କ ଠାରୁ ପ୍ରଶ୍ନ ଉତ୍ତର ପଚାରି ବୁଝିଥିଲେ । ପରବର୍ତ୍ତୀ ଦ୍ୱିତୀୟ ଅଧିବେଶନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଉକ୍ତ ହାତିଓଟ ଓଡିଶା ଆଦର୍ଶ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସୋନାକ୍ଷୀ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କଳୟର ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ବର୍ଷା ମହାନ୍ତି ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଆୟୋଜକ ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ ପୋଲସରାର ୯ମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଗାୟତ୍ରୀ ସାହୁଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ତିନି ଜଣ କୃତି ଛାତ୍ରୀଙ୍କ ମଧ୍ୟରୁ କେବଳ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଜଣକ ଆଗାମୀ ୨୧ ତାରିଖ ସୋମବାର ଦିନ ବ୍ରହ୍ମପୁର ସ୍ଥିତ କେ.ସି. ଗାଉଡ଼ ହାଇସ୍କୁଲରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । କାର୍ଯ୍ୟକ୍ରମରେ ୨୨ ଗୋଟି ବିଦ୍ୟାଳୟର ଗାଇଡ୍ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଉକ୍ତ ବାଳିକା ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଏବଂ କର୍ମଚାଗାଗଣ ଉପସ୍ଥିତ ରହି ସହଯୋଗ କରିଥିଲେ ।

ରୁବେନ୍ ଚାରି ଟେବଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର,୧୧୪୧ ୟୁନିଟ ରକ୍ତ ସଂଗ୍ରହ

ବ୍ରହ୍ମପୁର (ଅମୃତ ମିଡିଆ): ଲୋଚପଡା ସ୍ଥିତ ତମୁରୁ କଲ୍ୟାଣ ମଣ୍ଡପ ଠାରେ ରୁବେନ୍ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଓ ସଂମାନୀୟ ଅତିଥିଭାବେ ବ୍ରହ୍ମପୁର ବିଧାୟକ କେ ଅନିଲ ଓ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ଅର୍ବାନ ବ୍ୟାଙ୍କ ସଭାପତି ଆର.ମୁରଲୀ ମୋହନ, ବରିଷ୍ଠ କଂଗ୍ରେସ ନେତା ଶମ୍ଭୁ ପାଣିଗ୍ରାହୀ ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇ ସ୍ୱର୍ଗତ ରୁବେନଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉକ୍ତ ଶିବିରକୁ ଶୁଭରମ୍ଭ କରିଥିଲେ । ଅନ୍ୟମାନଙ୍କ କର୍ପୋରେଟର ଡ଼ି.କରୁଣାକର,ବୁଟୁ ଶତପଥୀ, ଟି କିଶୋର, ତିରୁପତି ପାତ୍ର , ସୁରେନ୍ଦ୍ର ମହାରଣା, କଂଗ୍ରେସ ଯୁବ ନେତା ବିକାଶ ପଶୁପାଳ, ବିଜେପି ଯୁବ ନେତା ଧନଞ୍ଜୟ ରାଓ ସମେତ ବହୁ ଆଇନଜୀବୀ ଓ ସାମ୍ବାଦିକ ଉପସ୍ଥିତ ଥିଲେ। ଏହି ଶିବିରରେ ୧୧୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।ଉକ୍ତ ଶିବିରକୁ ବରିଷ୍ଠ ସାମ୍ବାଦିକ ସୁଦୀପ କୁମାର ସାହୁ ସଂଯୋଜନା କରିଥିଲେ । ଏହି ଶିବିରରେ ଅତିଥିମାନଙ୍କ ସମେତ ବହୁ ସାମ୍ବାଦିକ, ସମାଜସେବୀ ଓ ମେଡ଼ିକାଲ ରକ୍ତ ଭଣ୍ଡାର କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ସେହିପରି ରକ୍ତ ଦାତା ମାନଙ୍କୁ ପ୍ରମାଣ ପାତ୍ର ବଣ୍ଟନ କରାଯାଇଥିଲା । ରୁବେନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ରକ୍ତ ପାଇଁ କାହାର ଜୀବନ ନ ଯାଉ ଏହି ଶିବିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏ

।।। ୧୬୩ ଦିନରେ ପୁରୀବାସୀଙ୍କ ଅହିଂସା ପଦଯାତ୍ରା ।।।

ଦାବି ପୂରଣ ନହେବା ଯାଏଁ ଜାରି ରହିବ ସଂଗ୍ରାମ

ପୁରୀ (ବ୍ୟୁରୋ): ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର, ସମ୍ମାନଜନକ ଓ ସ୍ଥାୟୀ ବ୍ୟବସ୍ଥା ଦାବିରେ ଚାଲିଥିବା ସଚେତନତା ପଦଯାତ୍ରା ଆଜି ୧୬୩ତମ ଦିନରେ ପହଞ୍ଚିଛି। ଦୀର୍ଘ ୧୬୩ ଦିନ ଧରି ପୁରୀବାସୀ ଶାନ୍ତିପୂର୍ଣ୍ଣ ଓ ଅହିଂସାପୂର୍ଣ୍ଣ ଉପାୟରେ ନିଜର ଦାବିକୁ ସରକାର ଓ ପ୍ରଶାସନଙ୍କ ନିକଟରେ ଉପସ୍ଥାପନ କରିଆସୁଛନ୍ତି। ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହେଉଥିବା ଏହି ପ୍ରତିଦିନର ପଦଯାତ୍ରା କେବଳ ଏକ ଆନ୍ଦୋଳନ ନୁହେଁ, ବରଂ ପୁରୀବାସୀଙ୍କ ଶ୍ରୀମନ୍ଦିର ସହ ରହିଥିବା ଗଭୀର ଭାବନା, ଆସ୍ଥା ଓ ଆତ୍ମିକ ସମ୍ପର୍କର ଏକ ଶାନ୍ତିପୂର୍ଣ୍ଣ ପ୍ରକାଶ ବୋଲି ସତ୍ୟାଗ୍ରହୀମାନେ କହିଛନ୍ତି। ପ୍ରବଳ ଗ୍ରୀଷ୍ମ, ଅସହ୍ୟ ତାତି, ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ପଦଯାତ୍ରାରେ କୌଣସି ବିରାମ ଆସିନାହିଁ। ଆଜି ୧୬୩ତମ ଦିନରେ ମଧ୍ୟ ସତ୍ୟାଗ୍ରହୀମାନେ ଭକ୍ତ ସାଲବେଗ ପୀଠରେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରା କରିଥିଲେ। ଶ୍ରୀମନ୍ଦିର ନିକଟରେ ପହଞ୍ଚି ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ଦୀର୍ଘଦିନର ଦାବି ଉପରେ ଶୀଘ୍ର ଓ ନ୍ୟାୟସଙ୍ଗତ ସମାଧାନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ଯେ, ପୁରୀବାସୀଙ୍କ ଦାବି କୌଣସି ବ୍ୟକ୍ତି, ଦଳ କିମ୍ବା ସରକାର ବିରୋଧୀ ଆନ୍ଦୋଳନ ନୁହେଁ। ଶ୍ରୀମନ୍ଦିର ସହ ପୁରୀବାସୀଙ୍କ ଐତିହାସିକ ଓ ଭାବନାତ୍ମକ ସମ୍ପର୍କକୁ ସମ୍ମାନ ଦେଇ ସେମାନଙ୍କ ପାଇଁ ଏକ ସୁବ୍ୟବସ୍ଥିତ ଓ ସ୍ଥାୟୀ ଦର୍ଶନ ବ୍ୟବସ୍ଥା କରାଯିବା ହିଁ ଏହି ଆନ୍ଦୋଳନର ମୂଳ ଉଦ୍ଦେଶ୍ୟ। ଆଲୋଚନା ଓ ସଂଳାପ ମାଧ୍ୟମରେ ସମସ୍ୟାର ଏକ ଗ୍ରହଣଯୋଗ୍ୟ ସମାଧାନ ବାହାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।ସତ୍ୟାଗ୍ରହୀମାନେ କହିଛନ୍ତି ଯେ, ୧୬୩ ଦିନର ଏହି ଯାତ୍ରା କୌଣସି ଡାକ୍‌ଲାଲିକ ପ୍ରତିକ୍ରିୟା ନୁହେଁ। ଏହା ପୁରୀବାସୀଙ୍କ ଦୀର୍ଘଦିନର ଆକାଂକ୍ଷା ଓ ଅଧିକାରବୋଧରୁ ଉତ୍ପନ୍ନ ଏକ ନିରନ୍ତର ଜନସ୍ୱର। ତେଣୁ ସରକାର ଏହି ଦାବିକୁ ସମ୍ବେଦନଶୀଳତାର ସହ ବିଚାର କରି ପୁରୀବାସୀଙ୍କ ପାଇଁ ସ୍ଥାୟୀ ଓ ସମ୍ମାନଜନକ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଦିନ ପରେ ଦିନ ବିତୁଛି, ଆନ୍ଦୋଳନର ଅବଧି ବଢୁଛି; କିନ୍ତୁ ପୁରୀବାସୀଙ୍କ ଦାବିର ସ୍ୱର ଆଜି ବି ଦୃଢ଼ ରହିଛି। ୧୬୩ ଦିନର ଏହି ଅହିଂସାପୂର୍ଣ୍ଣ ପଦଯାତ୍ରା ସତ୍ୟ, ଧୈର୍ଯ୍ୟ ଓ ଅହିଂସାରେ ଅଟଳ ରହିବାର ଏକ ପ୍ରତୀକରେ ପରିଣତ ହୋଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରହିବ ବୋଲି ସତ୍ୟାଗ୍ରହୀମାନେ ସଂକଳ୍ପ ପ୍ରକାଶ କରିଛନ୍ତି।ଏହି ଅବସରରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ଅମରେନ୍ଦ୍ର ପାଇକରାୟ, ନୃସିଂହନାଥ ନାୟକ, ଜଗଦାନନ୍ଦ ରାୟ, ରମେଶ ଚନ୍ଦ୍ର ମହାନ୍ତି, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ମମତା ଦାସ, ବର୍ଷା ସାହୁ, ରୀମା ପଣ୍ଡା, ଦୀପା କୁମାରୀ, ରିତୁ ପଣ୍ଡା, ମମତା ସ୍ୱାଇଁ, ପ୍ରକାଶ ଚନ୍ଦ୍ର ନାୟକ, ସୁବାଷ ପଟ୍ଟନାୟକ, କାଶୀନାଥ ସାହୁ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ଉପସ୍ଥିତ ଥିଲେ।

ମଶାଣିଚଣ୍ଡୀ ମନ୍ଦିର ଉନ୍ନତିକରଣ ଦାବି

ପୁରୀ (ବ୍ୟୁରୋ): ପୁରୀର ଶ୍ରୀ ଶ୍ରୀ ମା' କଟିକିପେଣ୍ଡ ମଶାଣିଚଣ୍ଡୀ ଉନ୍ନୟନ କମିଟିର ସଦସ୍ୟ, ସଦସ୍ୟାମାନେ , ମଶାଣି ଚଣ୍ଡୀଙ୍କ ମନ୍ଦିର ତଥା ଏହାର ପରିବେଶ ଉନ୍ନତି କରଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି । ମାର୍କଣ୍ଡେଶ୍ୱର ସାହି ମୌଜାରେ ଥିବା ଓଁ ଶ୍ରୀ ଶ୍ରୀ ମା କଟିକିପେଣ୍ଡ ମଶାଣିଚଣ୍ଡୀ ପୀଠ ଶ୍ରୀକ୍ଷେତ୍ରର ଏକ ପ୍ରମୁଖ ପୀଠ ଅଟେ। ଏହି ପୀଠ ଆବାହନ କାଳରୁ ପ୍ରତିଷ୍ଠା ଅର୍ଚ୍ଚନ କରିଥିବାରୁ ଅଗଣିତ ଭକ୍ତ ମାଙ୍କ କୃପା ଭିକ୍ଷା ଲାଗି ଦର୍ଶନ ନିମନ୍ତେ ଏଠାକୁ ଆସିଥାନ୍ତି । ଏହି ମାଆଙ୍କ ମନ୍ଦିରରେ ସ୍ଥାନୀୟ ଲୋକମାନଙ୍କର ବିଭିନ୍ନ ପୂଜା ପାର୍ବଣ, ମାନସିକ ଭୋଜିଭାତ ଇତ୍ୟାଦି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥାଏ । ମାଙ୍କ ନିକଟରେ ଥିବା ମଶାଣିରେ ମୃତ ଗୋରୁ, ଗାଈ, ମୃତ ଶିଶୁ ଓ ଅଚିହ୍ନା ଶବ ଆଦି ପୋତାଯାଇ ସଂସ୍କାର କରାଯାଏ। ଏହା ଏକ ଦର୍ଶନୀୟ ସ୍ଥାନ ହୋଇମଧ୍ୟ ଯଥୋଚିତ ଉନ୍ନତିକରଣ ସରକାରଙ୍କ ଦ୍ୱାରା ହୋଇନାହିଁ । ମାଆଙ୍କ ପ୍ରାଙ୍ଗଣରେ ଥିବା ମଶାଣିରେ ସାମାନ୍ୟ ବର୍ଷା ହେବାଯୋଗୁଁ ଦିର୍ଘଦିନ ଧରି ପାଣି ଜମି ରହୁଅଛି । ଏହି ପାଣି ଜମି ରହିବା ଯୋଗୁଁ ଲୋକମାନେ ବିଭିନ୍ନ ମୃତ ଦେହକୁ ଆଣି ମଶାଣିର ନିର୍ଦ୍ଦିଷ୍ଟ ସ୍ଥାନରେ ନପୋତି ଏଣେତେଣେ ଫିଙ୍ଗି ଦେଉଛନ୍ତି । ଏଥି ସହ ବର୍ଷା ପାଣି ଜମି ରହିବାରୁ ପୋତାହୋଇଥିବା ଶବ ମଧ୍ୟ ପାଣିରେ ଭାସିଆସି ମାଆଙ୍କ ମନ୍ଦିର ନିକଟରେ ପଡି ରହୁଛି । ଏହା ଫଳରେ ଶବ ପଚିସଡି ପରିବେଶ କୁ ପୂତି ଗନ୍ଧମୟ ପରିବେଷ ସୃଷ୍ଟି ହେଉଅଛି । ସ୍ଥାନୀୟ ଲୋକମାନେ ଓ ପର୍ଯ୍ୟଟକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୁତି ଗନ୍ଧମୟ ପରିବେଷ ଯୋଗୁଁ ମାଆଙ୍କ ଦର୍ଶନରୁ ବଂଚିତ ହେଉଛନ୍ତି । ଏହି କ୍ଷେତ୍ର ପୁରୀ ର ସର୍ବପୁରାତନ ତଥା ଏକ ପର୍ଯ୍ୟଟନ ଓ ଧାର୍ମିକ କେନ୍ଦ୍ରସ୍ଥଳୀ ହୋଇଥିଲେ ମଧ୍ୟ ମାଆଙ୍କ ପାରିପାର୍ଶ୍ୱିକ ଅବସ୍ଥା ଉନ୍ନତି କରାଯାଇନାହିଁ ।ଏଠାରେ ମା ଙ୍କ ବିଭିନ୍ନ ପୂଜା ପର୍ବାଣୀ ଅନୁଷ୍ଠିତ ହୋଇଥାଏ। ଆଗକୁ ପାର୍ବଣ ପର୍ବ ଆସୁଥିବାରୁ ମାଆ ମଶାଣିଚଣ୍ଡୀଙ୍କ ଯଜ୍ଞ ଓ ଷୋଳପୂଜାଦି ଅନୁଷ୍ଠିତ ହେବ । ତୁରନ୍ତ ଜିଲ୍ଲା ପ୍ରଶାସନ ତରଫରୁ ହସ୍ତକ୍ଷେପ କରାଯାଇ ମଶାଣିରେ ଜମି ରହୁଥିବା ଜଳ ନିଷ୍କା ସ୍ଥାନରେ ଶବ ପୋତାଯିବାର ବ୍ୟବସ୍ଥା ଓ ପରିବେଶର ସର୍ବାଙ୍ଗୀନ ଉନ୍ନତି କରାଯିବା ପାଇଁ ମଶାଣି ଚଣ୍ଡୀ ଉନ୍ନୟନ କମିଟି ପକ୍ଷରୁ ଦାବି କରାଯାଇଛି ।କମିଟିର ସଭାପତି ଲିଟୁ ପ୍ରଧାନଙ୍କ ନେତୃତ୍ୱରେ ମନ୍ଦିରର ପୂଜକ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ

ବଡ଼ଠାକୁରଙ୍କ ମହାସ୍ନାନ

ପୁରୀ (ବ୍ୟୁରୋ): ବଡ଼ ଠାକୁରଙ୍କ ବଡ଼ ମହାସ୍ନାନ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ। ଭିତର କାଠ ନିକଟରେ ବାନ୍ତି ପଡ଼ିଥିବାରୁ

ବଡ଼ ମହାସ୍ନାନ କରାଯାଇଛି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳ ଧୂପ ପରେ ଚାଲିଥିଲା ଭିତରକାଠ ଦର୍ଶନ। ତେବେ ଭିତର କାଠ ନିକଟରେ ବାନ୍ତି ପଡ଼ିଥିବାର କିଛି ସେବାୟତ ଦେଖିଥିଲେ। ଏହାପରେ ତୁରନ୍ତ ମହପ୍ରଭୁଙ୍କ ସମସ୍ତ ନୀତିକାନ୍ତି କିଛି ସମୟ ପାଇ ବନ୍ଦ କରାଯାଇଥିଲା । ଏହି ସମୟରେ ଠାକୁରଙ୍କ ବଡ଼ ମହାସ୍ନାନ କରାଯାଇଥିଲା। ଠାକୁରଙ୍କ ବଡ଼ ମହାସ୍ନାନ ଯୋଗୁଁ ବନ୍ଦ ରହିଥିଲା ସାଧାରଣ ଦର୍ଶନ। ମହାସ୍ନାନ ନୀତି ପରେ ପୁନର୍ବାର ଜାରି ସର୍ବସାଧାରଣ ଦର୍ଶନ ଚାଲିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଜାରି କରାଯାଇଛି।

।। ପେଣ୍ଠକଟା ମତ୍ସ୍ୟଜୀବୀ ବସ୍ତି ବାସିନ୍ଦାଙ୍କ ବୈଠକ ।।

ମୃତ ଗୋପାଳଙ୍କ ପରିବାରକୁ ସାହାଯ୍ୟ-ସହାୟତା ନିଷ୍ପତ୍ତି

ପୁରୀ (ବ୍ୟୁରୋ): ଗୁରୁବାର ଅପରାହ୍ନରେ ପେଣ୍ଠକଟା ମତ୍ସ୍ୟଜୀବୀ ବସ୍ତି ବାସିନ୍ଦାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପ୍ରସାଦ ବରଫ କଳ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଲୋଚନା କରାଯାଇଥିଲା। ଗତ ୫ ସେପ୍ଟେମ୍ବର ୨୦୨୬ ରେ ୬ ଜଣ ମତ୍ସ୍ୟଜୀବୀ ଡଙ୍ଗା ନେଇ ମାଛ ଧରିବାକୁ ସକାଳେ ଯାଇଥିଲେ । ସଂଧ୍ୟାରେ ଫେରିଲା ବେଳକୁ ସମୁଦ୍ର ଲହଡିରେ ଡଙ୍ଗା ଓଲଟି ପଡିବାରୁ ଜଣେ ମତ୍ସ୍ୟଜୀବୀଙ୍କ ଜୀବନ ଚାଲିଯାଇଥିଲା । ଆଉ ୫ ଜଣ ସୁରକ୍ଷିତ ଫେରିଥିଲେ । ବହୁ ଖୋଜା ଖୋଜି ପରେ ସେପ୍ଟେମ୍ବର ନୂଆନଇ ପାଖରୁ ୩୨ ବର୍ଷୀୟ କେ. ଗୋପାଳଙ୍କ ମୃତଦେହ ପୋଲିସ ଉଦ୍ଧାର କରି ଏକ ଅପମୃତ ମାମଲା ରୁଜୁ କରିଥିଲା । ଏହି ଘଟଣା ଅଞ୍ଚଳରେ ଚହଳ ସୃଷ୍ଟି ସହ ଦୁଃଖଦ ପରିବେଶ ସୃଷ୍ଟି ହୋଇଥିଲା । ଡଙ୍ଗାରେ ମୃତ ଗୋପାଳଙ୍କ ତିନି ଭଣଜା, ଡଙ୍ଗା ମାଲିକ ଓ ଜଣେ ଷ୍ଟାପ ଥିଲେ । ମୃତ ଗୋପାଳଙ୍କ ପରିବାରରେ ତାଙ୍କ ଧର୍ମପତ୍ନୀ କେ. ରତନମ୍ ଓ ଗୋଟିଏ ଝିଅ ଓ ପୁଅ ଅଛନ୍ତି । ତାଙ୍କ ପରିବାରକୁ ଡଙ୍ଗା ମାଲିକ ନୀଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବା ସହ ସମସ୍ତ ସୁବିଧାସୁଯୋଗ ଦେବା ପାଇଁ ମୁଖିଆ ମାନେ ସ୍ଥିର କରିଛନ୍ତି । ଏଥିସହ ଡାଙ୍କର ଇନସ୍ୟୁରାନ୍ସ ଓ ଅନ୍ୟାନ୍ୟ ସାହାଯ୍ୟ ପରିବାରକୁ କରାଯିବ ବୋଲି ପଞ୍ଚାୟତ ବୈଠକରେ ନିଷ୍ପତ୍ତି ନିଆଯାଇଛି । ପଞ୍ଚାୟତ ବୈଠକରେ ମୁଖିଆ କୋବେରି ଜଗନ୍ନାଥ ରାଓ,କେ.ତାତାରାଓ, କେ ମାର୍କ, କେ.ରମଣା, ପି ଅପଲରାଜୁ, କଡନାର୍ଲା, ଜି.ଜଗନ୍ନାଥ ଓ କେ ପ୍ରସନ୍ନ କୁମାର ସମେତ ଶତାଧିକରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଉପସ୍ଥିତ ରହି ଅସହାୟ କେ. ରତନମମ କୁ ସହଯୋଗର ହାତ ବଢ଼ାଇଥିଲେ ।

ଆତ୍ମହତ୍ୟା ନିରୋଧ ଦିବସରେ ସଚେତନତା ରାଲୀ

ପୁରୀ (ବ୍ୟୁରୋ): ପ୍ରତିବର୍ଷ ୧୦ ସେପ୍ଟେମ୍ବର ରେ ଆତ୍ମହତ୍ୟା ନିରୋଧ ଦିବସ ପାଳନ କରାଯାଏ ।ଏହି ଅବସର ରେ ଆତ୍ମ ହତ୍ୟା ନିରୋଧ ମାନସିକ ସ୍ୱାସ୍ଥ୍ୟ ସଚେତନତା,ପରଷ୍କର ସହଯୋଗ ଏବଂ ଆବଶ୍ୟକ ସମୟ ରେ ସହାୟତା ନେବାର ଗୁରୁତ୍ୱ ସମ୍ପର୍କ ରେ ସମାଜ କୁ ସଚେତନ କରିବା ଉଦ୍ଦେଶ୍ୟ ରେ ସଙ୍ଗଶ୍ରୀ ଫାଉଣ୍ଡେସନ ଓ ସାବିତ୍ରୀ ଜନସେବା ପକ୍ଷରୁ ଏକ ସଚେତନତା ରାଲି କରାଯାଉଛି ।ଏହି ରାଲି ରେ ସ୍ପଷ୍ଟ ବାର୍ତ୍ତା ସମାଜକୁ ଦିଆଯାଇଛି । 'ଆତ୍ମହତ୍ୟା ନୁହେଁ ଜୀବନକୁ ବାଛନ୍ତୁ,ନୀରବ ନୁହେଁ ସମସ୍ୟା ସମ୍ପର୍କ ରେ କଥା ହୁଅନ୍ତୁ ,କାହାକୁ ବିଚାର ନୁହେଁ ସହାୟତା ର ହାତ ବଢ଼ାନ୍ତୁ ।'ଏଥିରେ ଟାଉନ ଥାନା ଆଇଆଇସି ଶ୍ରୀଯୁକ୍ତ ଗୋକୁଳ ଦାସ ପଦ ଯାତ୍ରା କୁ ଉହାଟନ କରିଥିଲେ। ବରିଷ୍ଠ ସାମ୍ବାଦିକ ନାରାୟଣ ଦାସ ଓ ଗୌରହରି ପ୍ରଧାନ ଆମ୍ବ ସହ ଜଡ଼ିତ ଥିଲେ। ସଙ୍ଗ ଶ୍ରୀ ଫାଉଣ୍ଡେସନ ର ନିର୍ଦ୍ଦେଶିକା ଅରୁଣିମା ନନ୍ଦ ଙ୍କ ଅଧ୍ୟକ୍ଷତା ରେ ସମ୍ପାଦିକା ପଦ୍ମିନୀ ବେହେରା କାର୍ଯ୍ୟ କ୍ରମ ପରିଚାଳନା କରିଥିଲେ। ଶ୍ରୀ ମନ୍ଦିର ପାଖରେ ପଦଯାତ୍ରା ଶେଷ ହୋଇଥିଲା । ସଙ୍ଗଶ୍ରୀ ଫାଉଣ୍ଡେସନ ର ସଭ୍ୟା ଭାବରେ ବୁଦ୍ଧିମତୀ ,ସୁବାସିନୀ, ପୂଜା, ବିଚିତ୍ରାମିଶ୍ର, ଭାରତୀ,

ପ୍ରିୟଦର୍ଶିନୀ, ସମିନା, ମଧୁସ୍ମିତା , ଗାୟତ୍ରୀ ଜେନା, ପ୍ରମୋଦିନି , ଶର୍ମିଲା ସହିତ ଅନେକ ସଭ୍ୟା ଯୋଗଦାନ ଦେଇଥିଲେ ।

ତାଲିକାଭୁକ୍ତ ହେବ ବୃଦ୍ଧାଶ୍ରମ ଓ ବରିଷ୍ଠ ନାଗରିକ ଗୃହ

ପୁରୀ (ବ୍ୟୁରୋ): ପୁରୀ ଜିଲ୍ଲାରେ ବେସରକାରୀ ଭାବେ ପରିଚାଳିତ ହେଉଥିବା ବରିଷ୍ଠ ନାଗରିକ ଗୃହ କିମ୍ବା ବୃଦ୍ଧାଶ୍ରମ ଗୁଡିକୁ ତାଲିକାଭୁକ୍ତ କରିବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଜିଲ୍ଲାରେ ପରିଚାଳିତ ସମସ୍ତ ବରିଷ୍ଠ ନାଗରିକ ଗୃହ/ବୃଦ୍ଧାଶ୍ରମ ସମ୍ପର୍କରେ ଏକ ସମ୍ପୂର୍ଣ୍ଣ ତଥ୍ୟ ଭଣ୍ଡାର ବା ଡାଟାବେଶ ପ୍ରସ୍ତୁତ କରାଯିବାକୁ ସେ ପରାମର୍ଶ ଦେଇଛନ୍ତି।ଏହି ବିବରଣୀ ବା ତଥ୍ୟ ମଧ୍ୟରେ ସଂସ୍ଥା ର ନାମ ଓ ସମ୍ପୂର୍ଣ୍ଣ ଠିକଣା, ମାଲିକ/ମୁଖ୍ୟ/ସମ୍ପାଦକ ଙ୍କ ନାମ ଓ ଯୋଗାଯୋଗ ବିବରଣୀ, ପଞ୍ଜିକରଣ ସମ୍ପର୍କରେ ବିବରଣୀ, ସଂସ୍ଥା ପ୍ରତିଷ୍ଠା ତାରିଖ, ବର୍ତ୍ତମାନ ରହୁଥିବା ବା ସେବା ଗ୍ରହଣ କରୁଥିବା ବରିଷ୍ଠ ନାଗରିକ ଙ୍କ ସଂଖ୍ୟା, ପ୍ରଦାନ କରାଯାଉଥିବା ସୁବିଧା ଓ ସେବା ଏବଂ ଅନ୍ୟାନ୍ୟ ବିବରଣୀ, ଦଲିଲ ପତ୍ର ଅନ୍ତର୍ଭୁକ୍ତ ହେବ ।ଆବଶ୍ୟକୀୟ ତଥ୍ୟ ସହ ଆନୁଷଙ୍ଗିକ ଦଲିଲପତ୍ର ଏହି ସମ୍ବାଦ ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଙ୍କ ନିକଟରେ ଦାଖଲ ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।ପରବର୍ତ୍ତୀ ସମୟରେ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରି ନ ଥିବା ସଂସ୍ଥା ଚିହ୍ନଟ ହେଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଦେଇଛନ୍ତି ।ଏ ସମ୍ବନ୍ଧରେ ଅଧିକ ବିବରଣୀ ଓ ସ୍ପଷ୍ଟୀକରଣ ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଙ୍କୁ ଯୋଗାଯୋଗ ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ବରିଷ୍ଠ ନାଗରିକ ସଂଘ,ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ମଧ୍ୟ ଅନୁରୂପ ଭାବେ ସାମାଜିକ ସୁରକ୍ଷା ଅଧିକାରୀ ଙ୍କୁ ତଥ୍ୟ ପ୍ରଦାନ କରିବେ ।ଯାହା ର ଏକ ଡାଟାବେଶ ପ୍ରସ୍ତୁତ କରାଯିବ । ଯାହା ବ୍ୟବସ୍ଥା ର ସୁରକ୍ଷା ଓ ସ୍ୱଚ୍ଛତା ରେ ସହାୟକ ହେବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ପାଇଁ ବୈଠକ

ପୁରୀ (ବ୍ୟୁରୋ): ଶ୍ରୀମନ୍ଦିରରେ ପୁରୀ ବାସିନ୍ଦାଙ୍କ ପାଇଁ ସ୍ୱତନ୍ତ୍ର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ତୀବ୍ର ଦାବି କରାଯାଇଛି । ସରକାରଙ୍କ ପକ୍ଷରୁ ଏନେଇ ତୁରନ୍ତ ପଦକ୍ଷେପ ନ ଗ୍ରହଣ କରାଗଲେ ଆନ୍ଦୋଳନ କରାଯିବ ବୋଲି ସ୍ୱତନ୍ତ୍ର ବ୍ୟବସ୍ଥା ମଞ୍ଚ ପକ୍ଷରୁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ଚେତାବନୀ ଦିଆଯାଇଛି। ସ୍ୱତନ୍ତ୍ର ବ୍ୟବସ୍ଥା ମଞ୍ଚ ପକ୍ଷରୁ ପୁରୀ ସହରର ବଜାର କମିଟି, ମହିଳା ସଂଗଠନ, ବ୍ୟବସାୟୀ ସଂଘ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଗତ ଏପ୍ରିଲ ୧ ତାରିଖରୁ ପୁରୀବାସୀଙ୍କୁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା ନେଇ ଚାଲିଥିବା ସଚେତନତା ପଦଯାତ୍ରା ୧୬୨ ଦିନରେ ପହଞ୍ଚିଛି । ପ୍ରତ୍ୟେକ ଦିନ ଅପରାହ୍ନ ୫ଟା ସମୟରେ ସାଲବେଗ ମନ୍ଦିର ଠାରୁ ଶ୍ରୀମନ୍ଦିର ସିଂହ ଦ୍ୱାର ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା କରାଯାଉଛି । ଏହା ଗତ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ଓ ପୁରୀ ଜିଲ୍ଲା ପ୍ରଶାସନ 'ସ୍ୱତନ୍ତ୍ର ବ୍ୟବସ୍ଥା ମଞ୍ଚ'ର ଦାବିକୁ କାର୍ଯ୍ୟକାରୀ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେବେ ପ୍ରଶାସନ ଦାବି ପୂରଣ ନକଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଏହି ମଞ୍ଚ ପକ୍ଷରୁ କୁହାଯାଇଛି।ସ୍ୱତନ୍ତ୍ର ବ୍ୟବସ୍ଥା ମଞ୍ଚର ଆବାହକ ସ୍ୱାଧୀନ ପଣ୍ଡାକହିଛନ୍ତି, 'ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପୁରୀ ବାସିନ୍ଦାଙ୍କ ଆରାଧ୍ୟ ଦେବତା । ପ୍ରତ୍ୟେକ କାର୍ଯ୍ୟକ୍ରମରେ ପୁରୀବାସୀ ଶ୍ରୀମନ୍ଦିର ଉପରେ ନିର୍ଭରଶୀଳ । ସେ ମହାପ୍ରସାଦ କିଣିବା ହେଉ କି ଠାକୁରଙ୍କ ଫୁଲ । ବର୍ତ୍ତମାନର ବ୍ୟବସ୍ଥାରେ ବିଭିନ୍ନ ଦେବଦେବୀଙ୍କ ଦର୍ଶନ ଏବେ କାଠିକର ପାଠ ହୋଇଯାଇଛି । କାରଣ ପୁରୀବାସୀ ସାଧାରଣ ଭକ୍ତଙ୍କ ସହିତ ଲାଇନରେ ଘଣ୍ଟା ଘଣ୍ଟା ଠିଆ ହୋଇ ରହୁଛନ୍ତି । ଅନେକ ବୟସ୍କ ମହିଳା ଓ ପୁରୁଷ ଏବେ ଶ୍ରୀମନ୍ଦିରକୁ ଯାଇ ପାରୁନାହାନ୍ତି। ଏଣୁ ଶ୍ରୀମନ୍ଦିରକୁ ଯିବା ପୁରୀବାସୀଙ୍କ ପାଇଁ କାଠିକର ପାଠ ହୋଇଯାଇଛି । ଏଣୁ ଶ୍ରୀମନ୍ଦିରରେ ପୁରୀବାସୀଙ୍କୁ ସ୍ୱତନ୍ତ୍ର ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା ସରକାର ନକରିଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ହୋଇଛି ।ଶ୍ରୀମନ୍ଦିର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ

ଜଣେ ଗୁରୁ ନିଜ ଜୀବଦଶାରେ ଯେତେ ଶିଷ୍ୟ କରିଥାନ୍ତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରତ୍ୟେକ ଜଣେ ଜଣେ ସେହି ଗୁରୁଙ୍କର ଏକ ଏକ ଅଂଶ ସ୍ୱରୂପ ।

ଗୁରୁଶ୍ରୀ ଚନ୍ଦ୍ରମଣି ଲେଙ୍କା ଏକ ଆଲେଖ୍ୟ

“ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମି ଶ୍ରୀ ଗୁରୁବେ ନମଃ ।”

ଗୁରୁ ସତରେ କଣ ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କ ସ୍ୱରୂପ ? ନିଶ୍ଚିତ ଭାବରେ ହଁ, ନିଜର ଜୀବିତ ଅବସ୍ଥାରେ ଗୁରୁ ବ୍ରହ୍ମାଙ୍କ ସ୍ୱରୂପରେ ଶିଷ୍ୟର ଜିଜ୍ଞାସା ରୂପୀ ବୀଜକୁ ଅଙ୍କୁରୋଦଗମ୍ କରିବାରେ ନିଜର ସମସ୍ତ ଶକ୍ତି ଓ ଶ୍ରମକୁ ପ୍ରଦାନ କରିଥାନ୍ତି । ପୁଣି ବିଷ୍ଣୁ ସ୍ୱରୂପ ଲାଳନ ପାଳନ କରି ସେ ବୀଜକୁ ବିରାଟ ଅସ୍ତିତ୍ୱ ପ୍ରଦାନ କରିଥାନ୍ତି ଏବଂ ମହେଶ୍ୱର ସ୍ୱରୂପରେ ଶିଷ୍ୟକୁ ବୀଜରୁ ଦ୍ରୁମ ରୂପରେ ପରିବର୍ତ୍ତିତ ହେବାରେ ଯାହା ବିଘ୍ନ ଆସିଥାଏ, ଯେଉଁ ବିକାର ଆସିଥାଏ ତାର ବିଧ୍ୱଂସ କରିବାରେ ପଛେଇ ନଥାନ୍ତି ସେ ବିକାର ଆନ୍ତିକ ହେଉ ବା ବାହ୍ୟିକ ହେଉ । ତେଣୁ ଜଣେ ଗୁରୁ ନିଜ ଜୀବଦଶାରେ ଯେତେ ଶିଷ୍ୟ କରିଥାନ୍ତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରତ୍ୟେକ ଜଣେ ଜଣେ ସେହି ଗୁରୁଙ୍କର ଏକ ଏକ ଅଂଶ ସ୍ୱରୂପ । ତେଣୁ ଜୀବନ ଥିବା ସମୟରେ ଗୁରୁ ତ୍ରିଗୁଣାତ୍ମକ ସ୍ୱରୂପ ଧାରଣ କରି ଶିଷ୍ୟକୁ ଏକ ସଂପୂର୍ଣ୍ଣ ଅସ୍ତିତ୍ୱ ଦେବାରେ ନିୟୋଜିତଥାନ୍ତି । ମାତ୍ର ଗୁରୁ ନିଜର ଦେହତ୍ୟାଗ କରିବା ପରେ ସେ ପରଂବ୍ରହ୍ମ ସ୍ୱରୂପକୁ ପ୍ରାପ୍ତ ହୋଇଥାନ୍ତି । ଯେ ନିର୍ଗୁଣ ଆଉ ନିରାକାର । ଗୁରୁ ଏକ ତତ୍ତ୍ୱ ସ୍ୱରୂପ ହୋଇଯାଆନ୍ତି । ଗୁରୁ ଏକ ଚେତନାର ପ୍ରତୀକ ହୋଇ ଶିଷ୍ୟ ମଧ୍ୟରେ ଜ୍ଞାନର ଆଲୋକ ପ୍ରଜ୍ୟୋଳିତ କରିଥାନ୍ତି । ଗୁରୁଙ୍କ ସହିତ ସୂକ୍ଷ୍ମ ସଂଯୋଗ ହିଁ ଶିଷ୍ୟ ମଧ୍ୟରେ ଉକ୍ତ ତେଜକୁ ଉଦ୍‌ଭାସିତ କରିଥାଏ । ତେଣୁ ଶାସ୍ତ୍ର ଏହା ହିଁ ତ କହିଛି,

ଗୁରୁଙ୍କୁ ନମଣିବ ନର,
ଗୁରୁ ହିଁ ସାକ୍ଷାତ ଇଶ୍ୱର ।”

ତେଣୁ ଆଜିର ଦିନରେ ମୋ’ ଗୁରୁଙ୍କୁ ମୁଁ ଯେ ମନେ ପକାଉଛି ସେ ତ ସେହି ଭଳି ଏକ ବିଲ୍ୱତଙ୍କ ପ୍ରଭାବ । ଆଜି ବି ତାଙ୍କର ସୂକ୍ଷ୍ମ ଅନୁଭୂତିକୁ ଅନୁଭବ କରିହେଉଛି, ତାଙ୍କ ପ୍ରେରଣା, ତାଙ୍କ ଉପସ୍ଥିତି ପରିସ୍ଥିତି ଅନୁଯାୟୀ ପରିବର୍ତ୍ତନ ହେଉନି, ମାତ୍ର ତାଙ୍କର ଉପସ୍ଥିତି ପରିସ୍ଥିତିକୁ ପରିବର୍ତ୍ତନ କରିପାରୁଛି । ମତେ ଐକାନ୍ତିକ ଭାବରେ ଆହୁରି ସ୍ଥିର କରୁଛି, ଆହୁରି ଦୃଢ଼ କରୁଛି ।

ମୋ ଜୀବନର ଦ୍ୱିତୀୟ ପରିଚ୍ଛେଦରେ ପୂର୍ନବାର ମତେ ସଂଗୀତ ଜଗତକୁ ଆଣିଥିବା ମୋର ଗୁରୁ ଶ୍ରୀ ଚନ୍ଦ୍ରମଣି ଲେଙ୍କା କେବଳ ଜଣେ ସଂଗୀତ ଶିଖାଉଥିବା ଗୁରୁ ନଥିଲେ । ସେ ଶିଖାଇଥିଲେ ସଂଗୀତ ଶିଖିବାର ପ୍ରକୃତ ମହତ୍ତ୍ୱ । ଏକ ମଧ୍ୟବିତ୍ତ ପରିବାରରେ ତା ୧୦.୧୨.୧୯୬୧ ମସିହାରେ ଅଣିଜଙ୍ଗ, ପୁରୀ ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଏହି ମହାନ୍ ବ୍ୟକ୍ତିତ୍ୱ ଜୀବନକୁ ସଂଘର୍ଷ ଭାବରେ ନେଇଥିଲେ ଆଜୀବନ । ଖଣ୍ଡେ ସାଇକେଲ ଥିଲା ସାର୍‌ଙ୍କ ସମ୍ପତ୍ତି । ଘରକୁ ଘର ଯାଇ ଭଲ ଗାଉଥିବା ବା ନଗାଉଥିବା, ମାତ୍ର ଆଗ୍ରହୀ ଥିବା ପ୍ରତ୍ୟେକ ପିଲାଙ୍କୁ ଓଡ଼ିଶାର ପାରମ୍ପାରିକ ସଂଗୀତ, ଓଡ଼ିଶୀ ଛାନ୍ଦ, ଚମ୍ପୁ, ଭଜନ, ଜଣାଣ ଶିଖାଉଥିଲେ । ଅର୍ଥାଭାବରେ ଥିଲେ ମଧ୍ୟ, ଏହା କେବେ ତାଙ୍କର ନିଶାରେ ବାଧକ ହୋଇନି । ସେ ୫ବର୍ଷ ଶିଶୁ ଟିଏ ହେଉ ଅଥବା ୫୫ବର୍ଷର ବୟସ୍କ ବ୍ୟକ୍ତି ପ୍ରତ୍ୟେକଙ୍କୁ ସାର୍ ସହୃଦୟତାର ସହ ସିଖାଉଥିଲେ । ନିର୍ଦ୍ଧାରିତ ସମୟରେ ନିୟମିତ ଭାବରେ ସାରଙ୍କ ଉପସ୍ଥିତି ମଧ୍ୟ ଏକ ପ୍ରାମାଣିକତା ଦିଏ ସେ କେତେ ସଂଗୀତକୁ ଭଲ ପାଉଥିଲେ, ଏବଂ ସର୍ବୋପରି ଜଗନ୍ନାଥ ଭଲପାଉଥିଲେ । ତାଙ୍କର ସଂଗୀତ ଗାଇବା ଏବଂ ତାଙ୍କର ପ୍ରସାଦ ଖାଇବା ହିଁ ଥିବା ସାରଙ୍କ ଜୀବନର ଏକମାତ୍ର ଅଭିଳାଷ ତେଣୁ ସେ ସବୁବେଳେ କହୁଥିଲେ, ଆରେ.... ଖାଇବ ଆଉ ଗାଇବ” ।

ଆଜି ବି ତାଙ୍କର ସେ ଶବ୍ଦ କାନ ପାଖରେ ପ୍ରତିଧ୍ୱନିତ ହେଉଛି । ମହାପ୍ରଭୁଙ୍କର ଯେତେ ଯାନି ଯାତରା, ସେ ଚନ୍ଦନ ହେଉ, ଦୋଳ ହେଉ, ଝୁଲଣ ହେଉ ସାର୍ ନିଶ୍ଚୟ ଥିବେ ତାଙ୍କର ହାରମୋନିୟମ୍ ଆଉ ଶିଷ୍ୟମାନଙ୍କ ସହିତ କେବେ କେଉଁ ମନ୍ଦିରରେ ତ କେବେ କେଉଁ ମଠ ବାଡ଼ିରେ । ଯେଉଁଠି କିଛି ଅର୍ଥ କେବେ ମିଳିବନି । ହଁ ପ୍ରସାଦ ଭଲ ମିଳିଥାଏ । ତେଣୁ ମୁଁ ବେଳେ ବେଳେ ଭାବେ ସାରଙ୍କ ସଂସାର କେମିତି ଚାଲୁଥିବ ଏ ମହରଗ କାଳରେ । ପରେ ପରେ ଶୁଣିଛି ସାର୍ ଏକାଡ଼େମୀର ଉତ୍ତରଦାୟିତ୍ୱ ଛାଡ଼ିଛନ୍ତି । ଚାହିଁଥିଲେ ସାର୍ କୌଣସି ସଂଗଠନ ସହିତ ମିଶି ଓଡ଼ିଶି ନୃତ୍ୟରେ ଗୀତ ଗାଇପାରିଥାନ୍ତେ, ଅଥବା କାହାକୁ ତୋଷାମୋଦ କରି ୫.୦, ବା ବିଭିନ୍ନ ଉତ୍ସବଭଭରକ୍ଷ ରେ ସଂଗୀତ ପରିବେଷଣ କରି ଅର୍ଥ ଉପାଜନ କରିପାରିଥାନ୍ତେ । ମାତ୍ର ତାଙ୍କର ଜନ୍ମ ତ ଭିନ୍ନ ଉଦ୍ଦେଶ୍ୟ ପାଇଁ, ତେଣୁ ସେ ସମର୍ପିତ ଆତ୍ମା କେବଳ ସନ୍ତୋଷ ପାଇଛି, ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସଂଗୀତର ପୁଷ୍ପାଞ୍ଜଳୀ ଦେଇ । ସେତେ ଆବଶ୍ୟକ ନଥିଲେ କେବେ କୌଣସି ଶିଷ୍ୟକୁ ବି ସେ କିଛି ଜଣେଇ ନାହାନ୍ତି କେବେ । କେବଳ ଗୋଟିଏ କଥା ଥାଏ ଡୁଣ୍ଡରେ “ଆରେ ଅଭ୍ୟାସ ଜାରି ରଖ, ଆମେ ଓଡ଼ିଶାର ପାରମ୍ପାରିକ ଶୈଳୀରେ ପରିବେଷଣକୁ ଗୁରୁତ୍ୱ ଦେବା ଏବଂ ପୁରୀ ଘରାନା ତିଆରି କରିବା” ।

ଆଜି ବି ନିରୋଳାରେ ବସିଲେ ସାରଙ୍କ ଏହି ବାକ୍ୟଟି ବାରମ୍ବାର ମନକୁ ଆସୁଛି । ୨୦୧୯ ଓଡ଼ିଶୀ ସଂଗୀତ ପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଆୱାଡ଼ ପାଇବା ପରେ ମୋ ବୋଉ (ଶ୍ରୀମତୀ ଇନ୍ଦିରା ପ୍ରତିହାରୀ) ପାଖକୁ ଆସିଥିଲେ ଏବଂ ପଦସ୍ପର୍ଶ କରି କହିଥିଲେ ସବୁ ଆପଣଙ୍କ ଆଶିର୍ବାଦ ଏବେ ସୁଚରିତାର କାର୍ଯ୍ୟ ଆରମ୍ଭ, ଆହୁରି ନିଷ୍ଠାର ସହ କାର୍ଯ୍ୟ କରି ଓଡ଼ିଶୀ ରାଗ ସଂଗୀତକୁ ଶାସ୍ତ୍ରୀୟ ଶୈଳୀରେ ଗାୟନ କରି, ତା’ର ସ୍ୱତନ୍ତତାକୁ ବଜାୟ ରଖିବାକୁ ହେବ । ବହୁତ ଇଚ୍ଛା ଥିଲା ସାରଙ୍କର ଏକ ଓଡ଼ିଶୀ ଗବେଷଣା କେନ୍ଦ୍ର କରିବା ପାଇଁ ପୁରୀରେ କିନ୍ତୁ ମହାପ୍ରଭୁଙ୍କର କଣ ଇଚ୍ଛା ଥିଲା ଜାଣିନି, ବାରମ୍ବାର ଚେଷ୍ଟା ସତ୍ତ୍ୱେ ଏହା ଫଳୀଭୂତ ହୋଇ ପାରିଲାନି । ସାର୍ କିନ୍ତୁ ଥକି ନଥିଲେ ମହାବାତ୍ୟା । ଫନି, କି କୋରନା କେହି ବି ସା ?ଙ୍କୁ ଅଟକାଇ ପାରିନଥିଲା । ଖଣ୍ଡେ ସାଇକେଲରେ ସନ୍ଧ୍ୟା ୫ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ପୁରାର ବିଭିନ୍ନ ସାହିରୁ ସାରଙ୍କ ସ୍ୱର ଶୁଭୁଥିଲା ସଂଗୀତକୁ ବଞ୍ଚାଇ ରଖିବା ପାଇଁ ।

କିନ୍ତୁ ସମୟ କଣ ଚାହୁଁଥିଲା, ଜଗନ୍ନାଥ କଣ ଚାହୁଁଥିଲେ, ଜଣା ନାହିଁ ସା ?ଙ୍କ ଦୀର୍ଘ ଦିନର ସାଥି ମଧୁମେହ ରୋଗଟି ଟିକେ ଅଧ ?କ ସକ୍ରିୟ ହୋଇଯାଇଥିଲା । ସାର୍ ମାନସିକ ସ୍ତରରେ ଦୁର୍ବଳ ହୋଇନଥିଲେ ମଧ୍ୟ ଶାରୀରିକ ଭାବେ ଦୁର୍ବଳ ହୋଇଯାଇଥିଲେ ମାତ୍ର ସଂଗୀତର ନିଶା ତାଙ୍କୁ ମଧୁମେହର ଆକ୍ରୋଶକୁ ପ୍ରତିହତ କରିବାରେ ଯଥେଷ୍ଟ ଶକ୍ତି ପ୍ରଦାନ କରୁଥିଲା । ଏମିତି ଏମିତିରେ ସାର୍ ତାଙ୍କ ଯାତ୍ରା ଜାରି ରଖୁଥିଲେ ଏବଂ ଶାନ୍ତ ଥିଲେ । ୨୦୨୩ ସେପ୍ଟମ୍ବର ୫ ତାରିଖ ଦିନ ସାରଙ୍କ ସହିତ ଏକ ଆନ୍ତରିକ ଦେଖା ଚାହାଁ ହୋଇଥିଲା, ଗୁରୁଦିବସ ଅବସରରେ । ସାରଙ୍କ ଦେହ ଭଲ ନଥିଲା । ମାତ୍ର ୧୦ ମିନିଟ୍ ମୁଁ ସାରଙ୍କ ସହିତ ଥିଲି, ଏବଂ ତାରି ଭିତରେ ସାର୍ ୧୦ ଥର କହିଥ ?ବେ “ ଆରେ କିଛି ଭଲ ଲାଗୁନି ରେ” କିନ୍ତୁ, ମୁଁ ମୋ କାର୍ଯ୍ୟବ୍ୟସ୍ତତା ଯୋଗୁଁ ସେଥ ?ରେ ଗୁରୁତ୍ୱ ଦେଇ ପାରିନଥିଲି, ଯାହାର ପରିଣାମ ସ୍ୱରୂପ ୧୧ ସେପ୍ଟମ୍ବେର ୨୦୨୩ ସନ୍ଧ୍ୟାର ଖବର ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । ସାର୍ ଆଉ ନଥିଲେ । ପଞ୍ଚଭୂତରେ ତାଙ୍କ ଶରୀରକୁ ଜଗନ୍ନାଥ ତାଙ୍କ ସହିତ ଲୀନ କରିଦେଇଥିଲେ । ଏବଂ ଆଜି ଦୀର୍ଘ ତିନି ବର୍ଷ ବିତି ଯାଇଥିଲେ ମଧ୍ୟ ସାରଙ୍କର ପ୍ରତିଟି ଗୀତ, ପ୍ରତିଟି ଶିକ୍ଷା, ପ୍ରତିଟି କଥା ଯେମିତି ଜୀବନ୍ତ ! ! ଏବେ ଆଉ ସାରଙ୍କ ପରି ଇଚ୍ଛା ବି ହେଉନି, କେଉଁଠି ଗାଇବାରେ ବା କିଛି ଯୋଗାଡ଼ କରି ପ୍ରୋଗ୍ରାମ କରିବାରେ ବାସ ଅଭ୍ୟାସ ଜାରି ରଖିବା, କିଛି ଆଗ୍ରହୀ ପିଲାଙ୍କୁ ଶିଖାଇବା ଏବଂ ମହାପ୍ରଭୁଙ୍କ ପାଇଁ ଗାଇବାରେ ମନ ସନ୍ତୋଷ ଲଭୁଛି । ତେଣୁ ନିତ୍ୟ ନିତ୍ୟ ମନକୁ ଏ ଭାବାନା ଆସୁଛି ସାର୍ ମୋର କେବଳ ସାର୍ ନଥିଲେ ସାର୍ ଥିଲେ ଗୁରୁ ତତ୍ତ୍ୱର ଧାରକ ଏବଂ ଏବେ ସେ ନିଶ୍ଚିତ ଭାବରେ ପରମତତ୍ତ୍ୱରେ ବିଲୀନ, ଯେଉଁଠୁ ତାଙ୍କର ପ୍ରତିଟି ପ୍ରେରଣା ଆମ ପାଇଁ କର୍ମର ରୂପରେଖ ନିର୍ଣ୍ଣୟ କରୁଛି । ସାର ଯେଉଁଠି ଅଛନ୍ତି ଭଲରେ ଥାଆନ୍ତୁ, ଏତିକି କାମନା ଏତିକି ପ୍ରାର୍ଥନା ।

‘ଜୟ ଜଗନ୍ନାଥ”

ସମୟର ଆହ୍ୱାନ

ଅଲେଖ ପ୍ରସାଦ ମହାନ୍ତି

ଆଜିକାଲି ସନାତନ ଧର୍ମ, ବେଦ, ଉପନିଶେଦ, ଶାସ୍ତ୍ର, ଉପରେ ଅଯଥା ଟିକା ଟିପଣୀ କରି ବିବାଦ ସୃଷ୍ଟି କରିବା କିଛି ଲୋକଙ୍କ ଚଳଣୀ ହେଲା ଭଳି ପ୍ରତୀତ ହେଉଛି । ମନକୁ ଯାହା ଆସିଲା କହି, ଲେଖି, ଛପେଇ ଲୋକଙ୍କ ମନରେ ବିଷ ମଞ୍ଜି ବୁଣିଦେବା ଅଭ୍ୟାସରେ ପରିଣତ ହେଲାଣି। ଏହି ଶୃଙ୍ଖଳାର ସଦ୍ୟତମ ସଂସ୍କରଣ ମନୁସ୍ମୃତିର ନବମ ଅଧ୍ୟାୟରେ ରଚିତ ନିମ୍ନ ଶ୍ଲୋକଟି ।

ପିତା ରକ୍ଷତି କୌମାରେ ଭର୍ତ୍ତା ରକ୍ଷତି ଯୌବନେ ।
ରକ୍ଷନ୍ତି ସ୍ଥବିରେ ପୁତ୍ରା ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି ?

ଏହି ଶ୍ଲୋକ ନାରୀଜାତି ପ୍ରତି ଅପମାନ ଓ ନାରୀ ସ୍ୱାଧୀନତା ଉପରେ ହସ୍ତକ୍ଷେପ ସହ ସେମାନଙ୍କୁ ଦମନ କରି ପଞ୍ଜୁରୀରେ ବନ୍ଦ ରଖିବା ଭଳି ପିତୃସତ୍ତା ମାନସିକତା କହି ଏହାକୁ ଧ୍ୱଂସ କରିବା ଆହ୍ୱାନ ସତ୍ୟ, ଜ୍ଞାନ ଏବଂ ସନାତନ ପରମ୍ପରା ବିଷୟରେ ଅଜ୍ଞତାକୁ ପରିପ୍ରକାଶ କରେ। ଏମିତି ବକ୍ତବ୍ୟ ସନାତନ ଧର୍ମର ମହାନତା, ଉଦାରତାକୁ ମଳିନ କରି ରାଜନୈତିକ ଲାଭ ପାଇଁ ପ୍ରାଚୀନ ଧର୍ମଗ୍ରନ୍ଥର ଶ୍ଲୋକଗୁଡ଼ିକୁ ପ୍ରସଙ୍ଗ ବିନା ଉପସ୍ଥାପନ କରିବା କେବଳ ସାଂସ୍କୃତିକ ଐତିହ୍ୟର ଅପମାନ ନୁହେଁ ବରଂ ସମାଜକୁ ଭ୍ରମିତ କରିବାର ଏକ ଷଡ଼ଯନ୍ତ୍ର ବୋଲି ପ୍ରମାଣ କରୁଛି । ସନାତନ ଧର୍ମକୁ ସମୂଳେ ନାଶ କରିବା ଚକ୍ରାନ୍ତର ପୁଚ୍ଛଦପଟ ଉଦ୍ଦେଶ୍ୟକୁ ଲକ୍ଷ୍ୟ କଲେ ଅକ୍ଲେଶରେ ଜାଣିହେବଯେ ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଖୁସି କରିବାକୁ ସନତାନୀଙ୍କୁ ଜାତି, ବର୍ଣ୍ଣ, ସ୍ତ୍ରୀ, ପୁରୁଷରେ ବିଭାଜିତ କର, ଜଣଙ୍କୁ ଜଣଙ୍କ ସହ ଲଢ଼ାଇ ଦେଶରେ ଅରାଜକତା ବାତାବରଣ ସୃଷ୍ଟି କରି କ୍ଷମତା ପ୍ରାପ୍ତିର ମାର୍ଗ ସୁଗମ କର। ବୈଜ୍ଞାନିକ ତଥା ଧାର୍ମିକ ଦୃଷ୍ଟିକୋଣରୁ ଦରିଦ୍ର, ସଂକୀର୍ଣ୍ଣ ବ୍ୟକ୍ତିସ୍ୱାର୍ଥ, ରାଜନୈତିକ ମହତ୍ୱାକାଂକ୍ଷାରେ ପ୍ରେରିତ ବ୍ୟକ୍ତିମାନେ ସନାତନ ଧର୍ମ ବିରୁଦ୍ଧରେ ବାରମ୍ବାର ବିଷୋଦଗାର କେତେ ଦୂର ଗ୍ରହଣୀୟ ତାହା ପାଠକେ ବିଚାର କରିବେ। କ୍ରମାଗତ ଭାବେ ଭାଷଣ, ବିଭିନ୍ନ ପତ୍ର ପତ୍ରିକା, ସାମଜିକ ଗଣମାଧ୍ୟମରେ ହିନ୍ଦୁ ଧର୍ମ ପ୍ରତି ଶାଣିତ ଶବ୍ଦ ବାଣ ଚଳାଉଥିବା ବ୍ୟକ୍ତିବିଶେଷ ଗଣ ଅନ୍ୟ ସମ୍ପ୍ରଦାୟରେ ଥିବା ଅସଙ୍ଗତି, ଅନ୍ଧବିଶ୍ୱାସ, ଅନ୍ୟାୟ, ଅବିଚାର ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିପାରିବେକି, ସେମାନଙ୍କ ରଢିବାଦି ଓ ରକ୍ଷଣଶୀଳ ବିଚାରଧାରାକୁ ଯୁଗୋପଯୋଗୀ ପରିବର୍ତ୍ତନ ଓ ସଂଶୋଧନ ପାଇଁ ସାହସ ଦେଖାଇ ପାରିବେକି, ଯଦି ନୁହେଁ ତେବେ ସମୟପୋଯୋଗୀ ପରିବର୍ତ୍ତନରେ ବିଶ୍ୱାସ ରଖୁଥିବା ହିନ୍ଦୁ ଧର୍ମ ପ୍ରତି ଏତେ ବିଦ୍ୱେଷ ଭାବ କହିଁକି ? ବହୁ ପୂର୍ବରୁ ପ୍ରଚଳିତ ସତୀପ୍ରଥା, ବାଲ୍ୟ ବିବାହ, ଯୌତୁକ ଜନିତ ନାରୀ ନିର୍ଯାତନା, କନ୍ୟା ଭ୍ରୁଣ ହତ୍ୟା ଭଳି ଅମାନୁଷିକ ଅପରାଧ କୁପ୍ରଥା ପାଇଁ ସନ୍ଧିଧାନରେ କଠୋର ଦଣ୍ଡବିଧାନ ଦ୍ୱାରା ଏହାର ପ୍ରକୋପକୁ ଅନେକାଂଶରେ କମ୍ କରାଯାଇ ପାରିଛି, ବିଧବା ବିବାହକୁ ମଧ୍ୟ ସୀକୃତି ମିଳିଛି, କିନ୍ତୁ ଅନ୍ୟ ସମ୍ପ୍ରଦାୟରେ ଥିବା କୁପ୍ରଥା ପ୍ରତି ଆମ ସନ୍ଧିଧାନ ନୀରବ କାହିଁକି ? ପୁରୁଷ ପ୍ରଧାନ ସମାଜରେ ନାରୀମନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଅବିଚାରଯେ ସମ୍ପୂର୍ଣ ସମାପ୍ତ ହୋଇଛି ଏହା କହିବା ସତ୍ୟର ଅପଳାପ ହେ, ହେଲେ ଶିକ୍ଷା, ସ୍ୱାବଲମ୍ବି ହେବା, ସାମଜିକ ନିଷ୍ପତ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାରେ ନାରୀ ଆଉ ଗୌଣ ହୋଇ ନାହିଁ।

ଶ୍ଲୋକର ମୂଳଭାବାର୍ଥ ବାଲ୍ୟକାଳରେ କନ୍ୟାକୁ ପିତା, ବିବାହ ପରେ ଯୌବନରେ ସ୍ତ୍ରୀକୁ ସ୍ୱାମୀ, ବୃଦ୍ଧାବସ୍ଥାରେ ମାତାଙ୍କୁ ପୁତ୍ରମାନେ ରକ୍ଷା କରନ୍ତି। ସନାତନ ସଂସ୍କୃତିରେ ନାରୀକୁ ଈଶ୍ୱରଙ୍କ ସର୍ବୋତ୍ତମ ସୃଷ୍ଟି ଓ କନ୍ୟାକୁ ରତ୍ନ ବୋଲି ବିବେଚନା କରାଯାଏ, ଯିଏ ଯେତେ ମୂଲ୍ୟବାନ୍ ତା’ର ସୁରକ୍ଷା ସେତେ ଅଧିକ ଆବଶ୍ୟକ। ଜଣେ ନାରୀ କେବେ ମଧ୍ୟ ଅସୁରକ୍ଷିତ ବା ସହାୟତାବିହୀନ ରହିବା ଉଚିତ ନୁହେଁ, ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ପରିବାରର ପୁରୁଷ ସଦସ୍ୟମାନେ ତାଙ୍କର ସୁରକ୍ଷା,ସମ୍ମାନ ଓ ଭରଣପୋଷଣର ଦାୟିତ୍ୱ ନେବା ଆବଶ୍ୟକତାର ବୈଜ୍ଞାନିକ ଓ ବୌଦ୍ଧିକ କାରଣ ମଧ୍ୟ ଅଛି। କାହାର ସୁରକ୍ଷା ଦାୟିତ୍ୱ ତାହା ପ୍ରତି ସମ୍ମାନ ନହୋଇ ଅପମାନ କୁହାଯିବା ପୁଷ୍ପର ସୌନ୍ଦର୍ଯ୍ୟ ଦେଖିବା ପରିବର୍ତ୍ତେ କଣ୍ଟକରେ ଅଟକି ଯିବା ଭଳି କଥା। ନା ସ୍ତ୍ରୀ ପୁରୁଷଠାରୁ ହୀନ ନା ସମାନ, ସ୍ତ୍ରୀ ପୁରୁଷଠାରୁ ଭିନ୍ନ ତାର ସ୍ୱଭାବ ତାର ବ୍ୟକ୍ତିତ୍ୱ ତାର ଚିନ୍ତାକରାଇବା ଶୈଳୀ ସବୁକିଛି ଭିନ୍ନ। ଚିକିତ୍ସା ବିଜ୍ଞାନ ଅନୁଶାରେ ନାରୀର ଶାରୀରିକ ଗଠନ ପୁରୁଷ ଠାରୁ ଅଲଗା। ତୁଳନାତ୍ମକ ଦୃଷ୍ଟିରୁ ନାରୀର ମାଂସପେଶୀ, ଅସ୍ଥିର ଘନତ୍ୱ ପୁରୁଷ ଠାରୁ ଦୁର୍ବଳ, ଶାରୀରିକ ଯନ୍ତ୍ରଣା ସହିବାର ଶକ୍ତି ମଧ୍ୟ ପୁରୁଷ ତୁଳନାରେ ନାରୀର କମ୍, ଦୀର୍ଘାୟୁରେ ନାରୀଙ୍କ ସଂଖ୍ୟା ଅଧିକ। ଏହି ଭିନ୍ନତା ଈଶ୍ୱର ଦତ୍ତ ଏଥିରେ ମଣିଷର କୌଣସି ହାତ ନାହିଁ। କିନ୍ତୁ ସ୍ୱଭାବ ଦୃଷ୍ଟିରୁ ଦେଖିଲେ ପୁରୁଷ ପ୍ରବୃତ୍ତିରେ, ତା’ ଚିତ୍ତରେ କ୍ରୋଧ, ହିଂସା, କଠୋରତାର ଅନୁପାତ ସବୁବେଳେ ଅଧିକ। ଅନ୍ୟପକ୍ଷରେ ସ୍ନେହ, ପ୍ରେମ, ମମତା, କରୁଣା ସହନଶୀଳତା ଭଳି ମହାନ କୋମଳ ଗୁଣ ସ୍ତ୍ରୀର ସହଜାତ ପ୍ରବୃତ୍ତି। ଜୀବନରେ ଯାହାସବୁ ସୁନ୍ଦର କଳ୍ପନା, ଭାବନା ସେସବୁ ନାରୀର ଅନିବାର୍ଯ୍ୟ ସ୍ୱଭାବ, ପରିବାର ପ୍ରତି ନିଷ୍ଠା, ତାକୁ ସୁଚାରୁରୂପେ ପରିଚାଳନା କରିବା ଦାୟିତ୍ୱ ସହିତ ସମସ୍ତଙ୍କ ମନକୁ ନେଇ ଚାଲିବା ଗୁଣ ଜଣେ ନାରୀ ପକ୍ଷରେ ଯେତିକି ସହଜ ତାହା ପୁରୁଷ ଠାରେ ସେତେ ସହଜ ନୁହେଁ। ଲଜ୍ୟା ନାରୀର ଭୂଷଣ କୁହାଯାଏ, ଏହା ନାରୀର ଦୁର୍ବଳତା ନୁହେଁ ବରଂ ସମାଜ ପ୍ରତି ନାରୀର ସମ୍ବେଦଶୀଳତା ଗୁଣକୁ ପରିପ୍ରକାଶ କରେ। ସ୍ତ୍ରୀକୁ ଅର୍ଦ୍ଧାଙ୍ଗିନୀର ମର୍ଯ୍ୟାଦା ଦେବା ଅର୍ଥ ସାମଜିକ ଦାୟିତ୍ୱ ତୁଲାଇବାରେ ସ୍ତ୍ରୀର ଭୂମିକା ପୁରୁଷ ଠାରୁ କୌଣସି କ୍ଷେତ୍ରରେ ଉଣା ନୁହେଁ ବୋଲି ସ୍ୱୀକାର କରିବା।

ଭାରତର ପ୍ରତ୍ୟେକ ନାଗରିକ ପାଇଁ ମାତୃଭୂମୀର ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା, ମାତୃଭୂମୀ ସୁରକ୍ଷାରେ ନିୟୋଜିତ ପ୍ରତ୍ୟେକ ସୈନିକ ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟ ଚିନ୍ତା ଛାଡ଼ି ଦେଶ ପାଇଁ ଲଢେ, ବେଳପଡ଼ିଲେ ପ୍ରାଣ ମଧ୍ୟ ଉତ୍ସର୍ଗ କରେ । ଶହୀଦ ସୈନିକଙ୍କ ବଳିଦାନକୁ ସର୍ବୋଚ୍ଚ ବଳିଦାନର ମାନ୍ୟତା ଦେବା ତା’ର ମାତୃଭୂମି ସୁରକ୍ଷା ପ୍ରତି ପ୍ରତିବଦ୍ଧତାକୁ ସୂଚାଇ ଥାଏ। ମାତୃଭୂମିର ସୁରକ୍ଷା କଣ ମାତୃଭୂମି ପ୍ରତି ଅପମାନ ବୋଲି ଧରାଯିବ।

ଅନ୍ୟ ସମ୍ପ୍ରଦାୟରେ, ସଭ୍ୟତାରେ ଈଶ୍ୱର କେବଳ ପୁରୁଷ କିନ୍ତୁ ପୃଥିବୀ ପୃଷ୍ଠରେ ସନାତନ ଏକମାତ୍ର ଧର୍ମ ଯେଉଁଠି ଅର୍ଦ୍ଧନାରୀଶ୍ୱର କେବଳ କଳ୍ପନା ନୁହେଁ ବରଂ ଚୈତନ୍ୟକୁ ଉର୍ଦ୍ଧ୍ୱଗାମି କରିବାର ସୁନ୍ଦରତମ ଅନୁଭବ। ମାତୃଶକ୍ତିର ଆରାଧନା ସୁଲି ଭାବେ ଭାରତ ସାରା ବିଶ୍ୱରେ ପ୍ରସିଦ୍ଧ। ସନାତନ ପରମ୍ପରାରେ ନାରୀଙ୍କୁ ଦେବୀ ରୂପରେ ପୂଜାକରାଯାଏ, ବିଦ୍ୟାଦାତ୍ରୀ ଦେବୀ ସରସ୍ୱତୀ, ଧନଦାତ୍ରୀ ମା’ଲକ୍ଷ୍ମୀ, ଶକ୍ତିଦାତ୍ରୀ ଦେବୀଦୂର୍ଗା, ଦୁଷ୍ଟଦଳିନୀ ମା’କାଳୀ ସମସ୍ତେ ଘରେ, ପୀଠ

ଲଘୁଚାପ ପ୍ରଭାବରେ ରାଜ୍ୟରେ ଭୀଷଣ ବର୍ଷା ସମ୍ଭାବନା

ଭୁବନେଶ୍ୱର(ବ୍ୟୁରୋ): ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ବାଂଲାଦେଶ ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଛି । ଏହାସହିତ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତନ ଠାରୁ ୯.୪ କିମି ପର୍ଯ୍ୟନ୍ତ ବିସ୍ତାରିତ ହୋଇ ରହିବା ସହ ଦକ୍ଷିଣ ପଶ୍ଚିମ ଦିଗକୁ ଢଳିକି ରହିଛି। ଏହାର ପ୍ରଭାବରେ ଆଗାମୀ ଦୁଇ ଦିନ ବା ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା , ଘଡ଼ଘଡ଼ି, ବିଜୁଳି ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି ଓ କନ୍ଧମାଳରେ ଭୀଷଣ ବର୍ଷା ସମ୍ଭାବନାକୁ ନେଇ ରେଡ୍ ଆଲର୍ଟ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସେହିପରି କୋରାପୁଟ, ନବରଙ୍ଗପୁର, ରାୟଗଡା,ଗଂଜାମ ଓ ଗଜପତି ଏହି ୫ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥି ସହ ନୟାଗଡ଼, ପୁରୀ,ଖୋର୍ଦ୍ଧା, କଟକ, ଯାଜପୁର, କେନ୍ଦ୍ରାପଡା,ଭଦ୍ରକ, ଜଗତସିଂହପୁର,ବୌଦ୍ଧ, ବଲାଙ୍ଗୀର, ନୂଆପଡା ,ମାଲକାନଗିରି,ବାଲେଶ୍ୱର, ମୟୁରଭଞ୍ଜ ଓ କେନ୍ଦୁଝର ଏହି ୧୫ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆସନ୍ତାକାଲି କଳାହାଣ୍ଡି, କୋରାପୁଟ ଓ ନବରଙ୍ଗପୁର ଏହି ୩ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ର୍ଷାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ସହ ଗଜପତି, ଗଂଜାମ, କଳାହାଣ୍ଡି ରାୟଗଡା, ମାଲକାନଗିରି, ବଲାଙ୍ଗୀର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ଷା ସମୟରେ ୩୦ ରୁ ୫୦ କିମି ବେଗରେ ଝଟକା ପବନ ହୋଇପାରେ। ଆସନ୍ତା ୧୨ ତାରିଖ ଯାଏ ରାଜ୍ୟରେ ପ୍ରବଳ ର୍ଷା ଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ସେପଟେ ଓଡିଶା ଉପକୂଳ ରେ ୪୦ ରୁ ୫୦ ସର୍ବାଧିକ ୬୦ କିମି ପବନ ବହିବାର ସମ୍ଭାବନା ଥିବା ବେଳେ ସମୁଦ୍ର ମଧ୍ୟକୁ ୪୮ ଘଣ୍ଟା ପାଇଁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଥିବା ବେଳେ ୭ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। କଟକ ବାଙ୍କୀ ଠାରେ ସର୍ବାଧିକ ୧୦୪ ମିମି ବର୍ଷା ରେକର୍ଡ ହୋଇଛି । ସେପଟେ ଜୁନ ୧ ରୁ ଏଯାବତ ୧୧୯୮.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହା ସ୍ୱାଭାବିକ ବର୍ଷା ଠାରୁ ୧୯ ପ୍ରତିଶତ ଅଧିକ ରହିଛି ।

ବରମୁଣ୍ଡାରେ ପୂଜା ପାଇବେ ୭୧ ଫୁଟ୍‌ର ଗଣେଶ ପ୍ରତିମା

ଭୁବନେଶ୍ୱର(ବ୍ୟୁରୋ): ବରମୁଣ୍ଡା ନିୟୁ ଏୟାରପୋର୍ଟ ରୋଡ୍‌ରେ ଚଳିତ ବର୍ଷ ଆକର୍ଷଣର କେନ୍ଦ୍ର ପାଲଟିବ ସ୍ମାର୍ଟ ୟୁଥ୍ ଫୋର୍ସ ଅର୍ଗାନାଇଜେସନ୍‌ର ୭୧ ଫୁଟ୍ ଉଚ୍ଚ ଗଣେଶ ପ୍ରତିମା ଓ ୨୫ ଫୁଟ୍ ଉଚ୍ଚତାର ମୂଷା । ଏଥିସହ ରୁପାର ଅଳଙ୍କାର, ପାଦ, ହାତ ଓ ତିଳକରେ ଝଟକିବେ ବିଘ୍ନରାଜ । ଆକର୍ଷଣୀୟ ଏଲ୍‌ଇଡି ଆଲୋକ ସାଜସଜ୍ଜା ପୂଜା ମଣ୍ଡପର ଶୋଭା ବଢ଼ାଇବ । ବିଗତ ୧୦ ବର୍ଷ ଧରି ଗଣେଶ ପୂଜା ଆୟୋଜନ କରିଆସୁଥିବା ଅନୁଷ୍ଠାନ ଚଳିତ ବର୍ଷ ୧୧ତମ ବର୍ଷରେ ପଦାର୍ପଣ କରିଛି । ପ୍ରାୟ ଦୁଇ ମାସ ଧରି ପୂଜା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ପରିବେଶ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ପରିବେଶ ଅନୁକୂଳ ମୂର୍ତ୍ତି, ପ୍ରାକୃତିକ ସାଜସଜ୍ଜା, ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ଓ ଉପଯୁକ୍ତ ବର୍ଜ୍ୟ ପରିଚାଳନା ଉପରେ ଅନୁଷ୍ଠାନ ଗୁରୁତ୍ୱ ଦେଇଛି । ସାତ ଦିନ ଧରି ଚାଲିବାକୁ ଥିବା ପୂଜାରେ ସଂକୀର୍ତ୍ତନ, ଭଜନ ସମାରୋହ, ମେଲୋଡି ନାଇଟ୍, କୁନି ପିଲାଙ୍କ ନୃତ୍ୟ, ଡ୍ୟାନ୍ସ ପ୍ରୋଗ୍ରାମ୍ ଓ ଲାଇଟ୍ ସୋ ଭଳି ବିଭିନ୍ନ କାର୍ଯ୍ୟକ୍ରମ ରହିଛି । କୁନି ପିଲାଙ୍କ ପ୍ରତିଭାକୁ ମଞ୍ଚ ଦେବା ସହ ସେମାନଙ୍କୁ ସମ୍ମାନିତ କରାଯିବ । ସେପ୍ଟେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପୂଜାରେ ପରିବାର ସହ ଆସି ମଣ୍ଡପ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ଆନନ୍ଦ ନେବା ଏବଂ ପ୍ରସାଦ ସେବନ କରିବାକୁ ଅନୁଷ୍ଠାନ ପକ୍ଷରୁ ଓଡ଼ିଶାବାସୀଙ୍କୁ ନିମନ୍ତ୍ରଣ କରାଯାଇଛି । ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ପାଇଁ ପୁଲିସ୍ ସହଯୋଗରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ ବେଲି ସାୟାଦିକ ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ସାୟାଦିକ ସମ୍ମିଳନୀରେ କ୍ଲବ ସଭାପତି ସୌମ୍ୟରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଅଜିତ୍ ବାରିକ, ଉପସଭାପତି ନୀଳକଣ୍ଠ ରଣସିଂହ, ସହ-ସମ୍ପାଦକ ଅତୁଲ୍ ସାରୁଖାନ୍‌ଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

୩୫ ବର୍ଷ ପରେ ୨୦୦ରୁ ଅଧିକ ଜମି ମାମଲାର ସମାଧାନ

ଭୁବନେଶ୍ୱର(ବ୍ୟୁରୋ) : ୩୫ ବର୍ଷ ପରେ ବିଡିଏ କେ-୭ ପ୍ଲଟ୍ ଧାରୀଙ୍କୁ ବଡ଼ ଆଶ୍ୱସ୍ତି । ୨୦୦ରୁ ଅଧିକ ଜମି ମାମଲାର ସମାଧାନ, ୨ ମାସରେ ସଂଶୋଧିତ ପଟ୍ଟା ଦେବାକୁ ନିର୍ଦ୍ଦେଶ । ଦୀର୍ଘ ୩୫ ବର୍ଷର ଅପେକ୍ଷା ପରେ ଭୁବନେଶ୍ୱର କଳିଙ୍ଗ ନଗର କେ-୭ ପ୍ଲଟ୍ ଧାରୀଙ୍କୁ ମିଳିଛି ବଡ଼ ଆଶ୍ୱସ୍ତି। ବିଡିଏର କେ-୭ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍ କୁ ନେଇ ଚାଲିଥିବା ୨୦୦ରୁ ଅଧିକ ଜମି ମାମଲାର ଏକକାଳୀନ ସମାଧାନ କରିଛନ୍ତି ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁ। ଏହାସହ ଆସନ୍ତା ୨ ମାସ ମଧ୍ୟରେ ଯୋଗ୍ୟ ପ୍ଲଟ୍ ଧାରୀଙ୍କ ନାମରେ ସଂଶୋଧିତ ପଟ୍ଟା ବା ଜଡଜ ପ୍ରଦାନ କରିବାକୁ ଭୁବନେଶ୍ୱର ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୧୯୯୧ ମସିହାରେ ବିଡିଏ ପକ୍ଷରୁ କଳିଙ୍ଗ ନଗର କେ-୭ ଯୋଜନାରେ ବିଭିନ୍ନ ଲୋକଙ୍କୁ ପ୍ଲଟ୍ ଆବଣ୍ଟନ କରାଯାଇଥିଲା। ଲୋକେ ନିୟମ ଅନୁସାରେ ବିଡିଏଠାରୁ ଜମି ପାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଜମିର ସରକାରୀ ରେକର୍ଡକୁ ନେଇ ସମସ୍ୟା ଦେଖାଦେଇଥିଲା। ୨୦୧୩-୧୪ ବନ୍ଦୋବସ୍ତ ସମୟରେ ଆବଣ୍ଟିତ ଜମି ମଧ୍ୟରୁ ଅନେକ ପ୍ଲଟ୍ ଭୁଲବଶତଃ ସାଧାରଣ ପ୍ରଶାସନ ବିଭାଗ ଓ ଅନ୍ୟମାନଙ୍କ ନାମରେ ରେକର୍ଡ ହୋଇଯାଇଥିଲା। ଫଳରେ ବିଡିଏଠାରୁ ବୈଧ ଭାବେ ପ୍ଲଟ୍ ପାଇଥିବା ଲୋକଙ୍କ ନାମ ସରକାରୀ ଜମି ରେକର୍ଡରେ ଆସିପାରିନଥିଲା। ଏହି କାରଣରୁ ପ୍ଲଟ୍ ଧାରୀମାନେ ବର୍ଷ ବର୍ଷ ଧରି ପଟ୍ଟା ପାଇଁ ବିଭିନ୍ନ ସରକାରୀ ଅଫିସ୍ କୁ ଦୌଡୁଥିଲେ। ଜମି ଥାଇ ମଧ୍ୟ ରେକର୍ଡରେ ନିଜ ନାମ ନଥିବାରୁ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିବାଦର ସମାଧାନ ପାଇଁ ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶରେ ବିଡିଏ, ସାଧାରଣ ପ୍ରଶାସନ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କୁ ନେଇ ଏକ ମିଳିତ ଟିମ୍ ଗଠନ କରାଯାଇଥିଲା। ଟିମ୍ ସରଜମିନ ତଦନ୍ତ କରିବା ସହ ବିଡିଏର ମୂଳ ପ୍ଲଟ୍ ଆବଣ୍ଟନ ରେକର୍ଡ ଏବଂ ବର୍ତ୍ତମାନର ସରକାରୀ ଜମି ରେକର୍ଡକୁ ମେଳ କରିଥିଲା। ଏହାପରେ ଏକ ବିସ୍ତୃତ ରିପୋର୍ଟ ରାଜସ୍ୱ ପର୍ଷଦଙ୍କ ନିକଟରେ ଦାଖଲ କରାଯାଇଥିଲା। ଏହି ରିପୋର୍ଟକୁ ଆଧାର କରି ୨୦୦ରୁ ଅଧିକ ମାମଲାର ଏକକାଳୀନ ଫଇସଲା ହୋଇଛି । ଏବେ ଭୁବନେଶ୍ୱର ତହସିଲଦାରଙ୍କୁ ଆବଣ୍ଟନ ରେକର୍ଡ ଅନୁସାରେ ଜମି ରେକର୍ଡ ସଂଶୋଧନ କରିବାକୁ କୁହାଯାଇଛି। ଆସନ୍ତା ୨ ମାସ ମଧ୍ୟରେ ସମସ୍ତ ବୈଧ ହିତାଧିକାରୀଙ୍କ ନାମରେ ସଂଶୋଧିତ ଜଡଜ ବା ପଟ୍ଟା ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ପଟ୍ଟା ମିଳିବା ପରେ ପ୍ଲଟ୍ ଧାରୀଙ୍କ ପାଇଁ ଘର ନିର୍ମାଣ ଅନୁମତି, ଜମି ବିକ୍ରି ଏବଂ ବ୍ୟାଙ୍କ ଋଣ ଭଳି କାମ ସହଜ ହେବ। କେ- ୭ର ଦୀର୍ଘଦିନର ସମସ୍ୟାର ସମାଧାନ ପରେ ଏବେ କଳିଙ୍ଗ ନଗର କେ-୮ ସ୍କିମ୍ ର ପ୍ଲଟ୍ ଧାରୀଙ୍କ ଆଶା ମଧ୍ୟ ବଢ଼ିଛି। କେ-୮ରେ ରହିଥିବା ସମାନ ଧରଣର ଜମି ରେକର୍ଡ ସମସ୍ୟାର ସମାଧାନ ପାଇଁ ମଧ୍ୟ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ ହୋଇଛି ।

୧୭ରୁ ସ୍ୱଚ୍ଛତା ହିଁ ସେବା, ୧ କୋଟି ଦୀପ ଜଳିବ

ଭୁବନେଶ୍ୱର(ବ୍ୟୁରୋ): ଓଡ଼ିଶାରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦେଶବ୍ୟାପୀ 'ସ୍ୱଚ୍ଛତା ହି ସେବା' -୨୦୨୬ ଅଭିଯାନ ପାଳିତ ହେବ। ଏହି ଅବସରରେ ଓଡ଼ିଶାରେ ମଧ୍ୟ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ୱଚ୍ଛତା ହି ସେବା ୨୦୨୬ ପାଳନ ସମ୍ପର୍କରେ ଆଜି (ଗୁରୁବାର) କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଏସବିଏମ (ସହରାଞ୍ଚଳ) ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ବୈଠକ ପରେ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମର କମିଶନର ଏବଂ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ଅଭିଯାନର ସଫଳ, ସମନ୍ୱିତ ଓ ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଏହି ଅବସରରେ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ସ୍ୱଚ୍ଛତା ହି ସେବା ପାଇଁ ଓଡ଼ିଶାର ପ୍ରସ୍ତୁତି ଶେଷ ହୋଇଛି ଏବଂ କେନ୍ଦ୍ରର ସମସ୍ତ ମାର୍ଗଦର୍ଶିକାକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯିବ। ଓଡ଼ିଶାରେ ଏକ କୋଟି ଦୀପ ପ୍ରଜ୍ୱଳନ ପାଇଁ ମଧ୍ୟ ଯୋଜନା କରାଯାଇଛି। ଏଥିରେ ପ୍ରତି ଜିଲ୍ଲାର ପ୍ରତିଟି ପରିବାରକୁ ସାମିଲ କରାଯିବ। ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବିଭାଗ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ପରିମଳ ଓ ସଫେଇ କାର୍ଯ୍ୟ ସହ ଜଳାଶୟଗୁଡ଼ିକର ବିକାଶ କାର୍ଯ୍ୟ ହାତକୁ ନେବ। ସେହିପରି, ବିଭାଗ ସହରାଞ୍ଚଳରେ ଏହିଭଳି କାର୍ଯ୍ୟକ୍ରମ କରିବ । କାର୍ଯ୍ୟ ପୂର୍ବରୁ ଓ ପରେ ଥିବା ସ୍ଥିତିକୁ ଭିଡିଓ ଜରିଆରେ ରେକର୍ଡ କରାଯାଇ ପରିବର୍ତ୍ତନକୁ ପ୍ରଦର୍ଶିତ କରାଯିବ। ଏହି ଅଭିଯାନ ପାଞ୍ଚଟି ପ୍ରମୁଖ ସ୍ତମ୍ଭ ଉପରେ ଆଧାରିତ ହେବ। ସ୍ୱଚ୍ଛତା ଲକ୍ଷ୍ୟ ଏକକ ଏବଂ ଅଳିଆ ଆବର୍ଜନା ପଡୁଥିବା ସ୍ଥାନ ଗୁଡ଼ିକର ଚିହ୍ନଟ ଓ ସମୟୋଚିତ ରୂପାନ୍ତରଣ; 'ସ୍ୱଚ୍ଛତା ଜ୍ଞାନ ଯାତ୍ରା' ଓ 'ସ୍ୱଚ୍ଛତା ସମ୍ବାଦ' ମାଧ୍ୟମରେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ଅଂଶଗ୍ରହଣ; ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ସହ ସଂଯୋଗ ପାଇଁ 'ସଫାଇମିତ୍ର ସୁରକ୍ଷା ଏବଂ ସମ୍ମାନ ଶିବିର'; ଶୂନ୍ୟ-ବର୍ଜ୍ୟବସ୍ତୁ କ୍ରୀଡ଼ା ଓ ପରିବେଶ ଅନୁକୂଳ ଉତ୍ସବ ମାଧ୍ୟମରେ ଜନଭାଗିଦାରୀ; ଏବଂ 'ସ୍ୱଚ୍ଛତା ସେ ସମୃଦ୍ଧି' ଅଧୀନରେ ବର୍ଜ୍ୟବସ୍ତୁରୁ କଳା, ବର୍ଜ୍ୟବସ୍ତୁରୁ ସମ୍ପଦ ଭଳି ଅର୍ଥନୀତି ଅଭ୍ୟାସକୁ ପ୍ରୋତ୍ସାହନ ଦିଆଯିବ । ଚିହ୍ନଟ ହୋଇଥିବା ସ୍ଥାନ ଏବଂ ଅଳିଆ ପଡୁଥିବା ଅଞ୍ଚଳଗୁଡ଼ିକରେ ସ୍ୱଚ୍ଛତା, ସୌନ୍ଦର୍ଯ୍ୟକରଣ ଓ ନିରନ୍ତର ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବାକୁ ପୌରାଞ୍ଚଳ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି, ସଫେଇ କର୍ମଚାରୀଙ୍କ ସୁରକ୍ଷା, ସମ୍ମାନ ଓ କଲ୍ୟାଣ ସହିତ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ନାଗରିକ, ଜନପ୍ରତିନିଧି, ସରକାରୀ କର୍ମଚାରୀ, ବିଭିନ୍ନ ଅନୁଷ୍ଠାନ ଓ ସାମାଜିକ ସଂଗଠନଗୁଡ଼ିକୁ ଏକାଠି କରି ସ୍ୱଚ୍ଛତା କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅକ୍ଟୋବର ୧ ତାରିଖରେ ରାଜ୍ୟସ୍ତରୀୟ "ଏକ ଦିନ, ଏକ ଘଣ୍ଟା, ଏକ ସାଥ୍" ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅକ୍ଟୋବର ୨ ତାରିଖରେ 'ସ୍ୱଚ୍ଛ ଭାରତ ଦିବସ' ପାଳନ ସହ ଅଭିଯାନର ଉଦ୍‌ଯାପନ ହେବ। ସ୍ଥାୟୀ ପରିମଳ ଓ ଉନ୍ନତ ସହରୀ ଜୀବନ ପ୍ରତି ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବା ଲାଗି ପୌରାଞ୍ଚଳ ପରିଷଦର ସ୍ୱତନ୍ତ୍ର ବୈଠକ ମଧ୍ୟ ଅନୁଷ୍ଠିତ ହେବ । ବ୍ୟାପକ ଜନସଚେତନତା ସୃଷ୍ଟି ଓ ଅଭିଯାନର ସଫଳତା ପାଇଁ ଉପଲବ୍ଧ ଏସ୍ ବି ଏମ୍ (ସହରାଞ୍ଚଳ) ୨.୦ ଆଇସି ପାଣ୍ଠି କିମ୍ବା ନିଜସ୍ୱ ସମ୍ବଳ ବ୍ୟବହାର କରି ଏକ ଦୃଢ଼ ୩୬୦-ଡିଗ୍ରୀ ସୂଚନା, ଶିକ୍ଷା ଓ ଯୋଗାଯୋଗ ଯୋଜନା ପ୍ରସ୍ତୁତ କରିବାକୁ ପୌରସଂସ୍ଥା ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

କାଗଜପତ୍ରରେ ସୀମିତ ସ୍ମାର୍ଟସିଟିର ପରିମଳ ବ୍ୟବସ୍ଥା

ଭୁବନେଶ୍ୱର(ବ୍ୟୁରୋ): ସ୍ମାର୍ଟସିଟି ରାଉରକେଲାରେ ପରିମଳ ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି। ସମ୍ଭ୍ରାନ୍ତ ସିଭିଲ୍ ଟାଉନସିପ୍ ହେଉ କି ଗୋପବନ୍ଧୁପାଲି, ମଧୁସୂଦନପାଲି, ସବୁଠାରେ ସମାନ ସ୍ଥିତି। ରାସ୍ତାଘାଟ, ନାଳନର୍ଦ୍ଦମା ସବୁଠାରେ ଅଳିଆଆବର୍ଜନା ଭର୍ତ୍ତି ହୋଇରହିଛି। ଅପରପକ୍ଷରେ ଜାତୀୟ ସ୍ୱଚ୍ଛତା ସର୍ଭେକ୍ଷଣ ରାଙ୍କିଂରେ ରାଉରକେଲା କ୍ରମାଗତ ଭାବେ ନିଜର ସ୍ଥିତି ବଜାୟ ରଖିଆସିଛି। ଗତ ପାଞ୍ଚ ବର୍ଷର ରିପୋର୍ଟକୁ ଦେଖିଲେ ଜଣାପଡ଼େ ଯେ, ରାଉରକେଲା ସହର ୨୦୨୧ ମସିହାରେ ୫୭ତମ ରାଙ୍କ, ୨୦୨୨ରେ ୪୫ତମ ରାଙ୍କ, ୨୦୨୩ରେ ସାମାନ୍ୟ ପଛକୁ ଖସି ୧୧୯ତମ ର୍ୟାଙ୍କ, ୨୦୨୪ରେ ବଡ଼ ସଫଳତା ସହ ୧୫ତମ ର୍ୟାଙ୍କ ଓ ନିକଟରେ ୨୦୨୫-୨୬ ସ୍ୱଚ୍ଛତା ଚାଲିକାରେ ଦେଶର ଶୀର୍ଷ ସହରଗୁଡ଼ିକ ମଧ୍ୟରେ ସ୍ଥାନ ପାଇ ଗୌରବ ଆଣିଛି। କାଗଜପତ୍ର ଓ ସରକାରୀ ପୁରସ୍କାରରେ ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ବେଶ୍ ପ୍ରଶଂସା ସାଉଁଟିଥିବାବେଳେ ବାସ୍ତବରେ କିନ୍ତୁ ସ୍ଥିତି ଓଲଟା। ସରକାରୀସ୍ତରରେ ସଫେଇ କାର୍ଯ୍ୟ କରାଯାଉଥିବା ନେଇ ଦାବି କରାଯାଉଥିଲେ ହେଁ, ସ୍ମାର୍ଟସିଟିର ବିଭିନ୍ନ ଅଞ୍ଚଳରେ ଏବେବି ଅଳିଆ ଆବର୍ଜନାର ପାହାଡ଼ ଦେଖିବାକୁ ମିଳୁଛି। ସହରର କେତେକ ମୁଖ୍ୟ ରାସ୍ତାକୁ ପ୍ରତିଦିନ ସଫା କରାଯାଉଥିବା ବେଳେ ବହୁ ଆଭ୍ୟନ୍ତରୀଣ ଅଞ୍ଚଳ, ଗଳିକନ୍ଦି ଓ ବସ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଅବହେଳିତ। ସହରର ବିଭିନ୍ନ ସ୍ଥାନରେ କଠିନ ଆବର୍ଜନା ଜମା ହୋଇ ରହିବା ସହ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏମିତିକି ବର୍ଜ୍ୟଜଳ ରାସ୍ତାରେ ଭାସିବା ସହ ଘର ଭିତରକୁ ପଶୁଛି। ଗତ ଅଗଷ୍ଟ ମାସରେ ତିନିଥର ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା, ଏହାର ଜ୍ୱଳନ୍ତ ଉଦାହରଣ। ନିୟମିତ ବ୍ୟବଧାନରେ ଅଳିଆ ଉଠାଯାଉ ନଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସହରର ଗୋଟିଏ ପଟେ ସୌନ୍ଦର୍ଯ୍ୟୀକରଣ ଓ ସଫେଇ କାର୍ଯ୍ୟର ପ୍ରଦର୍ଶନ ଚାଲିଥିବା ବେଳେ, ଅନ୍ୟପଟେ ନିର୍ମାଣର ବର୍ଜ୍ୟବସ୍ତୁ ପରିଚାଳନା ସ୍ମାର୍ଟସିଟିର ଆଖ୍ୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କେବଳ ସର୍ବେକ୍ଷଣ ସମୟରେ ତତ୍ପରତା ପ୍ରକାଶ ନକରି, ବର୍ଷସାରା ସହରର ସମସ୍ତ ୪୦ଟି ୱାର୍ଡରେ ସମାନ ଭାବେ ସ୍ୱଚ୍ଛତା ରକ୍ଷା କରିବା ତଥା କଠିନ ଓ ତରଳ ବର୍ଜ୍ୟବସ୍ତୁର ସଠିକ ନିଷ୍କାସନ ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି ହେଉଛି। ଉଲ୍ଲେଖଯୋଗ୍ୟ, ସହରକୁ ସ୍ୱଚ୍ଛ ରଖିବା ପାଇଁ ଆରଏମ୍‌ସି ପକ୍ଷରୁ ୮ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଓ ମ୍ୟାଟେରିଆଲ ରିକଭରି ଫାସିଲିଟି (ଏମ୍‌ଆରଏଫ୍) ପ୍ରତିଷ୍ଠା କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ଡରକେରା, ବାଲୁଘାଟ, ବିପିୟୁଟି କ୍ୟାମ୍ପସ, ଫର୍ଟିଲାଇଜର ଟାଉନସିପ୍, ରାଉରକେଲା ଷ୍ଟିଲ୍ ଛେଣ୍ଡ, ସେକ୍ଟର-୧୫ ଓ ହନୁମାନ ବାଟିକା ଅଞ୍ଚଳରେ କାର୍ଯ୍ୟ କରୁଛି। ତେବେ ଏତେ ସଂଖ୍ୟକ ବ୍ୟବସ୍ଥା ସତ୍ତ୍

ଭାରତ ପାଖରେ ୧୯୦ ପରମାଣୁବୋମା

୩୫ଟି ଅଧିକ ବୋମା ପ୍ରସ୍ତୁତ ପାଇଁ ପ୍ଲୁଟୋନିୟମ ରହିଛି

ୱାସିଂଟନ,୧୦।୯: ଗତବର୍ଷ 'ଅପରେସନ ସିନ୍ଦୂର' ପରେ ପାକିସ୍ତାନ ସହିତ ଉତ୍ତେଜନା ବୃଦ୍ଧିକୁ ଲକ୍ଷ୍ୟ କରି ଭାରତ ଏହାର ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧି କରିଛି ବୋଲି ଆମେରିକାୟ ଥିଙ୍କ୍ ଟ୍ୟାଙ୍କ ଫେଡେରେସନ ଅଫ୍ ଆମେରିକାୟ ସାଇଣ୍ଟିଷ୍ଟ (ଏଫ୍ଏଏସ୍)ର ଏକ ନୂତନ ରିପୋର୍ଟରେ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ଭାରତ ପାଖରେ ବର୍ତ୍ତମାନ ୧୯୦ଟି ପରମାଣୁ ଅସ୍ତ୍ର ଅଛି। ଆଗାମୀ କିଛି ବର୍ଷ ମଧ୍ୟରେ ଏହା ଆଉ ୩୫ଟି ପରମାଣୁ ଅସ୍ତ୍ର ବିକଶିତ କରିପାରେ, ଯାହା ମୋଟ ସଂଖ୍ୟା ଅସ୍ତ୍ର ସଂଖ୍ୟା ୨୨୫କୁ ବୃଦ୍ଧି କରିବ। ଏଫ୍ଏଏସ୍ ରିପୋର୍ଟ ଅନୁଯାୟୀ, ଭାରତ ସମୁଦ୍ରରେ ମଧ୍ୟ ପରମାଣୁ ଆକ୍ରମଣର ମୁକାବିଲା ପାଇଁ ନିଜର କ୍ଷମତାକୁ ମଧ୍ୟ ନିରନ୍ତର ଭାବରେ ମଜବୁତ କରୁଛି। ଭାରତ ସମୁଦ୍ରରେ ନିଜର 'ପରମାଣୁ ସୁରକ୍ଷା କବଚ' ନିର୍ମାଣ କରୁଛି। ଭାରତ ଏପ୍ରିଲ ୨୦୧୬ ରେ ଏହାର ତୃତୀୟ ସ୍ୱଦେଶୀ ପରମାଣୁ ଚାଳିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବୁଡ଼ାଜାହାଜ ଆଇଏନ୍ଏସ୍ ଅରିଦମନକୁ କାର୍ଯ୍ୟକ୍ଷମ କରିଛି। ଭାରତର ୧୯୦ଟି ପରମାଣୁ ଯୁଦ୍ଧାସ୍ତ୍ର ମଧ୍ୟରୁ ୧୬୦ରୁ ଅଧିକ ଅସ୍ତ୍ର ପୂର୍ବରୁ ଥିବା କ୍ଷେପଣାସ୍ତ୍ର ପାଇଁ ଉଦ୍ଦିଷ୍ଟ; ଅବଶିଷ୍ଟ ନୂତନ କ୍ଷେପଣାସ୍ତ୍ର ପାଇଁ ପ୍ରସ୍ତୁତ ହେଉଛି। ଏଫ୍ଏଏସ୍ ଆକଳନ କରିଛି ଯେ ଭବିଷ୍ୟତରେ ଭାରତର ପରମାଣୁ ଅସ୍ତ୍ରଶସ୍ତ୍ର ଭଣ୍ଡାର ବୃଦ୍ଧି ପାଇପାରେ। ଭାରତ ନିରନ୍ତର ଏହାର ପରମାଣୁ ଶକ୍ତିକୁ ଆଧୁନିକୀକରଣ କରୁଛି। ଗତ କିଛି ବର୍ଷ ମଧ୍ୟରେ ଅନେକ ନୂତନ ପରମାଣୁ-ସମର୍ଥ ଅସ୍ତ୍ରଶସ୍ତ୍ରକୁ ସାମରିକ ଶକ୍ତିରେ ସାମିଲ କରାଯାଇଛି। ଏହି ସମୟରେ କିଛି ନୂତନ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ବର୍ତ୍ତମାନ ବିକାଶାଧୀନ ଅଛି। ରିପୋର୍ଟ ଅନୁଯାୟୀ, ୨୦୨୬ ଆରମ୍ଭ ସୁଦ୍ଧା ଭାରତରେ ପ୍ରାୟ ୭୩୦ କିଲୋଗ୍ରାମ ଅସ୍ତ୍ର-ଗ୍ରେଡ୍ ପ୍ଲୁଟୋନିୟମ୍ ରହିବ ବୋଲି ଆକଳନ କରାଯାଇଛି। ଏହି ପରିମାଣର ପ୍ଲୁଟୋନିୟମ୍ ୨୨୫ଟି ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ଉତ୍ପାଦନ କରିପାରିବ। ତଥାପି ରିପୋର୍ଟ ସ୍ପଷ୍ଟ କରିଛି ଯେ, ଏହା କେବଳ ଏକ ଆକଳନ; ପ୍ରକୃତ ସଂଖ୍ୟା ଯୁଦ୍ଧାସ୍ତ୍ର ଡିଜାଇନ୍ ଓ ସଂରକ୍ଷଣରେ ରଖାଯାଇଥିବା ସାମଗ୍ରୀ ଉପରେ ନିର୍ଭର କରେ। ଏଫ୍ଏଏସ୍ ରିପୋର୍ଟରେ ଅଗ୍ନି-୫ ରେ ଉନ୍ନତି ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି।

ବ୍ରିକ୍ସ ସମ୍ମିଳନୀ

ଶନିବାର ମୋଦି-ଜିନପିଙ୍ଗ ଭେଟ୍‌ଘାଟ

- ଗଲୱାନ ଭ୍ୟାଲି ରକ୍ତାକ୍ତ ସଂଘର୍ଷ ପରେ ପ୍ରଥମ ବୈଠକ
- ୭ ବର୍ଷ ପରେ ପ୍ରଥମଥର ଭାରତ ଗସ୍ତରେ ଜିନ୍‌ପିଙ୍ଗ

ନୂଆଦିଲ୍ଲୀ,୧୦।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ହେବ ଦ୍ୱିପାକ୍ଷିକ ଆଲୋଚନା। ଶନିବାର ସନ୍ଧ୍ୟା ୬ଟାରେ ଦୁଇ ନେତା ପରସ୍ପର ସହ ବୈଠକ କରିବେ। ନୂଆଦିଲ୍ଲୀରେ ଆୟୋଜିତ ହେବାକୁଥିବା ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଏହି ଦ୍ୱିପାକ୍ଷିକ ଆଲୋଚନା ହେବ। ୨୦୨୦ ଗଲୱାନ ଭ୍ୟାଲି ରକ୍ତାକ୍ତ ସଂଘର୍ଷ ସଂଘର୍ଷ ପରେ ପ୍ରଥମଥର ପାଇଁ ଦୁଇ ଦେଶର ରାଷ୍ଟ୍ର ମୁଖ୍ୟ ପରସ୍ପର ସହ ଦ୍ୱିପାକ୍ଷିକ ଆଲୋଚନା କରିବାକୁ ଯାଉଛନ୍ତି । ନୂଆଦିଲ୍ଲୀରେ ୧୨ ଓ ୧୩ ତାରିଖରେ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜନ ହେବାକୁ ଯାଉଛି। ଏଥିରେ ଯୋଗ ଦେବାକୁ ଜିନପିଙ୍ଗ ଶନିବାର ଭାରତ ଗସ୍ତରେ ଆସିବେ। ୭ ବର୍ଷ ପରେ ଜିନପିଙ୍ଗ ପ୍ରଥମ ଥର ଭାରତ ଗସ୍ତରେ ଆସୁଛନ୍ତି। ସେହିପରି ୨୦୨୦ ସୀମା ସଂଘର୍ଷ ପରେ ଏହା ଜିନପିଙ୍ଗଙ୍କ ପ୍ରଥମ ଭାରତ ଗସ୍ତ। ଏହି ଅବସରରେ ମୋଦିଙ୍କ ସହ ଜିନପିଙ୍ଗ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ତେବେ ଏଯାଏ ନୂଆଦିଲ୍ଲୀ କିମ୍ବା ବେଜିଂ ପକ୍ଷରୁ ପ୍ରସ୍ତାବିତ ଦ୍ୱିପାକ୍ଷିକ ଆଲୋଚନା ନେଇ କିଛି ବି କୁହାଯାଇ ନାହିଁ। କେବଳ ଜିନପିଙ୍ଗ ଭାରତ ଗସ୍ତରେ ଆସୁଥିବା ବେଜିଂ ନିଶ୍ଚିତ କରିଛି। ଏହାପୂର୍ବରୁ ଦୁଇ ନେତା କର୍ଗିଜସ୍ତାନର ବିଶକେକରେ ଆୟୋଜିତ ସଙ୍ଘାଇ କର୍ପୋରେସନ ଅର୍ଗାନାଇଜେସନ ବା ଏସ୍ସିଓ ଶିଖର ସମ୍ମିଳନୀରେ ଷ୍ଟେଜ ଶେୟାର କରିଥିଲେ। ଉଭୟ ପରସ୍ପର ସହ ହାତ ମିଳାଇଥିଲେ ହେଁ ସେଠାରେ କୌଣସି ପ୍ରକାରର ଦ୍ୱିପାକ୍ଷିକ ଆଲୋଚନା ହୋଇ ନଥିଲା। ଏବେ ଜିନପିଙ୍ଗ ଭାରତ ଗସ୍ତରେ ଆସୁଥିବାରୁ ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି। ଜିନପିଙ୍ଗଙ୍କ ଭାରତ ଗସ୍ତ ପୂର୍ବରୁ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଚାଇନା ଗସ୍ତ କରିଥିଲେ। ଦୁଇ ଦେଶ ମଧ୍ୟରେ କୂଟନୀତିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ଉଚ୍ଚସ୍ତରୀୟ ଚାଇନିଜ ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ଏହାବାଦ ଭାରତ-ଚାଇନା ସୀମା ବ୍ୟାପାର ସମ୍ପର୍କିତ ୱାର୍କିଂ ମେକାନିଜିମ ଫର କନସଲଟେସନ ଆଣ୍ଡ କୋର୍ଡିନେସନ (ଡବ୍ଲ୍ୟୁଏମସିସି) ବୈଠକ ମଧ୍ୟ ବସିଥିଲା। ସୀମାକୁ ନେଇ ଆସିଥିବା ପ୍ରଶ୍ନ ଉପରେ ଦୁଇ ଦେଶର ସ୍ୱତନ୍ତ୍ର ପ୍ରତିନିଧି ମଧ୍ୟ ପରସ୍ପର ସହ କଥା ହୋଇଥିଲେ।

୨୦୨୦ ଜୁନ୍‌ରୁ ଭାରତ-ଚାଇନା ସମ୍ପର୍କ ପ୍ରଭାବିତ ହୋଇଛି। ୨୦୨୦ ଜୁନରେ ଲଦାଖର ଗଲୱାନ୍ ଉପତ୍ୟକାରେ ଦୁଇ ଦେଶର ସେନା ମଧ୍ୟରେ ହିଂସାତ୍ମକ ସଂଘର୍ଷ ହୋଇଥିଲା। ଏଥିରେ ଭାରତର ୨୦ ଜଣ ଯବାନ ସହିଦ ହୋଇଥିଲେ। ପରେ ଚାଇନା ମଧ୍ୟ ନିଜର ୪ ଜଣ ଯବାନଙ୍କ ମୃତ୍ୟୁକୁ ସ୍ୱୀକାର କରିଥିଲା। ଏହି ସଂଘର୍ଷ ପରେ ଏଲଏସି ନିକଟରେ ଦୀର୍ଘ ସମୟ ଧରି ସାମରିକ ବିବାଦ ଲାଗି ରହିଥିଲା। ଏଥିପାଇଁ ଦୁଇ ଦେଶର ରାଜନୀତିକ, ଆର୍ଥିକ ଓ କୂଟନୀତିକ ସମ୍ପର୍କରେ ତିକ୍ତତା ଦେଖାଯାଇଥିଲା। ତିକ୍ତତା ସତ୍ତ୍ୱେ ଦୁଇ ଦେଶ ମଧ୍ୟରେ ଏକାଧିକ ଥର ସାମରିକ ଓ କୂଟନୀତିକ ଆଲୋଚନା ହୋଇଥିଲା।



ଯୋଗଦେବେନି ତାରିକ ରେହମାନ୍

ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ହେବାକୁ ଥିବା ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରେହମାନ୍ ଯୋଗଦେବାର ସମ୍ଭାବନା ନାହିଁ। ବାଂଲାଦେଶ ବୈଦେଶିକ ମନ୍ତ୍ରୀ ହୁମାୟୁନ୍ କବୀର ଏହି ସୂଚନା ଦେଇ କହିଛନ୍ତି ଯେ ବାଂଲାଦେଶ ପ୍ରଧାନମନ୍ତ୍ରୀଙ୍କୁ ବ୍ରିକ୍ସ ସମ୍ମିଳନୀ ପାଇଁ ବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରାଯାଇ ନାହିଁ, ବରଂ 'ବିମ୍ସଟେକ୍' ଅଧକ୍ଷ ପଦବୀ ଆଧାରରେ ନିମନ୍ତ୍ରଣ ପଠାଯାଇଛି। ତେଣୁ ସେ କିପରି ଏହି ସମ୍ମିଳନୀରେ ଯୋଗଦେବେ ବୋଲି ବୈଦେଶିକ ମନ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ, ବ୍ରିକ୍ସର ଆୟୋଜକ ଦେଶ ଭାରତ ବାଂଲାଦେଶ ପ୍ରଧାନମନ୍ତ୍ରୀ ରେହମାନଙ୍କୁ ବିମ୍ସଟେକର ବର୍ତ୍ତମାନର ଅଧକ୍ଷ ଭାବେ ସମ୍ମିଳନୀର 'ଆଉଟରିଚ୍ ସେସନ୍'ରେ ଯୋଗଦେବାକୁ ନିମନ୍ତ୍ରଣ କରିଥିବା ନେଇ ପିଟିଆଇ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଢାକା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ କୌଣସି ନିଶ୍ଚିତତା ମିଳିନଥିବା ଭାରତୀୟ ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୈସ୍ୱାଲ ପ୍ରକାଶ କରିଛନ୍ତି। ଅନୁକୂଳ ସମୟ ଆସିଲେ ପ୍ରଧାନମନ୍ତ୍ରୀ ରେହମାନ୍‌ଙ୍କ ଦ୍ୱିପାକ୍ଷିକ ଭାରତ ଗସ୍ତ ପାଇଁ ଯୋଜନା କରାଯିବ ବୋଲି କବୀର ସୂଚନା ଦେଇଛନ୍ତି। ୨୦୨୪ ଅଗଷ୍ଟରେ ଯୁବ ଆନ୍ଦୋଳନ ଯୋଗୁଁ କ୍ଷମତାଚ୍ୟୁତ ହୋଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଭାରତ ପକ୍ଷରୁ ରାଜନୈତିକ ଆଶ୍ରୟ ଦିଆଯିବା ପରଠାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତିକ୍ତତାପୂର୍ଣ୍ଣ ରହିଛି। ଚଳିତ ବ୍ରିକ୍ସ ସମ୍ମିଳନୀ ସହନଶୀଳତା, ନବସୃଜନ, ସହଯୋଗ ଏବଂ ସ୍ଥାୟିତ୍ୱ ପାଇଁ ନିର୍ମାଣ ଥିମରେ ଆୟୋଜିତ ହେଉଛି। ଏଥିରେ ରୁଷିଆ ଏବଂ ଇରାନର ରାଷ୍ଟ୍ରପତିଙ୍କ ସମେତ ଅନେକ ଦେଶର ନେତା ଯୋଗଦେଉଛନ୍ତି।

ସ୍ୱତନ୍ତ୍ର ଭରଦ୍ୱାଜଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ପୀଡ଼ିତା କିମ୍ବା ପରିବାରକୁ ଧମକାଇ ପାରିବେନି



ନୂଆଦିଲ୍ଲୀ,୧୦।୯: କ୍ୟାମେରା ଆଗରେ ନିଜର ରାଜନୀତିକ ପିଠିଆରା ଦେଖାଉଥିବା ହିନ୍ଦୁତ୍ୱ ଠିକାଦାର ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ଭଲ ଭାବେ ଧୋଇ ଦେଇଛନ୍ତି ସୁପ୍ରିମକୋର୍ଟ। ଧମକ ଦେଇ ଗିରଫ ହୋଇଥିବା ସ୍ୱତନ୍ତ୍ର ଭରଦ୍ୱାଜ କକ୍ରୋଚ ଜନତା ପାର୍ଟିର ବିକ୍ଷୋଭକାରୀଙ୍କ ଉଦ୍ଦେଶ୍ୟରେ ଉତ୍ତେଜନାମୂଳକ ଟିପ୍ପଣୀ କରୁଥିଲେ। ବିଶେଷ କରି ସିଜେପିର ଜଣେ ନାବାଳିକା ବିକ୍ଷୋଭକାରୀଙ୍କୁ ସେ ସିଧାସଳଖ ଟାର୍ଗେଟ କରିଥିବାରୁ ଏହାକୁ ବେଶ ଗୁରୁତ୍ୱର ସହ ନେଇଛନ୍ତି ସର୍ବୋଚ୍ଚ ଅଦାଲତ। ଅପରାଧିକ ମାମଲାର ନ୍ୟାୟିକ ପ୍ରକ୍ରିୟା ଆଗକୁ ବଢ଼ାଇବା ସକାଶେ ପୀଡ଼ିତା କିମ୍ବା ତାଙ୍କ ପରିବାରକୁ ଧମକାଇବାର ଅନୁମତି କାହାର ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ୧୪ ବର୍ଷୀୟ ଝିଅଙ୍କ ପକ୍ଷରୁ ହାଜର ହୋଇଥିବା ଓକିଲ ଆଜି କୋର୍ଟଙ୍କୁ ଜଣାଇଥିଲେ ଯେ ତଥାକଥିତ ହିନ୍ଦୁତ୍ୱ ସ୍ୱେଚ୍ଛାସେବୀ ସ୍ୱତନ୍ତ୍ର ଭରଦ୍ୱାଜଙ୍କ ବିରୋଧରେ ଏଫଆଇଆର ରୁଜୁ କରିବାରୁ ନାବାଳିକାଙ୍କୁ ହଇରାଣ କରାଯାଉଛି ଓ ତାଙ୍କ ଘରେ ଭଙ୍ଗାରୁଜା କରାଯାଇଛି। ସ୍ୱତନ୍ତ୍ର ଭରଦ୍ୱାଜ ହିଁ ଗୋଟିଏ କାର୍ଯ୍ୟକ୍ରମରେ ନାବାଳିକାଙ୍କ ବାପାଙ୍କୁ ସିଜେପି ବିକ୍ଷୋଭ ବେଳେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିବା ଦାବି କରିଥିଲେ। ଏକଥା ଶୁଣିବା ପରେ ଅତ୍ୟନ୍ତ ବିରକ୍ତ ପ୍ରକାଶ କରିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ। କୋର୍ଟ କହିଛନ୍ତି, "ଏହି ପ୍ରସଙ୍ଗରେ କୌଣସି ଦ୍ୱିମତ ନାହିଁ। ଏଭଳି ମାମଲାକୁ କେବେ ହେଲେ ହାଲୁକା ଭାବେ ନିଆଯାଇ ପାରିବ ନାହିଁ। କାହାକୁ ବି ସୁରକ୍ଷା ମିଳିବା କଥା ନୁହେଁ। ଯଦି କୌଣସି ପିଲା ସହ ହିଂସା ଘଟିଛି ଓ ଆକ୍ରମଣକାରୀମାନେ ମୁକ୍ତ ଭାବେ ବୁଲୁଛନ୍ତି ଏବଂ ସେମାନେ ଛୋଟ ପିଲା କିମ୍ବା ତାଙ୍କ ପରିବାର ସଦସ୍ୟଙ୍କୁ ଧମକାଇ ଅପରାଧିକ ମାମଲାର ନ୍ୟାୟିକ ବ୍ୟବସ୍ଥା ଗ୍ରହଣ ନ କରିବାକୁ ଉସକାଉଛନ୍ତି, ତା'ହେଲେ ଏହା ଅତ୍ୟନ୍ତ ସମ୍ବେଦନଶୀଳ ମାମଲା।" ଏହାପୂର୍ବରୁ ସେପ୍ଟେମ୍ବର ୫ରେ ଦିଲ୍ଲୀ ପୁଲିସ୍ ସ୍ୱତନ୍ତ୍ର ଭରଦ୍ୱାଜଙ୍କ ବିରୋଧରେ ଏସ୍ସି/ଏସଟି ଆଇନ ଓ ଅପରାଧିକ ଧମକ ଭଳି ଦଫାରେ ଏଫଆଇଆର ରୁଜୁ କରିଥିଲା।

ମୁମ୍ବାଇ-ଗୋଆ ଏକ୍ସପ୍ରେସ ୱେର କାମ ବିଳମ୍ବ ପ୍ରସଙ୍ଗ

ଉଦ୍‌ଘାଟନରେ ସାମିଲ ହେବେନି କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ,୧୦।୯: ମୁମ୍ବାଇ-ଗୋଆ ଜାତୀୟ ରାଜପଥ ସଂପ୍ରସାରଣ ଉଦ୍‌ଘାଟନରେ ସାମିଲ ହେବେନି କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତୀନ ଗଡକରୀ। ଏହି ସଂପ୍ରସାରଣ କାମ ପ୍ରାୟ ୧୫ ବର୍ଷ ହେଲା ସେମିତି ଜାରି ରହିଛି। କାମ ବିଳମ୍ବ ହେବା ଗୋଟିଏ ଲଜ୍ଜାଜନକ ବିଷୟ। ତେଣୁ ଏହାର କାମ ଶେଷ ହେବା ପରେ ଆୟୋଜନ ହେବାକୁ ଥିବା ଉଦ୍‌ଘାଟନୀ ସମାରୋହରେ ସେ ସାମିଲ ହେବେ ନାହିଁ ବୋଲି ଘୋଷଣା କରିଛନ୍ତି। ଗୋଆର ରାଜଧାନୀ ପାଣାଜୀ ନିକଟ ପୋରଭୋରିମ ଠାରେ ନିର୍ମିତ ସ୍ୱତନ୍ତ୍ର ୬ ଲେନ ବିଶିଷ୍ଟ କରିଡରକୁ ଉଦ୍‌ଘାଟନ କରିବା ବେଳେ ଗଡକରୀ ସ୍ପଷ୍ଟ କରିଛନ୍ତି ଯେ ସେ ଅକ୍ଟୋବର ମାସରେ ମୁମ୍ବାଇରୁ ଗୋଆ ସଡ଼କ ପଥରେ ଯାତ୍ରା କରିବେ। ଏହି ସମୟରେ ରାଜପଥରେ ହୋଇଥିବା କାମ ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ କେତେ ଉପଯୋଗୀ, ତା'ର ସୀମକ୍ଷା କରିବେ। ଗଡକରୀ କହିଛନ୍ତି, "ମୁଁ ପୂର୍ବରୁ ସ୍ପଷ୍ଟ କରିଥିଲି ଯେ ମୁମ୍ବାଇ-ଗୋଆ ଜାତୀୟ ରାଜପଥର ଉଦଘାଟନରେ ସାମିଲ ହେବି ନାହିଁ। କାରଣ ଏହାର କାମ ଏତେ ବିଳମ୍ବ ହେବା ଗୋଟିଏ ଲଜ୍ଜାଜନକ ବିଷୟ। ମୁଁ ଅକ୍ଟୋବରରେ ମୁମ୍ବାଇ ଏୟାରପୋର୍ଟରେ ଲ୍ୟାଣ୍ଡ କରିବି। ଜାତୀୟ ରାଜପଥର ଯାଞ୍ଚ ପାଇଁ ମୁଁ ବ୍ୟକ୍ତିଗତ ଭାବେ ସଡ଼କ ପଥରେ ଗୋଆ ଆସିବି। ଏହି ଯାତ୍ରା ସାଧାରଣ ଲୋକଙ୍କୁ କେତେ ସୁବିଧା ଦେଉଛି, ତା'କୁ ଆକଳନ କରିବି।"ଭିତ୍ତିଭୂମି ପ୍ରକଳ୍ପକୁ ବିଳମ୍ବିତ କରୁଥିବା ଓ ନିମ୍ନମାନରେ ଏହା ନିର୍ମାଣ କରୁଥିବା ଠିକାଦାରମାନଙ୍କୁ ସେ କଳାତାଲିକା ଭୁକ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାହୁଁଥିବା ମଧ୍ୟ କହିଛନ୍ତି। ସେ କହିଛନ୍ତି, "ଏବେ ମୁଁ ଗୋଟିଏ ରେକର୍ଡ ଧାର୍ଯ୍ୟ କରିବାକୁ ଚାହୁଁଛି। ଗୋଟିଏ ବର୍ଷ ମଧ୍ୟରେ ମୁଁ ସର୍ବାଧିକ ସଂଖ୍ୟକ ଠିକାଦାରଙ୍କୁ କଳାତାଲିକା ଭୁକ୍ତ କରିବି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବି ଓ ଅଧିକାରୀମାନଙ୍କୁ ନିଲମ୍ବିତ କରିବି। ଏବେ ଏପରି କାର୍ଯ୍ୟାନୁଷ୍ଠାନକୁ ମୁଁ ବନ୍ଦ କରିବି ନାହିଁ।" ଦୀର୍ଘ ୧୫ ବର୍ଷ ହେଲା ମୁମ୍ବାଇ-ଗୋଆ ସଂପ୍ରସାରଣ କାମ ଜାରି ରହିଛି।

ଚୁଟ୍‌କୀରେ...

ପିଏ ସୁମିତ ରାୟ ଗିରଫ

କୋଲକାତା,୧୦।୯: ତୃଣମୂଳ କଂଗ୍ରେସ ସାଂସଦ ତଥା ଦଳର ଜାତୀୟ ମହାସଚିବ ଅଭିଷେକ ବାନାର୍ଜୀଙ୍କ ପର୍ସନାଲ ଆସିଷ୍ଟାଣ୍ଟ ସୁମିତ ରାୟଙ୍କୁ ଗିରଫ। ଗୁରୁବାର ଅଭିଷେକ ବାନାର୍ଜୀଙ୍କ କାଲିଘାଟ ସ୍ଥିତ ବାସଭବନରେ ସିଆଇଡି ଟିମ୍ ପହଞ୍ଚିଥିଲା । ସେଠାରୁ ସୁମିତ ରାୟଙ୍କୁ ଗିରଫ କରାଯାଇଛି। ଗିରଫ ପରେ ତାଙ୍କୁ ଭବାନୀ ଭବନ ଏବଂ ପରେ ମେଡିକାଲ୍ ଚେକଅପ୍ ପାଇଁ ଏସଏସକେଏମ ହସ୍ପିଟାଲ୍ ନିଆଯାଇଥିଲା। ଗୁରୁବାର ସୁମିତ ରାୟଙ୍କ ଆଣ୍ଟିସିପେଟରୀ ଜାମିନ୍ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିବା ସହିତ ତାଙ୍କୁ ମିଳିଥିବା ପ୍ରୋଟେକ୍ସନ ମଧ୍ୟ ହଟାଇ ଦେଇଥିଲେ। ଏହାପରେ ତାଙ୍କୁ ସିଆଇଡି ଗିରଫ କରିଥିବା ଜଣାପଡ଼ିଛି। ସିଆଇଡି ଟିମ୍ କାଲିଘାଟରେ ପହଞ୍ଚିବା ପରେ ସେଠାରେ ଥିବା ସୁରକ୍ଷାକର୍ମୀଙ୍କ ସହ ପୋଲିସର ହାତାହାତି ହୋଇଥିବା ଖବର ଆସିଛି। ପରେ ସିଆଇଡି ଗେଟ୍ ଖୋଲି ଭିତରକୁ ପ୍ରବେଶ କରି ସୁମିତ ରାୟଙ୍କୁ ନିଜ ହେପାଜତକୁ ନେଇଥିଲା। ସୁମିତ ରାୟଙ୍କ ଗିରଫଦାରୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଗୁରୁବାର ବିଧାନସଭାରେ କହିଥିଲେ, 'କୁଖ୍ୟାତ ଟୋଲ୍ କଲେକ୍ଟର ସୁମିତ ରାୟଙ୍କୁ ଗିରଫ କରାଯାଇଛି। ସୁପ୍ରିମକୋର୍ଟ ତାଙ୍କ ସୁରକ୍ଷା ପ୍ରତ୍ୟାହାର କରିବା ପରେ ତାଙ୍କୁ କାଲିଘାଟରୁ ଗିରଫ କରାଯାଇଛି। ତାଙ୍କୁ ରାଜ୍ୟ ପୋଲିସ ସିଆଇଡି ଦ୍ୱାରା କାଲିଘାଟ ରୋଡ୍, ୧୨୧ରୁ ଗିରଫ କରାଯାଇଛି। ସୁମିତ ରାୟ ଶାଲବନୀ ଜମି ଦୁର୍ନୀତି ମାମଲାର ଅଭିଯୁକ୍ତଙ୍କ ମଧ୍ୟରୁ ଅନ୍ୟତମ। ସରକାରୀ ଜମିର କ୍ୟାରେକ୍ଟର ବଦଳାଇବା, ନକଲି କାଗଜପତ୍ର ତିଆରି କରିବା ଏବଂ ଜମି ବିକ୍ରି ସମ୍ପର୍କିତ ଅଭିଯୋଗରେ ଏହି ମାମଲାର ତଦନ୍ତ ଚାଲିଛି।

ଜମ୍ମୁ କାଶ୍ମୀରରେ ନିର୍ମାଣ ହେବ ୧୮୫୦୦ ବଙ୍କର

ନୂଆଦିଲ୍ଲୀ,୧୦।୯: ବ୍ରିକ୍ସ ସମ୍ମିଳନୀ ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଭାରତ ଗସ୍ତ ନିଶ୍ଚିତ ହୋଇଛି। ଏହି ସୂଚନା ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ହିଁ ପ୍ରଦାନ କରାଯାଇଛି। ଏହି ସମୟରେ, ପାକିସ୍ତାନୀ ଗୁଳିଗୋଳାରୁ ସୁରକ୍ଷା ପାଇଁ ନିୟନ୍ତ୍ରଣ ରେଖା ପାଖରେ ଭାରତୀୟ ମାନଙ୍କ ପାଇଁ ବ୍ୟକ୍ତିଗତ ବଙ୍କର ନିର୍ମାଣକୁ ନେଇ ବଡ ହଲଚଲ ଆରମ୍ଭ ହୋଇଛି। କେନ୍ଦ୍ର ସରକାର ୨୦୧୮ ଠାରୁ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ମଙ୍ଗଳବାର ଦିନ, ଜମ୍ମୁ ଏବଂ କାଶ୍ମୀର ବିଧାନସଭାରେ ବିରୋଧୀ ଦଳ ନେତା ସୁନୀଲ ଶର୍ମା ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ନେତୃତ୍ୱାଧୀନ ନ୍ୟାସନାଲ କନଫରେନ୍ସ ସରକାରଙ୍କୁ ସମାଲୋଚନା କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ସରକାର ବ୍ୟକ୍ତିଗତ ବଙ୍କର ନିର୍ମାଣ ପାଇଁ କେନ୍ଦ୍ର ଦ୍ୱାରା ଅନୁମୋଦିତ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। ଜମ୍ମୁ ଏବଂ କାଶ୍ମୀର ବିଧାନସଭାରେ ବିରୋଧୀ ଦଳ ନେତା ବିଜେପି ନେତା ସୁନୀଲ ଶର୍ମା ଅଭିଯୋଗ କରିଛନ୍ତି କି, 'ଅପରେସନ ସିନ୍ଦୁର ପରେ କେନ୍

ସଜେଇ ହେଲାଣି ପୂଜାମଣ୍ଡପ

ଚର୍ଚ୍ଚାରେ ଖରିପଡ଼ିଆ ଗାଦିବ୍ରହ୍ମ ଯୁବକ ସଂଘ ଗଣେଶପୂଜା
୧୯ରେ ମହାଭସାଣି , ୭୦ରୁ ଉର୍ଦ୍ଧ୍ୱ ବରିଷ୍ଠଙ୍କୁ ସମ୍ମାନ

କାକଟପୁର /ଅଷ୍ଟରଙ୍ଗ(ଅମୃତ ମିଡିଆ): ଆଉ ଦିନ କେଇଟା ପରେ ବିଘ୍ନ ବିନାଶନ ପ୍ରଭୁ ଶ୍ରୀ ଗଜାନନଙ୍କ ପୂଜା। ଏଥି ପାଇଁ ପୁରୀ ଜିଲ୍ଲା ଅଷ୍ଟରଙ୍ଗ ଓ କାକଟପୁର ବ୍ଲକର ପ୍ରତି ପୂଜା ମଣ୍ଡପ ଏବେ ଚଳଚଞ୍ଚଳ। ସବୁ କ୍ଲବ ନିଜ ନିଜ ମଣ୍ଡପକୁ ଆକର୍ଷଣୀୟ କରିବା ପାଇଁ ଶେଷ ପ୍ରସ୍ତୁତିରେ ବ୍ୟସ୍ତ। ହେଲେ ଏସବୁ ମଧ୍ୟରେ ସବୁଠୁ ଅଧିକ ଚର୍ଚ୍ଚାରେ ରହିଛି ଅଷ୍ଟରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ଖରିପଡିଆ ସ୍ଥିତ ଗାଦିବ୍ରହ୍ମ ଯୁବକ ସଂଘର ଗଣେଶ ପୂଜା। ଚଳିତ ବର୍ଷ ଏଠାରେ ସବୁଠୁ ଭବ୍ୟ ଓ ଆକର୍ଷଣୀୟ ପୂଜା ହେବାକୁ ଯାଉଛି। ଆଳସାହି ସ୍ଥିତ ଖରିପଡ଼ିଆ ଅଞ୍ଚଳରେ ଗଣେଶ ପୂଜାକୁ ନେଇ ଉତ୍ସାହର ମାହୋଲ ସୃଷ୍ଟି ହୋଇଛି। ଦୀର୍ଘବର୍ଷ ଧରି ଭକ୍ତି, ସଂସ୍କୃତି ଓ ସାମାଜିକ ଏକତାର ବାର୍ତ୍ତା ଦେଇଆସୁଥିବା ଗାଦିବ୍ରହ୍ମ ଯୁବକ ସଂଘ ପକ୍ଷରୁ ଚଳିତ ବର୍ଷ ପୂଜାକୁ ଭିନ୍ନ ଢଙ୍ଗରେ ପାଳନ କରିବା ପାଇଁ ବିରାଟ ପ୍ରସ୍ତୁତି ଚାଲିଛି। ୨୦୦୫ ମସିହାରେ ଗଠିତ ଏହି ଯୁବ ସଂଘ ପକ୍ଷରୁ ୨୦୦୯ ମସିହାଠାରୁ ଲଗାତାର ୧୬ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଗଣେଶ ପୂଜା ଆୟୋଜିତ ହୋଇଆସୁଛି। ପ୍ରତିବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ ଓ ଲୋକାଭିମୁଖୀ କରିବା ହିଁ ସଂଘର ପରମ୍ପରା। ଚଳିତ ବର୍ଷ ଖରିପଡିଆ ତଥା ଆଳସାହି, ଅଠତିରା ବାସୀଙ୍କ ପାଇଁ ପ୍ରସାଦ ସେବନ ସହ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି। ଏଥିରେ ପାଲା, ଦାସକାଠିଆ, ଭଜନ ସନ୍ଧ୍ୟା ଭଳି ଓଡ଼ିଶାର ପାରମ୍ପରିକ

କଳାକୁ ସ୍ଥାନ ଦିଆଯାଇଛି। ଏହା ମାଧ୍ୟମରେ ଓଡ଼ିଶାର ପାରମ୍ପରିକ କଳା ଓ ସଂସ୍କୃତିକୁ ସୁରକ୍ଷିତ ରଖିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଏହାର ପ୍ରଚାରପ୍ରସାର କରିବା ଲକ୍ଷ୍ୟ ରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। କାର୍ଯ୍ୟସୂଚୀ ଅନୁସାରେ ଗଣେଶ ପୂଜା ଅପରାହ୍ନ ପରେ ସନ୍ଧ୍ୟାରେ ଯାଜପୁର ଜିଲ୍ଲାର ପ୍ରସିଦ୍ଧ ମା' ମଙ୍ଗଳା ପାଲା ସଂଘର ପାଲା ପରିବେଷଣ ହେବ। ୧୫ ତାରିଖ ରାତିରେ ରାଉରକେଲାର ଚର୍ଚ୍ଚିତ ମା ସନ୍ତୋଷୀ ଭଞ୍ଜନ ସନ୍ଧ୍ୟା ଏବଂ ୧୬ ତାରିଖରେ କଟକର ଶ୍ରୀମନ୍ଦିର ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ପ୍ରତିଦିନ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ତେବେ ସବୁଠୁ ବଡ ହାଇଲାଇଟ୍ ହେବ ୧୯ ସେପ୍ଟେମ୍ବର ଶନିବାରର ମହା ଭସାଣି ଉତ୍ସବ। ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଚାଲିବ ବିରାଟ ଶୋଭାଯାତ୍ରା। ଏଥର ଭସାଣିରେ ମୁଖ୍ୟ ଆକର୍ଷଣ ହେବ ବଲାଙ୍ଗୀରର ଦୁଲୁଦୁଲି, ସେଦେଷ୍ଟ ସାଥି ଝରାବଉଳ, ଗଞ୍ଜାମର ପଶୁମୁଖା ନୃତ୍ୟ, ନୟାହାଟର ବାଇଦେଇ ଘଣ୍ଟ ମାର୍ଦଳ ଓ ବୌଦ୍ଧର ଶବର-ଶବରୁଣୀ ଜାତୀୟ ଖଟଖଟିଆ। ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ଏହି ଲୋକକଳା ଦଳ ଖରିପଡିଆ ଦାଣ୍ଡରେ ପରମ୍ପରାର ରଙ୍ଗ ଭରିବେ। ଏହା ଅଷ୍ଟରଙ୍ଗ ଅଞ୍ଚଳରେ ପ୍ରଥମ ଥର ଦେଖିବାକୁ ମିଳିବ।ଏଥର ସଂଘ ଆଉ ଏକ ଅଭିନବ ପଦକ୍ଷେପ ନେଇଛି। ବିସର୍ଜନ ଶୋଭାଯାତ୍ରାକୁ ସ୍ୱତନ୍ତ୍ର ରୂପ ଦେବା ପାଇଁ ଅଞ୍ଚଳର ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକଙ୍କୁ ସାମିଲ କରି ସମ୍ମାନିତ କରାଯିବ। ବରିଷ୍ଠଙ୍କୁ ସମ୍ମାନ ଦେବାର ଏହି ନିଆରା ପ୍ରୟାସ ସମସ୍ତଙ୍କ ପ୍ରଶଂସା ସାଉଁଟୁଛି। ସଂଘର ସଭାପତି ଦେବଦତ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ସମ୍ପାଦକ ଶୁଭ୍ରକାନ୍ତ ବଳ, ଦେବପ୍ରସାଦ ବିଶ୍ୱାଳ, କୋଷାଧ୍ୟକ୍ଷ ସୁଶାନ୍ତ ଦଳାଇ, ସଦସ୍ୟ ଅମୃତାଂଶୁ ମହାନ୍ତି, ଡିଜିଟାଲ ପ୍ଲାଟଫର୍ମ ଦାୟିତ୍ୱରେ ସମିତ ଲେଙ୍କା ଏବଂ ଉପଦେଷ୍ଟା ଦେବାଶିଷ ମହାନ୍ତି, ରାକେଶ ମହାନ୍ତି, ପ୍ରଭାତ ଲେଙ୍କା (ପିଣ୍ଟୁ)ଙ୍କ ଟିମ୍ ଦିନରାତି ପ୍ରସ୍ତୁତିରେ ଲାଗିଛି। ପରମ୍ପରା ସହ ପ୍ରଗତି, ବରିଷ୍ଠଙ୍କୁ ସମ୍ମାନ ଓ ଯୁବପିଢ଼ିର ଏକତାର ଏହି ମହୋତ୍ସବ ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

ସ୍ୱାଗତ ନାଁରେ ସରକାରୀ ଅର୍ଥ ଲୁଟ୍ ଅଭିଯୋଗ

- ୧୦ ଲକ୍ଷର ଗେଟରେ ପ୍ଲାଷ୍ଟିକ୍
- କିଛିମାସ ନପୂରୁଣୁ ଧରିଲାଣି କଳଙ୍କି
- ଯାଞ୍ଚ ସହ ଭିଜିଲାନ୍ସ ତଦନ୍ତ ଦାବି
- ଅଧିକାରୀ-କର୍ଣ୍ଣାଟ୍ଟର ମଧୁଚନ୍ଦ୍ରିକା

କାକଟପୁର/ଅଷ୍ଟରଙ୍ଗ(ଅମୃତ ମିଡିଆ): ଦେଖିବାକୁ ସ୍ୱାଗତ ତୋରଣ, ହେଲେ ଭିତରେ ମହାଦୁର୍ନୀତି। ପୁରୀ ଜିଲ୍ଲା ଅଷ୍ଟରଙ୍ଗ ପଞ୍ଚାୟତ ସମିତି ତରଫରୁ କାକଟପୁର-ଅଷ୍ଟରଙ୍ଗ ମୁଖ୍ୟ ରାସ୍ତାରେ ନିର୍ମିତ ସ୍ୱାଗତ ଗେଟ୍ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଲୋକଙ୍କ କହିବା ଅନୁସାରେ ଏହା ସ୍ୱାଗତ ନୁହେଁ, ସ୍ୱାଗତ ନାଁରେ ସରକାରୀ ପାଣ୍ଠି ଲୁଟ୍। ଏହି ଗେଟ୍ ?କୁ ନେଇ ଏବେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଲାଗିଥିବା ଫଳକ ଅନୁସାରେ ଏହି ଗେଟ୍ ୧୩ତମ ସିଏଫସି ଅନୁଦାନରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୦,୦୦,୦୦୦ ଟଙ୍କା ବ୍ୟୟ ଅଟକଳରେ

ନିର୍ମାଣ କରାଯାଇଛି। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଗେଟ୍ ଦେଖିଲେ ଲାଗୁଛି ଯେମିତି କବାଡି ଦୋକାନରୁ ଶସ୍ତା ଆଙ୍ଗଲ ଆଣି ଠିଆ କରାଯାଇଛି। ଜିଆଇ ନାଁରେ ଶସ୍ତା ଲୁହା ଉପରେ ପ୍ଲାଷ୍ଟିକ୍ ଆବରଣ ଦିଆଯାଇଛି। ତଳ ବେସ୍ ଓ ଜଏଣ୍ଟରେ ଏବେଠୁ କଳଙ୍କି ଧରିଲାଣି, ସିମେଣ୍ଟ ବେସ୍ ଫାଟି ମାଟି ବାହାରୁଛି। ଖରା-ବର୍ଷାରେ ଏହି ପ୍ଲାଷ୍ଟିକ୍ ସିଟ୍ ଆଉ କିଛି ମାସ ମଧ୍ୟରେ ନଷ୍ଟ ହୋଇଯିବ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ ଏହି ଗେଟ୍ ?ର ପ୍ରକୃତ ମୂଲ୍ୟ ଦେଢ ଲକ୍ଷରୁ ଅଧିକ ହେବ ନାହିଁ। ତେବେ ପ୍ରଶ୍ନ ଉଠୁଛି, ସତରେ ଏହି ଗେଟ୍ ପାଇଁ ୧୦ ଲକ୍ଷ ଉଠିଛି ନା ଏହାଠୁ ଅଧିକ ବ୍ୟୟ ଅଟକଳ ଦେଖାଇ ଟଙ୍କା ହଡପ୍ ହୋଇଛି ? ଦେଢ ଲକ୍ଷର ସାମଗ୍ରୀରେ ୧୦ ଲକ୍ଷର ବିଲ୍ ହେଉଛି କି ? ଏହା ପଛରେ ଅଧିକାରୀ-କର୍ଣ୍ଣାଟ୍ଟର ଓ ପିସି ଖେଳ ର ମଧୁଚନ୍ଦ୍ରିକା ଥିବା ଅଭିଯୋଗ ସାଧାରଣରେ ହେଉଛି। ତେଣୁ ସାଧାରଣରେ ଦାବି ହେଉଛି, କେବଳ କାଗଜପତ୍ର ନୁହେଁ, ପୁରା ସ୍ୱାଗତ ତୋରଣକୁ ସ୍ୱତନ୍ତ୍ର ଟେକ୍ନିକାଲ ଟିମ୍ ଦ୍ୱାରା ସରଜମିନ୍ ଯାଞ୍ଚ କରାଯାଉ। ଯେଉଁ ପରିମାଣର ଅର୍ଥ ସରକାରଙ୍କଠୁ ଆସିଥିଲା, ତାହା ଆବଶ୍ୟକ ମୁତାବକ ଖର୍ଚ୍ଚ ହୋଇଛି କି ନାହିଁ, ଲୁହାର ଓଜନ, ମାନ ଓ ବିଲ୍ ଭାଉଚର ଯାଞ୍ଚ ହେଉ। ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ଭିଜିଲାନ୍ସ ତଦନ୍ତ ନଚେତ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରି ଯାଞ୍ଚ କଲେ ସତ ପଦାକୁ ଆସିବ ଓ ଦୋଷୀ ଦଣ୍ଡ ପାଇବେ ବୋଲି ବୁଦ୍ଧିଜୀବୀ ମହଲ ଦାବି କରିଛନ୍ତି।

ଜମିବାଡ଼ି ମାମଲାରେ ମହିଳାଙ୍କୁ ଆକ୍ରମଣ, ତଦନ୍ତ ଆରମ୍ଭ

ପୁରୀ (ବ୍ୟୁରୋ): ଜମିବାଡ଼ିକୁ କେନ୍ଦ୍ରକରି ମହିଳାଙ୍କୁ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ। ଜମି ମାପଚୁପ ବେଳେ ସିଦ୍ଧ ମହାବୀର ଅଞ୍ଚଳର ଜ୍ୟୋସ୍ନାମୟୀ ମିଶ୍ରଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଛି । ଆକ୍ରମଣରେ ମହିଳା ଗୁରୁତର ଆହତ ହୋଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁସାରେ, ଆଜି ସନ୍ଧ୍ୟା ସମୟରେ ସିଦ୍ଧ ମହାବୀର ଅଞ୍ଚଳରେ ଜମିବାଡ଼ିକୁ ନେଇ ମାପଚୁପ ଚାଲିଥିଲା । ଏହି ସମୟରେ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା । ଅଭିଯୋଗ ଅନୁସାରେ, ବଚସା ଉଗ୍ରରୂପ ନେବା ପରେ ପ୍ରତିପକ୍ଷ ଜଣେ ହଠାତ୍ ଖଣ୍ଡାରେ ଜ୍ୟୋସ୍ନାମୟୀଙ୍କୁ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ରକ୍ତ ଜୁତୁବୁତୁ ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ତୁରନ୍ତ ପୁରୀ ସଦର ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ଡାକ୍ତରଙ୍କ କହିବା ଅନୁସାରେ ତାଙ୍କ ଅବସ୍ଥା ସ୍ଥିର ରହିଛି । ଘଟଣା ସମ୍ପର୍କରେ ଖବର ପାଇ ତାଳବଣିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

କାକଟପୁର-ଅଷ୍ଟରଙ୍ଗରେ ମାଳମାଳ ନକଲି ଲୁବ୍ରିକାଣ୍ଟ ଦୋକାନ

- ଇଞ୍ଜିନ ସିଜ୍, ଫସୁଛନ୍ତି ଗ୍ରାହକ !
- ଅସଲି ନାଁରେ ନକଲି ଷ୍ଟିକର
- ଗ୍ୟାରେଜ ମାଲିକଙ୍କ ଚାଞ୍ଚଲ୍ୟକର ଖୁଲାସା

କାକଟପୁର /ଅଷ୍ଟରଙ୍ଗ (ଅମୃତ ମିଡିଆ): ପୁରୀ ଜିଲ୍ଲା କାକଟପୁର ଓ ଅଷ୍ଟରଙ୍ଗ ବ୍ଲକରେ ନକଲି ମୋବିଲ ଓ ଲୁବ୍ରିକାଣ୍ଟ ନାଁରେ ବଡ ଧରଣର ଠକେଇ ଚାଲିଛି। ଅଞ୍ଚଳର ପ୍ରାୟ ସମସ୍ତ ଅଟୋ ପାର୍ଟସ ଦୋକାନ, ଗ୍ୟାରେଜ ଓ ହାଟଗଲି ଦୋକାନରେ କାଷ୍ଟ୍ରୋଲ, ସର୍ଭୋ, ମୋବିଲ, ଭିଡୋଲ ଭଳି ନାମୀଦାମୀ କମ୍ପାନୀର ନକଲି ଷ୍ଟିକର ଲଗାଇ ରିସାଇକଲ ତେଲକୁ ଅସଲି କହି ବିକ୍ରି କରାଯାଉଛି। ଫଳରେ ସାଧାରଣ ଗ୍ରାହକ ସିଧା ଠକାମୀର ଶିକାର ହେଉଛନ୍ତି ଓ ତାଙ୍କ ମୂଲ୍ୟବାନ ଗାଡି ଖରାପ ହେଉଛି। ଏ ନେଇ ଅଞ୍ଚଳର ପ୍ରତିଷ୍ଠିତ ଗ୍ୟାରେଜ ମାଲିକ ମାନସ କୁମାର ସେଠୀ ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି। ସେ କହିଛନ୍ତି, ଆମେ ଗାଡି କାମ ସମୟରେ ପ୍ରତିଦିନ ଦେଖୁଛୁ ଅନେକ ଗ୍ରାହକ ନକଲି ମୋବିଲ ପକାଇବା ପରେ ହଇରାଣ ହେଉଛନ୍ତି। ନୂଆ ତେଲ ପକାଇବାର ୧୫ ଦିନ ଭିତରେ ଇଞ୍ଜିନ ଗରମ, କଳା ଧୂଆଁ, ମାଇଲେଜ କମିବା, ଇଞ୍ଜିନ ସିଜ୍ ଭଳି ସମସ୍ୟା ଆସୁଛି। ଯାଞ୍ଚ କଲାବେଳେ ଜଣାପଡୁଛି ସେମାନେ ନକଲି ଲୁବ୍ରିକାଣ୍ଟ ପକାଇଛନ୍ତି। କିଛି ଅସାଧୁ ବ୍ୟବସାୟୀ ଅଧିକ ଲାଭ ଆଶାରେ ଏଭଳି ନକଲି ଜିନିଷ ବିକ୍ରି କରୁଛନ୍ତି। ଅସଲି ବୋତଲ ଓ ଷ୍ଟିକର ବାହାର ରାଜ୍ୟରୁ ଆସୁଛି ବୋଲି ସେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବିଶେଷଜ୍ଞ ମହଲ ଅନୁସାରେ କାକଟପୁର ମୁଖ୍ୟ ବଜାର, ଅଷ୍ଟରଙ୍ଗ ବଜାର, କୁଣ୍ଟେଇ ଛକ, ଅଷ୍ଟରଙ୍ଗ ହାଟଗଲି ପ୍ରତି ଦୋକାନରେ ଏହି ଧନ୍ଦା ବେଧଡକ ଚାଲିଛି। ଅସଲି କାଷ୍ଟ୍ରୋଲ ମୋବିଲ ଯାହାର ଦାମ ୫୫୦ ଟଙ୍କା, ନକଲି ତାହା ୧୮୦ ରୁ ୨୦୦ ଟଙ୍କାରେ କିଣି ୫୦୦ ଟଙ୍କାରେ ବିକୁଛନ୍ତି। ବୋତଲ ପିନ୍ଛା ୩୦୦ ଟଙ୍କା ଲାଭ। ଗ୍ରାହକ ୫୦ ଟଙ୍କା ଶସ୍ତା ଭାବି ନେଇଯାଉଛନ୍ତି କିନ୍ତୁ ପରେ ଇଞ୍ଜିନ ସିଜ୍ ହୋଇ ୧୦ ରୁ ୧୫ ହଜାର ଟଙ୍କା କ୍ଷତି ସହୁଛନ୍ତି। ସବୁ ବିକ୍ରି ବିନା ବିଲରେ ହେଉଥିବାରୁ ପ୍ରମାଣ ମିଳୁନାହିଁ। ଗରିବ ଚାଷୀ, ଅଟୋ ଚାଳକ, ବାଇକ ଚାଳକ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏହା ଏକ ସଂଗଠିତ ରାକେଟ। ବଡ ବ୍ୟବସାୟୀ ମାନେ କମ୍ ଦାମରେ ନକଲି ତେଲ ଆଣି ଛୋଟ ଦୋକାନୀଙ୍କୁ ଦେଉଛନ୍ତି। ଯୋଗାଣ ବିଭାଗ, ପ୍ରଶାସନ ନିରବ ରହିବାରୁ ଏହା ବଢିଚାଲିଛି।ତେଣୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଯୋଗାଣ ବିଭାଗ ତୁରନ୍ତ ସମସ୍ତ ଦୋକାନରେ ଚଢାଉ କରି ନମୁନା ସଂଗ୍ରହ କରି ଲାବୋରେଟୋରୀ ପରୀକ୍ଷା କରନ୍ତୁ, ଦୋଷୀ ବ୍ୟବସାୟୀଙ୍କ ଲାଇସେନ୍ସ ବାତିଲ ସହ କଡା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ମାନସ କୁମାର ସେଠୀ ଓ ସାଧାରଣ ଗ୍ରାହକ ଦାବି କରିଛନ୍ତି।

୧୦୬୦ ଏକର ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ

ବ୍ରହ୍ମଗିରି(ଅମୃତ ମିଡିଆ): ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ। ବ୍ରହ୍ମଗିରି ତହସିଲ ଅଞ୍ଚଳରେ ୩ ଦିନରେ ୧ ହଜାର ୬୦ ଏକର ବେଆଇନି ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହୋଇଛି । ପ୍ରଥମ ଦିନରେ ସୁନାମୁହିଁ ଜଓ ଅଧୀନ ବଡବେଣାକୁଦି ଚିଲିକାରେ ୩୭ ଏକର ଉଚ୍ଛେଦ କରାଯାଇଥିଲା । ଦ୍ୱିତୀୟ ଦିନରେ ସାତପଡ଼ା ଜଓ ଅଧୀନ ଗମ୍ଭାରୀ ଚିଲିକାରେ ୪୪୦ଏକର ଓ ତୃତୀୟ ଦିନରେ ପଣସପଦା ଜଓ ଅଧୀନ ପଣ୍ଡା-ଗୋଲା ଚିଲିକାରେ ୫୭୦ ଏକର ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚିଲିକାରେ ବିଭିନ୍ନ ଅଞ୍ଚଳରୁ ବେଆଇନି ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଚାଲିଛି । ଏହି କ୍ରମରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକକୁ ଚିଙ୍ଗୁଡ଼ି ଘେରି ମୁକ୍ତ ପାଇଁ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଜିଲ୍ଲାପାଳ । ବ୍ରହ୍ମଗିରି ତହସିଲିଦାର, ଅତିରିକ୍ତ ତହସିଲିଦାର, ସୁପରଭାଇଜର, ସାତପଡ଼ା ଜଓ, ସୁନାମୁହିଁ ଜଓ, ପଣସପଦା ଜଓ ଓ ପୋଲିସ ଫୋର୍ସ ଉପସ୍ଥିତ ରହି ଘେରି ଉଚ୍ଛେଦ କରିଛନ୍ତି । ମାଟି ବନ୍ଧ ଘେରି ଓ ମଶାରୀ ଘେରି ମଧ୍ୟ ଉଚ୍ଛେଦ କରାଯାଉଛି ।

ଚିକେନ ନାଁରେ ରୋଗ ଖାଉଛନ୍ତି ଗ୍ରାହକ

- √ କାକଟପୁର-ଅଷ୍ଟରଙ୍ଗରେ ମାଳ ମାଳ ଫାର୍ମ
- √ ମାସେରେ ଅଢେଇ କିଲୋ ଚିଆଁ
- √ କ୍ୟାନ୍ସର ଭୟ ବଢ଼ାଉଛି କେମିକାଲ ଚିକେନ

କାକଟପୁର/ଅଷ୍ଟରଙ୍ଗ(ଅମୃତ ମିଡିଆ): ପ୍ଲେଟରେ ଲେଗ୍ ପିସ୍ ଦେଖି ଜିଭରେ ପାଣି ଆସୁଛି କି ? ଟିକେ ଅଟକନ୍ତୁ। ଆପଣ ଚିକେନ ଖାଉଛନ୍ତି ନା ମାରାତ୍ମକ କେମିକାଲ ରୋଗ କିଣି ଖାଉଛନ୍ତି, ଥରେ ଭାବନ୍ତୁ। କାରଣ ପୁରୀ ଜିଲ୍ଲା କାକଟପୁର ଓ ଅଷ୍ଟରଙ୍ଗ ବ୍ଲକର ଗ୍ରାମାଞ୍ଚଳରେ ଏବେ ମାଳ ମାଳ ବ୍ରଏଲର ଫାର୍ମ ଗଜା ହେଲାଣି। ଆଉ ସେଠି ଯାହା ଚାଲିଛି, ତାହା ଭୟଙ୍କର। ସାଧାରଣତଃ ଦେଶୀ କୁକୁଡା ବଢିବାକୁ ୬ ମାସ ଲାଗେ। ହେଲେ ଏହି ଫାର୍ମରେ ଚିଆଁଟିଏ ମାତ୍ର ୨୫ ରୁ ୩୦ ଦିନରେ ଅଢେଇ କିଲୋ ହୋଇଯାଉଛି ! ଏହା କେମିତି ସମ୍ଭବ ଉତ୍ତର ହେଉଛି - ଷ୍ଟେରଏଡ୍, ଆଣ୍ଟିବାୟୋଟିକ୍ ଓ ଗ୍ରୋଥ୍ ହରମୋନ୍ ଭରା କେମିକାଲ ଦାନା। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଫାର୍ମ ମାଲିକମାନେ ଅଧିକ ଲାଭ ପାଇଁ କୁକୁଡା ଦାନାରେ ବେଆଇନ ଭାବେ ମାରାତ୍ମକ କେମିକାଲ ମିଶାଉଛନ୍ତି। ଯାହା ଖାଇ ଚିଆଁ ଫୁଲି ଫୁଲି ବଢୁଛି। କୁକୁଡା ଦେଖିବାକୁ ମୋଟା, ହେଲେ ଭିତରେ ବିଷ। ସେହି ବିଷାକ୍ତ ଚିକେନ ଏବେ କାକଟପୁର, ଅଷ୍ଟରଙ୍ଗ, ନୟାହାଟ ବଜାର ସମେତ ଅଂଚଳରେ ଥିବା ବିଭିନ୍ନ ହୋଟେଲକୁ ଯାଉଛି। ଲୋକେ ସ୍ୱାଦ ଭାବି ରୋଗ କିଣୁଛନ୍ତି। ଏଭଳି କେମିକାଲ ଚିକେନ ଖାଇଲେ ମଣିଷ ଶରୀରରେ ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ହୁଏ। ସାଧାରଣ ଔଷଧ କାମ କରେ ନାହିଁ। ବଡକଠାରେ କ୍ୟାନ୍ସର, କିଡନୀ, ଲିଭର ରୋଗ ଭୟ ବଢେ। ଫାର୍ମରୁ ବାହାରୁଥିବା ବର୍ଜ୍ୟ, ପର, ଦୁର୍ଗନ୍ଧରେ ଗ୍ରାମାଞ୍ଚଳ ପ୍ରଦୂଷିତ। ମାଳ ମାଳ ମାଛି, ରୋଗ ବ୍ୟାପୁଛି। ବିନା ଅନୁମତିରେ ଗାଁ ଭିତରେ ଫାର୍ମ ଚାଲିଛି, ଦେଖିବାକୁ କେହି ନାହାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ। ପ୍ରତି ଫାର୍ମର ଯାଞ୍ଚ ହେଉ, କେମିକାଲ ଦାନା ଉପରେ ରୋକ୍ ଲାଗୁ, ଲାଇସେନ୍ସ ଯାଞ୍ଚ ହେଉ। ନହେଲେ ଶସ୍ତା ଚିକେନ ଲୋଭରେ ଲୋକେ ମହଙ୍ଗା ରୋଗ କିଣିବେ।

ଅଷ୍ଟରଙ୍ଗ ଝାଉଁ ବନୀକରଣରେ ଅନିୟମିତତା

- ୭ପୃଷ୍ଠା ତଦନ୍ତ ରିପୋର୍ଟକୁ ନେଇ ପ୍ରଶ୍ନ
- ତରବରିଆ ରୋପଣ ଓ ଡ୍ରୋନ ସର୍ଭେ
- ଝାଉଁଟାରା ଝାଉଁଳି ଶୁଖିଲା, ତଦନ୍ତ ଦାବି
- ଜଙ୍ଗଲ ମନ୍ତ୍ରୀ ଇସ୍ତଫା ଜୋର୍ ଧରିଲା

କାକଟପୁର /ଅଷ୍ଟରଙ୍ଗ(ଅମୃତ ମିଡିଆ): ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ସହନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ସବୁଜ ମହାନଦୀ ମିଶନ ୨୦୨୪-୨୫ ଅଧୀନରେ ହୋଇଥିବା ଝାଉଁ ବନୀକରଣ ପ୍ରକଳ୍ପକୁ ନେଇ ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଣମାଧ୍ୟମ 'ରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ପ୍ରକୋଷ୍ଠରେ ପଞ୍ଜୀକୃତ ଅଭିଯୋଗ ଆଧାରରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଦିଆଯାଇଥିବା ୭ ପୃଷ୍ଠାର ତଦନ୍ତ ରିପୋର୍ଟ (ଚିଠି ନମ୍ବର ୫୮୬୩, ତା ୩୧.୦୮.୨୦୨୬) ନିଜେ ଅନେକ ଅନିୟମିତତାକୁ ପଦାରେ ପକାଇ ଦେଇଛି। ଉକ୍ତ ରିପୋର୍ଟ ଅ

ତ୍ରିପାକ୍ଷିକ ଚୁକ୍ତିର ପ୍ରତିଶ୍ରୁତି ପାଳନ ଦାବିରେ ଚିନିଶିଳ୍ପ କର୍ମଚାରୀଙ୍କ ଧାରଣା

ଏନ୍‌ଏମ୍‌ଆର୍ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ୪ ବର୍ଷର ବକେୟା ପ୍ରୋତ୍ସାହନ ରାଶି ଓ ପଦୋନ୍ନତି ଦାବି

ଆସିକା (ଅମୃତ ମିଡିଆ): ତ୍ରିପାକ୍ଷିକ ଚୁକ୍ତି ଏବଂ କେ-ଫର୍ମରେ ଦିଆଯାଇଥିବା ଲିଖିତ ପ୍ରତିଶ୍ରୁତି ପାଳନ ହୋଇନଥିବା ଅଭିଯୋଗକୁ ନେଇ ଆସିକା ସମବାୟ ଚିନିଶିଳ୍ପ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାରଠାରୁ ଚିନିଶିଳ୍ପର ମୁଖ୍ୟ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳୀନ ଧାରଣା ଆରମ୍ଭ ହୋଇଛି। ଶତାଧିକ କର୍ମଚାରୀ ଧାରଣାରେ ସାମିଲ ହୋଇ ବିଭିନ୍ନ ସ୍ଲୋଗାନ ଦେଇ ଦାବି ପୂରଣ ପାଇଁ ପ୍ରତିବାଦ କରିଥିଲେ।

ସଂଘ ପକ୍ଷରୁ ଏନ୍‌ଏମ୍‌ଆର୍ ଶ୍ରମିକମାନଙ୍କୁ ସ୍ଥାୟୀ ନିଯୁକ୍ତି, ଶ୍ରମିକମାନଙ୍କର ବକେୟା ରହିଥିବା ୪ ବର୍ଷର ପ୍ରୋତ୍ସାହନ ରାଶି ପ୍ରଦାନ ଏବଂ ଯୋଗ୍ୟ କର୍ମଚାରୀଙ୍କୁ ପଦୋନ୍ନତି ଦେବା ଭଳି ପ୍ରମୁଖ ଦାବି ଉପସ୍ଥାପନ କରାଯାଇଛି। ତ୍ରିପାକ୍ଷିକ ଚୁକ୍ତିରେ ହୋଇଥିବା ବ୍ୟବସ୍ଥା ଓ କେ-ଫର୍ମରେ ଦିଆଯାଇଥିବା ଲିଖିତ ପ୍ରତିଶ୍ରୁତି ଅନୁଯାୟୀ ଦାବିଗୁଡ଼ିକ ପୂରଣ ନହେବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିବା ସଂଘ କହିଛି। ସର୍ବଭାରତୀୟ ଏଆଇଟିୟୁସି ନେତା ରାମକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ ଏହି ଧାରଣା ଚାଲିଥିବାବେଳେ ଗଞ୍ଜାମ ଜିଲ୍ଲା ଏଆଇଟିୟୁସି ସଭାପତି ନୀଳୁ ପାଟ୍ଟଯୋଶୀ, ଜିଲ୍ଲା ସମ୍ପାଦକ ଅଳକ ନାଥ ମିଶ୍ର, ଓଡ଼ିଶା ନିର୍ମାଣ ସଂଘ ଉପସଭାପତି ବ୍ରଜମୋହନ ପ୍ରଧାନ, ଚିନିଶିଳ୍ପ କର୍ମଚାରୀ ସଂଘ ଉପସଭାପତି ପ୍ରଦୀପ କୁମାର ସେଠୀ, ଏଆଇଟିୟୁସି ନେତା ପ୍ରକାଶ ପାତ୍ର, ଶ୍ରମିକ ନେତା ତଥା ଆଇନଜୀବୀ ବିଦେଶୀ ନାହକ, ରାଜେନ୍ଦ୍ର ଦାଶ, କର୍ମଚାରୀ ସଂଘ ସମ୍ପାଦକ ଦାମୋଦର ସିୟ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ଗୌଡ଼, ଉପସଭାପତି ଦିଲ୍ଲୀପ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ପଟ୍ଟନାୟକ, ଯୁବକ ସଂଘ ନେତା କାମଦେବ ନାହକ, ଏଆଇଟିୟୁସି ନେତା ରଙ୍କନିଧି ସ୍ୱାଇଁ, ପଞ୍ଚାନନ ସ୍ୱାଇଁ ଓ ସତ୍ୟନାରାୟଣ ମହାପାତ୍ରଙ୍କ ସମେତ ବହୁ କର୍ମଚାରୀ ଓ ସଂଘ ନେତା ଧାରଣାରେ ସାମିଲ ହୋଇଥିଲେ।

ସଂଘ ପକ୍ଷରୁ କୁହାଯାଇଛି ଯେ, ତ୍ରିପାକ୍ଷିକ ଚୁକ୍ତି ଅନୁଯାୟୀ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକ ତୁରନ୍ତ ପାଳନ କରାଯାଗଲେ ଅନିର୍ଦ୍ଦିଷ୍ଟକାଳୀନ ଧାରଣା ଜାରି ରହିବ। ଦାବି ପୂରଣକୁ ନେଇ ଚିନିଶିଳ୍ପ କର୍ମଚାରୀଙ୍କ ଏହି ଆନ୍ଦୋଳନ ଫଳରେ ଚିନିଶିଳ୍ପ ପରିସରରେ ଶ୍ରମିକ ଅସନ୍ତୋଷ ପ୍ରକାଶ ପାଇଛି।

ଗଣେଶପୂଜା କମିଟି ସହ ପୋଲିସ ପ୍ରଶାସନର ମିଳିତ ବୈଠକ

ପୁରୁଷୋତ୍ତମପୁର (ଅମୃତ ମିଡିଆ): ଆସନ୍ତା ୧୪ ତାରିଖରେ ହେବ ଗଣେଶ ପୂଜା, ସେଥିପାଇଁ ପୁରୁଷୋତ୍ତମପୁର ସହରର ବିଭିନ୍ନ ସାହିରେ ଗଣେଶ ପୂଜା ଧୁମ ଧାମ ରେ ପାଳନ ନିମନ୍ତେ ବିଭିନ୍ନ ପୂଜା କମିଟି ତରଫରୁ ସବୁ ପ୍ରକାର ପ୍ରସ୍ତୁତି ଚାଲୁଥିଲା ବେଳେ ତାକୁ କିପରି ଶାନ୍ତି ଶୃଙ୍ଖଳା ସହିତ ପୂଜା ଏବଂ ଭଷାଣି କରାଯିବ ସେଥିନିମନ୍ତେ ପୁରୁଷୋତ୍ତମପୁର ଥାନା ପରିସରରେ ପ୍ରଶାସନିକ ଅଧିକାରୀ ତଥା ତହସିଲଦାର ଏବଂ ଏକଜୁକୁଟିଭ ମାଜିଷ୍ଟେଟ ଥିବା ବିନୋଦ କୁମାର ବେହେରା, ଉପଖଣ୍ଡ ସ୍ତରୀୟ ପୋଲିସ ଅଧିକାରୀ ସୁଜିତ କୁମାର ନାୟକ, ପୁରୁଷୋତ୍ତମପୁର ଥାନା ଅଧିକାରୀ କୁଳମଣି ସେଠୀ, ଏ ଏସ ଆଇ କିରଣ କୁମାର ବକ୍ସି ଓ ୩୦,ଗୋଟି ପୂଜା କମିଟିର କର୍ମକର୍ତ୍ତା ଏବଂ ସାମ୍ବାଦିକ ମାନଙ୍କ ଉପସ୍ଥିତି ରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ବୈଠକ ଆରମ୍ଭରେ ଥାନା ଅଧିକାରୀ ଗଞ୍ଜାମ ଜିଲ୍ଲା ରେ ଲାଗୁ ହୋଇଥିବା ୩୦ ଧାରା ଅନୁସାରେ ଯେକୌଣସି କାର୍ଯ୍ୟକ୍ରମ ପାଇଁ ଏକ ସପ୍ତାହ ପୂର୍ବରୁ ଥାନା କୁ ଜଣାଇ ସେଠାରୁ ଅନୁମତି ପତ୍ର ଆଣିବାକୁ ପଡିବ । ସେହିଁ ବିଷୟ ରେ ସୂଚନା ଦେବାପରେ ଏସ୍ଡିପିଓ ସୁଜିତ ନାୟକ ପୂଜାକୁ କିପରି ଶାନ୍ତି ଶୃଙ୍ଖଳା ର ସହିତ

ପାଳନ କରିବେ ସେ ବିଷୟ ରେ ସୁଚାରୁ ରୂପେ ବୁଝାଇ ଥିଲେ । ପୂଜା ସମୟରେ ଡିଜେ ସାଉଣ୍ଡ, ଅଶ୍ଳୀଳ ନୃତ୍ୟ ଉପରେ ସମ୍ପୂର୍ଣ୍ଣ କଟକଣା କରା ଯାଇଛି। ଏହା ସହ କୌଣସି ଦଳ, ଦଳ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି ନକରିବା, ପୂଜା ମଣ୍ଡପରେ ସିସିଟିଭି ବାଧତା ମୂଳକ କରାଯାଇଥିଲା ବେଳେ ଉଚ୍ଚଶବ୍ଦରେ ସାଉଣ୍ଡ ନ ବଜାଇବା, ପୂଜାବେଳେ ଦୁଇଧାଡି ମହିଳା ଓ ପୁରୁଷ ଅଲଗା କରିବା। ରାସ୍ତା ଅବରୋଧ ନ କରିବା, ନିଶାସେବନକୁ ଦୃଢ଼ ଭାବେ ବାରଣ କରାଯାଇଛି। ଭସାଣି ନିର୍ଦ୍ଧାରିତ ଦିନ ଏବଂ ସମୟସୀମା ମଧ୍ୟରେ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ଡ଼ିପିଓ ସୂଚନା ଦେଇଛନ୍ତି । ଭସାଣି ସ୍ଥଳରେ ଅଗ୍ନି ଶମ ବିଭାଗ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଏବଂ ମିସିନ ଦ୍ୱାରା ଠାକୁରଙ୍କୁ ବିସର୍ଜନ କରିବାକୁ ତହସିଲଦାର ପ୍ରସ୍ତାବ ଦେଇଥିଲେ । ଏହାସହ ସମସ୍ତେ ଯେପରି ଭାଇଚାରା ସୃଷ୍ଟି କରି ପୁରୁଷୋତ୍ତମପୁର ସହରର ଟେକ ରଖି ପୂଜା କରିବେ ସେଥିପାଇଁ ମଧ୍ୟ ସତର୍କତା କରାଯାଇଥିଲା । ଶେଷରେ ଆଇ ଆଇସି ସମସ୍ତ ଙ୍କୁ ଧନ୍ୟବାଦ ଦେଇ ବୈଠକ ସାଙ୍ଗ କରିଥିଲେ ।

ବ୍ରହ୍ମପୁର ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପଞ୍ଚାୟତ ସ୍ତରୀୟ କୋର୍ ଗ୍ରୁପ୍ ବୈଠକ

ବ୍ରହ୍ମପୁର (ଅମୃତ ମିଡିଆ): ବ୍ରହ୍ମପୁର ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ସ୍ତରୀୟ କୋର୍ ଗ୍ରୁପ୍ ବୈଠକ ଆଜି ଜଗଦଲପୁର ଗ୍ରାମରେ ଅନୁଷ୍ଠିତ ହୋଇଛି। କମିଟିର କୋଷାଧ୍ୟକ୍ଷ ଏମ୍. ଲାବଣ୍ୟ ପାତ୍ରଙ୍କ ବାସଭବନ ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ବ୍ରହ୍ମପୁର ମହାନଗର ନିଗମରେ ସାମିଲ ହୋଇଥିବା ୧୪ ଗୋଟି ପଞ୍ଚାୟତରେ ସଂଗଠନର ବିସ୍ତାର କିଭଳି ସୁପ୍ରଖୁରରେ ଓ ଦକ୍ଷତାର ସହ କରାଯିବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗୁଡିକ ହେଲା ସମସ୍ତ ୧୪ ଗୋଟି ପଞ୍ଚାୟତରେ ପଞ୍ଚାୟତ ସଂଯୋଜକ ନିଯୁକ୍ତ କରାଯିବ। ସେହିପରି ପ୍ରତ୍ୟେକ ପଞ୍ଚାୟତର ପ୍ରତ୍ୟେକ ସାହିରୁ ଜଣେ ଲେଖାଏଁ ସ୍ଥାନୀୟ ବୀର (ଲୋକାଲ ହିରୋ)ବା ସାମାଜିକ ସୈନିକ (ସୋସିଆଲ ସୋଲଜିଅର) ଚୟନ କରାଯିବ। ସେମାନେ ପଞ୍ଚାୟତ ସଂଯୋଜକଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିବେ।ନୂଆ ନେତୃତ୍ୱ ସୃଷ୍ଟି ପାଇଁ ପ୍ରତି ୬ ମାସରେ ଥରେ ଦାୟିତ୍ୱ ପରିବର୍ତ୍ତନ (ରୋଟେସନ)କରାଯିବ।

ସମସ୍ତ ସଦସ୍ୟଙ୍କୁ 'ମୁଁ ବି ବ୍ରହ୍ମପୁର - ଗର୍ବିତ ସଦସ୍ୟ, ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର' ଟ୍ୟାଗ୍ ଲାଇନ ସହ ପରିଚୟ ପତ୍ର (ଆଇଡି କାର୍ଡ) ପ୍ରଦାନ କରାଯିବ। ସମାଜର ସବୁ ବର୍ଗ ଓ ସବୁ କ୍ଷେତ୍ରର ନୂଆ ସଦସ୍ୟଙ୍କୁ ସଂଗଠନରେ ସାମିଲ କରାଯିବ। ସମସ୍ତ ୧୪ ଗୋଟି ପଞ୍ଚାୟତରେ ପ୍ରତି ମାସରେ 'ଜନ ଶୁଣାଣି ' କାର୍ଯ୍ୟକ୍ରମ କରାଯିବ। ଅଧିକନ୍ତୁ ସବୁ ପଞ୍ଚାୟତରେ ନିୟମିତ ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ପରବର୍ତ୍ତୀ ପଞ୍ଚାୟତ ସ୍ତରୀୟ ବୈଠକ ନିମଖଣ୍ଡି ପଞ୍ଚାୟତରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଆଜିର ବୈଠକରେ ୫ ଜଣ ନୂଆ ସଦସ୍ୟ ସଂଗଠନରେ ଯୋଗ ଦେଇଥିଲେ। ସେହିଭଳି ଆଜିର ବୈଠକରେ ଜଗଦଲପୁର ନିମନ୍ତେ ସୁନିଲ ପାତ୍ରଙ୍କୁ , ନିମଖଣ୍ଡି ପଞ୍ଚାୟତ ନିମନ୍ତେ ଅନିଲ ସାହୁ, ଲୋଚାପଡା ନିମନ୍ତେ ଅଜିତ୍ ପଟ୍ଟନାୟକଙ୍କୁ ଏବଂ କୁଶସ୍ଥଳୀ ପଞ୍ଚାୟତ ନିମନ୍ତେ ଲକ୍ଷ୍ମୀ କାନ୍ତ ଜେନାଙ୍କୁ କମିଟିର ପଞ୍ଚାୟତ ସଂଯୋଜକ ରୂପେ ଘୋଷଣା କରଯାଇଥିଲା।ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଦେବୀ ପ୍ରସାଦ ଦାସ, ସହ ସମ୍ପାଦକ ବି ଭି ସାଗର,ସମ୍ପାଦକ ଜିତେନ୍ଦ୍ର କୁମାର ପାତ୍ର।,କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ଉପ ସଂଗଠନ ସମ୍ପାଦକ ଅଜିତ୍ ପଟ୍ଟନାୟକ, ସହ ସଂଗଠନ ସମ୍ପାଦକ ଶ୍ରୀମନ୍ତ ପାଣିଗ୍ରାହୀ, ଉପଦେଷ୍ଟା ପ୍ରବୀଣ କୁମାର ପଟ୍ଟନାୟକ ଓ କାର୍ଯ୍ୟକାରୀ ସଦସ୍ୟ ଶ୍ରୀକାନ୍ତ ପଡିହାରୀ, ଗୋପାଳ ସାହୁ, ଲକ୍ଷ୍ମଣ କୁମାର ସାହୁ, ଅନିଲ ସାହୁ, ସାମାଞ୍ଚଳ ପାତ୍ର, ସଂଜୀବ ପ୍ରଧାନ , ବାଲରାଜୁ ପାତ୍ର ଓ ଗଙ୍ଗାଧର ପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତ ରଖିଥିଲେ।ଶେଷରେ ଉପଦେଷ୍ଟା ବାଲରାଜୁ ପାତ୍ର ଧନ୍ୟବାଦ ଜଣାଇ ବୈଠକ ସମାପ୍ତ ହୋଇଥିଲା।

ବିଭିନ୍ନ ଶିକ୍ଷାନୁଷ୍ଠାନରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ଭଞ୍ଜନଗର (ଅମୃତ ମିଡିଆ): ଏହି ନିର୍ବାଚନମଣ୍ଡଳୀରେ ଭୋଟର ସଚେତନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶ୍ରୀବତ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର ଏବଂ ଡି.ଏମ୍. ଜୁନିୟର ଓ ଡିଗ୍ରୀ ମହାବିଦ୍ୟାଳୟ, ଗାଲେଗାଠାରେ ବିଭିନ୍ନ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶ୍ରୀବତ୍ସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭଞ୍ଜନଗର ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ବେହେରା , ଅତିରିକ୍ତ ଉପଜିଲ୍ଲାପାଳ ପ୍ରଧାନ ତୁଲିଆମା, ନିର୍ବାଚନ ଉପଜିଲ୍ଲାପାଳ ରଚିତା ମହାପାତ୍ର, ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭଞ୍ଜନଗର, , ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ସେହିପରି, ଗାଲେଗାସ୍ଥିତ ଡି.ଏମ୍. ଜୁନିୟର ଓ ଡିଗ୍ରୀ ମହାବିଦ୍ୟାଳୟର ନିର୍ବାଚନୀ ସାକ୍ଷରତା କ୍ଲବ୍ ମାଧ୍ୟମରେ ମଧ୍ୟ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭଞ୍ଜନଗର

ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଶ୍ରୀ ବେହେରା , ଭଞ୍ଜନଗର, ଅତିରିକ୍ତ ଉପଜିଲ୍ଲାପାଳ, ଭଞ୍ଜନଗର, ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭଞ୍ଜନଗର, ନିର୍ବାଚନ ଉପଜିଲ୍ଲାପାଳ, ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଉଭୟ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଗଣତନ୍ତ୍ରର ମହତ୍ତ୍ୱ, ଭାରତୀୟ ସମ୍ବିଧାନର ମୂଲ୍ୟବୋଧ, ନିର୍ବାଚନ ପ୍ରକ୍ରିୟା, ଭୋଟର ପଞ୍ଜୀକରଣ ପ୍ରକ୍ରିୟା ଏବଂ ସଚେତନ ଓ ଦାୟିତ୍ୱବାନ ନାଗରିକ ଭାବେ ନିଜର କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା। ଗାଲେଗା ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଆଲୋଚନାମୂଳକ ଓ ପ୍ରଶ୍ନୋତ୍ତର ଅଧିବେଶନରେ ଉତ୍ସାହର ସହ ଭାଗ ନେଇଥିଲେ। ସଚେତନ ଓ ଦାୟିତ୍ୱବାନ ନାଗରିକତାର ଗୁରୁତ୍ୱ ଉପରେ ସେମାନେ ସକ୍ରିୟ ଭାବେ ମତ ବିନିମୟ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ସଚେତନତାମୂଳକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଜେତା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିର୍ବାଚନୀ ସଚେତନତା ବୃଦ୍ଧି କରିବା ସହ ସେମାନଙ୍କ ମାଧ୍ୟମରେ ପରିବାର ଓ ସମାଜ ମଧ୍ୟରେ ସୂଚନାଭିତ୍ତିକ, ସଚେତନ ଓ ଦାୟିତ୍ୱବାନ ମତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

ସାଇକେଲ ଆରୋହୀଙ୍କ ମୃତ୍ୟୁ

ବେଗୁନିଆପଡା (ଅମୃତ ମିଡିଆ): ଗୁରୁବାର କୋଦଳା ଲୁହାଶଙ୍ଗ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ରେ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ଦିବା ୧ଘଣ୍ଟ ସମୟରେ ବେଗୁନିଆପଡା ଠାରୁ କୋଦଳାକୁ ଜଣେ ବ୍ୟକ୍ତି ସାଇକେଲ ଯୋଗେ ଆସୁଥିବା ସମୟ ରେ କୋଦଳା ଲୁହାଶଙ୍ଗ ନିକଟରେ ଏକ ୧୨ ଚକିଆ ହାଇଓ୍ୱା ଟ୍ରକ OD02DR9099 ଉକ୍ତ ସାଇକେଲ ଆରୋହୀଙ୍କୁ ପଛପଟୁ ଧକ୍କା ଦେଇଥିଲା । ଗାଡିର ଧକ୍କା ଏତେ ଜୋର ରେ ହୋଇଥିଲା ଯେ ସାଇକେଲ ସାଇକେଲ ରୁ ଛିଟିକି ପଡି ଚକଚକେ ପଡିଯାଇଥିଲା, ଆରୋହୀଟି ର ମୁଣ୍ଡରେ ଚକା ଚଢିଯିବାରୁ ମୁଣ୍ଡଟି ସମ୍ପୂର୍ଣ୍ଣ ପାଖଡ଼ ଭଳି ଚେପା ହୋଇଯାଇଥିଲା ଓ ସେଠାରେ ହିଁ ସେ ପ୍ରାଣତ୍ୟାଗ କରିଥିଲା । ଲୋକଙ୍କ ଠାରୁ ଖବର ପାଇ କୋଦଳା ପୋଲିସ ଘଟଣା ସ୍ଥଳରେ ପହଞ୍ଚି କୋଦଳା ଦମକଳ ସାହାଯ୍ୟରେ ମେଡିକାଲ ପଠାଇବା ସହିତ ଉକ୍ତ ହାଇଓ୍ୱା ଗାଡିକୁ ଜବତ କରି ଥାନାକୁ ପଠାଇଥିଲେ । କିନ୍ତୁ ଉକ୍ତ ସାଇକେଲ ଆରୋହୀଙ୍କ କୌଣସି ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିନଥିବାରୁ ବ୍ୟବଚ୍ଛେଦ ପାଇଁ ପଠାଯାଇ ନ ଥିବା ଜଣାପଡ଼ିଛି ।

ଆବଶ୍ୟକ ଅନୁଯାୟୀ ଶୀତଳ ଭଣ୍ଡାର ପାଇଁ ଦାବି

ସମସ୍ୟା ସମାଧାନ ନେଇ ବିଧାୟକ ଓ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ସମନ୍ୱୟ ବୈଠକ

ଛତ୍ରପୁର (ଅମୃତ ମିଡିଆ): ଚାଷୀଙ୍କ ପନିପରିବାର ଅଭାବୀ ବିକ୍ରି ରୋକିବା, ଉତ୍ପାଦିତ ପନିପରିବା ସଂରକ୍ଷଣ, ବଜାର ବ୍ୟବସ୍ଥା ଓ ପରିଚାଳନା ସହ ଜଳସେଚନ ବ୍ୟବସ୍ଥାର ବିକାଶ ନେଇ ବୁଧବାର ଛତ୍ରପୁର ଉପକଣ୍ଠ ବୁରୁଡିସ୍ଥିତ ସୌରଚାଳିତ ଶୀତଳୀକରଣ ପ୍ରକୋଷ୍ଠ ନିକଟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଓ ଉପଜିଲ୍ଲାପାଳ ଶିବଶିଷ ବରାଳଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଆରଏମସି ଓ ଉଦ୍ୟାନ ବିଭାଗର ଅଧିକାରୀ, ଚଷିକୂଲ୍ୟା ରୟତ ମହାସଭା ସମ୍ପାଦକ ସିମାଞ୍ଚଳ ନାହାକଙ୍କ ସମେତ ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀ ଯୋଗଦେଇଥିଲେ।

ଦୀର୍ଘ ସମୟ ଧରି ଚାଲିଥିବା ଆଲୋଚନାରେ ଚାଷୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ବିଧାୟକ ଓ ଉପଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିଥିଲେ। ବୁରୁଡିରେ ଥିବା ସୌରଚାଳିତ ଶୀତଳୀକରଣ ପ୍ରକୋଷ୍ଠକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା, ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ବୈଜ୍ଞାନିକ ପଦ୍ଧତିରେ ଶୀତଳ ଭଣ୍ଡାର ନିର୍ମାଣ, ପନିପରିବାର ଉଚିତ ମୂଲ୍ୟ ସୁନିଶ୍ଚିତ କରିବା, ଆରଏମସି କିମ୍ବା ଓରମାସ ମାଧ୍ୟମରେ ଚାଷୀଙ୍କ ଉତ୍ପାଦିତ ପନିପରିବାର ଉପଯୁକ୍ତ ବଜାର ବ୍ୟବସ୍ଥା ଓ ମାର୍କେଟିଂ କରିବା ନେଇ ଦାବି ହୋଇଥିଲା। ଏଥିସହ ଅଭାବୀ ବିକ୍ରିରୁ ଚାଷୀଙ୍କୁ ସୁରକ୍ଷା ଦେବା ଏବଂ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ନେଇ ମଧ୍ୟ ଚାଷୀମାନେ ଦାବି ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ଷମ ହୋଇନଥିବା ବୁରୁଡି ଶୀତଳ ଭଣ୍ଡାରକୁ ଆରଏମସି ପକ୍ଷରୁ ଭଡ଼ାରେ ଦେବା ପ୍ରସଙ୍ଗକୁ ମଧ୍ୟ ଚାଷୀମାନେ ତୀବ୍ର ବିରୋଧ କରିଥିଲେ। ଚାଷୀମାନଙ୍କ ସମସ୍ତ ସମସ୍ୟା ଶୁଣିବା ପରେ ବିଧାୟକ ଶ୍ରୀ ନାୟକ କହିଥିଲେ ଯେ, ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ଶୀତଳ ଭଣ୍ଡାର ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯିବ। ଏହାପରେ ସମସ୍ତ ବିଷୟ ସରକାରଙ୍କ ଦୃଷ୍ଟିକୁ ନିଆଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବିଜୟ ବିଶ୍ୱାଳ, ବାନାମ୍ବର ପଲାଇ, ନିରଞ୍ଜନ ନାହାକ, କୈଳାସ ପଲାଇ, ଚନ୍ଦ୍ରଶେଖର ନାହାକ, ଜୟସେନ ପ୍ରଧାନ, କେଦାର ସ୍ୱାଇଁ, ବଂଶାଧର ନାହାକ, କହ୍ନେଇ ନାହାକ, ଶାଧେଶ୍ୱର ନାହାକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଗଞ୍ଜାମ ବ୍ଲକର ବହୁ ଚାଷୀ ଉପସ୍ଥିତ ଥିଲେ। ଏନେଇ ପୂର୍ବରୁ ମଧ୍ୟ ଚଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଜିଲ୍ଲାପାଳ ଓ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା।

ଟ୍ରାଫିକ ଥାନା ଆଇଆଇସି ପଦ୍ମଚରଣ ଭଟ୍ଟଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର (ଅମୃତ ମି

ବଉଳାବନ୍ଧରେ ଶ୍ରୀସତ୍ୟସାଇ ସଂଗଠନର ବାର୍ଷିକ ଉତ୍ସବ

ଚିଲିକା (ଅମୃତ ମିଡିଆ) : ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମଠାରେ ଚଳିତ ବର୍ଷ ଶ୍ରୀ ସତ୍ୟସାଇ ଭଜନ କେନ୍ଦ୍ରର ଦ୍ୱିତୀୟ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଅଛି । ଏହି ଉପଲକ୍ଷେ ଏକ ଭଜନ ଓ ସତ୍ ?ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସାଇ ଆଶ୍ରିତ ମାନଙ୍କ ଦ୍ୱାରା ବାବାଙ୍କ ଉଦ୍ଦେଶ୍ୟରେ ଭଜନ ଗାନ କରାଯାଇଥିଲା । ଏହାପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ସାଇ ଜିଲ୍ଲା ସଂଗଠନର ସଭାପତି ଶ୍ରୀଯୁକ୍ତ ବ୍ରଜସୁନ୍ଦର ମିଶ୍ର, ଅବିଭକ୍ତ ପୁରୀ ଜିଲ୍ଲା ପାଲାଗାୟକ ପରିଷଦର ସ୍ଥାୟୀ ସଭାପତି ଦକ୍ଷାଣ କେଶରୀ ରାମଚନ୍ଦ୍ର କର, ବାଣପୁର ସମିତି ଆବାହକ ବିଭୁତି ଭୂଷଣ ଘଡେଇ ଓ ନାଚୁଣୀ ଭଜନ ମଣ୍ଡଳୀର ଆବାହକ ଦିଲ୍ଲୀପ କୁମାର ଶତପଥୀ ପ୍ରମୁଖ ଯୋଗ ଦେଇ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଜୀବନୀ ଓ ମାନବ ସମାଜ ପାଇଁ ବାର୍ତ୍ତା ଉପରେ ଆଲୋକପାତ କରିବା ସହ ମାନବୀୟ ମୂଲ୍ୟବୋଧ ଭିତ୍ତିକ ଜୀବନ ଗଠନ, ମାନବ ସେବା ହିଁ ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ ବୋଲି ସତ୍ୟସାଇ ବାବା ତାଙ୍କ ଜୀବନରେ ଏସବୁ କିଭଳି ସୁନ୍ଦର ଦୃଷ୍ଟାନ୍ତ ଭାବେ ପାଳନ କରିଛନ୍ତି ସେ ଉପରେ ବକ୍ତାମାନେ ନିଜର ବକ୍ତବ୍ୟ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ସଂଯୋଜକ ସଂଗ୍ରାମ କେଶରୀ ସେଠୀ , ରାଜ୍ୟ ସାଇ ସିଙ୍ଗୋନୀ ଗାୟକ ସୁନୀଲ କୁମାର ପ୍ରଧାନ, ବାଣପୁର ସମିତି ଅଧ୍ୟାତ୍ମିକ ସଂଯୋଜକ ଜୟକୃଷ୍ଣ ପ୍ରଧାନ, ବାଲୁଗାଁ ଭଜନ ମଣ୍ଡଳୀ ଯୁବ ସଂଯୋଜକ ଆଦିତ୍ୟ ନାରାୟଣ ପଣ୍ଡା, ପଦ୍ମଚରଣ ମୁଦୁଲି,ବାପୁ ମୁଦୁଲି, ନଟବର ସେଣ, ବାଣପୁର ସମିତି ଶିକ୍ଷା ସଂଯୋଜିକା ସୁପ୍ରଭା ମିଶ୍ର, ଆଧ୍ୟାତ୍ମିକ ସଂଯୋଜିକା ଗୀତାଞ୍ଜଳୀ ପ୍ରଧାନ, ବାଲୁଗାଁ ଭଜନ ମଣ୍ଡଳୀର ଆଧ୍ୟାତ୍ମିକା ସଂଯୋଜିକା, ନମିତା ସ୍ୱାଇଁ, ସୁବାଷିନୀ ପଣ୍ଡା, ସଞ୍ଜନା ପଣ୍ଡା, ସୁଷମା ସ୍ୱାଇଁ, ଜୟନ୍ତୀ ବେହେରା ଓ ଚିତ୍ର କଳା ସାହୁ ପ୍ରମୁଖ ଭଜନରେ ଅଂଶ ଗ୍ରହଣ କରିଥିଲେ । ବଉଳାବନ୍ଧ ଭଜନ କେନ୍ଦ୍ରର ଆବାହକ ଏ.ମୋହନ ରାଓ ଆଚାରୀଙ୍କ ସମେତ ଶରତ ଚନ୍ଦ୍ର ବେହେରା, ନବକିଶୋର ମହାରଣା, ଉତ୍କଳଧର ବାରିକ, ବ୍ରଜସାହୁ, ଚରଣ ସାହୁ, ଗୁରୁ ବେହେରା, ଏ. ଗୌରୀ ଆଚାରୀ, ନିଳେନ୍ଦ୍ରୀ ମହାରଣା, କୁମାରୀ ବେହେରା, ସୁନୀତା ସାହୁ, କୁନ୍ତୀ ମହାରଣା ଓ ରାନା ସାହୁ ପ୍ରମୁଖ ସମସ୍ତ ଅପାଭାଇ ସହଯୋଗ କରିଥିଲେ ।

ପ୍ରଗତିଶୀଳ ଚାଷୀଙ୍କ ପାଇଁ ରପ୍ୟାନୀ ଭିତ୍ତିକ କ୍ଷମତା ବିକାଶ କାର୍ଯ୍ୟକ୍ରମ

ରଘୁନାଥପୁର (ଅମୃତ ମିଡିଆ) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ନୂଆଗଡ ସ୍ଥିତ ବେସରକାରୀ ସଂଗଠନ 'ଲାଲ' ପରିସରରେ ପ୍ରଗତିଶୀଳ ଚାଷୀଙ୍କ ପାଇଁ ଆପେଡା ପକ୍ଷରୁ ପ୍ରଗତିଶୀଳ ଚାଷୀଙ୍କ ପାଇଁ ରପ୍ୟାନୀ ଭିତ୍ତିକ ଏକ କ୍ଷମତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ୨୦ଟି କୃଷକ ଉତ୍ପାଦକ ସଂଗଠନ ଓ ଏକ ଶହରୁ ଉର୍ଦ୍ଧ୍ୱ ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ । ଏହି ଏକ ଦିବସୀୟ ରପ୍ୟାନୀ ଭିତ୍ତିକ କ୍ଷମତା ବିକାଶ କାର୍ଯ୍ୟକ୍ରମକୁ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଆପେଡାର ପୂର୍ବ ଭାରତୀୟ ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ ଏହାର ସଂଯୋଜନା କରିଥିଲାବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁ,ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଅନିଲ କୁମାର ସେଠୀ, ନିମକଣା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଜିବନ ଜ୍ୟୋତି ସେନ୍,ଇସିଜିସିର ଶାଖା ପରିଚାଳକ ପାପୁ ରଞ୍ଜନ ସାହୁ,ପାଲାଡିୟମର ପରିଚାଳକ ଅଞ୍ଜନ କୁମାର ପଣ୍ଡା,ଓରମାସର ଡେପୁଟି ସିଇଓ ଓ ଲାଲର ସଂପାଦିକା କାଦମ୍ବିନୀ ବେହେରା ପ୍ରମୁଖ ଯୋଗଦେଇ ଉପସ୍ଥିତ ଚାଷୀ ମାନଙ୍କୁ ଉତ୍ପାଦିତ ଦ୍ରବ୍ୟର ସୂଚାରୁ ରପ୍ୟାନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲାଲର କ୍ଷେତ୍ରମୋହନ ବେହେରା ଓ ସୂଧ୍ରଞ୍ଜନ ବାରିକ ସୂଚାରୁରୂପେ ପରିଚାଳନା କରିଥିଲେ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଛାତ୍ରଙ୍କୁ ଶୋଷଣ

ନୀଳଗିର (ଅମୃତ ମିଡିଆ) : ନୀଳଗିରି ବ୍ଲକ ପରିସରରେ ପଞ୍ଚଦଶ ଭୀମଭୋଇ ଭିନ୍ନ କ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବିଭିନ୍ନ ବର୍ଗର ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ଚିହ୍ନଟ କରାଯାଇ ବିଭିନ୍ନ ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା କ୍ଷଏହି ଶିବିରରେ ମୋଟ ୨୨୪ ଦିବ୍ୟାଙ୍ଗ ହିତାଧିକାରୀ ନାମ ପଞ୍ଜୀକରଣ କରିଥିବା ବେଳେ ୪୦ ଜଣ ଦୃଷ୍ଟିବାଧିତ,୨୧ ଜଣ ମାନସିକ ଅନଗ୍ରସର ଓ ୧୬୩ ଜଣ ଅନ୍ୟ ବର୍ଗର ହିତାଧିକାରୀଙ୍କୁ ଚିକିତ୍ସକ ମାନେ ପରୀକ୍ଷା କରିଥିଲେ। ବ୍ଲକ ଦ୍ୱାରା ପରିଚାଳିକ ତଥା ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଉକ୍ତ ଶିବିର ବିଭିନ୍ନ ବ୍ଲକରେ ପରିଚାଳିତ ହୋଉଆସୁଅଛି କ୍ଷ ମାତ୍ର ବିତନ୍ୟନାରେ ବିଷୟ ଯେ ନୀଳଗିରି ବ୍ଲକରେ ଅନୁଷ୍ଠିତ ହୋଇଥିବା ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥିଲା କ୍ଷତହତହ ଖରାରେ କୋମଳମତି ସ୍କୁଲ ଛାତ୍ରମାନଙ୍କୁ ପାଣି ବୋହିବା ଓ ତେୟାର ଟେବୁଲ ପକାଇବା, ଗେଟ ପାଖରେ ନିୟୋଜିତ କରାଇ ବାଇକ ଗୁଡିକ ଭିତରକୁ ନ ପସଇବା, ଧାଡି ବାନ୍ଧି ଲୋକମାନଙ୍କୁ ଯାତାୟତା କାର୍ଯ୍ୟ କରାଉଥିଲେ କ୍ଷ ଏଠି ପ୍ରଶ୍ନ ଉଠେ କୋମଳମୋତି ପିଲା ମାନଙ୍କୁ ତହତହ ଖରାରେ ନିୟୋଜିତ କରିବାକୁ କିଏ ନିର୍ଦ୍ଦେଶ ଦେଲେ ? ଗୋଷ୍ଠୀ ଶିକ୍ଷାଧିକାରୀ ଏବାବଦରେ ଅବଗତ ଅଛନ୍ତି କି ? ଯଦି ଅବଗତ ଅଛନ୍ତି ତେବେ ପିଲା ମାନଙ୍କୁ ପାଠପଢ଼ା ଛାଡି ଭିନ୍ନକ୍ଷମ ଶିବିରକୁ ଛାଡିଲେ କେମିତି ? ଯଦି ଛାଡିଲେ ଗୋଷ୍ଠୀ ଶିକ୍ଷାଧିକାରୀ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଠାରୁ ଅନୁମତି ଆଣିଥିଲେ କି ?ଯଦି ପିଲାମାନଙ୍କର ଅଘଟଣ ଘଟିଥାନ୍ତା ତେବେ କିଏ ଦାୟୀ ରହିଥାଆନ୍ତା ? ବୋଲି ଏପରି ଅନେକ ପ୍ରଶ୍ନ ବୁଦ୍ଧିଜୀବି ମହଲରେ ସୃଷ୍ଟି ହୋଇଛି। ଭିନ୍ନକ୍ଷମ ଶିବିରରେ ପିଲାମାନଙ୍କର ଭୂମିକା କଣ,କାହିଁକି ସେମାନଙ୍କୁ ଏଠାରେ ନିୟୋଜିତ କରାଗଲା ଜିଲ୍ଲାପାଳଙ୍କ ପକ୍ଷରୁ କୌଣସି ଚିଠି ହୋଇଥିଲା କି ବୋଲି ସାଧାରଣ ଲୋକେ ଅଭିଯୋଗ କରିଛନ୍ତି ।ଏ ନେଇ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୟୋଦର ସିଂଙ୍କୁ ପଚାରିବାରୁ ବିଡିଓ ସା ? ଚିଠି କରିଥିବାରୁ ପିଲାଙ୍କୁ ପଠାଯାଇଥିଲା ବୋଲି କହିଥିଲେ ।ଅପରପକ୍ଷରେ ବିଡିଓ ବିକ୍ରମ କିଶୋର ପରିଡାଙ୍କୁ ପଚାରିବାରୁ ଏନ୍ ?ସିସି ପିଲାମାନଙ୍କୁ ନିୟୋଜିତ କରାଯାଇଥିଲା ସେମାନେ ସେବା କରିବା ପାଇଁ ନିୟୋଜିତ ହୋଇଥିଲେ,ଏହା ସେମାନଙ୍କ ଏନ୍ସିସି ଶିକ୍ଷାର ଏକ ଅଂଶ ବୋଲି କହିଛନ୍ତି ।ପିଲା ମାନଙ୍କୁ ସ୍କୁଲ ସମୟରେ ଶ୍ରେଣୀଗୃହ ଛାଡି ପଠାଇ କାର୍ଯ୍ୟରେ କିପରି ନିୟୋଜିତ କରାଗଲା ,ସେମାନଙ୍କ ଭବିଷ୍ୟତକୁ ନେଇ ଅଧିକାରୀମାନେ ଖେଳ ଖେଳୁଛନ୍ତି ବୋଲି ଅଭିଯୋଗ ଉଠିଛି । ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବୀ ହୋଇଛି । ସବୁଠାରୁ ବଡ ପ୍ରଶ୍ନ ଭିନ୍ନକ୍ଷମ ଶିବିର ଆୟୋଜନ ପାଇଁ ରାଜ୍ୟ ସରକାର ଖାଦ୍ୟ ଓ ପାନିୟ ପାଇଁ ପ୍ରାୟ ୭୦ହଜାର ଟଙ୍କା ଦେଇଥିବା ବେଳେ ସେହି ଟଙ୍କା ଖର୍ଚ୍ଚ କରି ପାଣି, ଟେଣ୍ଟ, ଆଳୁ, ପାନିପରିବା, ତେଲ ମାସଲା ,ଚିଂଙ୍ଗୁଡି ଓ ରାନ୍ଧିବା ପାଇଁ ରାନ୍ଧୁଣି ଲାଗି ସରକାରୀ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ମାଗଣାରେ ଏନ୍ ସି ସି ପିଲାମାନଙ୍କୁ ତହତହ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳିରେ ବ୍ଲକ କାର୍ଯ୍ୟରେ ଲଗାଇ ବିଡିଓ ଫାଇଦା ନେବା କେତେ ଦୂର ଠିକ୍ ତାହା ଏବେ ନୀଳଗିରିରେ ଚର୍ଚ୍ଚା ଜୋର ଧରିଛି ।

ନୀଳଗିରି ଶିଶୁପୁତ୍ର ବିକ୍ରିକୁ ନେଇ ଚର୍ଚ୍ଚା,ମରି ଯାଉଛି ମାନବୀକତା

ନୀଳଗିରି (ଅମୃତ ମିଡିଆ) : ସାମ୍ନାକୁ ଆସିଲା ନୀଳଗିରିରେ ଶିଶୁପୁତ୍ର ବିକ୍ରି ଘାଟଣା ନୀଳଗିରି ଏନ୍ଏସି ୭ନୟର ୱାର୍ଡ ସତ୍ୟସାଇ ପେଟ୍ରୋଲ ପମ୍ପ ନିକଟରେ ଦେଖିବାକୁ ମିଳିଛି ଏହି ଅଭାବନୀୟ ଘଟଣା। ସୂଚନା ଅନୁଯାୟୀ ଆଜି ସକାଳେ ହିନ୍ଦୀ ଏବଂ ବଙ୍ଗାଳିରେ କଥା ହେଉଥିବା ଜଣେ ମହିଳା କାଖରେ ଏକ କୁନି ଶିଶୁପୁତ୍ର ଧରି ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚିବା ପରେ ଶିଶୁ ପୁତ୍ରକୁ ବିକିବା ପାଇଁ କହୁଥିବା ଦେଖିବାକୁ ମିଳିଛି । ସ୍ଥାନିୟ ଲୋକ ଶିଶୁ ପୁତ୍ରକୁ ନେବା ପାଇଁ ଚାହୁଁଥିବା ବେଳେ କିଛି ସ୍ଥାନୀୟ ମହିଳା ତାଙ୍କୁ ଅଟାକାଇ ନୀଳଗିରି ପୋଲିସ କୁ ଖବର ଦେଇଥିଲେ। ଖବର ପାଇ ନୀଳଗିରି ପୋଲିସ ପହଞ୍ଚି ମହିଳା ଏବଂ ଶିଶୁ ପୁତ୍ରକୁ ଉଦ୍ଧାର କରିଥିବା ଜଣାପଡ଼ିଛି । ତେବେ ଉକ୍ତ ମହିଳା ଜଣକ ନାମ ମୃଜରନ୍ ଅଲ୍ଲୀ ଓ ସ୍ୱାମୀ ଙ୍କ ନାମ ସୋରାଲିନ୍ ଅଲ୍ଲୀ ବୋଲି କହୁଥିବା ବେଳେ ମହିଳା ଜଣକ ମୁସଲିମ ସମ୍ପ୍ରଦାୟର ହୋଇଥିବା ବେଳେ ଘର ବାଂଲାଦେଶ ବୋଲି ପରିଚୟ ଦେଇଛି । ତେବେ ଶିଶୁ ପୁତ୍ରଟି ତାର ନା ସେ ଏହାକୁ କେଉଁଠାରୁ ଚୋରି କରି ଆଣି ଏଠାରେ ବିକ୍ରି କରିବା ପାଇଁ ପ୍ରଚେଷ୍ଟା କରୁଥିଲା ତାକୁ ନେଇ ନୀଳଗିରି ପୋଲିସ ତଦନ୍ତ ଆରମ୍ଭ କରିଛି । ମା ଓ ଶିଶୁ ପୁତ୍ରକୁ ଉଦ୍ଧାର କରି ନୀଳଗିରି ପୋଲିସ ଜିଲ୍ଲା ମହିଳା ଓ ଶିଶୁ ବିକାଶ କେନ୍ଦ୍ରରେ ଛାଡିଛନ୍ତି ।

ତୁଳୀ ସ୍ୱର୍ଗରେ ଜୀବନ୍ତ ବିଘ୍ନହର୍ତ୍ତା,ଆଗମନକୁ ଗାଁରୁ ସହର



ବାଲିଅନ୍ତା (ଅମୃତ ମିଡିଆ) : ପୂଜା ମାହୋଲରେ ଝୁମୁଚ୍ଛି ବାଲିଅନ୍ତା ବ୍ଲକ ଅଧୀନ ବାଳକାଟି । ଏବେଠୁ ଚଳଚଞ୍ଚଳ କାରଣ ଆସୁଛନ୍ତି ବିଘ୍ନହର୍ତ୍ତା (ଗଜାନନ) । ବାଳକାଟି ପ୍ରସିଦ୍ଧ ମୂର୍ତ୍ତି ମୁଦୁଲା ସାହିର ୪ଟି ରୁ ୫ ଟି କୁମ୍ଭକାର ପରିବାରରେ ଏବେ ମାଟିର ମହକ । ତୁଳୀ ସ୍ୱର୍ଗରେ ଜୀବନ୍ତ ହେଉଛନ୍ତି ମାଟି ରେ ନିର୍ମିତ ଗଣେଶ ମୂର୍ତ୍ତି। ଉକ୍ତ କୁମ୍ଭକାର ପରିବାର ପୂର୍ବ ପୁରୁଷରୁ ଗଢୁଛନ୍ତି ସରା , ମାଟିଦୀପ, ମାଟି ହାଣ୍ଡି,ମାଠିଆ, ମାଟି ଘଡ଼ି, ଗଣେଶ, ବିଶ୍ୱକର୍ମା , ଖୁଦରାଖୁଣି , କାର୍ତ୍ତିକସ୍ୱର ଆଦି ମାଟି ମୂର୍ତ୍ତି , ଗଢ଼ି ଆସୁଛନ୍ତି । ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖୁଛନ୍ତି । ବାପା, ପୁଅ, ନାତି, ନାତୁଣୀ , ଏବଂ ଘରର ମହିଳା ମନେମଧ୍ୟ ସବୁ ଏକାଠି ମାଟି ଚକଟିବା , ବାଉଁଶ ବାନ୍ଧିବା, ହାତରେ ତୁଳୀ ଧରି ରଙ୍ଗ ଦେଉଛନ୍ତି । ପ୍ରତି ଘରେ ଏବେ ଭିନ୍ନ ଭିନ୍ନ ବେଶରେ ଗଣେଶ ମୂର୍ତ୍ତି ତିଆରି ଚାଲିଛି । କେଉଁଠି ରାଜା ବେଶ, ତ କେଉଁଠି ବାଲ ଗଣେଶ, କେଉଁଠି ରାଜକୀୟ ପଗଡିରେ ଝଲ୍ମିବେ ଗଣେଶ ମୂର୍ତ୍ତି ଗୁଡାକ ।ଏ ନେଇ ପୂଜାର ତିନି ମାସ ଆଗରୁ ଅନେକ ଗ୍ରାହକ ମାନେ ମୂର୍ତ୍ତି ବରାଦ ଦେଇଥାନ୍ତି। ଏବେ ଟ୍ରେଣ୍ଡ ବଦଳିଛି । ଗ୍ରାହକ ସାମାଜିକ ଗଣମାଧ୍ୟମରୁ ଡାଉନଲୋଡ କରି ଡିଜାଇନ ଦେଖାଉଛନ୍ତି, ଶିଳ୍ପୀ ମାଟିରେ ଅବିକଳ ଉତାରୁଛନ୍ତି । ମାଟିରେ ମୂର୍ତ୍ତିକୁ ଜୀବନ୍ତ କରିବା ପାଇଁ ସମସ୍ତେ ଦିନ ରାତି ଏକ କରିଦେଇଛନ୍ତି । କାରଣ ଅପେକ୍ଷାରେ ଶହ ଶହ ଶିକ୍ଷାନୁଷ୍ଠାନ ଓ ପୂଜା ମଣ୍ଡପ, । ଗଣେଶ ଚତୁର୍ଥୀ ପାଇଁ ଆଉ ମାତ୍ର କିଛି ଦିନ ରହିଲା । ଗ୍ରାହକଙ୍କ ବରାଦ ଅନୁସାରେ ଚାଲିଛି ମୂର୍ତ୍ତି ତିଆରି । ଦର ରହିଛି ଛୋଟ ମୂର୍ତ୍ତି ୧୦୦ ଟଙ୍କା ରୁ ବଡ ମୂର୍ତ୍ତି ୩୦ହଜାର ଟଙ୍କା ପର୍ଯ୍ୟନ୍ତ । ଏହାର ଚାହିଦା ପାଇଁ ଅଞ୍ଚଳ ଓ ଅଞ୍ଚଳ ବାହାରୁ ବେପାରୀ ଓ ଗ୍ରାହକଙ୍କ ପସନ୍ଦ ବାଳକାଟି ମୁଦୁଲା ସାହିର ମୂର୍ତ୍ତି କାରିଗରୀ। ନିଜ ମଣ୍ଡପକୁ ନୟର ୱାନ୍ କରିବା ପାଇଁ ଅନେକ କ୍ଲବର ସଦସ୍ୟଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବକୁ ମିଳିଥାଏ। କେବଳ ବାଳକାଟି ନୁହେଁ କାକ ରୁଦ୍ରପୁର, ବାଲିପାଟଣା, ମଧ୍ୟ ମୂର୍ତ୍ତି ତିଆରି ପାଇଁ ଅନେକ ସୁନାମ ରହିଛି। ପ୍ରାୟତଃ ବୁକିଂ ସରିଲାଣି, ଏବେ ଡେଲିଭରୀ ଚାଲିଛି । କୁମ୍ଭକାର ପ୍ରଦୀପ୍ତ ମୁଦୁଲି, ଯୋଗେନ୍ଦ୍ର ମୁଦୁଲି କହିବା ଅନୁଯାୟୀ ମାଟି ,ବାଉଁଶ, ନଡା, ଖଡି, ରଙ୍ଗ ଓ ସମଗ୍ରୀ ଦର ଦୁଇ ଗୁଣା ମୂଲ୍ୟ ବଢିଛି । ଫଳରେ କାରିଗରଙ୍କୁ ପରିଶ୍ରମ ଅନୁଯାୟୀ ପ୍ରକୃତ ପାରିଶ୍ରମିକ ମିଳୁନାହିଁ। ବୃତ୍ତିକୁ ବଞ୍ଚାଇ ରଖୁଛନ୍ତି ଏହି କୁମ୍ଭକାର ପରିବାର । ସରକାରୀ ସହାୟତା, ପ୍ରଶିକ୍ଷଣ, ଉପରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ବିଘ୍ନହର୍ତ୍ତା ଙ୍କ ଆଗମନକୁ ଅପେକ୍ଷା କରିନ୍ତି ଗାଁ ଠୁ ସହର । ମାଟିର ଗଣେଶରେ ପରିବେଶ ବି ସୁରକ୍ଷିତ ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

୫ଟି ...

ଉତ୍ପାଦନ, ଅଧିକ ମୂଲ୍ୟ ବୃଦ୍ଧି, ପ୍ରଯୁକ୍ତିବିଦ୍ୟା-ଚାଳିତ ଶିଳ୍ପ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିଳ୍ପ କ୍ଷମତା ବିକାଶ ପାଇଁ ଥିବା ସୁଯୋଗଗୁଡ଼ିକ ନେଇ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରତିଷ୍ଠିତ ମେଟାଲସ୍ ଏବଂ ମିନେରାଲ୍ସ ଇକୋସିଷ୍ଟମକୁ ଆଲୋକପାତ କରିବା ସହ ଅଧିକ ଆର୍ଥିକ ମୂଲ୍ୟ ଓ ନିଯୁକ୍ତି ସୃଷ୍ଟି କରିବା ପାଇଁ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକୁ ମଜବୁତ କରିବା ଉପରେ ରାଜ୍ୟର ଗୁରୁତ୍ୱକୁ ଦୋହରାଇଥିଲେ।

ମୁଖ୍ୟମନ୍ତ୍ରୀ ଦୁବାଇସ୍ଥିତ ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ କାଉନସିଲ୍ (ଆଇବିପିସି) ସହିତ ଏକ ଆଲୋଚନାରେ ମଧ୍ୟ ସାମିଲ ହୋଇଥିଲେ । ଏଥିରେ ବ୍ୟବସାୟିକ ସମ୍ପର୍କକୁ ମଜବୁତ କରିବା, ନିବେଶ ସୁଯୋଗଗୁଡ଼ିକୁ ସହଜ କରିବା ଏବଂ ଓଡ଼ିଶାର ବିକାଶ ଯାତ୍ରାରେ ଭାରତୀୟ ବ୍ୟବସାୟୀ ଓ ବୃତ୍ତିଗତ ସମ୍ପ୍ରଦାୟର ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା। ଏହା ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ସମ୍ଭାବ୍ୟ ସହଯୋଗ, ବଜାର ସଂଯୋଗ ଏବଂ ଅର୍ଥନୈତିକ ସମ୍ପର୍କକୁ ବିସ୍ତାର କରିବା ପାଇଁ ପଥ ପ୍ରଶସ୍ତ କରିବାର ସୁଯୋଗ ପ୍ରଦାନ କରିଥିଲା। କ୍ଷେତ୍ରଭିତ୍ତିକ ସମ୍ପୃକ୍ତାଶୟର ଏକ ଅଂଶ ଭାବେ, ମୁଖ୍ୟମନ୍ତ୍ରୀ ୟୁଏଇର ଏକ ଅଗ୍ରଣୀ ଆଲୁମିନିୟମ୍ ଉତ୍ପାଦନ ପ୍ରତିଷ୍ଠାନ 'ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ୍' ପରିଦର୍ଶନ କରିଥିଲେ, ଯାହା ଆଲୁମିନିୟମ୍ କ୍ଷେତ୍ରରେ ଉନ୍ନତ ଶିଳ୍ପ ଅପରେସନ୍, ଟେକ୍ନୋଲୋଜି ଏବଂ ଗ୍ଲୋବାଲ୍ ପ୍ରାକ୍ଟିସଗୁଡ଼ିକ ସମ୍ପର୍କରେ ଜ୍ଞାନକୌଶଳ ହାସଲ କରିବାରେ ସହାୟକ ହୋଇଥିଲା। ଓଡ଼ିଶାର ସୁଦୃଢ଼ ଆଲୁମିନିୟମ୍ ଇକୋସିଷ୍ଟମ ଏବଂ ଡାଉନଷ୍ଟ୍ରିମ୍ ଉତ୍ପାଦନ ଉପରେ ଏହାର ବର୍ଦ୍ଧିତ ଫୋକସ୍ ପରିପ୍ରେକ୍ଷୀରେ, ଏହି ପରିଦର୍ଶନ ପ୍ରଯୁକ୍ତିବିଦ୍ୟା, ମୂଲ୍ୟ ବୃଦ୍ଧି ଏବଂ ଶିଳ୍ପ ବିକାଶ କ୍ଷେତ୍ରରେ ସମ୍ଭାବ୍ୟ ସହଯୋଗର କ୍ଷେତ୍ରଗୁଡ଼ିକୁ ଅନ୍ୱେଷଣ କରିବା ପାଇଁ ସୁଯୋଗ ପ୍ରଦାନ କରିଥିଲା।ମଧ୍ୟପ୍ରାଚ୍ୟ ରିସାଇକ୍ଲିଂ ବ୍ୟୁରୋ ସହିତ ଏକ ଶିଳ୍ପ ରାଉଣ୍ଡଟେବୁଲ ବୈଠକ ରିସାଇକ୍ଲିଂ, ରିସୋର୍ସ ଏଫିସିଏନ୍ସି ଏବଂ ସର୍କୁଲାର ଇକୋନୋମି କ୍ଷେତ୍ରରେ ଥିବା ସୁଯୋଗଗୁଡ଼ିକ ଉପରେ କେନ୍ଦ୍ରିତ ଥିଲା। ଏହି ଆଲୋଚନାଗୁଡ଼ିକ ନିବେଶ, ପ୍ରଯୁକ୍ତିବିଦ୍ୟା ସହଯୋଗ ଏବଂ ସ୍ଥାୟୀ ଶିଳ୍ପ ଅଭ୍ୟାସ ପାଇଁ ଥିବା ସମ୍ଭାବନା ସୃଷ୍ଟି କରିଥିଲା। ଏହା ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ରିସୋର୍ସ ଏଫିସିଏନ୍ସି ତଥା ସର୍କୁଲାର ଇକୋନୋମି ସମ୍ବଳ ସହିତ ଜଡ଼ିତ ଉଦୀୟମାନ କ୍ଷେତ୍ରଗୁଡ଼ିକରେ ନୂତନ ସୁଯୋଗ ସୃଷ୍ଟି କରିବା ପାଇଁ ଓଡ଼ିଶାର ପ୍ରତିବଦ୍ଧତା ସହିତ ସମନ୍ୱୟ ରଖୁଛି । ମୁଖ୍ୟମନ୍ତ୍ରୀ ନିବେଶକ ଏବଂ ବ୍ୟବସାୟୀ ନେତୃବୃନ୍ଦଙ୍କ ସହିତ ଏକାଧିକ ୱାନ୍-ଟୁ-ୱାନ୍ ଏବଂ ଗୋଷ୍ଠୀଗତ ଆଲୋଚନା କରିଥିଲେ, ଯେଉଁଥିରେ ଓଡ଼ିଶାର ନିବେଶ ସୁଯୋଗଗୁଡ଼ିକୁ ଉପସ୍ଥାପନ କରାଯିବା ସହ ପ୍ରକଳ୍ପଗୁଡ଼ିକୁ ସହଜ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରା ଯାଇଥିଲା। ଏହି ଆଲୋଚନାଗୁଡ଼ିକ ଦ୍ୱାରା ପ୍ରଯୁକ୍ତିବିଦ୍ୟା ଏବଂ ରିଅଲ୍ ଇଷ୍ଟ

ଆଫଗାନିସ୍ତାନ ଟି୨୦ ସିରିଜରୁ ବାଦ୍ ପଡ଼ିଲେ ହର୍ଷିତ ରାଣା

ନୂଆଦିଲ୍ଲୀ : ଆଫଗାନିସ୍ତାନ ବିପକ୍ଷରେ ଟିମ୍ ଇଣ୍ଡିଆ ସେପ୍ଟେମ୍ବର ୧୩ରୁ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ । ଏହି ସିରିଜ ପୂର୍ବରୁ ଟିମ୍ ଇଣ୍ଡିଆକୁ ବଡ଼ ଝଟକା ଲାଗିଛି । ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ହର୍ଷିତ ରାଣା ଏହି ଟି୨୦ ସିରିଜରୁ ବାଦ୍ ପଡିପାରନ୍ତି । ହେମସ୍ଟ୍ରିଂ ଆଘାତ ପରେ ତାଙ୍କୁ ଟିମ୍ ଇଣ୍ଡିଆରେ ସାମିଲ କରାଯାଇଥିଲା । କିନ୍ତୁ ତାଙ୍କ ଉପଲବ୍ଧତା ତାଙ୍କ ଫିଟନେସ ଉପରେ ନିର୍ଭର କରୁଥିଲା । ହର୍ଷିତ ରାଣା ଶେଷ ମ୍ୟାଚ ଇଂଲଣ୍ଡ ଗସ୍ତ ବେଳେ ଖେଳିଥିଲେ । ସେବେ ଠାରୁ ତାଙ୍କ ଫିଟନେସକୁ ନେଇ ଚର୍ଚ୍ଚା ଚାଲିଛି । ବିସିସିଆଇର ସୂତ୍ର ମୁତାବକ, ହର୍ଷିତ ଏବେ ଯାଏଁ ନିଜ ଆହତଜନିତ ସମସ୍ୟାରୁ ସୁସ୍ଥ ହୋଇନାହାନ୍ତି । ମଇଦାନକୁ ଫେରିବାକୁ ତାଙ୍କୁ ଆଉ ସମୟ ଲାଗିବ । ଆଫଗାସ୍ତାନ ବିପକ୍ଷ ଟି୨୦ ସିରିଜ ପାଇଁହର୍ଷିତଙ୍କୁ ଚୟନ ଫିଟନେସ କ୍ଲିଅରାନ୍ସ ଉପରେ ରହିଥିଲା । ହର୍ଷିତ ରାଣାଙ୍କୁ ଏସିଆନ ଗେମ୍ସ ପାଇଁ ଟିମ୍ ଇଣ୍ଡିଆରେ ସାମିଲ କରାଯାଇଥିଲା । କିନ୍ତୁ ଟିମ୍ ମ୍ୟାନେଜମେଣ୍ଟ ତାଙ୍କ ଫିଟନେସକୁ ନେଇ କୌଣସି ତରବରିଆ ନିଷ୍ପତ୍ତି ନେବାକୁ ଚାହୁଁନାହିଁ । କେବଳ ହର୍ଷିତ ରାଣା ନୁହେଁ ସୁନ୍ଦର ହେମସ୍ଟ୍ରିଂ ସମସ୍ୟାରେ ରହିଛନ୍ତି । ସୁନ୍ଦର ଏବେ ସଂପୂର୍ଣ୍ଣ ଫିଟ୍ ହୋଇନାହାନ୍ତି । ଆଫଗାନିସ୍ତାନ ବିପକ୍ଷ ସିରିଜ ପାଇଁ ଉପଲବ୍ଧ ରହିବେ । ଏମିତି ଭାରତୀୟ ଟିମକୁ ଗୋଟେ ଏକତରଫରୁ ଆଶ୍ୱସ୍ତି ମିଳିଛି । ଟିମରେ ଜସପ୍ରୀତ ବମୁରା ଏବଂ ନୀତିଶ କୁମାର ରେଡ୍ଡୀ ଭଳି ଖେଳାଳି ରହିଛନ୍ତି । ଦୁହିଁଙ୍କ ଫିଟନେସ ଆଧାରରେ ଆଫଗାନିସ୍ତାନ ସିରିଜ ପାଇଁ ଟିମରେ ଚୟନ କରାଯାଇଛି । ବୁମରା ଜୁଲାଇରେ ଇଂଲଣ୍ଡ ଗସ୍ତ ବେଳେ ବାମ ଆଣ୍ଠୁରେ ଆଘାତ ଲାଗିଥିଲା । ସେହିପରି ନୀତିଶ କୁମାର ରେଡ୍ଡୀଙ୍କୁ କ୍ୱାଡ୍ରିସେପ୍ସରେ ଆଘାତ ଲାଗିବା ଯୋଗୁଁ ବାଦ୍ ପଡିଥିଲେ । ଏହାପରେ ଦୁହିଁଙ୍କ ଫିଟନେସକୁ ନେଇ ଲଗାତାର ନଜର ରହିଥିଲା । ଆଫଗାନିସ୍ତାନ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଟିମ୍ : ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଂଜୁ ସାମସନ (ୱିକେଟକିପର), ଈଶାନ କିଶନ, ତିଳକ ବର୍ମା (ଉପ ଅଧିନାୟକ), ଶିବମ ଦୁବେ, ନୀତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଜସପ୍ରୀତ ବୁମରା, ଅର୍ଶଦୀପ ସିଂ ।

ଏସିଆନ୍ ଗେମ୍ସ ୨୦୨୬ ପାଇଁ ଟିମ୍ ଇଣ୍ଡିଆ ଘୋଷଣା

ବୈଭବ ସାମିଲ, ହର୍ଷିତ ଓ ହାର୍ଦ୍ଦିକ ଆଉଟ୍

ନୂଆଦିଲ୍ଲୀ : ଏସିଆନ୍ ଗେମ୍ସ ୨୦୨୬ ପାଇଁ ଟିମ୍ ଇଣ୍ଡିଆ ଘୋଷଣା ହୋଇଛି । ପୁରୁଷ ଚୟନକର୍ତ୍ତା ଟିମ୍ ୧୫ ଜଣିଆ ଟିମ୍ ଚୟନ କରିଛି । ଟିମରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିଥିବା ବେଳେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାକୁ ସ୍ଥାନ ମିଳିନାହିଁ । ଟିମର ଅଧିନାୟକ ଦାୟିତ୍ୱ ଶ୍ରେୟସ ଆୟରଙ୍କୁ ଦିଆଯାଇଛି । ସେହିପରି ତିଳକ ବର୍ମାଙ୍କୁ ଉପ ଅଧିନାୟକ ଦାୟିତ୍ୱ ମିଳିଛି । ୱିକେଟ କିପିଂ ଦାୟିତ୍ୱ ସଂଜୁ ସାମସନ ଏବଂ ଈଶାନ କିଶନଙ୍କୁ ମିଳିଛି । ବୈଭବଙ୍କୁ ଏସିଆନ ଗେମ୍ସ ଏବଂ ଆଫଗାନିସ୍ତାନ ବିପକ୍ଷ ଟି୨୦ ସିରିଜ ପାଇଁ ମଧ୍ୟ ଟିମରେ ସୁଯୋଗ ମିଳିଛି । ଚୟନକର୍ତ୍ତା କମିଟି ବୈଭବଙ୍କ ଉପରେ ଲଗାତାର ଭରସା ଦେଖାଇଛନ୍ତି । ଏସିଆନ୍ ଗେମ୍ସ ପାଇଁ ନୀତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ ଏବଂ ୱାଶିଂଟନ ସୁନ୍ଦରଙ୍କ ନାମ ରହିଛି । ସେହିପରି ବୋଲର ଭାବେ ଜସପ୍ରୀତ ବୁମରା, ଅର୍ଶଦୀପ ସିଂହ ଏବଂ ହର୍ଷିତ ରାଣାଙ୍କ ସ୍ଥାନରେ ୟଶ ଠାକୁରଙ୍କୁ ସୁଯୋଗ ମିଳିଛି । ବରୁଣ ଚକ୍ରବର୍ତ୍ତୀ ଏବଂ ରବି ବିଷ୍ଣୋଇ ମଧ୍ୟ ଟିମରେ ସାମିଲ ରହିଛନ୍ତି । ହର୍ଷିତ ରାଣା ହେମେସ୍ଟ୍ରିଂ ଇନଜୁରୀ ଯୋଗୁଁ ଟିମରୁ ବାଦ୍ ପଡିଛନ୍ତି । ତାଙ୍କ ସ୍ଥାନରେ ୟଶ ଠାକୁରଙ୍କୁ ସୁଯୋଗ ମିଳିଛି । ଚୟନକର୍ତ୍ତା ଟିମ୍ ୟଶ ଠାକୁରଙ୍କ ଉପରେ ଭରସା କରିଛନ୍ତି । ହର୍ଷିତ ରାଣାଙ୍କୁ ଏସିଆନ୍ ଗେମ୍ସ ଏବଂ ଆଫଗାନିସ୍ତାନ ବିପକ୍ଷ ସିରିଜକୁ ବାଦ୍ ଦିଆଯାଇଛି । ୟଶ ଠାକୁର ଜିୟାଙ୍ଗ୍ରେ ଗ୍ରସ୍ତ ବେଳେ ଟି୨୦ ଡେବ୍ୟୁ କରିଥିଲେ । ଦୁଇଟି ମ୍ୟାଚରେ ୪ଟି ୱିକେଟ ନେଇଛନ୍ତି । ଏସିଆନ୍ ଗେମ୍ସ ୧୯ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୪ ଅକ୍ଟୋବର ଯାଏଁ ଚାଲିବ । ଭାରତୀୟ ଟିମ୍ ସିଧା ଅଭିଷେକ ଶର୍ମା, ସଂଜୁ ସାମସନ (ୱିକେଟ କିପର), ଈଶାନ କିଶନ, ଶିବମ ଦୁବେ, ତିଳକ ବର୍ମା, ନୀତିଶ କୁମାର ରେଡ୍ଡୀ,ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଜସପ୍ରୀତ ବୁମରା, ଅର୍ଶଦୀପ ସିଂହ, ବୈଭବ ସୂର୍ଯ୍ୟବଂଶୀ, ୟଶ ଠାକୁର ।

କ୍ୱାର୍ଟର ଫାଇନାଲରେ ୨୮ ସେପ୍ଟେମ୍ବରରେ ଖେଳିବ । ଏସିଆନ୍ ଗେମ୍ସ ପାଇଁ ଟିମ୍ ଇଣ୍ଡିଆ : ଶ୍ରେୟସ ଆୟର(ଅଧିନାୟକ), ତିଳକ ବର୍ମା, ନୀତିଶ କୁମାର ରେଡ୍ଡୀ,ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଜସପ୍ରୀତ ବୁମରା, ଅର୍ଶଦୀପ ସିଂହ, ବୈଭବ ସୂର୍ଯ୍ୟବଂଶୀ, ୟଶ ଠାକୁର ।

ବୈଭବ ସୂର୍ଯ୍ୟବଂଶୀଙ୍କ ସହ ଭାଙ୍ଗଡ଼ା ନାଚିଲେ ଈଶାନ କିଶନ

ନୂଆଦିଲ୍ଲୀ : ଚେନ୍ନାଇର ଏମ.ଏ. ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା ଦୁଲିପ ଟ୍ରଫି ୨୦୨୬ର ଫାଇନାଲ ମ୍ୟାଚ ଡ୍ର'ରେ ଶେଷ ହେବା ପରେ 'ଇଷ୍ଟ ଜୋନ' (ରବିଷ୍କର ଡକ୍ଟଭର) ଚାମ୍ପିୟନ ହୋଇଛି; ସାଉଥ ଜୋନ ବିପକ୍ଷ ଏହି ଫାଇନାଲ ମ୍ୟାଚର ପ୍ରଥମ ଇନିଂସରେ ସେମାନେ ୭୦୮ ରନ ସଂଗ୍ରହ କରିଥିଲେ। ବିଜୟ ପରେ, ବୈଭବ ସୂର୍ଯ୍ୟବଂଶୀ ଅଧିନାୟକ ଈଶାନ କିଷନଙ୍କ ସହ ମଇଦାନରେ ଭାଙ୍ଗଡା ନୃତ୍ୟ କରିଥିଲେ ଏବଂ ସମ୍ପୂର୍ଣ୍ଣ ଦଳ ଉତ୍ସାହର ସହ ନାଚିଥିଲେ। ବିସିସିଆଇ ଏହି ବିଜୟ ଉତ୍ସବର ଏକ ଭିଡିଓ ଶେୟାର କରିଛି। ସୂଚନାଯୋଗ୍ୟ, ଦୁଲିପ ଟ୍ରଫି ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଇଷ୍ଟ ଜୋନ ମୋଟ ୭୦୮ ରନ ସଂଗ୍ରହ କରିଥିଲା। ବୈଭବ ସୂର୍ଯ୍ୟବଂଶୀ (୪୪) ଏବଂ ଅଭିମନ୍ୟୁ ଈଶ୍ୱରନ (୭୨) ପ୍ରଥମ ୱିକେଟ ପାଇଁ ଶତକୀୟ ଭାଗୀଦାରୀ ସ୍ଥାପନ କରିଥିଲେ। ଏହି ମଜଭୁତ ଆରମ୍ଭ ପରେ, ଈଶାନ କିଷନ ଏକ ଐତିହାସିକ ଇନିଂସ ଖେଳି ଦ୍ୱି-ଶତକ ହାସଲ କରିଥିଲେ। ଈଶାନ ନିଜ ଇନିଂସରେ ୭ଟି ଛକା ଏବଂ ୩୦ଟି ଚୌକା ସହାୟତାରେ ମୋଟ ୨୭୦ ରନ ସଂଗ୍ରହ କରିଥିଲେ। ସାଉଥ ଜୋନର ପ୍ରଥମ ଇନିଂସ ୩୩୬ ରନରେ ଶେଷ ହୋଇଥିଲା, ଯାହା ଫଳରେ ଇଷ୍ଟ ଜୋନର ଚାମ୍ପିୟନ ହେବା ସୁନିଶ୍ଚିତ ହୋଇଯାଇଥିଲା। ବିସିସିଆଇ ଏହି ବିଜୟ ଉତ୍ସବର ଏକ ଭିଡିଓ ଶେୟାର କରିଛି। ସମ୍ପୂର୍ଣ୍ଣ ଇଷ୍ଟ ଜୋନ ଦଳ ମଇଦାନରେ ନାଚିଥିଲେ ଏବଂ ବୈଭବ ସୂର୍ଯ୍ୟବଂଶୀ ଓ ଈଶାନ କିଷନ ଉତ୍ସାହର ସହ ଭାଙ୍ଗଡା ନୃତ୍ୟ କରିଥିଲେ।

ମହିଳା ଜୁନିଅର ଏସିଆ କପ୍

ପାକିସ୍ତାନକୁ ୧୯-୦ରେ ଧୂଳି ଚଟାଇଲା ଭାରତ

ମୋକି : ଶନିବାର କ୍ରିକେଟରେ ପାକିସ୍ତାକୁ ଧୂଳି ଚଟାଇଥିଲା ଭାରତୀୟ ମହିଳା ଦଳ। ଆଉ ଗୁରୁବାର ପାକିସ୍ତାନକୁ ମାଟିରେ ଆଣ୍ଠେଇ ଦେଇଛି ଭାରତୀୟ ମହିଳା ହକି ଟିମ। ଆରମ୍ଭରୁ ଶେଷ ଯାଏ ପାକିସ୍ତାନ ମହିଳା ଟିମର ଧୂଳେଇ କରି ଜୁନିୟର ଏସିଆ କପ ସେମିରେ ପ୍ରବେଶ କରିଛି ଭାରତ। ଭାରତୀୟ ମହିଳା ଟିମ ଏକତରଫା ଭାବେ ପାକିସ୍ତାନକୁ ୧୯-୦ ଗୋଲ ବ୍ୟବଧାନରେ ହରାଇ ଏପରି ସଫଳତା ହାସଲ କରିପାରିଛି। ମ୍ୟାଚ୍‌ର ସମସ୍ତ ୪ଟି ଯାକ କ୍ୱାର୍ଟରରେ ଭାରତର ଦବଦବା ଦେଖିବାକୁ ମିଳିଥିଲା। ଶେଷରେ ଭାରତ ଟୁର୍ଣ୍ଣାମେଣ୍ଟ ଇତିହାସର ଅନ୍ୟତମ ବଡ଼ ବିଜୟ ପାକିସ୍ତାନ ବିପକ୍ଷରେ ହାସଲ କରିଛି। ଭାରତ ପାଇଁ ହରିୟାଣାର ମିଡ ଫିଲ୍ଡର ପୂଜା ମଲିକ ହ୍ୟାଟ୍ରିକ ହାସଲ କରିଛନ୍ତି। ପାକିସ୍ତାନ ବିପକ୍ଷରେ ଖେଳୁଥିବା ୨ ଓଡ଼ିଆ ଝିଅ ପୂଜା ସାହୁ ଓ ତନୁଜା ଟପ୍ପୋ ମଧ୍ୟ ନିଜ ନିଜ ଯାଦୁ ଦେଖାଇ ଗୋଲ ସ୍କୋର କରିଛନ୍ତି। ଭାରତ ମ୍ୟାଚ୍ ଆରମ୍ଭରୁ ପାକିସ୍ତାନ ଉପରେ ଚାପ ପକାଇଥିଲା। ଏଥିପାଇଁ ପ୍ରଥମ ୫ ମିନିଟରେ ଦଳକୁ ୨ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ରେଫରାଲ ଯୋଗୁ ଗୋଟିଏ ଗୋଲରୁ ବର୍ତ୍ତି ଯାଇଥିବା ପାକିସ୍ତାନକୁ ୭ମ ମିନିଟରେ ପ୍ରଥମ ଝଟକା ଦେଇଥିଲେ ଓଡ଼ିଶାର ପୂଜା ସାହୁ। ଏହାର ଦୁଇ ମିନିଟ ପରେ ରୋଶନୀ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଏହାପରେ ସତେ ଯେମିତି ଭାରତ ଗୋଲର ବନ୍ୟା କରିଥିଲା। ତନୁଶ୍ରୀ କାଡୁ ତୃତୀୟ ଗୋଲ କରିଥିବା ବେଳେ ସୁଖବୀର କୌର ପିସିକୁ ଗୋଲରେ ପରିଣତ କରିଥିଲେ। ସାନିକା ମାନେ ପ୍ରଥମ କ୍ୱାର୍ଟରର ଶେଷ ମିନିଟରେ ଗୋଲ କରି ସ୍କୋର ୫-୦ କରିଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଜୁନିୟର ମହିଳା ଟିମର ଖେଳାଳିମାନେ ପାକିସ୍ତାନର ଭାବନା ସହ ସତେ ଯେମିତି ଖେଳିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ସିଦାର ଓ ଗୀତା ଯାଦବ ସ୍କୋର କରିଥିଲେ। ସେମାନଙ୍କ ସହ ସାନିକା, ଅନ୍ୟତମ ଓଡ଼ିଆ ଝିଅ ତନୁଜା ଟପ୍ପୋ ଓ ପୂଜା ମଲିକ ଗୋଲ ଦେବାରୁ ହାଫ ଟାଇମ ସୁଦ୍ଧା ଭାରତ ୧୦-୦ରେ ଲିଡ୍ କରିଥିଲା। ହାଫ ଟାଇମ ପରେ ମଧ୍ୟ ପାକିସ୍ତାନର ଭାଗ୍ୟ ବଦଳି ନଥିଲା। ଏହି କ୍ୱାର୍ଟରେ ଭାରତ ପାଇଁ ପୂର୍ଣ୍ଣିମା ଯାଦବ, ମଧୁ ଓ ସୁପ୍ରିୟା ଗୋଲ ସ୍କୋର କରିଥିଲେ। ଶେଷ କ୍ୱାର୍ଟରରେ ଭାରତ ସବୁଠାରୁ ଅଧିକ ୬ଟି ଗୋଲ ସ୍କୋର କରିଥିଲା। କ୍ରିଷ୍ଣା ଶର୍ମା ଏହି କ୍ୱାର୍ଟରରେ ଗୋଲର ଶୁଭାରମ୍ଭ କରିଥିବା ବେଳେ ପୂଜା ୪୯ ଓ ୫୧ତମ ମିନିଟରେ ଗୋଲ କରି ନିଜର ହ୍ୟାଟ୍ରିକ ହାସଲ କରିଥିଲେ। ସୁପ୍ରିୟାଙ୍କ ଷ୍ଟିକରୁ ମଧ୍ୟ ପୁଣି ଗୋଟିଏ ଗୋଲ ଦେଖିବାକୁ ମିଳିଥିଲା। ବିନିମା ଧନ ଓ ରୋଶନୀ ନିଜର ଦ୍ୱିତୀୟ ଗୋଲ ଦେଇ ପାକିସ୍ତାନକୁ ହଲିଆ କରିଥିଲେ। ଶେଷରେ ଭାରତ ୧୯-୦ରେ ମ୍ୟାଚ୍‌କୁ ଜିତି ନେଇଥିଲା। ଭାରତ ୧୯ଟି ଗୋଲ ଦେଇଥିବା ବେଳେ ୧୮ଟି ପିସି ଓ ଗୋଟିଏ ପେନାଲ୍ଟି ଷ୍ଟ୍ରୋକ ହାସଲ କରିଥିଲା। କିନ୍ତୁ ପୂରା ମ୍ୟାଚରେ ପାକିସ୍ତାନ ଗୋଟିଏ ବି ପିସି କିମ୍ବା ପେନାଲ୍ଟି ଷ୍ଟ୍ରୋକ ହାସଲ କରିପାରି ନାହିଁ। ଶନିବାର ଭାରତ ସେମି ଫାଇନାଲରେ କୋରିଆ କିମ୍ବା ମାଲେସିୟାକୁ ଭେଟିବ।

୪୭ ବର୍ଷରେ କମାଲ କଲେ ବୋଲର ଇମ୍ରାନ ତାହିର



ନୂଆଦିଲ୍ଲୀ : ମାତ୍ର ୮ ବର୍ଷର କ୍ୟାରିୟର ପରେ ଇମ୍ରାନ ତାହିର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଏହାର କିଛି ବର୍ଷ ପରେ ମଧ୍ୟ ତାଙ୍କ ସ୍ପିନ ବୋଲିଂର ଯାଦୁ ଅକ୍ଷୁର୍ଣ୍ଣ ରହିଛି । ତାହିର ବର୍ତ୍ତମାନ ଟି-୨୦ କ୍ରିକେଟ ଇତିହାସରେ ଗୋଟିଏ ମ୍ୟାଚରେ ୫ଟି ଉଇକେଟ ନେଇଥିବା ସବୁଠାରୁ ବୟସ୍କ କ୍ରିକେଟର ହୋଇପାରିଛନ୍ତି । କାରିବିଆନ ପ୍ରିମିୟର ଲିଗରେ ଗୁଏନା ୱାରିୟର୍ସ ପାଇଁ ଖେଳୁଥିବା ସମୟରେ ସେ ଏହି ସଫଳତା ହାସଲ କରିଥିଲେ। ସେ ସେଣ୍ଟ ଲୁସିଆ କିଙ୍ଗ୍ସ ବିପକ୍ଷରେ ନିଜର ଚାରି ଓଭର ବୋଲିଂ ମଧ୍ୟରେ ୫ ଜଣ ବ୍ୟାଟରଙ୍କୁ ଆଉଟ କରିଥିଲେ। ସିପିଏଲ୍ ଟୁର୍ନାମେଣ୍ଟର ୩୧ତମ ମ୍ୟାଚରେ ସେଣ୍ଟ ଲୁସିଆ କିଙ୍ଗ୍ସ ଏବଂ ଗୁଏନା ୱାରିୟର୍ସ ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ସେଣ୍ଟ ଲୁସିଆ କିଙ୍ଗ୍ସ ଏକ ସମୟରେ ମାତ୍ର ଗୋଟିଏ ଉଇକେଟ ହରାଇ ୫୪ ରନ ସଂଗ୍ରହ କରିଥିଲା। ତେବେ, ଏହା ପରେ ଇମ୍ରାନ ତାହିର ପ୍ରତିପକ୍ଷ ଦଳର ବ୍ୟାଟିଂ ଲାଇନ-ଅପ ଉପରେ କାଳ ସାଜିଥିଲେ। ୪୭ ବର୍ଷ ବୟସରେ ତାହିର ବିନା ବିରତିରେ ନିଜର ଚାରି ଓଭର ବୋଲିଂ କରିଥିଲେ। ସେ ଲଗାତାର ଚାରି ଓଭର ବୋଲିଂ କରି ପ୍ରତ୍ୟେକ ଓଭରରେ ଅତିକମରେ ଗୋଟିଏ ଉଇକେଟ ନେଇଥିଲେ। ସେ ନିଜର ଚାରି ଓଭରରେ ୧୭ ରନ ଦେଇ ୫ଟି ଉଇକେଟ ନେଇଥିଲେ। ୪୭ ବର୍ଷୀୟ ତାହିର ଟି-୨୦ କ୍ରିକେଟରେ ୫ଟି ଉଇକେଟ ନେଇଥିବା ସବୁଠାରୁ ବୟସ୍କ ବୋଲର ହୋଇପାରିଛନ୍ତି। ପୂର୍ବରୁ ଏହି ରେକର୍ଡ କୁକ ଆଇଲ୍ୟାଣ୍ଡର ଟୋମାକାନୁଟେ ରିଟାଭାଙ୍କ ନାମରେ ଥିଲା, ଯିଏ ୨୦୨୨ ମସିହାରେ ଫିଜି ବିପକ୍ଷରେ ୪୬ ବର୍ଷ ୨୯୯ ଦିନ ବୟସରେ ଏହି ସଫଳତା ହାସଲ କରିଥିଲେ। ତେବେ ତାହିର ୪୭ ବର୍ଷ ୧୬୬ ଦିନ ବୟସରେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଟି-୨୦ କ୍ରିକେଟରେ ସର୍ବାଧିକ ଥର ୫ଟି ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ତାହିର ଦ୍ୱିତୀୟ ସ୍ଥାନକୁ ମଧ୍ୟ ଉନ୍ନୀତ ହୋଇଛନ୍ତି। ସେ ନିଜର ଟି-୨୦ କ୍ୟାରିୟରରେ ୬ ଥର ଗୋଟିଏ ଇନିଂସରେ ୫ କିମ୍ବା ତା'ଠାରୁ ଅଧିକ ଉଇକେଟ ନେଇଛନ୍ତି। ସେ କେବଳ ବିପକ୍ଷ ଦଳର ଅଧିନାୟକ ରୋଷନ ଚେସଙ୍କ ବ୍ୟତୀତ, ତାହିଁ ମ୍ୟାକେନି କ୍ଲାର୍କ, ମାଥ୍ୟୁ ଫୋର୍ଡ ଏବଂ ଜୋଶୁଆ ବିଶପଙ୍କୁ ଉଇକେଟ ମଧ୍ୟ ନେଇଥିଲେ।

ସୁଟିଂ ଶେଷ ! ନେଟ୍ସକୁ ଫେରିଲେ ରୋହିତ ଶର୍ମା

ମୁମ୍ବାଇ : ଭାରତୀୟ ଫ୍ୟାନ୍ସଙ୍କୁ ଏବେ ୱାନଡେ ସିରିଜର ବହୁ ଅପେକ୍ଷା ରହୁଛି । କାରଣ ଏବେ ରୋହିତ ଶର୍ମା ଏବଂ ବିରାଟ କୋହଲୀ କେବଳ ଏହି ଫର୍ମାଟରେ ଟିମ୍ ଇଣ୍ଡିଆ ଲାଗି ଖେଳୁଛନ୍ତି । ଉଭୟ ଷ୍ଟାର୍ ଖେଳାଳୀ ଗୋଟିଏ ଦିନରେ ଟି-୨୦ରୁ ଏବଂ ଏକ ସପ୍ତାହ ଅନ୍ତରରେ ଟେଷ୍ଟରୁ ସନ୍ନ୍ୟାସ ନେଇଥିଲେ । ଆଗାମୀ ସିରିଜ ଲାଗି ରୋହିତ ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି । ଯାହା ଚଳିତ ମାସ ୱେଷ୍ଟଇଣ୍ଡିଜ ବିପକ୍ଷରେ ହେବାକୁ ଅଛି । ୩୯ବର୍ଷ ବୟସରେ ରୋହିତ ଶର୍ମା ଟିଭିରେ ଡେବ୍ୟୁ କରିବାକୁ ଯାଉଛନ୍ତି ! ପ୍ରକାଶ ଯେ, ତାଙ୍କର ସୋନୀ ଟିଭିରେ ଏକ ଶୋ ଆସିବାକୁ ଯାଉଛି । ଯାହାର ସୁଟିଂରେ ସେ ଗତ କିଛି ଦିନ ହେବ ବ୍ୟସ୍ତ ଥିଲେ । ଶୋର କେତେକ ପ୍ରମୋ ଆସିଛି । ଏହା ବ୍ୟତୀତ ଖିଲାଡ଼ୀର ସୁଟିଂ ସମୟର ବି କେତେକ ଫଟୋ ଏବଂ ଭିଡ଼ିଓ ଭାଇରାଲ ହୋଇଛି । ରୋହିତ ଶର୍ମା ଇନଷ୍ଟାଗ୍ରାମରେ ଏକ ଫଟୋ ସେୟାର କରିଛନ୍ତି । ଯେଉଁଥିରେ ସେ ନିଜ କିଟ୍ ଖୋଲୁଥିବା ନଜର ଆସୁଛନ୍ତି । ଏହି ଫଟୋ ନେଟ୍ସର ଅଟେ । ଯେଉଁଥିରୁ ସ୍ପଷ୍ଟ ହେଉଛି କି ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ହେବାକୁ ଥିବା ୱାନଡେ ସିରିଜ ଲାଗି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । କୁହାଯାଇପାରିବ କି ଏବେ ତାଙ୍କ ଶୋର ସୁଟିଂ ବି ସମ୍ପୂର୍ଣ୍ଣ ହୋଇସାରିଛି । ରୋହିତ ଶର୍ମା ଏବଂ ବିରାଟ କୋହଲୀ ଆଗାମୀ ବର୍ଷ ହେବାକୁ ଥିବା ୱାନଡେ ବିଶ୍ୱକପରେ ଖେଳିବାକୁ ଚାହୁଁଛନ୍ତି ତ । ମାତ୍ର ଏହା ତାଙ୍କ ଫିଟନେଶ ଏବଂ ଫର୍ମ ଉପରେ ନିର୍ଭର କରିବ । ରୋହିତଙ୍କୁ ନେଇ ଇଂଲଣ୍ଡ ସିରିଜରେ ଖବର ଆସିଥିଲା କି ଲର୍ଡ୍ସରେ ତାଙ୍କର ଶେଷ ୱାନଡେ ହୋଇପାରେ ।

ଦ୍ରୁତ ବୋଲର ଜସପ୍ରୀତ ବୁମରା ସମ୍ପୂର୍ଣ୍ଣ ଫିଟ୍ ଘୋଷିତ

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ୍ ଦଳ ପାଇଁ ଏକ ବଡ଼ ଖୁସି ଖବର। ଦଳର ତାରକା ଦ୍ରୁତ ବୋଲର ଜସପ୍ରୀତ ବୁମରା ସମ୍ପୂର୍ଣ୍ଣ ଫିଟ୍ ଘୋଷିତ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ୧୩ରୁ ଆଫଗାନିସ୍ତାନ ବିପକ୍ଷରେ ଆରମ୍ଭ ହେବାକୁ ଥିବା ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ସେ ଖେଳୁଥିବାର ନଜର ଆସିବେ। ସୋମବାର ବିସିସିଆଇ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବାମ ଆଣ୍ଠୁରେ ଆଘାତ ଯୋଗୁ କୁଲାଇରେ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପରଠାରୁ ବୁମରା ଖେଳି ନ ଥିଲେ। ଫିଟନେସ୍ କ୍ରିୟରାନ୍ସ ଆଧାରରେ ତାଙ୍କୁ ଦଳରେ ରଖାଯାଇଥିଲ। ଏବଂ ଏବେ ମେଡିକାଲ ଟିମ୍ ତାଙ୍କୁ ସମ୍ପୂର୍ଣ୍ଣ ଫିଟ୍ ଘୋଷଣା କରିଛି। ଅନ୍ୟପଟେ ଦ୍ରୁତ ବୋଲର ହର୍ଷିତ ରାଣା ଆହତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି। ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ସେ ରିହ୍ୟାବ୍ କରୁଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ବେଳେ ସେପ୍ଟେମ୍ବର ୭ରେ ମ୍ୟାଚ୍ ସିମୁଲେସନ୍ ସମୟରେ ବୋଲିଂ କରୁଥିବା ବେଳେ ତାଙ୍କ ଜଙ୍ଘ ମାଂସପେଶୀରେ ଟାଣ ଧରିଥିଲା। ଏହି କାରଣରୁ ସେ ଆଫଗାନିସ୍ତାନ ସିରିଜ୍ ସହ ୨୦୨୬ ଏସୀୟ କ୍ରୀଡ଼ାରୁ ମଧ୍ୟ ବାଦ୍ ପଡ଼ିଛନ୍ତି। ହର୍ଷିତ ରାଣାଙ୍କ ସ୍ଥାନରେ ୨୨ ବର୍ଷୀୟ ଦ୍ରୁତ ବ

ବଡ଼ଗଡ଼ ଗଣେଶ ମହୋତ୍ସବରେ

ଓଡ଼ିଶାର ସର୍ବୋଚ୍ଚ ଗଣେଶମୂର୍ତ୍ତି

ଭୁବନେଶ୍ୱର(ବ୍ୟୁରୋ) ଐତିହାସିକ ବଡ଼ଗଡ଼ ଗଣେଶ ମହୋତ୍ସବ ଚଳିତ ବର୍ଷ ଅଧିକ ଆଡ଼ମ୍ବର ଓ ଭକ୍ତିମୟ ପରିବେଶରେ ପାଳିତ ହେବ। ଆଜି ଅନୁଷ୍ଠିତ ପ୍ରେସ୍ ସମ୍ମିଳନୀରେ ଆୟୋଜକମାନେ ଘୋଷଣା କରିଛନ୍ତି ଯେ, ଚଳିତ ବର୍ଷ ମହୋତ୍ସବର ମୁଖ୍ୟ ଆକର୍ଷଣ ହେବ ଓଡ଼ିଶାର ସର୍ବୋଚ୍ଚ ଗଣେଶ ମୂର୍ତ୍ତି । ବଡ଼ଗଡ଼ ଗ୍ରାମବାସୀ ବୃନ୍ଦ, ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏସନ୍ ଏବଂ ବଡ଼ଗଡ଼ ଗଣେଶ ମହୋତ୍ସବ କମିଟିର ମିଳିତ ଆୟୋଜନରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ମହାରାଷ୍ଟ୍ରର ପ୍ରସିଦ୍ଧ ଲାଲବାଗ ଶୈଳୀରେ ନିର୍ମିତ ହେଉଥିବା ଏହି ବିଶାଳ ମୂର୍ତ୍ତିରେ ହୀରା ଖଚିତ ଚିତା, ଦୁଇଟି ରୂପା ପାଦୁକା ଏବଂ ରୂପାର ମୂଷିକ ବାହନ ରହିବ। ଏଥିସହ ୬୩ କିଲୋଗ୍ରାମ୍ ଓଜନର ବୁନ୍ଦିଆ ଲଡୁ ପ୍ରଭୁଙ୍କୁ ଭୋଗ ଭାବେ ଅର୍ପଣ କରାଯିବ। ଚଳିତ ବର୍ଷ ମୂର୍ତ୍ତି ନିର୍ମାଣରେ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଉଛି। ଜଟଣୀ, କଟକ ଓ କୋଲକାତାର କାରିଗରମାନେ ମୂର୍ତ୍ତି ନିର୍ମାଣରେ ନିୟୋଜିତ ଅଛନ୍ତି। ମାଟି, ବାଉଁଶ ଓ ନଡ଼ା କଟକର ତ୍ରିଶୁଳିଆରୁ ଅଣାଯାଇଛି। ସୋନପୁରର ବୁଣାକାର ଭଗବାନ ମେହେରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାୟ ୬୨ ହଜାର ଟଙ୍କା ମୂଲ୍ୟର ସ୍ୱତନ୍ତ୍ର ହସ୍ତବୁଣା ବସ୍ତ୍ର ମଧ୍ୟ ମହାପ୍ରଭୁଙ୍କୁ ପରିଧାନ କରାଯିବ। ୧୯୮୫ ମସିହାରୁ ଆରମ୍ଭ ହୋଇଥିବା ବଡ଼ଗଡ଼ ଗଣେଶ ପୂଜା ପ୍ରତିବର୍ଷ ନୂଆ ରୂପ ନେଇଛି। ୨୦୧୮ରେ ୩୫ ଫୁଟ୍, ୨୦୧୯ରେ ୪୦ ଫୁଟ୍, ୨୦୨୩ରେ ୫୫ ଫୁଟ୍, ୨୦୨୪ରେ ୫୭ ଫୁଟ୍ ଏବଂ ୨୦୨୫ରେ ୬୧ ଫୁଟ୍ ଉଚ୍ଚ ମୂର୍ତ୍ତି ନିର୍ମାଣ ହୋଇଥିଲା। ଭକ୍ତମାନଙ୍କ ସୁବିଧା ପାଇଁ ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ ଦର୍ଶନ ବ୍ୟବସ୍ଥା, ବୟସ୍କ ଓ ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲଚେୟାର ଓ ବ୍ୟାଟେରିଚାଳିତ ଗାଡ଼ିର ବ୍ୟବସ୍ଥା କରାଯାଇଛି। ଦୁଇଟି ପ୍ରମୁଖ ସ୍ଥାନରେ ପୁଲିସ କଣ୍ଟ୍ରୋଲ୍ ରୁମ୍ ସହ ସିସିଟିଭି ନଜରଦାରୀ ରହିବ।ମହୋତ୍ସବ ଅବସରରେ ଜର୍ମାନ ହ୍ୟାଙ୍ଗର ପୂଜା ମଣ୍ଡପ, ମିନି ପାଗୋଡ଼ା, ୨୦୦ରୁ ଅଧିକ ବ୍ୟବସାୟିକ ଷ୍ଟଲ୍, ମିନି ମାର୍କେଟ୍ ଓ ମନୋରଞ୍ଜନ ବ୍ୟବସ୍ଥା ରହିବ। ବଡ଼ଗଡ଼ ଗ୍ରାମ ଛକରୁ କଚ୍ଚନା ଛକ ପର୍ଯ୍ୟନ୍ତ ଆଲୋକସଜ୍ଜା କରାଯିବ। ସେପ୍ଟେମ୍ବର ୧୪ରୁ ୧୮ ଏବଂ ୨୦ ତାରିଖରେ ପ୍ରତିଦିନ ବିଭିନ୍ନ ପ୍ରତିଷ୍ଠିତ ଓଡ଼ିଆ କଳାକାରଙ୍କୁ ନେଇ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହେବ। ୧୯ ତାରିଖରେ ପ୍ରସାଦ ସେବନ ଓ ଭଜନ ସମାରୋହ ଏବଂ ପ୍ରାୟ ୧୦,୦୦୦ ଭକ୍ତଙ୍କ ପାଇଁ ଆନନ୍ଦ ବଜାର ଅନୁଷ୍ଠିତ ହେବ। ବିଶାଳ ମୂର୍ତ୍ତିକୁ ଦୃଷ୍ଟିରେ ରଖି ବିସର୍ଜନ ବ୍ୟବସ୍ଥା ମଧ୍ୟ ସ୍ୱତନ୍ତ୍ର ଭାବେ କରାଯାଇଛି। ମଦ୍ୟମୁକ୍ତ ଓ ଡିଜେମୁକ୍ତ ବିସର୍ଜନ ଶୋଭାଯାତ୍ରା ଆୟୋଜନ କରାଯିବ ଏବଂ ପ୍ରାୟ ୧୦ଟି ଟ୍ୟାଙ୍କର ପାଣିରେ ମୁଖ୍ୟ ମୂର୍ତ୍ତିର ପାରମ୍ପରିକ ବିସର୍ଜନ କରାଯିବ। ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏସନ୍ ତଥା ଗଣେଶ ମହୋତ୍ସବ କମିଟିର ସଭାପତି ଶ୍ରୀ ସଂଗ୍ରାମ ମାର୍ଥା ସମସ୍ତ ଭକ୍ତ ଓ ଅଞ୍ଚଳବାସୀଙ୍କୁ ମହୋତ୍ସବରେ ସହଯୋଗ କରିବା ସହ ଶାନ୍ତି, ଶୃଙ୍ଖଳା ଓ ସାମାଜିକ ସଦ୍ଭାବ ବଜାୟ ରଖିବାକୁ ଆହ୍ୱାନ ଜଣାଇଛନ୍ତି।

ନଭେମ୍ବର ୨୯ରେ ଏସ୍‌ସିଏସ ୯୦ ବ୍ୟାଚ୍‌ର ବାର୍ଷିକ ବନ୍ଧୁମିଳନ

ଭୁବନେଶ୍ୱର(ବ୍ୟୁରୋ) ପୁରୀ ଏସସିଏସ ମହାବିଦ୍ୟାଳୟର ୯୦ବ୍ୟାଚର ବାର୍ଷିକ ବନ୍ଧୁ ମିଳନ ଆସନ୍ତା ନଭେମ୍ବର ମାସ ୨୯ ତାରିଖ ଦିନ ଅନୁଷ୍ଠିତ ହେବ । ପୁରୀ ଜିଲାର ସୁଆଣ୍ଡୋ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଦିନକୁ ଆହୁରି ସ୍ମରଣୀୟ କରିବା ପାଇଁ ବ୍ୟାଚର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଖା ଦେଇଛି ଅନେକ ଖୁସୀ ଓ ଆନନ୍ଦ । ବର୍ଷକୁ ଥରେ ସେହି ଅତୀତର ଦିନକୁ ମନେପକାଇ ଭାବ ବିହ୍ୱଳ ହେବାକୁ ଉତ୍ସୁକୁତାର ସହ ଚାହିଁ ବସିଛନ୍ତି ବ୍ୟାଚର ଛାତ୍ରଛାତ୍ରୀ । କେବଳ ଓଡ଼ିଶା ନୁହେଁ ଓଡ଼ିଶା ବାହାରେ ମଧ୍ୟ ଅନେକ ବନ୍ଧୁ ରହୁଛନ୍ତି ସେମାନେ କିଭଳି ଏହି ଗେଟ୍ ଟୁଗେଦର କାର୍ଯ୍ୟକ୍ରମରେ ଯୋଗ ଦେବେ ଏବଂ ଅନୁଭୂତି ବାଣ୍ଟିବେ ସେଥିପାଇଁ ଆୟୋଜକ କରିଲେଣି ପ୍ରସ୍ତୁତି । ଚଳିତ ବର୍ଷର ଏହି ଐତିହାସିକ ବନ୍ଧୁ ମିଳନର ଥିମ୍ ରହିଛି ‘ସେ ନୋ ଟୁ ଆଲକହଲ’ (ମଦ୍ୟପାନକୁ ନା’) ଏହି କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତୁତି ଏବେଠାରୁ ଆରମ୍ଭ ହୋଇଯାଇଛି । ଏହି ବ୍ୟାଚର ଯେଉଁ ବନ୍ଧୁ ମାନେ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଇଚ୍ଛୁକ ସେହି ଛାତ୍ର ଛାତ୍ରୀମାନଙ୍କ ପାଇଁ ଯୋଗାଯୋଗ ନମ୍ବର ଦିଆଯାଇଛି । ଏହି ନମ୍ବର ସହ ଯୋ।ଗ।ଯୋ।ଗ କରିବାକୁ ଅନୁରୋଧ କରାଯାଇଛି । ଭୁବନେଶ୍ୱର ପାଇଁ ନିର୍ମଳ ମିଶ୍ର (୮୨୪୯୬୬୨୪୯୦) ଖୋର୍ଦ୍ଧା ଜିଲ୍ଲା ପାଇଁ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ (୮୮୯୫୮୨୪୩୮୭) ପୁରୀ ଟାଉନ ପାଇଁ ଭବାନୀ ପ୍ରସାଦ ସମାନ୍ତରାୟ (୯୮୬୧୧୯୫୧୫୧) ପୁରୀ ସଦର ପାଇଁ ପ୍ରଦ୍ୟୁମ୍ନ ମିଶ୍ର (୯୯୩୭୫୮୮୮୮୯) ମୁମ୍ବାଇ ପାଇଁ ଶଙ୍କର ନାଥ ଦାଶ (୭୭୫୫୯୯୦୯୭୫୦) ।



ଗାନ୍ଧିଜୀଙ୍କର ଚିନ୍ତା ଓ ଉକ୍ତି ଯୁଗବ୍ୟାପୀ ଅଟେ

ଭୁବନେଶ୍ୱର (ବ୍ୟୁରୋ) ରାଜଧାନୀ ଭୁବନେଶ୍ୱରର ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଗାନ୍ଧି ଜୟନ୍ତୀ ଉପଲକ୍ଷେ ଏସ୍.ଆର୍.ଏମ୍.ଜି.- ଆନ୍ତଃ ବିଦ୍ୟାଳୟ (ଓଡ଼ିଆ ମାଧ୍ୟମ) ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାନ୍ଧିବାଦୀ ଜନନେତ୍ରୀ କ୍ରିଷ୍ଣାମାହାନ୍ତି

ଯୋଗ ଦେଇ ଗାନ୍ଧିଜୀଙ୍କର ଜୀବନ, ଆଦର୍ଶ ଓ ତାଙ୍କ ସହ ପ୍ରତ୍ୟକ୍ଷ ସାକ୍ଷାତ ଜନିତ ଅନୁଭୂତି ପିଲାମାନଙ୍କ ମଧ୍ୟରେ ବାଣ୍ଟିଥିଲେ । ସେ ନିଜ ପିତା ନବକୃଷ୍ଣ/୪ ଚୌଧୁରୀ ଓ ମାତା ମାଳତୀ ଚୌଧୁରୀ ତଥା ପରିବାରର ସମର୍ପଣ ଭାବ ବର୍ଣ୍ଣନା ସହ ଗାନ୍ଧି କହିଥିବା କଥା ଓ ଉପଦେଶ ସବୁ କ୍ଷେତ୍ର ଓ ସବୁ ସମୟରେ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ୨୦୧୮ ମସିହାରେ ସ୍ୱିଡେନର ଗ୍ରେଟା ଥନ୍‌ବର୍ଗଙ୍କ ପ୍ରଶ୍ନ ପଚାରିବାର ନିର୍ଭୀକତାର ଉଦାହରଣ ଦେଇ ସେ ପିଲାମାନଙ୍କୁ ନିର୍ଭୀକ ଓ ସାହାସୀ ହେବାକୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀ ଶ୍ରୀପତି ନାରାୟଣ ମିଶ୍ର ଗାନ୍ଧିଙ୍କ ଅବଦାନ, ନବକୃଷ୍ଣ/୪ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ସ୍ୱାଧୀନତା ସଂଗ୍ରାମରେ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଚାଳନା କମିଟିର ପରିଚାଳକ ଶ୍ରୀ ପ୍ରତାପ କୁମାର ଜେନା ଗାନ୍ଧିଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶପୂର୍ଣ୍ଣ ଘଟଣା ମନେପକାଇ ମହାନ ବ୍ୟକ୍ତିତ୍ୱଙ୍କ ସହ ବାସ କଲେ କିପରି ଚିନ୍ତା, ଚେତନା ଓ କର୍ମ ଉପରେ ମହାନ ପ୍ରଭାବ ପଡ଼େ ତା' ଉପରେ ଆଲୋଚନା କରିଥିଲେ । ଏସ୍.ଆର୍.ଏମ୍.ଜି. କାର୍ଯ୍ୟକ୍ରମର ପରମ୍ପରା ଅନୁଯାୟୀ ବିଦ୍ୟାଳୟ ପକ୍ଷରୁ ଗାନ୍ଧିବାଦୀ ଜନନେତ୍ରୀ କଷ୍ଣା ମହାନ୍ତିଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ବି.ଜେ. ଏଜୁକେସନ୍ ସୋସାଇଟିର ସଭାପତି ଶ୍ରୀଯୁକ୍ତ ରଘୁନାଥ ମିଶ୍ର, ବିଦ୍ୟାଳୟର ଅଧ୍ୟକ୍ଷା ମ୍ୟାଡାମ୍ ସନ୍ଧ୍ୟା ଜେନା, ଉପାଧ୍ୟକ୍ଷା ଶ୍ରୀମତୀ ପଲ୍ଲବୀ ମହାପାତ୍ର, ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ନରେଶ କୁମାର ରଥ, ଶ୍ରୀମତୀ ପଦ୍ମାଳୟା ପଲ୍, ପ୍ରଦୀପ କୁମାର ମଲ୍ଲିକ, ପରିଚାଳନା କମିଟିର ସଦସ୍ୟବୃନ୍ଦ, ୨୩ଟି ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହାକୁ ଗୌରବମଣ୍ଡିତ କରିଥିଲେ ।

କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ କୋ-ବ୍ରାଣ୍ଡେଡ କ୍ରେଡିଟ୍ କାର୍ଡ ଉନ୍ମୋଚିତ

ଭୁବନେଶ୍ୱର(ବ୍ୟୁରୋ) ଆମାଜନ ପେ' ଓ କୋଟାକ ମହିନ୍ଦ୍ରା ବ୍ୟାଙ୍କ ପକ୍ଷରୁ ଆଜି ଏକମାତ୍ର ମାଲିକ ଓ କ୍ଷୁଦ୍ର ବ୍ୟବସାୟ ମାଲିକମାନଙ୍କ ପାଇଁ ଆମାଜନ ପେ କୋଟାକ ବିଜନେସ୍ କ୍ରେଡିଟ କାର୍ଡର ଘୋଷଣା କରାଯାଇଛି। ଏହା ଏକ ଡିଜିଟାଲ କ୍ରୟ ପ୍ଲାଟଫର୍ମ ଯାହା ଲକ୍ଷ ଲକ୍ଷ ଭାରତୀୟ ବ୍ୟବସାୟଗୁଡ଼ିକୁ ସେବା ପ୍ରଦାନ କରୁଥିବା 'ଆମାଜନ ବିଜ୍‌ନେସ୍'ର ପଞ୍ଜୀକୃତ ଉପଭୋକ୍ତାଙ୍କ ପାଇଁ ଉପଲବ୍ଧ ହେବ। ଏହି କାର୍ଡ ବ୍ୟାଶବ୍ୟାକ୍ ରିୱାର୍ଡ ଓ ଏକ ବର୍ଦ୍ଧିତ ସୁଧମୁକ୍ତ ଋଣ ଅବଧି ପ୍ରଦାନ କରିବ, ଯାହା ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ପରିଚାଳନା କରିବା, ଅଧିକ ଦକ୍ଷ ଭାବେ କ୍ରୟ କରିବା ସହ କାର୍ଯ୍ୟ ପୁଞ୍ଜିକୁ ସଂରକ୍ଷିତ ରଖିବାରେ ସାହାଯ୍ୟ କରିବ। ଏସମ୍ପର୍କରେ ଆମାଜନ ପେ' ଇଣ୍ଡିଆର କ୍ରେଡିଟ୍ ଓ ଲେଣ୍ଡିଙ୍ଗ ବିଭାଗର ନିର୍ଦ୍ଦେଶକ ମୟଙ୍କ ଜୈନ କହିଛନ୍ତି, "ଆମାଜନ ପେ' ଲକ୍ଷ ଲକ୍ଷ ଭାରତୀୟ ଉପଭୋକ୍ତାଙ୍କ ପାଇଁ ଋଣକୁ ପହଂଚଯୋଗ୍ୟ କରିଛି। ଆମେ ଆମାଜନ ବିଜନେସ୍‌ରେ କରାଯାଇଥିବା କ୍ରୟ ଉପରେ ସ୍ୱଚ୍ଛ ରିୱାର୍ଡ ଏବଂ ଋଣ ପାଇଁ ପହଂଚ ଭଳି କ୍ଷୁଦ୍ର ବ୍ୟବସାୟ ମାଲିକଙ୍କ ଆବଶ୍ୟକତାଗୁଡିକୁ ବୁଝି ଏହି କାର୍ଡର ନିର୍ମାଣ କରିଛୁ। କୋଟାକ ମହିନ୍ଦ୍ରା ବ୍ୟାଙ୍କ ସହ ସହଭାଗିତା କରି ଆମେ ଭାରତର ଉଦ୍ୟୋଗୀଙ୍କ ପାଇଁ ଏକ ଆକର୍ଷଣୀୟ ପ୍ରସ୍ତାବ ସୃଷ୍ଟି କରିବା ପାଇଁ ଲକ୍ଷ ଲକ୍ଷ ବ୍ୟବସାୟ କ୍ଷେତ୍ରରେ ଆମାଜନର ପହଂଚକୁ ଏସଏମ୍‌ଇ ଋଣ କ୍ଷେତ୍ରରେ କୋଟାକର ବିଶେଷଜ୍ଞତା ସହ ଏକତ୍ରିତ କରିଛୁ।" କୋଟାକ ମହିନ୍ଦ୍ରା ବ୍ୟାଙ୍କର କ୍ରେଡିଟ୍ କାର୍ଡସ୍ ବିଭାଗର ମୁଖ୍ୟ ଫ୍ରେଡେରିକ ଡିସୁଜା କହିଛନ୍ତି, "କ୍ଷୁଦ୍ର ବ୍ୟବସାୟଗୁଡିକ ଭାରତୀୟ ଅର୍ଥନୀତିର ଇଞ୍ଜିନ ଅଟନ୍ତି। ସେମାନେ ପ୍ରାୟତଃ ସାଧାରଣ ଟିମ ଓ ଉଲ୍ଲେଖନୀୟ ସମ୍ବଳ କ୍ଷମତା ସହିତ ସାମଗ୍ରୀ ଯୋଗାଣ କରନ୍ତି, ନିଯୁକ୍ତି ସୃଷ୍ଟି କରନ୍ତି ଏବଂ ବ୍ୟବସାୟକୁ ଭାରତର ପ୍ରତ୍ୟେକ ଟାଉନ ଓ ସହରରେ ପହଂଚାଇଥାନ୍ତି। ଆମାଜନ ପେ ସହିତ ଆମେ ସେମାନେ ବିଶ୍ୱାସ କରୁଥିବା ଏକ ପ୍ଲାଟଫର୍ମରେ ଭାରତର ବ୍ୟବସାୟଗୁଡିକ ପାଇଁ ଏହା ଆଣିପାରିବୁ।"

ଆମାଜନ ଇଣ୍ଡିଆର ବିକ୍ରେତାଙ୍କ ସଂଖ୍ୟା ୨୦ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର(ବ୍ୟୁରୋ) ଆମାଜନ ଇଣ୍ଡିଆ ଆଜି ଏହାର ବିକ୍ରେତା (ସେଲର) ସଂଖ୍ୟା ୨୦ ଲକ୍ଷ ମାଇଲଖୁ ଅତିକ୍ରମ କରିଥିବା ସମ୍ପର୍କରେ ଘୋଷଣା କରିଛି। ଏଥିସହିତ ୩ ଲକ୍ଷରୁ ଅଧିକ ନୂଆ ବିକ୍ରେତା ଏହି ମାର୍କେଟପ୍ଲେସରେ ଯୋଗ ଦେଇଛନ୍ତି ଯାହା ବାର୍ଷିକ ଆଧାରରେ ବିକ୍ରେତା ସଂଖ୍ୟାରେ ସବୁଠାରୁ ବଡ ବୃଦ୍ଧିକୁ ଦର୍ଶାଉଛି। ଏହି ବିକ୍ରେତାଙ୍କ ମଧ୍ୟରେ ଟିୟର ୩ ସହରଗୁଡିକର ପ୍ରଥମ ପିଢିର ଉଦ୍ୟୋଗୀଙ୍କଠାରୁ ଆରମ୍ଭ କରି ହଜାର ହଜାର ସଂଖ୍ୟାର ଷ୍ଟକ୍ କିପିଙ୍ଗ ୟୁନିଟ୍ (ଏସକେୟୁ ସମୂହ) ପରିଚାଳନା କରୁଥିବା ପ୍ରତିଷ୍ଠିତ ବ୍ରାଣ୍ଡ ପର୍ଯ୍ୟନ୍ତ, ସବୁ ସ୍ତରର ବ୍ୟବସାୟୀ ଏହି ବର୍ଦ୍ଧିତ ବିକ୍ରେତା ସମୁଦାୟର ଅଂଶ ହୋଇଛନ୍ତି। ବିକ୍ରେତାମାନେ ପାର୍ବଣ ଋତୁ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଆମାଜନ ପକ୍ଷରୁ ଆମାଜନ.ଇନରେ ବିକ୍ରି ପ୍ରକ୍ରିୟାକୁ ଅଧିକ ସରଳ ଓ ସୁଗମ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଆମାଜନର ବିକ୍ରେତା ସଂଖ୍ୟା ବୃଦ୍ଧି ପଛରେ କମ୍ ବିକ୍ରି ଫି, ଏଆଇ ଚାଳିତ ଉପକରଣ ଜରିଆରେ ସରଳ ବିକ୍ରୟ ପ୍ରକ୍ରିୟା, କ୍ରିଏଟିଭ ବିଜ୍ଞାପନ ଏବଂ ଫୁଲଫିଲମେଂଟ ତଥା ବିତରଣ ନେଟୱର୍କରେ ନିରନ୍ତର ନିବେଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚଳିତ ବର୍ଷ ଆରମ୍ଭରେ ଆମାଜନର ଫି ସଂଶୋଧନ ଫଳରେ ୧୨.୫ କୋଟିରୁ ଅଧିକ ଉତ୍ପାଦ ଉପରେ ଶୂନ୍ୟ ରେଫରାଲ ଫି ଲାଗୁ କରାଯାଇଥିଲା, ଯାହା ଦେଶବ୍ୟାପୀ ଉଦ୍ୟୋଗୀଙ୍କ ପାଇଁ ବିକ୍ରି ଖର୍ଚ୍ଚ ହ୍ରାସ କରିଛି। ଏସମ୍ପର୍କରେ ଆମାଜନ ଇଣ୍ଡିଆର ସେଲିଂ ପାର୍ଟନର ସର୍ଭିସେସ ବିଭାଗର ଅରୁଣା ଦାର୍ଯ୍ୟାନୀ କହିଛନ୍ତି, "ଆମର ନିରନ୍ତର ପ୍ରୟାସ ହେଉଛି ଆମାଜନ ଡଟ୍ ଇନକୁ ସବୁ ଆକାରର ବିକ୍ରେତାଙ୍କ ପାଇଁ ବିକ୍ରି କରିବାର ସର୍ବୋତମ ସ୍ଥାନ ଭାବେ ପ୍ରସ୍ତୁତ କରିବା। ଫି' ହ୍ରାସ କରିବା ହେଉ କିମ୍ବା ଦୈନନ୍ଦିନ କାର୍ଯ୍ୟକୁ ସରଳ କରୁଥିବା ଏଆଇ- ପରିଚାଳିତ ଉପକରଣ ପ୍ରସ୍ତୁତ କରିବା କିମ୍ବା ବିକ୍ରେତାଙ୍କୁ ଭଲ ନିଷ୍ପତି ନେବାରେ ସାହାଯ୍ୟ କରିବା ପାଇଁ ତଥ୍ୟ-ଆଧାରିତ ସୂଚନା ପ୍ରଦାନ କରିବା, ଆମେ ବିକ୍ରୟ ପ୍ରକ୍ରିୟାକୁ ଅଧିକ ସରଳ ଓ ସୁଗମ କରିବା ଉପରେ ଗୁରୁତ୍ୱ ଦେଉଛୁ।

ସୃଜନର ଶିଳ୍ପୀମାନଙ୍କ ଦ୍ୱାରା ମନୋମୁଗ୍ଧକର ପ୍ରସ୍ତୁତି "ମାଟି"

ଭୁବନେଶ୍ୱର(ବ୍ୟୁରୋ) ପୂଜ୍ୟ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ଭାବେ ୨୦୨୬କୁ ସ୍ମରଣୀୟ କରିବା ସହ କଳାତ୍ମକ ଉତ୍କର୍ଷର ଅନ୍ୱେଷଣରେ ୩୨ଟି ଗୌରବମୟ ବର୍ଷ ପୂରଣ କରିଥିବା ପାଞ୍ଚଦିନିଆ ସାଂସ୍କୃତିକ ମହୋତ୍ସବ, ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୨୬, ସୃଜନ - ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ, ଭୁବନେଶ୍ୱର ଦ୍ୱାରା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକର ସହଯୋଗରେ ଆୟୋଜିତ ହୋଇ, ବହୁ ପ୍ରତୀକ୍ଷିତ ପୁରସ୍କାର ପ୍ରଦାନ ସମାରୋହ ଏବଂ ଏହା ପରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ କଳାତ୍ମକ ନିର୍ଦ୍ଦେଶନା ଓ ଦୃଷ୍ଟିକୋଣରେ ସୃଜନ ଅନୁଷ୍ଠାନର ଭବ୍ୟ ସମାପନୀ ପ୍ରସ୍ତୁତି ସହ ସମାପ୍ତ ହୋଇଛି । ପୂର୍ବଦିନଗୁଡ଼ିକ ଭଳି, ସନ୍ଧ୍ୟାର କାର୍ଯ୍ୟକ୍ରମ ସମ୍ମାନନୀୟ ଅତିଥି ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଠିକ୍ ସନ୍ଧ୍ୟା ୭ଟାରେ ମଙ୍ଗଳମୟ ଦୀପ ପ୍ରଜ୍ୱଳନ ସହ ଆରମ୍ଭ ହୋଇଥିଲା । ସୃଜନର ନିର୍ଦ୍ଦେଶକ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ୍ ଷ୍ଟଡିଜ୍ ଅନୁଶାସନର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର ଅଭିଭାଷଣ ପ୍ରଦାନ କରି ସମସ୍ତ ଅତିଥି ଓ ଦର୍ଶକଙ୍କୁ ସ୍ୱାଗତ କରିଥିଲେ । ଏହାପରେ ବିଶିଷ୍ଟ ଅତିଥିମାନେ ପୁରସ୍କାରପ୍ରାପ୍ତମାନଙ୍କୁ ସମ୍ମାନିତ କରିବା ସହ ପୁରସ୍କାର ପ୍ରଦାନ ସମାରୋହ ଆରମ୍ଭ ହୋଇଥିଲା । ଏହି ବର୍ଷ, ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, ଥିଏଟର ଏବଂ ସିନେମା କ୍ଷେତ୍ରରେ ଆଜୀବନ ସାଧନା ଓ ଅପାର ଅବଦାନ ପାଇଁ ଚାରିଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୨୬ ପ୍ରଦାନ କରାଯାଇଥିଲା । ୧ ଲକ୍ଷ ଟଙ୍କା ଏବଂ ଏକ ମାନପତ୍ର ସମ୍ବଳିତ ଏହି ପୁରସ୍କାର ନୃତ୍ୟ ପାଇଁ ଗୁରୁ ଶାରନ୍ ଲୋଏନ, ସଙ୍ଗୀତ ପାଇଁ ଗୁରୁ କେଶବ ଚନ୍ଦ୍ର ରାଉତ, ଥିଏଟର ପାଇଁ ଶ୍ରୀ ଧୀରେନ୍ଦ୍ରନାଥ ମଲ୍ଲିକ ଏବଂ ସିନେମା ପାଇଁ ଶ୍ରୀମତୀ ମହାଶ୍ୱେତା ରାୟଙ୍କୁ ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ପୁରସ୍କାରପ୍ରାପ୍ତ ବ୍ୟକ୍ତି ସମ୍ମାନ ଗ୍ରହଣ କରିବା ପରେ ନିଜର ଅନୁଭବ ଓ ପ୍ରତିଫଳନର ଭାଷଣ ପ୍ରଦାନ କରିଥିଲେ, ଯାହା ଏହି ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କ କୃତିକୁ ଭଲପାଉଥିବା ଦର୍ଶକଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ଥିଲା । ଦ୍ୱିତୀୟ ବର୍ଷରେ ପ୍ରବେଶ କରିଥିବା ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ ୨୦୨୬ - ୨୦୨୫ରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ୪୦–୫୫ ବର୍ଷ ବୟସର ପ୍ରତିଷ୍ଠିତ କଳାକାରମାନଙ୍କୁ ୫୦ ହଜାର ଟଙ୍କା ଏବଂ ଏକ ମାନପତ୍ର ସମ୍ବଳିତ ଏହି ପୁରସ୍କାର ବାଦ୍ୟଯନ୍ତ୍ର (ବେହେଲା) ପାଇଁ ଶ୍ରୀ ଅନ୍ତିମିତ୍ର ବେହେରା ଏବଂ ସଙ୍ଗୀତ (କଣ୍ଠ) ପାଇଁ ଡକ୍ଟର ନାଜିଆ ଆଲମଙ୍କୁ ପ୍ରଦାନ କରାଯାଇଥିଲା । ୪୦ ବ

ସାତପୁରା ଅମାବାସ୍ୟା ପାଇଁ ମା' ଅଳମାଚଣ୍ଡି ମନ୍ଦିରରୁ ସାତପୁରୀ ତଡ଼ା ଶ୍ରୀମନ୍ଦିରକୁ ନିଆଯାଉଛି

ମଶାଣି ଚଣ୍ଡି ମନ୍ଦିର ଉନ୍ନତି କରଣ ପାଇଁ ଦାବି

ବିଶ୍ୱ ଆତ୍ମହତ୍ୟା ଦିବସ ସଚେତନତା କାର୍ଯ୍ୟକ୍ରମ

୧୬୩ ଦିନରେ ପହଞ୍ଚିଲା ପୁରୀବାସୀଙ୍କ ଅହିଂସାପୂର୍ଣ୍ଣ ପଦଯାତ୍ରା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.143, Friday, 11 September 2026, Puri, Pages - 21, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୩, ଶୁକ୍ରବାର, ୧୧ ସେପ୍ଟେମ୍ବର ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା